- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-268 ◆BHUBANESWAR ◆SATURDAY ◆23 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୬୮ ◆ଭୁବନେଶ୍ୱର ◆ଶନିବାର ◆୨୩ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ବଲିଉଡ୍‌ରେ ଡେବ୍ୟୁ କରିବେ ଉର୍ଫି

▶ପୃଷ୍ଠା ୨ ଦେଖନ୍ତୁ...

## 'ମିଛ' ଓ 'ଗୁଜବ'ରେ ପୂର୍ଣ୍ଣଚ୍ଛେଦ

# ମେଣ୍ଟ ସଂଶୟରେ ଯବନିକା

■ **ଭୁବନେଶ୍ୱର, ୨୨।୩ (ସମିସ):** ଗତ ତିନି ସପ୍ତାହ ଧରି ରାଜ୍ୟରେ ଚାଲିଥିବା 'ମେଣ୍ଟ' କଳ୍ପନାଜଳ୍ପନାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଶାସକ ବିଜେଡି ଓ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ମଧ୍ୟରେ ମେଣ୍ଟ ହେବା ନେଇ ରାଜ୍ୟଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଚାଲିଥିବା ଆଲୋଚନାରେ ଯବନିକା ଟାଣିଛନ୍ତି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଉଭୟ ନିଜନିଜ ସାମାଜିକ ଗଣମାଧ୍ୟମ 'ଏକ୍ସ' ଆକାଉଣ୍ଟରେ ଏ ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି। ଏହା ପରେ ରାଜ୍ୟରେ ରାଜନୈତିକ ପାଣିପାଗ ସରଗରମ ହୋଇଛି।

ରାଜ୍ୟ ବିଜେପି ନେତାମାନଙ୍କର ମେଣ୍ଟ ସଂକ୍ରାନ୍ତ ଟିକା ଟିପ୍ପଣୀ, ଘନଘନ ଦିଲ୍ଲୀ ଯାତ୍ରା, ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ, ରାଜ୍ୟ ପ୍ରଭାରୀ ଓ ରାଷ୍ଟ୍ରୀୟ ସଭାପତିଙ୍କ ସହ ଆଲୋଚନା ମଧ୍ୟରେ ଓଡିଶାରେ ବିଜେଡି-ବିଜେପି ମଧ୍ୟରେ ମେଣ୍ଟ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ବିଜେଡି ଏ ସମ୍ପର୍କରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିଥିବାବେଳେ ନ୍ୟୁଜ୍ ୧୮ ର ଏକ କନ୍‌କ୍ଲେଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିବିଡ଼ ବନ୍ଧୁତ୍ୱ ସଂକ୍ରାନ୍ତରେ ଦଳର ବରିଷ୍ଠ ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଭାସ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତୃତୀୟଥର କେନ୍ଦ୍ରରେ କ୍ଷମତାସୀନ ହେବା ପାଇଁ ବିଜେଡିର ବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠଥର ସରକାର ଗଠନ ପାଇଁ ବିଜେପିର ସମର୍ଥନ ଲୋଡ଼ନ୍ତି ନାହିଁ ବୋଲି ଉଲ୍ଲେଖ କରିଥିଲେ। ଏହାର ଗୋଟିଏ ଦିନ ପରେ ସମାନ ମଞ୍ଚରେ କେନ୍ଦ୍ର ଗୃହ ମନ୍ତ୍ରୀ ତଥା ବିଜେପିର ଅନ୍ୟତମ ଶୀର୍ଷ ନେତା ଅମିତ୍ ଶାହା ଓଡ଼ିଶାରେ କିଛି ବି ହୋଇପାରେ; ଦଳ 'ଏକାକୀ' ଲଢ଼ିବ ନା 'ଏକାଠି' ଲଢ଼ିବ ତାହାର ନିଷ୍ପତ୍ତି ରାଷ୍ଟ୍ରୀୟ ସଭାପତି ନେବେ ବୋଲି ଉଲ୍ଲେଖ କରିଥିଲେ।

ଏହା ପୂର୍ବରୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଏକ ପ୍ରଶ୍ନରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ରାଜନୀତିରେ ମିଛ ଓ ଗୁଜବ ସବୁଠୁ ଖରାପ କଥା' ବୋଲି ଟିପ୍ପଣୀ ଦେଇଥିଲେ। ଶେଷରେ 'ମିଛ' ଓ 'ଗୁଜବ'ରେ ପଡ଼ିଛି ପୂର୍ଣ୍ଣଚ୍ଛେଦ, ମେଣ୍ଟ ସଂଶୟରେ ପଡ଼ିଛି ଯବନିକା। ଶେଷରେ ଉଭୟ ଦଳ ଏ ସମ୍ପର୍କରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଛନ୍ତି। ▶ପୃଷ୍ଠା-୯

### ଇତିହାସ ରଚିବ ନବୀନଙ୍କ ନେତୃତ୍ୱ



**ପ୍ରଣବ ଫୁଙ୍କିଲେ ରଣଭେରୀ**

**ତିନି ଚତୁର୍ଥାଂଶ ଆସନରେ ବିଜୟ ନିଶ୍ଚିତ**

■ **ଭୁବନେଶ୍ୱର, ୨୨।୩ (ସମିସ):** ବିଜୁ ଜନତା ଦଳ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଫୁଙ୍କିଛନ୍ତି ଆଗାମୀ ନିର୍ବାଚନର ରଣଭେରୀ। ଆଗାମୀ ନିର୍ବାଚନରେ ୧୪୭ ବିଧାନସଭା ଏବଂ ୨୧ଟି ଲୋକସଭା ଆସନରେ ବିଜୁ ଜନତା ଦଳ ଏକାକୀ ଲଢ଼ିବ। ଓଡ଼ିଶାବାସୀଙ୍କ ଆକୁଣ୍ଠ ସମର୍ଥନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ତିନି ଚତୁର୍ଥାଂଶ ଆସନରେ ବିଜୟ ଲାଭ କରିବ। ଆଜି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉପରୋକ୍ତ ପୋଷ୍ଟ ଜରିଆରେ ଦଳ ଆଗାମୀ ନିର୍ବାଚନରେ ଏକାକୀ ଲଢ଼ିବ ଓ ବିପୁଳ ବିଜୟ ହାସଲ କରିବ ବୋଲି ଉଲ୍ଲେଖ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ ବିଜୁ ଜନତା ଦଳ ▶ପୃଷ୍ଠା-୯

### ସବୁ ଆସନରେ ଏକାକୀ ଲଢ଼ିବୁ



**ନବୀନ ସରକାରକୁ ଜଣାଇଲେ ଧନ୍ୟବାଦ**

■ **ଭୁବନେଶ୍ୱର, ୨୨।୩ (ସମିସ):** ବିଜେପି ରାଜ୍ୟର ସମସ୍ତ ୧୪୭ ବିଧାନସଭା ଆସନ ଓ ୨୧ ଟି ଲୋକସଭା ସିଟ୍‌ରେ ଏକାକୀ ଲଢ଼ିବ ବୋଲି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଗତ କିଛି ଦିନ ହେବ ମେଣ୍ଟକୁ ନେଇ ଜାରି ରହିଥିବା ଚର୍ଚ୍ଚା, ବାରମ୍ବାର ମତ ପରିବର୍ତ୍ତନ ପରେ ଶେଷରେ ମନମୋହନ ଦଳ ସମସ୍ତ ବିଧାନସଭା ଓ ଲୋକସଭା ଆସନରେ ଏକାକୀ ଲଢ଼ିବ ବୋଲି ନିଜର ମତ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଏହି ଟିପ୍ପଣୀରେ ମନମୋହନ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଏକ ଦୀର୍ଘ ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି ଯେ ଗତ ୧୦ ବର୍ଷ ଧରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିଜୁ ଜନତା ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ▶ପୃଷ୍ଠା-୯


## ନବୀନ ମନ୍ତ୍ର: ପଶ୍ଚିମରେ ବାଜିବ ବିଜୟ ପାଞ୍ଚଜନ୍ୟ

### ବରଗଡ଼, ବଲାଙ୍ଗିର, କଳାହାଣ୍ଡି ଲୋକସଭା କ୍ଷେତ୍ର ନିମନ୍ତେ ବିଜେଡି ରଣନୀତି ପ୍ରସ୍ତୁତ

**ବୁଥ୍‌ସ୍ତରରୁ ପ୍ରସ୍ତୁତ ରହିବାକୁ ନେତାଙ୍କୁ ସୁପ୍ରିମୋଙ୍କ ନିର୍ଦ୍ଦେଶ**

**ସମନ୍ୱୟ ରଖି କାମ କରିବାକୁ '୫-ଟି' ଅଧ୍ୟକ୍ଷଙ୍କ ପରାମର୍ଶ**

**ବୈଠକରେ ୨୧ ବିଧାନସଭା କ୍ଷେତ୍ରର ନେତା ଓ ବିଧାୟକ ଉପସ୍ଥିତ**



■ **ଭୁବନେଶ୍ୱର, ୨୨।୩ (ସମିସ):** ଆଗାମୀ ନିର୍ବାଚନରେ ପଶ୍ଚିମ ଓଡ଼ିଶା ଲେଖିବ ନୂଆ ଇତିହାସ। ପଶ୍ଚିମ ଓଡ଼ିଶାର ବିଭିନ୍ନ ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ବାଜିବ ବିଜେଡିର ବିଜୟ ପାଞ୍ଚଜନ୍ୟ, ଫରଫର ଉଡ଼ିବ ଶଙ୍ଖ ଧ୍ୱଜା। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ପାଇଥିବା ସଫଳତାକୁ ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନରେ ପୁନରାବୃତ୍ତି କରିବ। ୨୦୧୯ ଲୋକସଭା ନିର୍ବାଚନରେ ବିଜେଡି ହରାଇଥିବା ବରଗଡ଼, କଳାହାଣ୍ଡି ଓ ବଲାଙ୍ଗିର ଲୋକସଭା ଆସନକୁ ଦଖଲ ସହ ଏହି ୩ ଲୋକସଭା କ୍ଷେତ୍ର ଅଧୀନସ୍ଥ ସମସ୍ତ ୨୧ ବିଧାନସଭା ଆସନରେ ବିଜୟ ନିମନ୍ତେ ବିଜେଡି ପ୍ରସ୍ତୁତ କରିଛି ରଣନୀତି। ଶୁକ୍ରବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ୩ ଲୋକସଭା ନିର୍ବାଚନମଣ୍ଡଳୀ ଓ ଏହା ଅଧୀନସ୍ଥ ସମସ୍ତ ୨୧ ବିଧାନସଭା କ୍ଷେତ୍ରରେ ଦଳର ▶ପୃଷ୍ଠା-୯

## ପରଲୋକରେ ଦାମୋଦର





**ବିଧାନସଭାରେ ଦିଆଗଲା ଗାର୍ଡ-ଅଫ୍-ଅନର୍**

**ଶଙ୍ଖ ଭବନରେ ଶେଷ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ**

**ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ**

■ **ଭୁବନେଶ୍ୱର, ୨୨।୩ (ସମିସ):** ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ଡାଃ ଦାମୋଦର ରାଉତଙ୍କ ୮୩ବର୍ଷ ବୟସରେ ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଭୋର୍ ୫ଟା ୨୩ ମିନିଟ୍‌ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ଦିନ ଧରି କିଡ୍‌ନୀଜନିତ ସମସ୍ୟା ସହ ଯୁଝୁଥିବା ଡାଃ ରାଉତ ଗତ ୧୮ ତାରିଖ ବିଳମ୍ବିତ ରାତିରେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ଶରୀରରୁ ଅମ୍ଳଜାନ ମାତ୍ରା ହ୍ରାସ ପାଇବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ପରେ ▶ପୃଷ୍ଠା-୯

# ଶହୀଦ ଦିବସ



ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ମାର୍ଚ୍ଚ ୨୩ ଏକ ସ୍ମରଣୀୟ ଦିବସ। ଭାରତ ମାତାର ବୀର ସୁପୁତ୍ର କ୍ରାନ୍ତିକାରୀ ଶହିଦ-ଏ-ଆଜମ୍ ଭଗତସିଂହ, ଶିବରାମ ରାଜଗୁରୁ ଏବଂ ସୁଖଦେବ ଥାପର ୧୯୩୧ ମସିହା ଆଜିର ଦିନରେ ହସିହସି ଦେଶ ପାଇଁ ଫାଶୀଖୁଣ୍ଟରେ ଝୁଲି ଯାଇଥିଲେ। ଆଉ ତାଙ୍କରି ସ୍ମୃତିରେ ଆଜିର ଦିନଟିକୁ ଶହୀଦ ଦିବସ ଭାବେ ପାଳନ କରୁଛି ପୂରା ଦେଶ। ଏହି ତିନିଜଣଙ୍କ ବିରୋଧରେ ବ୍ରିଟିଶ ପୁଲିସ ଅଧିକାରୀ ଜନ୍ ସାଣ୍ଡର୍ସଙ୍କ ହତ୍ୟା ଅଭିଯୋଗ ହୋଇଥିଲା । ୧୯୨୮ରେ ଲାଲା ଲଜପତ ରାୟ ସାଇମନ୍ କମିଶନ ବିରୋଧରେ ଆନ୍ଦୋଳନ କରୁଥିବା ବେଳେ ବ୍ରିଟିଶ୍ ପୁଲିସ ମାଡ଼ରେ ଆହତ ହୋଇ ପରେ ମୃତ୍ୟୁବରଣ କରିଥିଲେ। ଲଜପତ ରାୟଙ୍କ ମୃତ୍ୟୁର ପ୍ରତିଶୋଧ ସ୍ୱରୂପ ଶିବରାମ ରାଜଗୁରୁ, ସୁଖଦେବ ଥାପର ଓ ଚନ୍ଦ୍ରଶେଖର ଆଜାଦଙ୍କ ସହ ମିଶି ଭଗତ ସିଂହ ଜନ୍ ପି. ସାଣ୍ଡର୍ସ ନାମକ ପୁଲିସ ଅଧିକାରୀଙ୍କୁ ଗୁଳି କରି ହତ୍ୟା କରିଥିଲେ। କିଛି ମାସ ଅଜ୍ଞାତବାସରେ ରହିବା ପରେ ଭଗତ ସିଂହ ୧୯୨୯ରେ ସହଯୋଗୀ ବଟୁକେଶ୍ୱର ଦତ୍ତଙ୍କ ସହିତ ଦିଲ୍ଲୀ ସଂସଦରେ ବୋମା ଫୁଟାଇ ଆତ୍ମସମର୍ପଣ କରିଥିଲେ। ଗିରଫ ପରେ ଜନ୍ ସାଣ୍ଡର୍ସ ହତ୍ୟା ମାମଲାରେ ତାଙ୍କର ସଂପୃକ୍ତି ବିଷୟରେ ଜଣାପଡ଼ିଥିଲା। ଏହାର ଶୁଣାଣିରେ ଭଗତ ସିଂହ, ସୁଖଦେବ ଓ ଶିବରାମ ରାଜଗୁରୁଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଫାଶୀ ଦଣ୍ଡ ଦିଆଯାଇଥିଲା। ପୂର୍ବରୁ ଏହି ତିନି ଜଣଙ୍କୁ ୨୪ ମାର୍ଚ୍ଚ ସକାଳ ୮ଟାରେ ଫାଶୀ ଦିଆଯିବ ବୋଲି ନିର୍ଦ୍ଧାରିତ ହୋଇଥିଲା। କିନ୍ତୁ ସେତେବେଳେ ବହୁ ସଂଖ୍ୟାରେ କ୍ରାନ୍ତିକାରୀଙ୍କ ବିକ୍ଷୋଭକୁ ନେଇ ଇଂରେଜ ସରକାର ଡରିଯାଇଥିଲେ। ଇଂରେଜ ସରକାର ଭୟରେ ମାର୍ଚ୍ଚ ୨୩ ସନ୍ଧ୍ୟାରେ ହିଁ ସେମାନଙ୍କୁ ଫାଶୀ ଦେଇଥିଲେ। ଏହି ତିନି ବୀର କ୍ରାନ୍ତିକାରୀ ହସିହସି ଫାଶୀଖୁଣ୍ଟରେ ଝୁଲି ଯାଇଥିଲେ। ଫାଶୀ ଖୁଣ୍ଟରେ ଝୁଲିବା ପୂର୍ବରୁ ସେମାନେ 'ମେରା ରଙ୍ଗ ଦେ ବାସନ୍ତୀ ଚୋଲା, ମେରା ରଙ୍ଗଦେ' ଗୀତ ଗାଇଥିଲେ। ଫାଶୀ ଖୁଣ୍ଟରେ ଝୁଲିବା ସମୟରେ ଭଗତସିଂହ, ସୁଖଦେବଙ୍କ ବୟସ ମାତ୍ର ୨୩ ବର୍ଷ ହୋଇଥିବାବେଳେ ରାଜଗୁରୁ ମାତ୍ର ୨୨ ବର୍ଷର ଥିଲେ। ଏତେ କମ୍ ବୟସରେ ମଧ୍ୟ ଏହି ତିନି ବିପ୍ଳବୀ ଦେଶ ମାତୃକା ପାଇଁ ହସିହସି ପ୍ରାଣବଳି ଦେଇଥିଲେ। ଯୁବକ ଅବସ୍ଥାରୁ ନିର୍ଭୀକତାର ପରିଚୟ ଦେଇଥିଲେ ଏହି ତିନି ଜଣ ମହାନ୍ ବିପ୍ଳବୀ। ଏହି ତିନି ଜଣ ଶହୀଦ ଆଜିର ଯୁବପିଢ଼ିଙ୍କ ପାଇଁ ଏକ ପ୍ରେରଣା।

# ଚଳନ୍ତା ଟ୍ରେନ୍‌ରେ ବିବାହ

ଆଜିକାଲି ଲୋକେ ବିବାହକୁ ସ୍ୱତନ୍ତ୍ର କରିବା ପାଇଁ ବିଭିନ୍ନ ବାଗରେ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ପ୍ରାୟତଃ ଧନୀ ଲୋକେ ବଡ଼ ବଡ଼ ହୋଟେଲ, ରିସର୍ଟ ଆଦି ସ୍ଥାନରେ ବଡ଼ ଧୁମ୍‌ଧାମ୍‌ରେ ବିବାହ ଆୟୋଜନ କରୁଥିବାବେଳେ ଚଳନ୍ତା ଟ୍ରେନରେ ବିବାହ କଥା କେହି କେବେ ଶୁଣିନଥିବେ। ଏକ ବ୍ରିଟିଶ୍ ଦମ୍ପତି ବିବାହକୁ ସ୍ୱତନ୍ତ୍ର କରିବାକୁ ଏମିତି ଏକ ସ୍ଥାନ ବାଛି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ୩୮ ବର୍ଷୀୟା ଲେହ ଆଣ୍ଡରସନ୍ ଏବଂ ୩୯ ବର୍ଷୀୟ ଭିନ୍ସ ସ୍ମିଥ୍ ନିଜର ବିବାହ ପାଇଁ ଚଳନ୍ତା ଟ୍ରେନ୍‌କୁ ହିଁ ବାଛିଥିଲେ। କାରଣ ଗ୍ରେଟ୍ ୱେଷ୍ଟର୍ଣ୍ଣ ରେଲୱେ ଟ୍ରେନ୍‌ରେ ଉଭୟ ପ୍ରଥମେ ପରସ୍ପରକୁ ଭେଟିଥିଲେ। ତେବେ ବିବାହରେ ଯୋଗ ଦେବାକୁ ଥିବା ଅତିଥିଙ୍କୁ ମଧ୍ୟ ସେମାନେ ଟ୍ରେନ୍‌କୁ ଆସିବାକୁ ଆମନ୍ତ୍ରିତ କରିଥିଲେ। ବିବାହ ପାଇଁ ଟ୍ରେନ୍‌ଟିକୁ ଭଲ ଭାବରେ ସଜାଯାଇଥିବାବେଳେ ଏକ ପାର୍ଟିର ଆୟୋଜନ କରାଯାଇଥିଲା। ଗ୍ରେଟ ୱେଷ୍ଟର୍ଣ୍ଣ ଟ୍ରେନ୍‌ଟି ଘଣ୍ଟା ପ୍ରତି ୧୨୫ କି.ମି. ବେଗରେ ଗତି କରୁଥିବାବେଳେ ଉଭୟ ବର ଏବଂ କନିଆ ଖ୍ରୀଷ୍ଟିଆନ୍ ରୀତିନୀତିରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଚଳନ୍ତା ଟ୍ରେନ୍ ଭିତରେ ଅତିଥି ଖାଦ୍ୟପେୟର ମଜା ନେଇଥିଲେ। ତେବେ ଏନେଇ ଲେହ କୁହନ୍ତି, ତାଙ୍କ ଜୀବନରେ ଏହି ଟ୍ରେନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୮ବର୍ଷ ପୂର୍ବେ ଉଭୟ ପରସ୍ପରକୁ ଏହି ଟ୍ରେନ୍‌ରେ ଭେଟିଥିଲେ। ତେଣୁ ଏହି ସ୍ମୃତିକୁ ସବୁଦିନ ପାଇଁ ସାଇତି ରଖିବା ଉଦ୍ଦେଶ୍ୟରେ ସେମାନେ ଚଳନ୍ତା ଟ୍ରେନ୍‌ରେ ବିବାହ କରିବାକୁ ଚାହିଁଥିଲେ।



# ବିଶ୍ୱ ପାଣିପାଗ ଦିବସ



ପ୍ରତିବର୍ଷ ୨୩ ମାର୍ଚ୍ଚକୁ ବିଶ୍ୱ ପାଣିପାଗ ଦିବସ ଭାବେ ପାଳନ କରାଯାଉଛି। ୧୯୫୦ ମାର୍ଚ୍ଚ ୨୩ରେ ବିଶ୍ୱ ପାଣିପାଗ ବିଭାଗର ସୃଷ୍ଟି ସ୍ମୃତିରେ ୧୯୬୧ ମସିହାରେ ବିଶ୍ୱ ପାଣିପାଗ ସଂଗଠନ ପ୍ରତିଷ୍ଠା କରାଯାଇଥିଲା। ଏହି ସଂଗଠନ ପ୍ରତିବର୍ଷ ବିଶ୍ୱ ପାଣିପାଗ ଦିବସ ପାଇଁ ଏକ ସ୍ଲୋଗାନ ଘୋଷଣା କରିଥାଏ ଏବଂ ଏହି ଦିନ ସମସ୍ତ ସଦସ୍ୟ ଦେଶରେ ଏହା ପାଳନ କରାଯାଇଥାଏ। ଲୋକଙ୍କୁ ପାଣିପାଗ ଓ ଏଥିରେ ହେଉଥିବା ପରିବର୍ତ୍ତନ ବାବଦରେ ଅବଗତ କରାଇବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ଏହି ଦିବସ ପାଳନ କରିବାରେ ବିଶ୍ୱ ପାଣିପାଗ ସଂଗଠନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ପାଣିପାଗ ବିଜ୍ଞାନ ସଂଗଠନର ମୁଖ୍ୟ କାର୍ଯ୍ୟାଳୟ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଅବସ୍ଥିତ। ଜଳବାୟୁ ଗବେଷଣା ଦିଗରେ ଏହି ସଂଗଠନ ନିରନ୍ତର କାର୍ଯ୍ୟ କରିଆସୁଛି। ତେବେ ଏହି ସଂଗଠନର ମୁଖ୍ୟ କାର୍ଯ୍ୟ ହେଉଛି, ପ୍ରାକୃତିକ ବିପର୍ଯ୍ୟୟ ବାବଦରେ ପ୍ରଥମେ ସୂଚନା ପ୍ରଦାନ କରିବା। ଏଥିରେ ବନ୍ୟା, ବାତ୍ୟା, ଭୂମିକମ୍ପ ତଥା ବାୟୁମଣ୍ଡଳରେ ହେଉଥିବା ପରିବର୍ତ୍ତନ ସାମିଲ ଅଛି। ଏହିଦିନ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଏହି ଦିବସ ଅବସରରେ ବୈଜ୍ଞାନିକମାନେ ନିଜର ବିଚାରଧାରାକୁ ଉପସ୍ଥାପନ କରନ୍ତି।

# ଏମ୍ବ୍ରୋଡରୀରେ ରାମାୟଣ



ହାଇଦ୍ରାବାଦର ଅପର୍ଣ୍ଣା କନୁମରି ନାମକ ଜଣେ ମହିଳା ରାମାୟଣର କାହାଣୀକୁ ଏମ୍ବ୍ରୋଡରିରେ ବୁଣିଛନ୍ତି। ୧୦୦ ପୃଷ୍ଠାର ଏହି ନିଆରା କଳାକୃତି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏହାକୁ ପୂର୍ଣ୍ଣ କରିବାକୁ ତାଙ୍କୁ ପାଖାପାଖି ବର୍ଷେ ସମୟ ଲାଗିଛି। କରୋନା ମହାମାରୀ ଲକ୍‌ଡାଉନ୍ ସମୟରେ ସେ ଏହାର ନିର୍ମାଣ ଆରମ୍ଭ କରିଥିଲେ। ଆଗାମୀ ପିଢ଼ି ରାମାୟଣର କାହାଣୀକୁ ଯେଭଳି ମନେ ରଖିବେ ସେହି ଉଦ୍ଦେଶ୍ୟ ନେଇ ଅପର୍ଣ୍ଣା ଏମ୍ବ୍ରୋଡରିରେ ଏହି ମହାକାବ୍ୟକୁ ବୁଣିବାର ପରିକଳ୍ପନା କରିଥିଲେ। ସେ ତାଙ୍କ ମା' ଏବଂ ଜେଜେମା'ଙ୍କ ଠାରୁ ଏମ୍ବ୍ରୋଡରି ବୁଣା ଶିଖିଥିଲେ। ଯଦିଓ ଏ ଲାଗି ତାଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଛି, ତଥାପି ଏଥିରେ ସେ ସଫଳ ହୋଇଛନ୍ତି। ତେବେ ପିଲାଟି ବେଳୁ ତାଙ୍କର ଏମ୍ବ୍ରୋଡରି ପ୍ରତି ଆଗ୍ରହ ରହି ଆସିଛି। ଟେବୁଲକ୍ଲଥ୍ ଅନ୍ୟାନ୍ୟ ଜିନିଷରେ ମଧ୍ୟ ସେ ଏହି କଳାକୃତି କରନ୍ତି। ଘରେ ଥିବା ଜିନିଷରେ ହିଁ ସେ ରାମାୟଣ ବୁଣିବା କାମ ଆରମ୍ଭ କରିଥିଲେ। ଅବଶ୍ୟ ଅପର୍ଣ୍ଣାଙ୍କର ଏହି ଯାତ୍ରା ଆଦୌ ସହଜ ନ ଥିଲା। ଦିନକୁ ସେ ୧୦ ଘଣ୍ଟାରୁ ଅଧିକ ସମୟ ଏଥିରେ ଦେଉଥିଲେ। ରଙ୍ଗିନ ଏମ୍ବ୍ରୋଡରି ହୋଇଥିବାରୁ ଏହା ପିଲାଙ୍କୁ ଆକର୍ଷିତ କରିବ ବୋଲି ସେ ଆଶାବାଦୀ ଅଛନ୍ତି। ଏହାଦ୍ୱାରା ପୌରାଣିକ ବିଷୟବସ୍ତୁ ସମ୍ପର୍କରେ ଜାଣିବା ପାଇଁ ସେମାନଙ୍କଠାରେ ଆଗ୍ରହ ସୃଷ୍ଟି ହେବ ବୋଲି ଅପର୍ଣ୍ଣା କହିଛନ୍ତି।

# ବଲିଉଡ୍‌ରେ ଡେବ୍ୟୁ କରିବେ ଉର୍ଫି



ଉର୍ଫି ଜାଭେଦ୍ ତାଙ୍କ ଅଜବ ପୋଷାକକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ଯେତେବେଳେ ଯେକୌଣସି ସ୍ଥାନରେ ଉର୍ଫିଙ୍କୁ ଦେଖାଯାଏ, ସର୍ବପ୍ରଥମେ ତାଙ୍କ ପୋଷାକ ଉପରେ ସମସ୍ତଙ୍କର ନଜର ଥାଏ ଯେ, ସେ କେଉଁ ପୋଷାକ ପିନ୍ଧିଛନ୍ତି ।ସାମାଜିକ ଗଣମାଧ୍ୟମରେ ଉର୍ଫିଙ୍କର ଲକ୍ଷ ଲକ୍ଷ ପ୍ରଶଂସକ ଅଛନ୍ତି। ଏବେ ଉର୍ଫିଙ୍କୁ ନେଇ ଏକ ଖବର ଆସିଛି। 'ଲଭ୍ ସେକ୍ସ ଆଣ୍ଡ ଧୋକା'ର ସିକ୍ୱେଲରେ ସେ ବଲିଉଡ୍‌ରେ ଡେବ୍ୟୁ କରିବେ। ବର୍ତ୍ତମାନର ଯୁବପିଢ଼ିଙ୍କ ଉପରେ ଫିଲ୍ମଟି ନିର୍ମାଣ କରାଯାଇଛି। ଏଥିରେ ଇଣ୍ଟରନେଟ୍ ଓ ସାମାଜିକ ଗଣମାଧ୍ୟମର ପ୍ରାସଙ୍ଗିକତାକୁ ଦର୍ଶାଯାଇଛି। ଫିଲ୍ମଟି ସାମାଜିକ ଗଣମାଧ୍ୟମ ଓ ପ୍ରେମ ଉପରେ ଆଧାରିତ ହୋଇଥିବାରୁ ଏହି ଭୂମିକା ପାଇଁ ଉର୍ଫି ପୂରା ଫିଟ୍ ବୋଲି କୁହାଯାଉଛି। ତେବେ ଉର୍ଫିଙ୍କ ପ୍ରଶଂସକମାନେ ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଏକତା କପୁର ଏହାର ପ୍ରଯୋଜନା ଭାର ସମ୍ଭାଳିଥିବାବେଳେ ଦିବାକର ବାନାର୍ଜୀ ନିର୍ଦ୍ଦେଶନା ଦାୟିତ୍ୱରେ ରହିବେ। ଏପ୍ରିଲ ୧୯ରେ ଏହି ଫିଲ୍ମ ପ୍ରେକ୍ଷାଳୟକୁ ଆସିବ। ଉର୍ଫି ପୂର୍ବରୁ ଅନେକ ଟେଲିଭିଜନ୍ ଧାରାବାହିକ ଓ ମ୍ୟୁଜିକ୍ ଭିଡିଓରେ କାମ କରିଥିଲେ ସୁଦ୍ଧା ଫିଲ୍ମରେ କେବେ ଅଭିନୟ କରି ନଥିଲେ।

## ଆଜିର ଇତିହାସ

- ୧୮୮୦: ସ୍ୱାଧୀନତା ସଂଗ୍ରାମୀ ବାସନ୍ତୀ ଦେବୀଙ୍କ ଜନ୍ମ।
- ୧୯୧୦: ସମାଜବାଦୀ ନେତା ରାମ ମନୋହର ଲୋହିଆଙ୍କ ଜନ୍ମ।
- ୧୯୪୦- ମୁସଲିମ୍ ଲିଗ୍ ପାକିସ୍ତାନ ପ୍ରସ୍ତାବକୁ ମଞ୍ଜୁରୀ ଦେଲା।
- ୧୯୬୫: ଆମେରିକାର ପ୍ରଥମ ଦୁଇ ମହାକାଶଚାରୀଙ୍କୁ ନେଇ ଉପଗ୍ରହ 'ଜେମିନି-୩'ର ଉତ୍କ୍ଷେପଣ।
- ୨୦୨୦- କରୋନା ମହାମାରୀ ଯୋଗୁଁ ଭାରତର ଅଧିକାଂଶ ସ୍ଥାନରେ ଲକ୍‌ଡାଉନ୍ ଆରମ୍ଭ ହେଲା।

# ପରିଚୟ ପ୍ରଦାନ



ବହୁ ସଭାସମିତି ତଥା ସାଂସ୍କୃତିକ ଅନୁଷ୍ଠାନକୁ ଅତିଥି ହେଇଯିବାର ଅନୁଭୂତି ମୋର ଅଛି। ପ୍ରାୟ ଅନୁଷ୍ଠାନରେ ଗୋଟିଏ କଥା- ଅତିଥିଙ୍କୁ ସଭା ଆରମ୍ଭର ବହୁପୂର୍ବରୁ ଡାକିଦିଅ। ଗୋଟିଏ କୋଠରିରେ ବସେଇ କାଗଜ ପ୍ଲେଟ୍‌ରେ କାଜୁ, ବିସ୍କୁଟ, କଦଳୀ ସହ ଗିଲାସେ ପାଣି ଥୋଇଦିଅ। ସଭା ଆରମ୍ଭ ହେବା ପର୍ଯ୍ୟନ୍ତ ଦଉଡ଼-ଧାପଡ଼ କରିପାରୁ ନ ଥିବା ଜଣେ ବୟସ୍କ ଲୋକଙ୍କୁ ଗପିବା ପାଇଁ ବସେଇ ଦିଅ।

ଏଭଳି ଏକ ଜିଲ୍ଲାସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନକୁ ମୁଁ ଅତିଥି ହେଇ ଯାଇଥାଏ। ସେଇ ସମାନ ପ୍ରକ୍ରିୟା – କାଜୁ, ବିସ୍କୁଟ, କଦଳୀ। ସେଇ ଅପେକ୍ଷା। ସେଇ ବୟସ୍କ ଲୋକଙ୍କ ସହ ଗପସପ। କିଛି ଉତ୍ସାହୀ ବୟସ୍କ କବି ଡାଏରୀଟାଏ ଧରି ଆସି ତାଙ୍କ କବିତା ପଢ଼ାଉଥାନ୍ତି। କେହି କେହି ବେଶୀ ଉତ୍ସାହୀ କବି ଗୋଟିକ ପରେ ଗୋଟିଏ କବିତା ଶୁଣେଇ ଚାଲିଥା'ନ୍ତି।

**ହାଟ ମଝିରେ ବ୍ରହ୍ମଜ୍ଞାନ**

ନୂଆ ପିଢ଼ିର ଏଭଳି କବିତା ଲେଖିବା କିମ୍ବା ଶୁଣେଇବାର ଉତ୍ସାହ ଖୁବ୍ କମ୍ । କାଲି କିନ୍ତୁ ଗୋଟିଏ ଅଳ୍ପ ବୟସର ତରୁଣୀକୁ ସେ ସଭାର ଅତିଥି କକ୍ଷରେ ଦେଖିଲି। ଝିଅଟି ଅପେକ୍ଷା କରିଥାଏ ବୋଧେ ତା' କବିତା ଶୁଣେଇବା ପାଇଁ।

ସଭା ପାଇଁ ଏତେ ଦୀର୍ଘ ଅପେକ୍ଷା ଭିତରେ କ୍ରମଶଃ ଅତିଥିକକ୍ଷରୁ ଭିଡ଼ କମିବା ଆରମ୍ଭ କଲା। ଏଇ ସୁଯୋଗରେ ଝିଅଟି ଆସି ମତେ କହିଲା:- "ଆଜ୍ଞା ! ମୁଁ ଏ ସଭାକୁ ସଞ୍ଚାଳନ କରୁଚି। ଏଇଟା ମୋର ପ୍ରଥମ। ଆପଣ ଟିକେ ଏ ଲେଖାଟି ଦେଖି ଦିଅନ୍ତେ ନି।"

ମୁଁ ଲେଖାରେ ଆଖି ବୁଲେଇ ଆଣିଲି। ସବିଶେଷ ଲେଖା ହେଇଚି – ପ୍ରିୟ ବନ୍ଧୁଗଣଠାରୁ ଆରମ୍ଭ କରି କରତାଳି, ଧନ୍ୟବାଦ ପର୍ଯ୍ୟନ୍ତ, ମତେ ପଢ଼ିବାକୁ ପଡ଼ିବ, କିଛି କହିବାକୁ ପଡ଼ିବ। ପଢ଼ିଲି – "ଆମ ଗହଣରେ ଆଜି ଉପସ୍ଥିତ ଅଛନ୍ତି ଉଦ୍‌ଘାଟକ ଭାବେ ଶ୍ରୀ ବାବୁଲି ପାତ୍ର, ଆମ ଗହଣରେ ଅଛନ୍ତି ଶ୍ରୀ ଅମକ।"

ମୁଁ ପଢ଼ିବା ଭିତରେ ଝିଅଟି କହୁଥାଏ- 'ସାର୍ ଭୁଲ୍‌ଥିଲେ ଟିକେ କହିଦେବେ ।' ମୁଁ କହିଲି 'ଆଚ୍ଛା ଯିଏ ଆମ ଗହଣରେ ଅଛନ୍ତି ତାଙ୍କ ନାଁଟି କେବଳ କହିବ। ଯିଏ ନାହାନ୍ତି ତ ନାହାନ୍ତି।"

ଝିଅଟି ହସି ମୁଣ୍ଡ ଟୁଙ୍ଗାରୁଥାଏ। ପୁଣି ପଢ଼ିଲି – " ଏ ସମସ୍ତଙ୍କୁ ମୁଁ ମୋ ହୃଦୟର ଗଭୀରତମ ପ୍ରଦେଶରୁ ଧନ୍ୟବାଦ ଦେଉଚି।" ତା'ପରେ କହିଲି – "ଝିଅ ! ଏଇ ପ୍ରଦେଶ ମାନେ କ'ଣ?" ଝିଅଟି ତତ୍‌କ୍ଷଣାତ୍ ଉତ୍ତର ଦେଲା ରାଜ୍ୟ। ଏଥର ମୁଁ ମଜାରେ କହିଲି," ଏହା ପରା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ। ରାଜ୍ୟ କଥା ଲେଖିଲୁ ଯେ ?"

ଝିଅଟି ମୁଣ୍ଡ ହଲେଇ ସତେ ଯେମିତି ତା' ଭୁଲ୍‌କୁ ମାନିନେଲା। ତା'ପର ଧାଡ଼ି ପଢ଼ିଲି-"ମୁଁ ଏଥର ସବୁ ଅତିଥିଙ୍କ ପରିଚୟ ରଖିବି।"ଶୁଣି ମୁଁ ରହିଗଲି। ବିଚିତ୍ର ଭାଷାର ବ୍ୟବହାର! ହିନ୍ଦୀ ଭାଷାର ପ୍ରଭାବରେ ଆମ ଭାଷା ବଦଳି ଗଲାଣି। ମୁଁ ଝିଅଟିକୁ ବୁଝେଇଲି – "ଆମର ଓଡ଼ିଆ ଜାତି ରଖିବାରେ ବିଶ୍ୱାସ କରେନି। ସବୁ ଦେଇଦିଏ। ଆମେ କାହା ପରିଚୟ ରଖୁନା, ପରିଚୟ ପ୍ରଦାନ କରି ଥାଉ। ପରିଚୟ ଦେଇଦେଉ।

ଏତିକି ଭିତରେ ସଙ୍ଗଠନର ସମ୍ପାଦକ ଆସି ଆମକୁ ମଞ୍ଚ ନିକଟକୁ ଡାକିନେଲେ। ଝିଅର ସଞ୍ଚାଳନରେ ପ୍ରଦୀପ ପ୍ରଜ୍ୱଳନ ହେଲା। ଆମେ ମଞ୍ଚାସୀନ ହେଲୁ। ସେ ଟିକେ ଇତସ୍ତତଃ ହେଉଥାଏ, କିନ୍ତୁ ଉପସ୍ଥାପନା ଲେଖା ଅନୁଯାୟୀ କରୁଥାଏ:-

"ଆଜି ଆମ ଗହଣରେ ଉପସ୍ଥିତ ଅଛନ୍ତି ଉଦ୍‌ଘାଟକ ଭାବେ ଶ୍ରୀ ବାବୁଲି ପାତ୍ର।"

ପୁଣି ଧୀରେ ଧୀରେ କହିଲା – 'ଆମ ଗହଣରେ ଆଜି ଶ୍ରୀ ଅମକ ନାହାନ୍ତି ଏତିକି କହି ପୁଣି ନିରବ। ସମସ୍ତେ ପୂରାପୂରି ସ୍ତବ୍‌ଧ। ପରସ୍ପର ମୁହଁ ଚହାଁଚହିଁ ହେଲେ। ମୁଁ ବି ଆଶ୍ଚର୍ଯ୍ୟ। ଲୋକଟା ତ ବ୍ୟସ୍ତ ଥିବାରୁ ଆସି ପାରିବନି ବୋଲି ମତେ କହିଥିଲା। କିଛି ଲୋକ ସଭାରେ ନୀରବ ପ୍ରାର୍ଥନାର ପରମ୍ପରାକୁ ଜାଣି ଠିଆ ବି ହେଇପଡ଼ିଲେ। ମୋ'ର ମନେ ପଡ଼ିଗଲା- ଭୁଲ୍‌ଟା ମୋର- ମୁଁ ହିଁ କହିଥିଲି – ଯିଏ ନାହାନ୍ତି ସେ ନାହାନ୍ତି। ଯା ହେଉ ପରିସ୍ଥିତି ସମ୍ଭାଳିବାକୁ ଝିଅ ପାଖକୁ ମୁଁ ନିଜେ ଗଲି। ଝିଅଟି ଏଥର କହିଲା – କ୍ଷମା କରିବେ। ବ୍ୟସ୍ତତା କାରଣରୁ ସେ ଆସିପାରିନାହାନ୍ତି।

ଶେଷରେ କହିଲା- "ମୁଁ କାହା ପରିଚୟ ନ ରଖି ସବୁ ଦେଇ ଦେଉଚି।" ମୋ ପରିଚୟରେ ମୋ ଡାକ ନାଁ, ବାପା, ମାଆ, ଗାଁର ନାଁ ସହ ଜନ୍ମ ତାରିଖ ଯାଏ ସବୁ କହିଲା। ଏ ଏଇ ପରିଚୟ ଗୁଡ଼ା କୋଉଠୁ କେମିତି ରଖିଲା !!! କିନ୍ତୁ ଜନ୍ମ ତାରିଖ ଯାହା କହିଲା, ସେଥିରେ ମୋ' ବୟସ ୩୦ ବର୍ଷ କମିଯାଇଚି।

ପ୍ରକୃତରେ ସେ କିଛି ପରିଚୟ ରଖି ନ ଥିଲା। ସୋସିଆଲ ମିଡିଆରୁ ଯାହା ସଂଗ୍ରହ କରିଚି। ଶେଷ ଧାଡ଼ିଟି କହିଲା- ମୁଁ ସାର୍‌ଙ୍କୁ ମୋ ଗଭୀରତମ ଜିଲ୍ଲାରୁ ଧନ୍ୟବାଦ ଜଣାଉଚି।■

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

# ହ୍ୱିଲ୍‌ଚେୟାରରେ ମାରାଥନ୍

ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଦ୍ୱାରା ଜଣେ ବ୍ୟକ୍ତି ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରେ। ଏମିତି ଜଣେ ଦୃଢ଼ମନା ବ୍ୟକ୍ତି ହେଉଛନ୍ତି ଚଣ୍ଡିଗଡ଼ର ୫୪ ବର୍ଷୀୟ ସଞ୍ଜୀବ ଗୋୟଲ। ଭାରତୀୟ ବାୟୁ ସେନାରୁ ଅବସର ନେଇଥିବା ସଞ୍ଜୀବ ୬ବର୍ଷ ତଳେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣାରେ ସେ ତାଙ୍କର ଦୁଇଟି ଗୋଡ଼ ହରାଇଥିଲେ। ଏହା ସତ୍ତ୍ୱେବି ସେ ଆଜି ହଜାର ହଜାର ଲୋକଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଦିବ୍ୟାଙ୍ଗ ହୋଇ ବି ସେ ହାରି ଯାଇନାହାନ୍ତି । ସକ୍ଷମଙ୍କଠାରୁ ସେ ଢେର ଆଗରେ ବୋଲି ପ୍ରମାଣ କରି ଦେଇଛନ୍ତି। ନିକଟରେ ସଞ୍ଜୀବ ଡେରାଡୁନ ଏବଂ ଚଣ୍ଡିଗଡ଼ରୁ ପାଞ୍ଚ କିଲୋମିଟର ମାରାଥନରେ ହ୍ୱିଲଚେୟାରରେ ଦୌଡ଼ି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସଞ୍ଜୀବ କୁହନ୍ତି, ଯେଉଁଦିନ ତାଙ୍କର ଦୁର୍ଘଟଣା ହୋଇଥିଲା ସେବେଠୁ ତାଙ୍କ ଜୀବନର ସଂଘର୍ଷ ଆରମ୍ଭ ହୋଇଯାଇଥିଲା। କାରଣ ଦୁର୍ଘଟଣାର ଦୁଇମାସ ଯାଏଁ ତାଙ୍କର ୨୫ଟି ଅସ୍ତ୍ରୋପଚାର ହେବା ସହ ଦୁଇଦିନ ଭେଣ୍ଟିଲେଟରରେ ରହିବା ପରେ ହିଁ ଡାକ୍ତର ତାଙ୍କର ଗୋଡ଼ କଟାଯିବ ବୋଲି କହିଥିଲେ। ଏହାପରେ ସଞ୍ଜୀବଙ୍କର ହ୍ୱିଲଚେୟାର ଜୀବନ ଆରମ୍ଭ ହୋଇଥିଲା। ଏତେ ସତ୍ତ୍ୱେ ବି ସେ ହାର୍ ମାନି ନ ଥିଲେ। ସେବେଠୁ ସେ ହ୍ୱିଲଚେୟାରରେ ଜରିଆରେ ଦୌଡ଼ା ଅଭ୍ୟାସ ଜାରି ରଖିଲେ। ତେବେ ନିଜ ପରିସ୍ଥିତିକୁ ଭଗବାନଙ୍କ ନିଷ୍ପତ୍ତି ବୋଲି ମାନିନେଇ ଏବେ ସେ ହଜାର ହଜାର ଲୋକଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସେ ତାଙ୍କର ନିତିଦିନିଆ କାମକାର୍ଯ୍ୟ ପାଇଁ କାହା ଉପରେ ନିର୍ଭରଶୀଳ ନ ରହି ନିଜେ ହ୍ୱିଲ୍‌ଚେୟାର୍ ଚଳାଇ ସମସ୍ତ କାମ କରନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ସଞ୍ଜୀବ 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ସମେତ ରକ୍ତଦାନ କରିବା ପାଇଁ ଲୋକଙ୍କୁ ସଚେତନତା କରିବାର ମଙ୍ଗ ଧରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ। ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ।

**ବୃଷ:** ଭାଇ ଭଉଣୀଙ୍କଠାରୁ ଉପହାର ମିଳିବ। ଧାର କରଜରୁ ଦୂରେଇ ରହିବେ। ଲେଖକ ଲେଖିକାଙ୍କୁ ସଫଳତା ମିଳିବ। ଖର୍ଚ୍ଚ ବୃଦ୍ଧି ପାଇବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**ମିଥୁନ:** ଶୁଭ ଖବର ପ୍ରାପ୍ତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ନୂଆ ଯୋଜନା ସହ କାର୍ଯ୍ୟ କରିବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ସଂଗୀତ କ୍ଷେତ୍ର ପ୍ରତି ରୁଚି ବଢ଼ିବ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ। କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ନୂଆ ପରିକଳ୍ପନା ସହ ବ୍ୟବସାୟ ଆରମ୍ଭ କରିବେ। ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମର ଉଚିତ ଫଳ ମିଳିବ। ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ।

**କନ୍ୟା:** ବନ୍ଧୁ ମିଳନରେ ଯୋଗ ଦେବେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ଅଫିସ୍ କାର୍ଯ୍ୟରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୋଗ, ବ୍ୟାୟାମ ପ୍ରତି ଆଗ୍ରହ ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କଠିନ କାମକୁ ସଫଳତାପୂର୍ବକ ଶେଷ କରିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନ ସୁଖ ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିବେ।

**ବିଛା:** ଯାନବାହନ କିଣିବା ଯୋଗ ଅଛି। ସମାଜରେ ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ।

**ଧନୁ:** କର୍ମଚଞ୍ଚଳ ରହିବେ। ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ। ବୈବାହିକ ଜୀବନ ସୁଖମୟ ହେବ।

**ମକର:** ଧାର କରଜରୁ ଦୂରେଇ ରହିବେ। ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ଘରକୁ ଅତିଥିଙ୍କ ଆଗମନ ହେବ। ଦୀର୍ଘଦିନର କାମ ପୂରା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବେ। ସମସ୍ୟାରେ ପଡ଼ିବା ସମ୍ଭାବନା ଅଧିକ।

**ମୀନ:** ବ୍ୟବସାୟରେ ଉନ୍ନତି ହେବ। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିବେ। ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ। କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ।

## ଓଡ଼ିଶାରେ ନୂଆ ଦିଗ ପାଇବ ବ୍ୟାଡ୍‌ମିଣ୍ଟନ୍

# କ୍ରୀଡ଼ା ହବ୍‌ର କେନ୍ଦ୍ର 'ସଟଲ୍ ଷ୍ଟାଡିୟମ୍'



**ଭୁବନେଶ୍ୱର, ୨୨।୩ (ସମିସ):** ହକି, ଫୁଟ୍‌ବଲ୍ ପରେ ଏବେ ବ୍ୟାଡ୍‌ମିଣ୍ଟନ୍ ଖେଳରେ ଏକ ନୂଆ ଦିଗନ୍ତ ସୃଷ୍ଟି କରିବାକୁ ଯାଉଛି ଓଡ଼ିଶା। ବ୍ୟାଡ୍‌ମିଣ୍ଟନ୍‌ରେ ରୁଚି ରଖୁଥିବା ଯୁବପିଢ଼ିଙ୍କୁ ଏକ ବିସ୍ତୃତ ଭିତ୍ତିଭୂମି ଯୋଗାଇଦେବା ପାଇଁ କଳିଙ୍ଗ ଷ୍ଟାଡିୟମ୍‌ରେ ତିଆରି ହେଉଛି ସଟଲ୍ ଆକୃତିର ବ୍ୟାଡମିଣ୍ଟନ୍ ଏକାଡେମୀ। ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ସୁବିଧା ଥିବା ଏହି ଏକାଡେମୀ ଦେଶରେ ପ୍ରଥମ ବୋଲି କୁହାଯାଉଛି। ନିର୍ମାଣାଧୀନ ଅବସ୍ଥାରେ ଥିବା ଏହି ଏକାଡେମୀ ଖୁବ୍‌ଶୀଘ୍ର ଶେଷ ସ୍ପର୍ଶ ପାଇବ। ତେବେ ଏହି ଷ୍ଟାଡିୟମ୍‌ଟି ଦେଖିବାକୁ ଦର୍ଶକଙ୍କ ପାଇଁ ଯେତିକି ଆକର୍ଷଣୀୟ, କ୍ରୀଡ଼ାପ୍ରେମୀଙ୍କ ପାଇଁ ସେତିକି ଉତ୍ସାହପ୍ରଦ।

କ୍ରୀଡ଼ା ହବ୍ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଏବେ ଆକର୍ଷଣର ଅନ୍ୟତମ କେନ୍ଦ୍ର ପାଲଟିଛି ଏହି ସଟଲ୍ ଷ୍ଟାଡିୟମ୍। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ କଳିଙ୍ଗ ଷ୍ଟାଡିୟମ୍‌ର ୮-ବି ଫାଟକ ପାଖରେ ଏହି ବ୍ୟାଡ୍‌ମିଣ୍ଟନ୍ ବିଲ୍ଡିଂର ନିର୍ମାଣ କାର୍ଯ୍ୟ ଜୋରସୋର୍‌ରେ ଚାଲିଛି। ରାଜପଥରେ ଯାଉଥିବା ଯେକେହି ପଥଚାରୀ ଏହାର ନିର୍ମାଣଶୈଳୀକୁ ଦେଖି ଘଡ଼ିଏ ଅଟକିଯାଉଛି। ଏଭଳି ଏକ ଗମ୍ବୁଜ ଆକୃତିର କ'ଣ ନିର୍ମାଣ ହେଉଛି ବୋଲି ପଥଚାରୀ ରାସ୍ତାରେ କ୍ଷଣେ ଅଟକି ଯାଇ ଏହା ବିଷୟରେ ବୁଝିବାକୁ ଚେଷ୍ଟା କରୁଛନ୍ତି। ସମସ୍ତଙ୍କ ମନକୁ ଏହାର ନିର୍ମାଣଶୈଳୀ ଆନ୍ଦୋଳିତ କରୁଛି। ବ୍ୟାଡ୍‌ମିଣ୍ଟନର ସଟଲ୍ ମୁଣ୍ଡ ଆକୃତିର ବା ବଲ୍‌ର ଅଧାଫାଳ ଭଳି ଦେଖିବାକୁ ଏହି କୋଠା। ଏହାସହ ଉପରି ଭାଗରେ ଯେଉଁଠି ପର ଲାଗିଥାଏ, ସେଠାରେ ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ଆଲୋକମାଳା ସଜାଗଲାଣି। ଆଗକୁ ଆହୁରି ସୁନ୍ଦର ଭାବେ ଏହାକୁ ସଜ୍ଜିତ କରାଯିବ ବୋଲି ଜଣାପଡ଼ିଛି। ବିଶେଷକରି ରାତିରେ ଏହି ଷ୍ଟାଡିୟମ୍ କୋଠାର ଉପରିଭାଗରେ ପ୍ରଦର୍ଶିତ ହେଉଥିବା ଝଲମଲ ଆଲୋକମାଳା ଲୋକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଏଠାରେ ଫଟୋ ଏବେ ରିଲ୍ସ କରିବା ପାଇଁ ସନ୍ଧ୍ୟା ପରଠାରୁ ଭିଡ଼ ଲାଗୁଛି।

ଏହି ଷ୍ଟାଡିୟମ୍ ନିର୍ମାଣକୁ ଦେଖି ଓଡ଼ିଶାରେ ବ୍ୟାଡ୍‌ମିଣ୍ଟନ୍ ଖେଳ ପ୍ରତି ରୁଚି ରଖୁଥିବା ପିଲାଙ୍କର ଉତ୍ସାହ ବୃଦ୍ଧି ପାଇବରେ ଲାଗିଛି। ଏହାର ନିର୍ମାଣ କାମ ଯେତିକି ସରି ସରି ଆସୁଛି, ସମସ୍ତଙ୍କ ଭିତରେ ସେତିକି ଉତ୍କଣ୍ଠା ସେତିକି ବଢ଼ିବାରେ ଲାଗିଛି। ଏଣିକି ଓଡ଼ିଶାରେ ବ୍ୟାଡ୍‌ମିଣ୍ଟନ୍ ଖେଳର ଭାଗ୍ୟ ବଦଳିବ ବୋଲି ଏକପ୍ରକାର ଆଶା କରାଯାଉଛି।

**୮୨ ମିଟର ଲେଖାଁଏ ୮ଟି କୋର୍ଟ**

**ଏକାସାଙ୍ଗରେ ଖେଳର ମଜା ନେବେ ୫ଶହ ଦର୍ଶକ**

ରାଜ୍ୟ ସରକାରଙ୍କ ସହଯୋଗିତାରେ 'ଡାଲ୍‌ମିଆ ଭାରତ ଗ୍ରୁପ୍' ପୃଷ୍ଠପୋଷକତାରେ ଏହାର ନିର୍ମାଣ କାମ ଚାଲିଛି। ଏସ୍‌ପିଡି କନ୍‌ଷ୍ଟ୍ରକସନ୍ ଏହାର ନିର୍ମାଣ ଦାୟିତ୍ୱ ନେଇଛି। ଦିଲ୍ଲୀର ଖ୍ୟାତନାମା ଆର୍‌କିଟେକ୍ଟ କମ୍ପାନୀ 'ଆର୍‌କୋହମ୍' ଏହାର ଡିଜାଇନ୍ କରିଛି। ଏହାକୁ ଡାଲ୍‌ମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ ଏକାଡେମୀ ବା ବ୍ୟାଡ୍‌ମିଣ୍ଟନ୍ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ବୋଲି କୁହାଯାଉଛି। ୨୦୨୦ ଅଗଷ୍ଟରୁ ଏହାର ନିର୍ମାଣ କାମ ଆରମ୍ଭ ହେଲାଣି, ଯାହା ଖୁବ୍‌ଶୀଘ୍ର ପୂର୍ଣ୍ଣ ରୂପ ନେବ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ଏହାର ତଳଭାଗ ୧୮୫୦ ମିଟର ରହିଥିବା ବେଳେ ଉପରଭାଗ ୪୧୦୦ ମିଟର ଏବଂ ଉଚ୍ଚତା ୨୮ ମିଟର ରହିଛି। କୋଠାଟି ୮ ମହଲା ବିଶିଷ୍ଟ। ତଳ ମହଲାରେ କାଫେଟେରିଆ ସହ ଖେଳ ଉପକରଣ ବ୍ୟବସାୟ ପାଇଁ ଦୋକାନ ଘର ରହିବ। ଦୁଇଟି ମହଲା ମେଜାନାଇନ୍, ଜିମ୍ ଓ ଲବି ରହିବ। ପ୍ରଥମ ମହଲାରେ ୮୨ ମିଟର ଲେଖାଏଁ ମୋଟ ୮ଟି ବ୍ୟାଡ୍‌ମିଣ୍ଟନ କୋର୍ଟ୍ ରହିଛି। ଏଥିସହ ୫୦୦ ଦର୍ଶକ ବସିବାକୁ ସୁବିଧା ରହିଛି। ଦ୍ୱିତୀୟ ଓ ତୃତୀୟ ମହଲାରେ କାଫେଟେରିଆ, ଖାଦ୍ୟ ସାମଗ୍ରୀ ସହ କାର୍ଯ୍ୟାଳୟ ରହିଛି। ଏହିଭଳି ଆକୃତିର କୋଠା ଦେଶରେ ପ୍ରଥମଥର ପାଇଁ ନିର୍ମାଣ କରାଯାଉଛି। ତେଣୁ ଏହା ଭାରତର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ।

## ବିଜେଡିରୁ ସାଂସଦ ଭର୍ତ୍ତୃହରିଙ୍କ ଇସ୍ତଫା

**କଟକ, ୨୨।୩(ସମିସ):** କଟକ ସାଂସଦ ଭର୍ତ୍ତୃହରି ମହତାବ ଆଜି ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ଜଣେ ପୁଲିସ ଏସଆଇଙ୍କୁ ମାଡ ଘଟଣାରେ ଶ୍ରୀ ମହତାବଙ୍କ ବିରୋଧରେ କଟକ ସ୍ୱତନ୍ତ୍ର ଅଦାଲତ ଚାର୍ଜଫ୍ରେମ କରିବାର ୨୪ଘଣ୍ଟା ନ ପୁରୁଣୁ ସେ ବିଜେଡି ଛାଡିଛନ୍ତି। ଏହି ମର୍ମରେ ସେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ତାଙ୍କର ଇସ୍ତଫା ପତ୍ର ପଠାଇଛନ୍ତି। ଦଳର ଗଠନ ଓ ଏହାକୁ ସମୃଦ୍ଧ କରିବାରେ ତାଙ୍କର ମଧ୍ୟ ଅବଦାନ ରହିଥିଲା ବୋଲି ଇସ୍ତଫା ପତ୍ରରେ ସେ ଉଲ୍ଲେଖ କରିଛନ୍ତି।



ସାମ୍ବାଦିକ ସମ୍ମିଳନୀରେ ମଧ୍ୟ ଶ୍ରୀ ମହତାବ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଭର୍ତ୍ତୃହରି ୧୯୯୮ରୁ ୨୦୧୯ ମଧ୍ୟରେ ବିଜୁ ଜନତା ଦଳ ଟିକଟରେ କ୍ରମାଗତ ଭାବରେ ୬ଥର କଟକ ଲୋକସଭା ଆସନରୁ ସାଂସଦ ଭାବରେ ନିର୍ବାଚିତ ହୋଇଛନ୍ତି। ଗତ କିଛିବର୍ଷ ଧରି ବିଜେପି ସହ ତାଙ୍କର ସମ୍ପର୍କ ନିବିଡ଼ ହୋଇଥିବା କୁହାଯାଉଥିଲା। ଏପରିକି ନିଜ ସମ୍ବାଦପତ୍ରରେ ସେ ଲେଖୁଥିବା ଆଲେଖ୍ୟ ଓ ସ୍ତମ୍ଭରେ ତାହାର ଆଭାସ ଦେଖିବାକୁ ମିଳିଥିଲା। ଏହା ସହ ସେ ଦଳ, ଦଳୀୟ କର୍ମୀ ଓ ଦଳର କାର୍ଯ୍ୟକ୍ରମଠାରୁ କ୍ରମଶଃ ଦୂରେଇ ଯାଉଥିବା ଚର୍ଚ୍ଚା ହୋଇଥିଲା।

## ଟିକଟ ଓ ପଦବୀ ଲୋଭରେ ବିଜେପିକୁ ଯାଉଛନ୍ତି ଭର୍ତ୍ତୃହରି: ବିଜେଡି

**ଭୁବନେଶ୍ୱର, ୨୨।୩(ସମିସ):** ବିଜେଡି ଟିକଟରେ ସଂସଦକୁ ଛଅଛଅ ଥର ନିର୍ବାଚିତ ହୋଇଥିଲେ କଟକ ସାଂସଦ ଭର୍ତ୍ତୃହରି ମହତାବ। କଟକରେ ତାଙ୍କର ସ୍ଥିତି ଭଲ ନ ଥିଲା, ଦିନକୁ ଦିନ ସେ ଦଳ ଓ ଲୋକଙ୍କଠାରୁ ଦୂରେଇବାରେ ଲାଗିଥିଲେ। ଏହି କାରଣରୁ ଚଳିତ ଥର ତାଙ୍କୁ ଟିକେଟ ମିଳିବ ନାହିଁ ବୋଲି ସେ ଜାଣି ସାରିଥିଲେ। ଦଳ ପକ୍ଷରୁ ଏ ସଂକ୍ରାନ୍ତରେ ତାଙ୍କୁ ଇଙ୍ଗିତ ଦିଆଯାଇଥିଲା। ଅନ୍ୟପକ୍ଷରେ ସେ ଦୀର୍ଘଦିନ ଧରି ବିଜେପି ସହ ସମ୍ପର୍କରେ ରହିଥିଲେ। ବିଜେପି ଟିକଟ ଓ ପଦପଦବୀ ଲୋଭରେ ସେ ଏବେ ବିଜେପିକୁ ଯାଉଛନ୍ତି ବୋଲି କହିଛି ବିଜେଡି।

**ଲୋକଙ୍କଠୁ ଦୂରେଇ ଯାଇଥିବା ଭର୍ତ୍ତୃହରିଙ୍କ ଟିକଟ ଲୋଭ ତୁଟି ନାହିଁ**

**ବିଜେଡିରୁ ତାଙ୍କୁ ଛଅ ଛଅ ଥର ସାଂସଦ ଟିକଟ ଦିଆଯାଇଥିଲା**

**ସମ୍ମାନ ଓ ଅଗ୍ରାଧିକାର ଦେଇଥିବା ଦଳକୁ ଛାଡ଼ିବା ଦୁର୍ଭାଗ୍ୟଜନକ**

ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା କହିଛନ୍ତି ଯେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକରୁ ଭର୍ତ୍ତୃହରି ମହତାବଙ୍କୁ ଛଅଥର ଟିକଟ ଦେଇଛନ୍ତି। ଏପରିକି ତାଙ୍କର ସ୍ଥିତି ଖରାପ ହୋଇଥିବା ସତ୍ତ୍ୱେ ୨୦୧୪ ଓ ୨୦୧୯ ରେ ଶେଷ ମୁହୂର୍ତ୍ତରେ ତାଙ୍କୁ ମୁଖ୍ୟମନ୍ତ୍ରୀ ଟିକଟ ଦେଇ ବିଜୟୀ କରିଥିଲେ। ମାତ୍ର ଦିନକୁ ଦିନ ସେ ଲୋକଙ୍କଠାରୁ କ୍ରମଶଃ ଦୂରେଇ ଯାଇଥିଲେ।

କଟକ ଲୋକସଭା କ୍ଷେତ୍ରର ବିକାଶରେ ତାଙ୍କର ଅବଦାନ ନ ଥିଲା ଓ ସ୍ଥାନୀୟ ନେତୃବୃନ୍ଦ ତାଙ୍କ ବିରୋଧରେ ନକରାତ୍ମକ ମନ୍ତବ୍ୟ ଦେଇଥିଲେ। ଏହା ସତ୍ତ୍ୱେ ଆମ ଦଳର ସଭାପତି ସହୃଦାୟତା ପ୍ରକାଶ କରି ଶ୍ରୀ ମହତାବଙ୍କୁ ୨୦୧୯ ନିର୍ବାଚନରେ ଟିକଟ ଦେଇଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ କଥା ସର୍ବଦା ଅଗ୍ରାଧିକାର ଦେଇଛନ୍ତି ଓ ବିଜୁ ଜନତା ଦଳ ସର୍ବଦା ତାଙ୍କୁ ସମ୍ମାନ ଦେଇ ଆସିଛି। ମାତ୍ର ନିଜର ସ୍ଥିତି ଖରାପ ହେବା ପରେ ଯେଉଁ ଦଳ ତାଙ୍କୁ ୬ ଥର ଦିଲ୍ଲୀ ପଠାଇଥିଲା, ସେହି ଦଳ ଛାଡ଼ି ଟିକଟ ଓ ପଦ ଲୋଭରେ ବିଜେପିକୁ ଯାଉଛନ୍ତି। ଏଥର ନିର୍ବାଚନରେ ତାଙ୍କୁ ଟିକଟ ମିଳବ ନାହିଁ ବୋଲି ଦଳ ପକ୍ଷରୁ ସେ ଇସାରା ପାଇଥିଲେ। ସେଥିପାଇଁ ସେ ଦୀର୍ଘଦିନ ହେଲା ବିଜେପି ନେତାଙ୍କ ଯୋଗାଯୋଗରେ ରହିଥିଲେ ବୋଲି ଶ୍ରୀ ଜେନା କହିଛନ୍ତି।

## ଲାଞ୍ଚୁଆ ଆର୍‌ଆଇଙ୍କୁ ୨ବର୍ଷ ଜେଲ୍

**ଭୁବନେଶ୍ୱର, ୨୨।୩(ସମିସ):** କୁଜଙ୍ଗ ସର୍କଲରେ କାର୍ଯ୍ୟ କରିଥିବା ପୂର୍ବତନ ରାଜସ୍ୱ ଇନ୍ସପେକ୍ଟର(ଆରଆଇ) ସୁବାସ ଚନ୍ଦ୍ର ଦାଶଙ୍କୁ ଜେଲ୍ ଦଣ୍ଡ ମିଳିଛି। ଏକ ଲାଞ୍ଚ ମାମଲାରେ ଶୁଣାଣି କରି କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶୁଣାଣି କରି ୨ବର୍ଷ ଜେଲ୍ ଦଣ୍ଡାଦେଶ ସହ ୧୦ହଜାର ଟଙ୍କାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ସଜା ଭୋଗିବାକୁ ରାୟରେ କୁହାଯାଇଛି। ଏହି ରାୟ ଆସିବା ପରେ ତାଙ୍କର ପେନ୍‌ସନ୍ ବନ୍ଦ କରିବା ପାଇଁ ଭିଜିଲାନ୍ସ ଚିଠି ଲେଖିଛି।

## କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ବର୍ଗୀକରଣ / ମାଓ ପ୍ରଭାବିତ ରାଜ୍ୟ ତାଲିକାରେ ଓଡ଼ିଶା ୭ ନମ୍ବର

**ଭୁବନେଶ୍ୱର, ୨୨।୩(ସମିସ):** ମାଓ ପ୍ରଭାବିତ ରାଜ୍ୟକୁ ନେଇ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ଏକ ବର୍ଗୀକରଣ ତାଲିକା ପ୍ରକାଶ ପାଇଛି। ଦେଶର ୩୮ଟି ଜିଲ୍ଲା ଏବଂ ୮ଟି ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ଥିବା ରିପୋର୍ଟରେ ଦର୍ଶାଯାଇଛି। ସର୍ବାଧିକ ମାଓପ୍ରବଣ ରାଜ୍ୟ ତାଲିକାରେ ଆନ୍ଧ୍ରପ୍ରଦେଶ ପ୍ରଥମ ସ୍ଥାନରେ ରହିଥିବାବେଳେ ଓଡ଼ିଶା ୭ ନମ୍ବର ସ୍ଥାନରେ ରହିଛି।

ରିପୋର୍ଟ ଅନୁସାରେ, ଆନ୍ଧ୍ର ପ୍ରଦେଶର ଆଲୁରୀ ସୀତାରାମରାଜୁ ଜିଲ୍ଲାରେ ମାଓ କାର୍ଯ୍ୟକଳାପ ଦେଖିବାକୁ ମିଳିଛି। ଆନ୍ଧ୍ରପ୍ରଦେଶରେ ଗୋଟିଏ ଜିଲ୍ଲା, ଛତିଶଗଡ଼ରେ ୧୫ ଜିଲ୍ଲା, ଝାଡ଼ଖଣ୍ଡରେ ୫ ଜିଲ୍ଲା, କେରଳର ୨ଟି ଜିଲ୍ଲା, ମଧ୍ୟ ପ୍ରଦେଶର ୩ଟି ଜିଲ୍ଲା, ମହାରାଷ୍ଟ୍ରର ୨ଟି ଜିଲ୍ଲା ଏବଂ ଓଡ଼ିଶାରେ କଳାହାଣ୍ଡି, କନ୍ଧମାଳ, ବଲାଙ୍ଗିର, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଏବଂ ରାୟଗଡ଼ା ଜିଲ୍ଲାରେ ମାଓବାଦୀ ସକ୍ରିୟ ଅଛନ୍ତି। ସବୁ ଦିଗକୁ ଦେଖିବାକୁ ଗଲେ ଓଡ଼ିଶାରେ ମାଓ କାର୍ଯ୍ୟକଳାପ ଏତେଟା ଦେଖିବାକୁ ମିଳୁନି। ଓଡ଼ିଶା ପୁଲିସର କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଭୟ କରୁଛନ୍ତି। ପୁଲିସ ଭ୍ୟାନ୍ ଯାଇପାରୁ ନ ଥିବା ଅଞ୍ଚଳରେ ମାଓଦମନ ପାଇଁ ପୁଲିସକୁ ବାଇକ୍ ପାଟ୍ରୋଲିଂ କରିବାକୁ ଦିଆଯାଇଛି। ଆହୁରି ମଧ୍ୟ ସ୍ଥାନୀୟ ଲୋକଙ୍କୁ ମାଓବାଦୀମାନେ ସାମିଲ୍ କରିବାକୁ ଚେଷ୍ଟା କଲେ ମଧ୍ୟ ସେମାନେ ସାଥ୍ ଦେଉନାହାନ୍ତି। ଯେଉଁଥିପାଇଁ ମାଓବାଦୀଙ୍କ ଗଡ଼ ଭାଙ୍ଗିବାକୁ ଓଡ଼ିଶା ପୁଲିସ ସଫଳ ହୋଇଛି। ଯେଉଁଠି ଦିନେ ସୁରକ୍ଷାକର୍ମୀ ପଶି ପାରୁନଥିଲା ସେଠାରେ ଏବେ ତ୍ରିରଙ୍ଗା ଉଡୁଛି। ସ୍ଥାନୀୟ ଲୋକେ ବିନା ମାଓବାଦୀଙ୍କ ଭୟରେ ଖୁଲମଖୁଲା ଯାତାୟତ କରୁଛନ୍ତି। ଯେଉଁଥି ପାଇଁ ସୁରକ୍ଷାକର୍ମୀଙ୍କ ଉପରେ ଲୋକଙ୍କ ଭରସା ଅତୁଟ ରହିଛି। ସେମାନେ ମାଓବାଦୀଙ୍କୁ ଦମନ କରିବାରେ ପୁଲିସକୁ ସହଯୋଗ କରୁଛନ୍ତି।

ଏଥିସହିତ ରାଜ୍ୟ ସରକାରଙ୍କ ସ୍କିମ୍ ଏବଂ ସୁରକ୍ଷାକର୍ମୀଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ମାଓ କାର୍ଯ୍ୟକଳାପ ହ୍ରାସ ପାଇଛି। ସରକାରଙ୍କ "ଘର ୱାପସୀ' ସ୍କିମ୍ ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରୁଛି। ସେମାନେ ବନ୍ଧୁକ ଛାଡ଼ି ବିଭିନ୍ନ ପ୍ରକାର ହସ୍ତଶିଳ୍ପ ଏବଂ ଅନ୍ୟାନ୍ୟ ଧନ୍ଦାମୂଳକ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ତେଣୁ ଚଳିତ ବର୍ଷ ସର୍ବାଧିକ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି।

## ଶିମିଳିପାଳରେ ପୁଣି ୧୦କୋଟିର ଅଫିମ ଗଛ ନଷ୍ଟ



**ବାରିପଦା, ୨୨।୩ (ସମିସ):** ଶୁକ୍ରବାର ପୁଣି ଶିମିଳିପାଳ ଅଭୟାରଣ୍ୟରୁ ୧୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ଅଫିମ ଗଛକୁ ଅବକାରୀ ବିଭାଗ ନଷ୍ଟ କରିଛି। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଓ ବନ ବିଭାଗର ଏକ ମିଳିତ ଟିମ୍ ଶିମିଳିପାଳର ସାରୁଦା ଗ୍ରାମର କୋର୍ ଅଞ୍ଚଳରେ ଚଢ଼ଉ କରିଥିଲେ। ରାଇରଙ୍ଗପୁର ଅବକାରୀ ଉପ-ଅଧୀକ୍ଷକ ସୌମ୍ୟରଞ୍ଜନ ବେହେରା, ବାରିପଦା ଉପ-ଅଧୀକ୍ଷକ ତପସ୍ୱିନୀ ନାଏକ, ମୋବାଇଲ ଇନ୍ସପେକ୍ଟର ଶ୍ରୀଧର ମହାନ୍ତି, କରଞ୍ଜିଆ ରେଞ୍ଜ ଅଧିକାରୀ ଭକ୍ତବତ୍ସଳ ବର୍ମା, ରାଇରଙ୍ଗପୁର ରେଞ୍ଜ ଇନ୍ସପେକ୍ଟର୍ ବିନୟ ତିର୍କୀ ଓ ବନବିଭାଗର ଅଧିକାରୀ ଓ କର୍ମଚାରୀ ମୋଟ୍ ୮୭କର୍ମଚାରୀ ଚଢ଼ଉରେ ସାମିଲ ଥିଲେ। କରଞ୍ଜିଆ ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀଙ୍କ ଉପସ୍ଥିତିରେ ପ୍ରାୟ ୧୫ଏକର ଜମିରେ ହୋଇଥିବା ୫ଲକ୍ଷ ୨୫ହଜାରରୁ ଊର୍ଦ୍ଧ୍ୱ ଅଫିମ(ପପି) ଗଛକୁ ନଷ୍ଟ କରିଥିଲେ। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୦ କୋଟି ୫୦ ଲକ୍ଷ ହେବ ବୋଲି ମୟୂରଭଞ୍ଜ ଅବକରୀ ଅଧୀକ୍ଷକ ପ୍ରଶାନ୍ତ କହଁର ସୂଚନା ଦେଇଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

## ବଢ଼ିଲା ତାପମାତ୍ରା, ଆହୁରି ବଢ଼ିବ

**ଭୁବନେଶ୍ୱର, ୨୨।୩(ସମିସ):** ଦୁଇ ଦିନର ବର୍ଷା ପରେ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିଛି ଓ ପୁଣି ଥରେ ତାପମାତ୍ରା ଉପର ମୁହାଁ ହୋଇଛି। ଶୁକ୍ରବାର ରାଜ୍ୟର ଅଧିକାଂଶ ସ୍ଥାନରେ ଟାଣ ଖରା ଅନୁଭୂତ ହେବା ସହ ଏକାଧିକ ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ଅତିକ୍ରମ କରିଛି। ୩୭ ଡିଗ୍ରୀ ସହ ମାଲକାନଗିରି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ୫ଟି ସହରରେ ତାପମାତ୍ରା ୩୫ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ଅନ୍ୟପଟେ ୫ ଦିନ ମଧ୍ୟରେ ଏହି ଧାରା ଜାରି ରହିବା ସହ ଆଗକୁ ଆହୁରି ତାପମାତ୍ରା ବୃଦ୍ଧି ପାଇବ। ଆସନ୍ତା ୫ ଦିନ ମଧ୍ୟରେ ଦିନର ତାପମାତ୍ରା ୩-୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେବା ସହ ରାତିର ତାପମାତ୍ରା ୨-୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଅପରପକ୍ଷରେ ୨୫ ତାରିଖରେ ରାଜ୍ୟର କିଛି ଜିଲ୍ଲାରେ ହାଲୁକା ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲାର କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଛାତ ଉପରେ ବଗିଚା | କମିବ ତାପମାତ୍ରା, ମିଳିବ ସବୁଜ ପନିପରିବା

**ଭୁବନେଶ୍ୱର, ୨୨।୩(ସମିସ):** ସହରର ତାପମାତ୍ରା ଦିନକୁ ଦିନ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବଜାରରେ ମିଳୁଥିବା ପନିପରିବାରେ କୀଟନାଶକର ବହୁଳ ବ୍ୟବହାର ହେଉଛି। ଏସବୁ ଜଟିଳ ସମସ୍ୟା ଯୋଗୁଁ ସହରୀ ଜୀବନ ଆଉ ସ୍ୱାସ୍ଥ୍ୟକର ହୋଇନାହିଁ। ତେଣୁ ସହରରେ ରହୁଥିବା ଲୋକମାନେ ଏବେ ସ୍ୱାସ୍ଥ୍ୟକର ଜୀବନ ଅନ୍ୱେଷଣରେ ଅଛନ୍ତି। ଘରର ତାପମାତ୍ରା କମାଇବା ପାଇଁ ହେଉ ଅବା ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ପାଇଁ ସମସ୍ତେ ଆଗଭର ହେଉଛନ୍ତି। କିଛି ଲୋକ ଛାତ ଉପରେ 'ରୁଫ୍ ଟପ୍ ଗାର୍ଡେନ'(ଛାତ ଉପରେ ବଗିଚା) କରି ପନିପରିବା, ଫୁଲ, ଫଳ ଆଦି ଚାଷ କରି ନିଜର ଆବଶ୍ୟକତା ପୂରଣ କରୁଛନ୍ତି। ଏହା ସ୍ୱାସ୍ଥ୍ୟକର ହୋଇଥିବାରୁ ସମସ୍ତଙ୍କର ଏଥିପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି। ଲୋକମାନଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି 'ରୁଫ୍ ଟପ୍ ଗାର୍ଡେନ'କୁ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର(ସିଏଚ୍‌ଇଏସ୍) ଆଗେଇ ଆସିଛି।

ସିଏଚ୍‌ଇଏସ୍ ପକ୍ଷରୁ ଭୁବନେଶ୍ୱର, କଟକ, ସମ୍ବଲପୁର, ଜୟପୁର, ବ୍ରହ୍ମପୁର ଆଦି ସହରରେ ରୁଫ୍ ଟପ୍ ଗାର୍ଡେନ କରିବାକୁ ଆଗ୍ରହୀ ଅନୁଷ୍ଠାନ ଓ ଘର ମାଲିକମାନଙ୍କୁ ବୈଷୟିକ ସହାୟତା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରଥମ କରି ଏହି ସବୁ ସହରମାନଙ୍କରେ ଶହେ ଲେଖାଁଏ ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ ଏହି ସହାୟତା ଯୋଗାଇ ଦିଆଯିବ। ଫଳରେ 'ରୁଫ୍ ଟପ୍ ଗାର୍ଡେନ' ସଂଖ୍ୟାରେ ବୃଦ୍ଧି ଘଟିବ। ଏହାଦ୍ୱାରା ଲୋକମାନେ ନିଜ ଅବ୍ୟବହୃତ ଛାତକୁ ବ୍ୟବହାର କରି ନିଜ ଘରର ତାପମାତ୍ରା ହ୍ରାସ କରିପାରିବେ ଓ ସ୍ୱାସ୍ଥ୍ୟକର ପନିପରିବା ଖାଇପାରିବେ। ଓଡ଼ିଶାରେ ପ୍ରଥମଥର ପାଇଁ ସିଏଚ୍‌ଇଏସ୍ ପକ୍ଷରୁ ଏହି ଅଭିନବ ଯୋଜନା ଆରମ୍ଭ କରାଯାଉଛି।




**ବୈଷୟିକ ସହାୟତା ଯୋଗାଇଦେବ ସିଏଚ୍‌ଇଏସ୍**

**୫ଟି ସହରରେ ଶହେ ଲେଖାଏଁ ଅନୁଷ୍ଠାନ, ବ୍ୟକ୍ତିଙ୍କୁ ସହାୟତା**

ସୂଚନା ଅନୁସାରେ, ଏହି 'ରୁଫ୍ ଟପ୍ ଗାର୍ଡେନ' କରିବା ପାଇଁ ଆବଶ୍ୟକ ଉଦ୍ଭିଦ ଚୟନ, ମୃତ୍ତିକା ସଂରକ୍ଷଣ, ମାଟି ପରୀକ୍ଷଣ, ଆବଶ୍ୟକୀୟ ସାର, ଛାତ ଉପରି ଭାଗରେ କରାଯାଉଥିବା ନିର୍ମାଣ କାମ ଓ ଏହାର ଲାଳନପାଳନ ସମ୍ବନ୍ଧୀୟ ସବିଶେଷ ପରାମର୍ଶ ସିଏଚ୍‌ଇଏସ୍ ପକ୍ଷରୁ ଯୋଗାଇ ଦିଆଯିବ। ଲୋକମାନେ ସଠିକ ଉପାୟରେ ଚାଷୀ କରି ଉପଯୁକ୍ତ ସମୟରେ ଉତ୍ପାଦନ କରିପାରିବେ। ଯାହାଦ୍ୱାରା ସହରୀ ଲୋକଙ୍କ ଆବଶ୍ୟକତା ମେଣ୍ଟିବା ସହ ଜୈବ ବିବିଧତା କ୍ଷେତ୍ରରେ ଓଡ଼ିଶା ଅଗ୍ରଗତି କରିବ। ଲୋକମାନଙ୍କ ଅବ୍ୟବହୃତ ସ୍ଥାନ ବ୍ୟବହାର ଆସିପାରିବ ଓ ସେମାନେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇପାରିବେ ବୋଲି ସିଏଚ୍‌ଇଏସ୍‌ର ମୁଖ୍ୟ ବୈଜ୍ଞାନିକ ପି. ଶ୍ରୀନିବାସ କହିଛନ୍ତି।

ପଳାସୁଣୀସ୍ଥିତ ମଳୟ ବିହାର ଅଞ୍ଚଳରେ ରୁଫ୍ ଟପ୍ ଗାର୍ଡେନ କରିଥିବା ନୀଳାମ୍ବର ପାତ୍ର କହିଛନ୍ତି, ସେ ଦୀର୍ଘ ୨୦ବର୍ଷ ଧରି ବଜାରରୁ ପରିବା କିଣିନାହାନ୍ତି। ତାଙ୍କ ଛାତ ଉପରେ ବାଇଗଣ, କାକୁଡ଼ି, ଲଙ୍କା, ପୋଟଳ, କଲରା, ଭେଣ୍ଡି, ଟମାଟୋ, କଞ୍ଚାଲଙ୍କା, କଖାରୁ ଆଦି ଚାଷ କରୁଛନ୍ତି। ସେ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର ହୋଇଥିବାରୁ ନିଜସ୍ୱ ବୁଦ୍ଧିରେ ସେ ଛାତ ଉପରେ ସ୍ଥାୟୀ ଭାବେ ରୁଫ୍‌ଟପ୍ ଗାର୍ଡେନ ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି। ଏହି ଚାଷରେ ସେ ଆଦୌ କୌଣସି କୀଟନାଶକ ବ୍ୟବହାର କରୁନଥିବାବେଳେ ପରିବା ଚୋପା, ଖତ ଆଦି ବ୍ୟବହାର କରି ଉତ୍କୃଷ୍ଟ ଫସଲ ଫଳାଇ ପାରୁଛନ୍ତି। କେବଳ ଏତିକି ନୁହେଁ; ତାଙ୍କ ଦୁଇ ମହଲା ବିଶିଷ୍ଟ ଘର ମାତ୍ର ୧୨ଶହ ବର୍ଗଫୁଟ୍‌ର। ଦ୍ୱିତୀୟ ମହଲା ଥିବାରୁ ପ୍ରଥମ ମହଲା ସବୁବେଳେ ଥଣ୍ଡା ରହିଥାଏ। ଦ୍ୱିତୀୟ ମହଲାରେ ଭୀଷଣ ରୌଦ୍ରତାପ ଅନୁଭୂତ ହେଉଥିଲା। ହେଲେ ରୁଫ୍‌ଟପ୍ ଗାର୍ଡେନ କରିବା ଯୋଗୁଁ ସବୁବେଳେ ଗଛ ପତ୍ରରେ ଛାତ ଢାଙ୍କି ହୋଇ ରହୁଛି। ଫଳରେ ତାପମାତ୍ରା ହ୍ରାସ ପାଇଥିବା ସେ କହିଛନ୍ତି।

## ଲୋକକଥା



କେଜ୍ରିୱାଲ ତ ଗିରଫ ହୋଇଲେ
ମୁଖ୍ୟମନ୍ତ୍ରୀ ପଦେ ଥାଇ,
ଏଭଳି ଘଟଣା ଆଜିଯାଏ କାହିଁ
ଦେଶ ଇତିହାସେ ନାହିଁ!
ବାଜନୀତି କି କରଇ,
ରାଜନୀତି ସ୍ଥିତି ବେଳକୁ ବେଳକୁ
କ୍ଷମତା ଘାଣ୍ଟେ ଗୋଳେଇ!!

## ଭଣ୍ଡ ତାନ୍ତ୍ରିକର ଜାଲରେ ଫସିଲେ ଦମ୍ପତି

# ସୁନା-ରୁପା ଲୁଟିନେଇ ସାପ ଧରାଇଦେଲା

**ଉମରକୋଟ, ୨୨।୩ (ସମିସ):** ଜଣେ ଭଣ୍ଡ ତାନ୍ତ୍ରିକର ଜାଲରେ ଫସି ଦମ୍ପତି ଲୁଟ୍‌ର ଶିକାର ହୋଇଛନ୍ତି। ଦମ୍ପତିଙ୍କଠାରୁ ସୁନା-ରୁପା ଅଳଙ୍କାର ଲୁଟି ନେଇ ଠକ ତାନ୍ତ୍ରିକ ତାଙ୍କୁ ଏକ ବିଷଧର ସାପ ଓ କିଛି ଗୋଡ଼ି, ଧଳାଚୁଡ଼ି ଧରାଇ ଦେଇଛି। ଏଭଳି ଏକ ଆପରାଧିକ ତଥା ରୋଚକ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ। ସହରର ଡିଏନ୍‌କେଠାରେ ରହୁଥିବା ପ୍ରଭାକର ମଲ୍ଲିକ ଓ ତାଙ୍କ ପତ୍ନୀ ଆଶା ମଲ୍ଲିକ ଏହି ଠକେଇର ଶିକାର ହୋଇଛନ୍ତି। ଏ ସଂପର୍କରେ ସେମାନେ ଉମରକୋଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି।



ସୂଚନାନୁଯାୟୀ, ରବିବାର ଜଣେ ବ୍ୟକ୍ତି ପ୍ରଭାକରଙ୍କ ଘରକୁ ଆସି ନିଜକୁ ତାନ୍ତ୍ରିକ ଓ ବାସ୍ତୁଶାସ୍ତ୍ରବିତ୍ ବୋଲି ପରିଚୟ ଦେଇଥିଲେ ଏବଂ ତାଙ୍କ ଘରେ କିଛି ବାସ୍ତୁଜନିତ କିଛି ଅସୁବିଧା ଅଛି ବୋଲି କହିଥିଲେ। ଆଗପଛ ବିଚାର ନ କରି ପ୍ରଭାକର ତା' କଥାରେ ଭଳି ଯାଇଥିଲେ। କହିଥିଲେ, ଯେତେ ଅର୍ଜନ କଲେ ବି ନିଅଣ୍ଟ ହେଉଛି, ତେଣୁ ଏହାର କିଛି ଉପାୟ ବାହାର କରିବାକୁ ସେ ଉକ୍ତ ତାନ୍ତ୍ରିକଙ୍କୁ ଅନୁରୋଧ କରିଥିଲେ। ଏହାର ସୁଯୋଗ ନେଇ ଭଣ୍ଡ ତାଙ୍କୁ ଠକିବାକୁ ଯୋଜନା କରିଥିଲା। ପ୍ରଭାକର ଓ ଆଶାଙ୍କ ବୟସ ମିଶାଇ ଠକ ଦୁହିଁଙ୍କୁ ୭୩ ଗ୍ରାମ୍ ତମ୍ବା, ୭୩ ଗ୍ରାମ୍ ରୁପା ଓ ୭୩ ଗ୍ରାମ୍ ଓଜନର ସୁନା ମାଗିଥିଲା। ସେହି ସୁନା, ରୁପା ଓ ତମ୍ବାକୁ ଗୋଟିଏ ଷ୍ଟିଲ୍ ହାଣ୍ଡି ଭିତରେ ରଖି ସେଥିରେ ପାଣି ଭର୍ତ୍ତି କରିଥିଲା। ସେ ପାଣିରେ ଗାଧୋଇଲେ ସବୁ ଦୋଷ କଟିଯିବ ବୋଲି କହିଥିଲା। ତାନ୍ତ୍ରିକର କହିବା ମୁତାବକ ମଲ୍ଲିକ ଦମ୍ପତି ଚାରିଦିନ ଧରି ସେ ପାଣିରେ ଗାଧୋଇଥିଲେ। ଉକ୍ତ ଚାରିଦିନ ଧରି ତାନ୍ତ୍ରିକଜଣକ ତାଙ୍କ ଘରକୁ ଲଗାତାର ଆସିବା ପରେ ଗୁରୁବାର ଏକ ପୂଜା କରିବାକୁ କହିଥିଲା। ସେ ପୂଜା କରିସାରିବା ପରେ ସେ ହାଣ୍ଡିକୁ ୨୭ଟି ଗଣ୍ଠି ପକାଇ ଦେଇଥିଲା। ତାକୁ ଶନିବାର ଦିନ ଯାଏଁ ଖୋଲିବାକୁ ବାରଣ କରିଥିଲା। ଗୁରୁବାର ରାତିରେ ପୂଜା ସାରିବା ପରେ ପ୍ରଭାକର ତା' ପାଉଣା ଦେବା ସହ ତାକୁ ନେଇ ବସଷ୍ଟାଣ୍ଡରେ ଛାଡ଼ି ଦେଇଥିଲେ। ତେବେ ତା' ହାବଭାବ ଉପରେ ସନ୍ଦେହ ହେବାରୁ ପ୍ରଭାକର ଫୋନ୍ କରି ଆଶାଙ୍କୁ ସେ ହାଣ୍ଡିରେ ସୁନା-ରୁପା ଅଛି କି ନାହିଁ, ଦେଖିବାକୁ କହିଥିଲେ। ଆଶା ୨୭ଟି ଗଣ୍ଠି ଫିଟାଇ ହାଣ୍ଡି ଭିତରେ ହାତ ପୂରାଇ ଦେଖିବାରୁ ସେଥିରେ କିଛି ଗୋଡ଼ି, ୪୫ଟି ମୁଦ୍ରା, ତିନିଟି ଧଳାଚୁଡ଼ି ସହ ଏକ ବିଷଧର ଜିଅନ୍ତା ସାପ ବାହାରିଥିଲା। କିନ୍ତୁ ସୌଭାଗ୍ୟବଶତଃ ସେ ସାପଟି ଆଶାଙ୍କୁ କାମୁଡ଼ି ନଥିଲା। ପରେ କିଛି ଲୋକ ଆସି ସାପକୁ ଧରି ଅନ୍ୟତ୍ର ଛାଡ଼ି ଦେଇଥିଲେ। ଠକ ତାନ୍ତ୍ରିକଜଣକ କୌଶଳକ୍ରମେ ପ୍ରଭାକରଙ୍କ ଘରୁ ସମସ୍ତ ସୁନା ଓ ରୁପା ଲୁଟି ନେଇଥିଲା।

# ୭ ଦିନ ପାଇଁ ରିମାଣ୍ଡକୁ ଗଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୨୨ ।୩(ଏଜେନ୍ସି)

ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ପିଏମଏଲଏ କୋର୍ଟ ଶୁକ୍ରବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ୭ ଦିନ ପାଇଁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡିର)ର ରିମାଣ୍ଡକୁ ପଠାଇ ଦେଇଛନ୍ତି । ତେବେ ଇଡି ପକ୍ଷରୁ ୧୦ ଦିନ ପାଇଁ ରିମାଣ୍ଡ ଦାବି କରାଯାଇଥିଲା । ଏହା ପୂର୍ବରୁ ରାଉଜ ଆଭିନ୍ୟୁ କୋର୍ଟରେ ୩ ଘଣ୍ଟା ପର୍ଯ୍ୟନ୍ତ ଶୁଣାଣି ହୋଇଥିଲା । ୨ଟା୧୫ରୁ ୩ଟା ୧୫ ଯାଏଁ ଉଭୟ ପକ୍ଷର ଓକିଲ ଯୁକ୍ତି ରଖିଥିଲେ । ଶୁଣାଣି ପରେ କୋର୍ଟ ରାୟକୁ ସଂରକ୍ଷିତ ରଖିଥିଲେ । ରାତି ୮ଟା୩୪ରେ ନିଷ୍ପତ୍ତି ଶୁଣାଇ ଥିଲେ । ଶୁଣାଣି ସମୟରେ ଇଡି ପକ୍ଷରୁ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ଏସ ରାଜୁ ଯୁକ୍ତି ରଖିଥିଲେ । ସେ ପ୍ରମାଣ ସହିତ କେଜ୍ରିୱାଲଙ୍କୁ ଦୁର୍ନୀତି ମାମଲାର ମାଷ୍ଟରମାଇଣ୍ଡ ଦର୍ଶାଇ ଥିଲେ । ସେ ଲାଞ୍ଚ ନେବା ପାଇଁ କିଛି ଲୋକଙ୍କୁ ଲାଭ ପହଞ୍ଚାଇ ଥିଲେ । ଦିଲ୍ଲୀ ମଦ ନୀତି ବନାଇବାରେ ତାଙ୍କର ସିଧାସଳଖ



ହାତ ଥିଲା ବୋଲି ଉଲ୍ଲେଖ କରିଥିଲେ । କେଜ୍ରିୱାଲଙ୍କ ସହିତ ସଞ୍ଜୟ ସିଂହ ଏବଂ ମନୀଷ ସିସୋଦିଆ ଏହି ଦୁର୍ନୀତିରେ ସାମିଲ ଥିଲେ । ପୂର୍ବରୁ ଉଭୟଙ୍କୁ ଗିରଫ କରାଯାଇଛି । ଏହି ଦୁର୍ନୀତିର ଟଙ୍କା ପ୍ରବାହକୁ ଆଦାୟ କରିବା ପାଇଁ ରିମାଣ୍ଡ ଆବଶ୍ୟକ ବୋଲି କହିଥିଲେ । ଏହି ଟଙ୍କା କାରବାରକୁ ନେଇ କିଛି ଚାଟ୍ ମିଳିଛି । ହାୱାଲା ମାଧ୍ୟମରେ ୪୫ କୋଟି ଟଙ୍କା ଗୋଆ ପଠା ଯାଇଥିବା ଜଣାପଡ଼ିଛି । ସେହିପରି ଅନେକ ଲୋକଙ୍କୁ ନଗଦ ଟଙ୍କା ମଧ୍ୟ ଦିଆଯାଇଛି । ତେବେ କେଜ୍ରିୱାଲଙ୍କ ଓକିଲ ଇଡି ରିମାଣ୍ଡକୁ ବିରୋଧ କରିଥିଲେ । ଯଦି ପ୍ରମାଣ ଅଛି ଗିରଫ ପାଇଁ ନିର୍ବାଚନ ପର୍ଯ୍ୟନ୍ତ କାହିଁକି ଅପେକ୍ଷା କରିଥିଲେ ବୋଲି ପ୍ରଶ୍ନ କରିଥିଲେ । ପୂର୍ବରୁ ହାଇକୋର୍ଟରେ କେଜ୍ରିୱାଲଙ୍କୁ ଅଭିଯୁକ୍ତ କୁହାଯାଇ ନ ଥିଲା । ବ୍ୟକ୍ତିଗତ ଭାବେ ତାଙ୍କୁ ନ ଥିବା ମଧ୍ୟ କୁହାଯାଇଥିଲା । ପୂର୍ବରୁ ଇଡି ଯାଞ୍ଚ କରୁଥିବା ପରି ଲାଗୁଥିଲା । କିନ୍ତୁ ଏହି ମାମଲାରେ ଏଜେନ୍ସି ବିଚାରପତି, ଜୁରି ଏବଂ ଘାତକ ପାଲଟି ଯାଇଛି । ଏ ପର୍ଯ୍ୟନ୍ତ ମାମଲାରେ କୌଣସି ପ୍ରମାଣ ମିଳିନାହିଁ । ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ଗିରଫକୁ ନେଇ ବିଭିନ୍ନ ରାଜ୍ୟରେ ଆପ୍ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

### ଇସିଙ୍କୁ ଭେଟିଲେ ବିରୋଧୀ ମେଣ୍ଟର ନେତା

କେଜ୍ରିୱାଲଙ୍କ ଗିରଫକୁ ବିରୋଧ କରି ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ନେତା ଶୁକ୍ରବାର ନିର୍ବାଚନ କମିଶନ (ଇସି)ଙ୍କୁ ସାକ୍ଷାତ କରିଛନ୍ତି । ଲୋକସଭା ନିର୍ବାଚନ ମଧ୍ୟରେ ଦେଶରେ ବିରୋଧୀ ଦଳର ନେତାଙ୍କୁ ନିଶାଣ କରାଯାଉଥିବା ଅଭିଯୋଗ କରିଛନ୍ତି । କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ବିଳମ୍ବିତ ରାତିରେ କେଜ୍ରିୱାଲଙ୍କୁ ଗିରଫ କରାଯାଇଥିଲା । ଏ ବିଷୟରେ ଇସିଙ୍କ ସହ ବିସ୍ତୃତ ଚର୍ଚ୍ଚା କରାଯାଇଛି । ଏହା ମଧ୍ୟରେ କେଜ୍ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ବହିଷ୍କାର କରିବା ପାଇଁ ଦିଲ୍ଲୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି ।

## କେ କବିତାଙ୍କ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ, ୨୨ ।୩(ଏଜେନ୍ସି)

ଜାମିନ ଚାହୁଁଥିବା ବ୍ୟକ୍ତି ପ୍ରଥମେ ଟ୍ରାଏଲ କୋର୍ଟରେ ଆବେଦନ କରିବେ । ସିଧା ଉଚ୍ଚତମ ନ୍ୟାୟାଳୟ ପହଞ୍ଚି ଜାମିନ ପାଇଁ ଆବେଦନ କରିପାରିବେ ନାହିଁ । ଏଭଳି ମତ ଦେଇ ତେଲଙ୍ଗାନାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ ତଥା ଏମଏଲସି କେ କବିତାଙ୍କ ଜାମିନ ଆବେଦନକୁ ବିଚାରପତି ସଞ୍ଜୀବ ଖାନ୍ନା, ବେଲା ଏମ ତ୍ରିବେଦୀ ଏବଂ ଏମଏମ ସୁନ୍ଦରେଶଙ୍କ ସୁପ୍ରିମକୋର୍ଟ ଖଣ୍ଡପୀଠ ଖାରଜ କରିଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଜାମିନ ଚାହୁଁଥିବା ବ୍ୟକ୍ତି ରାଜନୀତି କ୍ଷେତ୍ରରେ ଅଛନ୍ତି ଓ ସିଧାସଳଖ ସୁପ୍ରିମକୋର୍ଟ ଆସିପାରୁଛନ୍ତି । ଏଥିପାଇଁ ତାଙ୍କ ଜାମିନ ଆବେଦନ ବିଚାରଯୋଗ୍ୟ ହେବ ଏହା ବ୍ୟବସ୍ଥାସଙ୍ଗତ ନୁହେଁ । ଜାମିନ ପାଇଁ ପ୍ରଥମେ ଟ୍ରାଏଲ କୋର୍ଟରେ ଆବେଦନ କରାଯିବ । ସେଠାରୁ ନିରାଶ ହେଲେ ଜଣେ ଉପର କୋର୍ଟକୁ ଆସିପାରିବେ । ସୂଚନାଯୋଗ୍ୟ ଯେ ଦିଲ୍ଲୀ ଅବକାରୀ ଦୁର୍ନୀତି ଓ ତତ୍ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ଇଡି କବିତାଙ୍କୁ ମାର୍ଚ୍ଚ ୧୫ରେ ହାଇଦରାବାଦରୁ ଗିରଫ କରିଥିଲା ।

## ଗିରଫ ପରେ ରେଡ୍ଡୀଙ୍କ କମ୍ପାନୀ ବିଜେପିକୁ ୩୦ କୋଟି ଦେଇଛି

ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି)

ଗୁରୁବାର ୨ଟି ବଡ଼ ଘଟଣା ଘଟିଥିଲା । ସନ୍ଧ୍ୟାରେ ନିର୍ବାଚନ କମିଶନ (ଇସି) ନିଜ ୱେବସାଇଟରେ ଇଲେକ୍ଟୋରାଲ ବଣ୍ଡର ସମ୍ପୂର୍ଣ୍ଣ ତଥ୍ୟ ସାର୍ବଜନୀନ କରିଥିଲେ । ଅନ୍ୟପଟେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଦ ନୀତି ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିଥିଲା । ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ପି ଶରଦ ଚନ୍ଦ୍ର ରେଡ୍ଡୀର କମ୍ପାନୀ ଅରବିନ୍ଦୋ ଫାର୍ମା ବିଜେପିକୁ ମୋଟ ୩୪ କୋଟିରୁ ଅଧିକ ଟଙ୍କାର ଚାନ୍ଦା ଦେଇଛି ବୋଲି ନିର୍ବାଚନୀ ବଣ୍ଡରୁ ଜଣାପଡ଼ିଛି । ଶରଦଙ୍କ ଗିରଫର ମାତ୍ର ୫ ଦିନ ପରେ ଏଥିରୁ ୫ କୋଟି ଟଙ୍କା ଦିଆଯାଇଥିଲା । ଏହାର ୬ ଦିନ ପରେ ଅର୍ଥାତ୍ ୨୦୨୨ ନଭେମ୍ବର ୨୧ରେ ବିଜେପି ଏହି ଟଙ୍କାକୁ ନଗଦ କରି ନେଇଥିଲା । ଏହାର ବର୍ଷକ ପରେ ୨୦୨୩ ନଭେମ୍ବରରେ ଅରବିନ୍ଦୋ ଫାର୍ମା କମ୍ପାନୀ ପୁଣିଥରେ ୨୫ କୋଟି ଟଙ୍କର ବଣ୍ଡ କ୍ରୟ କରିଥିଲା । କିଛି ଦିନ ପରେ ବିଜେପି ଏହି ଟଙ୍କାକୁ ମଧ୍ୟ ନଗଦରେ ବଦଳାଇ ଦେଇଥିଲା । ଅର୍ଥାତ୍ ଗିରଫ ପରେ ଶରଦଙ୍କ କମ୍ପାନୀ ବିଜେପିକୁ ମୋଟ ୩୦ କୋଟି ଟଙ୍କା ଚାନ୍ଦା ଦେଇଛି । ଏହା ମଧ୍ୟରେ ଶରଦ ଏହି ମାମଲାରେ ସରକାରୀ ସାକ୍ଷୀ ପାଲଟି ଯାଇଛନ୍ତି । ସେ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ବୟାନ ରେକର୍ଡ କରିଛନ୍ତି । କେଜ୍ରିୱାଲଙ୍କ ହେପାଜତର ଶୁଣାଣି ସମୟରେ ଇଡି ଓକିଲ ଏହି ସୂଚନା ଦେଇଛନ୍ତି । ଧାରା ୧୬୪ ଅନୁଯାୟୀ ବୟାନ ରେକର୍ଡ କରାଯାଇଥିବାରୁ ଏହାକୁ ଖାରଜ କରାଯାଇପାରିବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି ।

ରେଡ୍ଡୀଙ୍କ କମ୍ପାନୀ ୨୦୧୯ରୁ ୨୦୨୪ ମଧ୍ୟରେ ମୋଟ ୫୨ କୋଟି ଟଙ୍କାର ବଣ୍ଡ କିଣିଛି । ଏଥିରୁ ୩୪.୫ କୋଟିରୁ ଅଧିକ ଟଙ୍କା କେବଳ ବିଜେପିକୁ ଦିଆଯାଇଛି । ଏହା ବ୍ୟତୀତ ୧୫ କୋଟି ବିଆରଏସକୁ ଏବଂ ଟିଡିପିକୁ ୨.୫ କୋଟି ଟଙ୍କା ମିଳିଛି । ସୂଚନାଯୋଗ୍ୟ ଯେ ଦୁର୍ନୀତି ମାମଲାରେ ଇଡି ଶରଦ ଏବଂ କେ କବିତାଙ୍କୁ 'ସାଉଥ୍ ଗ୍ରୁପର' ସଦସ୍ୟ କହିଛି । ରେଡ୍ଡୀ ଲାଇସେନ୍ସ ପ୍ରକ୍ରିୟା ପାଇଁ ଲାଞ୍ଚ ନେଇଥିବା ଅଭିଯୋଗ ଲାଗିଛି । ଏମାନେ ଦିଲ୍ଲୀରେ ମଦ ନୀତିକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ କ୍ଷମତା ଚାହୁଁଥିଲେ । ଏହି ସାଉଥ ଗ୍ରୁପ ଦେଇଥିବା ଟଙ୍କାକୁ ଆପ୍ ଗୋଆ ନିର୍ବାଚନରେ ଲଗାଇ ଥିଲା । ଇଡି ଏହି ମାମଲାରେ ୨୦୨୨ ନଭେମ୍ବର ୧୦ରେ ଗିରଫ କରିଥିଲା ।

## ଜାଫନାର ତାମିଲ ଚାଷୀଙ୍କୁ ମିଳିଲା ୨୩୪ ଏକର ଜମି

କଲମ୍ବୋ, ୨୨।୩ (ଏଜେନ୍ସି): ଶ୍ରୀଲଙ୍କାର ତାମିଲ ବହୁଳ କ୍ଷେତ୍ର ଜାଫନା କୃଷକଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ଏହି ଚାଷୀଙ୍କ ଦୀର୍ଘଦିନର ଦାବିକୁ ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ ପୂରଣ କରିଛନ୍ତି । ସେ ଜାଫନା ଚାଷୀଙ୍କ ପାଇଁ ପାଞ୍ଚ ଗ୍ରାମ ନିଲାଧାରୀ ଡିଭିଜନରୁ ୨୩୪ ଏକର ଜମି ଜାରି କରିଛନ୍ତି । ଏହି ଜମି ପୂର୍ବରୁ ଜାଫନା ସୁରକ୍ଷା ବାହିନୀ ମୁଖ୍ୟାଳୟ ଅଧୀନରେ ଥିଲା । ଶ୍ରୀଲଙ୍କାର ରାଷ୍ଟ୍ରୀୟ କାର୍ଯ୍ୟକ୍ରମ 'ଉରମାୟା' ଅଧୀନରେ ଚାଷୀଙ୍କୁ ଏହି ଜମି ମାଗଣାରେ ଦିଆଯାଇଛି । ଏହି ଯୋଜନା ଅଧୀନରେ ପ୍ରାୟ ୨୦ ଲକ୍ଷ ଲୋକଙ୍କୁ ଜମି ମାଲିକାନା ହକ୍ ପ୍ରଦାନ କରାଯାଇଛି ।

## ଡଙ୍ଗା ଓଲଟି ୭୦ ରୋହିଙ୍ଗ୍ୟା ମୃତ



ଜାକାର୍ତ୍ତା, ୨୨।୩ (ଏଜେନ୍ସି): ଇଣ୍ଡୋନେସିଆର ଆଚେ ପ୍ରଦେଶ ଉପକୂଳରୁ ରୋହିଙ୍ଗ୍ୟା ମୁସଲମାନଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ସମୁଦ୍ରରେ ଓଲଟି ଯାଇଛି । ଏହି ଦୁର୍ଘଟଣାରେ ୭୦ ରୋହିଙ୍ଗ୍ୟାଙ୍କ ମୃତ୍ୟୁ ହୋଇଛି । ୫ରୁ ଅଧିକ ନିଖୋଜ ଅଛନ୍ତି । ୭୫ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଏମାନଙ୍କୁ ପଶ୍ଚିମ ଆଚେର ରେଡକ୍ରସ ଭବନରେ ରଖାଯାଇଛି । ଜାତିସଂଘ ମାନବାଧିକାର ସଂସ୍ଥା ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି । ଏନଏଚସିଆରର ଏସିଆ ପ୍ରବକ୍ତା ବାବର ବଲୁଚ କହିଛନ୍ତି ଯେ ଏହି ଡଙ୍ଗାରେ ୧୫୧ ଲୋକ ଯାତ୍ରା କରୁଥିଲେ ।

## ନିର୍ବାଚନ ଲଢ଼ିବେନି ଖଡ୍‌ଗେ !



ନୂଆଦିଲ୍ଲୀ, ୨୨ ।୩(ଏଜେନ୍ସି): କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ସୂଚନା ମିଳିଛି । କର୍ଣ୍ଣାଟକର ଗୁଲବର୍ଗା ହେଉଛି ଖଡେଗେଙ୍କ ନିଜ ସହର । ଏଥର ଖଡଗେଙ୍କ ଜ୍ୱାଇଁ ରାଧାକ୍ରିଷ୍ଣା ଡୋଡାମଣିଙ୍କୁ କଂଗ୍ରେସ ଗୁଲବର୍ଗା ଆସନରେ ପ୍ରାର୍ଥୀ କରିଛି । ଡୋଡାମଣି ଜଣେ ବଡ଼ ବ୍ୟବସାୟୀ । ସେ ଅନେକ ଶିକ୍ଷାନୁଷ୍ଠାନ ଗଢ଼ି ସେଗୁଡ଼ିକୁ ଚଳାଉଛନ୍ତି । କଂଗ୍ରେସର ସଭାପତି ଭାବେ ଖଡଗେ ବ୍ୟସ୍ତ ଅଛନ୍ତି । ପୁଣି ଇଣ୍ଡିଆ ମେଣ୍ଟ ଅଂଶୀଦାର ଦଳଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଦାୟିତ୍ୱ ମଧ୍ୟ ତାଙ୍କୁ ତୁଲାଇବାକୁ ପଡୁଛି । ସେ ଏବେ ରାଜ୍ୟସଭା ସାଂସଦ ଅଛନ୍ତି ଓ ତାଙ୍କ କାର୍ଯ୍ୟକାଳ ସରିନାହିଁ । ତେଣୁ ଖଡଗେ ଏଥର ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି କୁହାଯାଉଛି । ଖଡେଗେ ଗୁଲବର୍ଗା ଲୋକସଭା ନିର୍ବାଚନମଣ୍ଡଳୀରୁ ୨୦୦୯ ଓ ୨୦୧୪ରେ ସଂସଦକୁ ନିର୍ବାଚିତ ହୋଇଥିଲେ କିନ୍ତୁ ୨୦୧୯ରେ ସେ ବିଜେପି ପ୍ରାର୍ଥୀ ଉମେଶ ଯାଦବଙ୍କଠାରୁ ହାରିଥିଲେ ।

### ପୁନଃ ବ୍ୟବହାରକ୍ଷମ ରକେଟ୍‌କୁ ମିଳିଲା ସଫଳତା

## 'ପୁଷ୍ପକ'ର ତୃତୀୟ ପରୀକ୍ଷଣ ସଫଳ

ନୂଆଦିଲ୍ଲୀ, ୨୨ ।୩(ଏଜେନ୍ସି)

କର୍ଣ୍ଣାଟକର ଛାଲ୍ଲାକିରିଠାରେ ଥିବା ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ)ର ଏରୋନଟିକାଲ୍ ଟେଷ୍ଟ ରେଞ୍ଜ(ଏଟିଆର)ରେ ଆଜି ପୁନଃବ୍ୟବହାରକ୍ଷମ ଲଞ୍ଚ୍ ଭେଇକିଲ୍ (ଆରଏଲଭି) 'ପୁଷ୍ପକ'ର ଅବତରଣ ବା ଲ୍ୟାଣ୍ଡିଂ ମିଶନ ସଫଳ ହୋଇଛି । ପୁଷ୍ପକ ରକେଟ୍ ଆଜି ସକାଳ ୭ଟାରେ ଛାଲ୍ଲାକିରି ରନୱେରୁ ଲଞ୍ଚ କରାଯାଇଥିଲା ଓ ଏହା ସଫଳତାର ସହ ଅବତରଣ କରିଛି । ଏହା ଆରଏଲଭିର ତୃତୀୟ ଲ୍ୟାଣ୍ଡିଂ ମିଶନ୍ । ଏହା ପୂର୍ବରୁ ୨୦୧୬ ଓ ୨୦୨୩ ଏପ୍ରିଲରେ ହୋଇଥିବା ପରୀକ୍ଷଣ ମଧ୍ୟ ସଫଳ ହୋଇଥିଲା । ପୁଷ୍ପକକୁ ଭାରତୀୟ ବାୟୁସେନାର ଏକ ହେଲିକପ୍ଟରରେ ଆକାଶରେ ୪.୫ କିଲୋମିଟର ଉଚ୍ଚତାକୁ ନିଆଯାଇ ତଳକୁ ଖସାଇ ଦିଆଯାଇଥିଲା । ରକେଟ୍ ପୁନଃବ୍ୟବହାରକ୍ଷମ ହେଲେ ମହାକାଶ ଅଭିଯାନର ଖର୍ଚ୍ଚ ହ୍ରାସ ପାଇବ । ଇସ୍ରୋ ଅଧ୍ୟକ୍ଷ ଏସ ସୋମନାଥ କହିଛନ୍ତି, ଭବିଷ୍ୟତକୁ ଦୃଷ୍ଟିରେ ରଖି ଭାରତ ଏହି ପୁନଃବ୍ୟବହାରକ୍ଷମ ଲଞ୍ଚ ଭେଇକିଲ୍ ନିର୍ମାଣ କରିଛି । ଲଞ୍ଚ ଭେଇକିଲର ଅପର ଷ୍ଟେଜରେ ଅତି ମୂଲ୍ୟବାନ ଇଲେକଟ୍ରୋନିକ୍ସ



ରହିଥାଏ । ପୁନଃବ୍ୟବହାରକ୍ଷମ ଭେଇକିଲ୍ ସେସବୁ ମୂଲ୍ୟବାନ ଇଲେକଟ୍ରୋନିକ୍ସକୁ ନିରାପଦରେ ତଥା ସୁରକ୍ଷିତ ଭାବେ ମହାକାଶରୁ ଭୂପୃଷ୍ଠକୁ ଫେରାଇ ଆଣିଥାଏ । ପୁନଃବ୍ୟବହାରକ୍ଷମ ଭେଇକିଲ ପୃଥିବୀର କକ୍ଷପଥରେ ସ୍ଥାପିତ କୌଣସି ଉପଗ୍ରହକୁ ରି-ଫୁଏଲିଂ କରିପାରିବ ଓ କକ୍ଷପଥରୁ ଟାଣିଆଣି ତାହାର ମରାମତି ଓ ଯନ୍ତ୍ରାଂଶ ଅଦଳବଦଳ ମଧ୍ୟ କରିପାରିବ । ପୁନଃ ବ୍ୟବହାରକ୍ଷମ ଭେଇକିଲ ଉପଯୋଗ କରାଗଲେ ବିଭିନ୍ନ ରକେଟ, ଅଚଳ ଉପଗ୍ରହ ଓ ନଷ୍ଟ ଉପଗ୍ରହର ଭଗ୍ନାଂଶସବୁର ଯେଉଁ ଆବର୍ଜନା ମହାକାଶରେ ଘୁରିବୁଲୁଛି ତାହା ହ୍ରାସ କରିହେବ ।

## ଦେଶର ଦୀର୍ଘତମ ପୋଲ ଭୁଶୁଡ଼ି ଜଣେ ମୃତ

ପାଟନା, ୨୨।୩ (ଏଜେନ୍ସି)

ବିହାର ସୁପୌଲର ବକୌର ଏବଂ ମଧୁବନ ଜିଲ୍ଲାର ଭେଜା ମଧ୍ୟରେ ନିର୍ମାଣାଧୀନ ଦେଶର ଦୀର୍ଘତମ ପୋଲର କିଛି ଅଂଶ ଶୁକ୍ରବାର ସକାଳେ ଭୁଶୁଡ଼ି ଯାଇଛି । ଏହି ଦୁର୍ଘଟଣାରେ ଶ୍ରମିକ ବିପିନ ଯାଦବ (୨୭) ଙ୍କ ମୃତ୍ୟୁ ହୋଇଛି । ୧୦ରୁ ଅଧିକ ଶ୍ରମିକ ମଧ୍ୟ ଆହତ ହୋଇଛନ୍ତି । ଏସ୍‌ଡିଆରଏଫ ଏବଂ ଏନ୍‌ଡିଆରଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା । ସୂଚନା ଅନୁଯାୟୀ କାଶୀ ନଦୀ ଉପରେ ୧୦.୨ କିମିର ଏହି ପୋଲ ନିର୍ମାଣ ଚାଲିଛି । ଏଥିରେ ୧୭୦ ସ୍ପେନ ରହିଛି । ଗୋଟିଏ ସ୍ପେନର ଲମ୍ବ ପ୍ରାୟ ୬୦ ମିଟର ରହିଛି । ମେସର୍ସ ଗ୍ୟାମନ ଇଞ୍ଜିନିୟର୍ସ ଆଣ୍ଡ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ ଏବଂ ମେସର୍ସ ଟ୍ରାନ୍ସରେଲ ଲାଇଟିଂ ଲିମିଟେଡ ଏହା ନିର୍ମାଣ କରୁଛନ୍ତି । ଟ୍ରେଲରରେ ରଖା ଯାଇଥିବା ସ୍ପେନ ଉଠାଇବା ସମୟରେ ପିନ୍ ଭାଙ୍ଗିଯିବାରୁ ଏହି ଦୁର୍ଘଟଣା ଘଟିଥିଲା ।

## ୨ଜି ମାମଲା: ସିବିଆଇ ଆବେଦନକୁ ଗ୍ରହଣ କଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୨୨ ।୩(ଏଜେନ୍ସି)

୨ଜି ସ୍ପେକ୍ଟ୍ରମ ଲାଇସେନ୍ସ ଆବଣ୍ଟନରେ ଦୁର୍ନୀତି ମାମଲାରେ ଅଭିଯୁକ୍ତ ଟେଲିକମ୍ ବିଭାଗ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଏ ରାଜା, ଡିଏମକେ ସାଂସଦ କାନିମୋଝି, ଟେଲିକମ୍ ବ୍ୟବସାୟରେ ଥିବା କେତେକ ଫାର୍ମ ଓ ଅନ୍ୟ କେତେଜଣ ସହଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି ସ୍ୱତନ୍ତ୍ର ସିବିଆଇ ଅଦାଲତ ୨୦୧୭ ଡିସେମ୍ବର ୨୧ରେ ଦେଇଥିବା ରାୟକୁ ଆଜି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଛି । ହାଇକୋର୍ଟ ସିବିଆଇର ଯାଚିକାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି । ହାଇକୋର୍ଟ ଜଜ୍ ଦୀନେଶ କୁମାର ଶର୍ମା କହିଛନ୍ତି, ୨ଜି ମାମଲା ସଂଲଗ୍ନ ଦଲିଲ, ସାକ୍ଷ୍ୟ ବିବରଣୀ ଓ ସ୍ୱତନ୍ତ୍ର ସିବିଆଇ ଅଦାଲତଙ୍କ ରାୟ ପାଠରୁ ମନେହେଉଛି ଯେ ସିବିଆଇର ଯାଚିକାରେ ଆପାତତଃ ପ୍ରମାଣଯୋଗ୍ୟ ତଥ୍ୟ ରହିଛି । ସିବିଆଇର ଯାଚିକାରେ ଦର୍ଶାଯାଇଛି ଯେ ୨ଜି ସ୍ପେକ୍ଟ୍ରମ ଲାଇସେନ୍ସ ଆବଣ୍ଟନରେ ଦୁର୍ନୀତି ହେବାରୁ ରାଜକୋଷକୁ ୩୦ହଜାର ୯୮୪ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା । ୨୦୧୨ ଫେବୃଆରୀ ୨ରେ ସୁପ୍ରିମକୋର୍ଟ ୨ଜି ସ୍ପେକ୍ଟ୍ରମ ଲାଇସେନ୍ସ ଆବଣ୍ଟନକୁ ବେଆଇନ ରାୟଦେଇ ରଦ୍ଦ କରିଥିଲେ ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭୁଟାନର ସର୍ବୋଚ୍ଚ ବେସାମରିକ ସମ୍ମାନ

ନୂଆଦିଲ୍ଲୀ, ୨୨ ।୩(ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ସକାଳେ ଦୁଇଦିନିଆ ଭୁଟାନ ଗସ୍ତରେ ବାହାରି ଗ୍ୟାଙ୍ଗଟକର ପାରୋ ବିମାନବନ୍ଦରରେ ପହଞ୍ଚିଛନ୍ତି । ସେଠାରେ ଭୁଟାନ ପ୍ରଧାନମନ୍ତ୍ରୀ ସେରିଂ ଟୋଗବି ମୋଦୀଙ୍କୁ ସ୍ୱାଗତ କରିଛନ୍ତି । ଏଠାରେ ମୋଦୀଙ୍କୁ 'ଗାର୍ଡ ଅଫ୍ ଅନର' ଦିଆଯାଇଛି । ପରେ ପାରମ୍ପରିକ ନୃତ୍ୟର ତାଳେ ତାଳେ ସ୍ୱାଗତ କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭୁଟାନର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡର ଅଫ୍ ଦି ଡ୍ରୁକ୍ ଗ୍ୟାଲପୋ' ପ୍ରଦାନପୂର୍ବକ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସମ୍ମାନ ପାଇବାରେ ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ପ୍ରଥମ ବିଦେଶୀ ରାଷ୍ଟ୍ରମୁଖ୍ୟ । ୨୦୨୧ ଡିସେମ୍ବର ୧୭ରେ ଭୁଟାନର ରାଜା ଜିଗମେ ଖେସାର ନାମଗେଲ ୱାଙ୍ଗଚୁକ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କ ସମଗ୍ର ଜୀବନର ସାଧନା ଓ ସଫଳତା ପାଇଁ ଏହି ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ ଦେବାକୁ ଘୋଷଣା କରିଥିଲେ । ଆଜି ପ୍ରଧାନମନ୍ତ୍ରୀ ମୋଦୀ ଭୁଟାନ ପହଞ୍ଚିବାରୁ ତାଙ୍କୁ ସେହି ସମ୍ମାନରେ ଭୂଷିତ କରାଯାଇଛି । ସେହି ସମ୍ମାନକୁ ମୋଦୀ ଭାରତବାସୀଙ୍କୁ ଉତ୍ସର୍ଗ କରିଛନ୍ତି । ଭୁଟାନ-ଭାରତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜବୁତ କରି ଭୁଟାନର ଆଞ୍ଚଳିକ ବିକାଶକୁ ତ୍ୱରାନ୍ୱିତ କରାଯିବା, ଭୁଟାନର ସଡ଼କ, ରେଳ, ବିମାନବନ୍ଦର ଆଦି ଭିତ୍ତିଭୂମି ସଂରଚନା ବିସ୍ତାର, ଡିଜିଟାଲ କନେକ୍ଟିଭିଟି, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସାଂସ୍କୃତିକ ବିଭବର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଆଦି କ୍ଷେତ୍ରରେ ଭାରତର ସହଯୋଗ ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ ଭୁଟାନର ରାଜା ୱାଙ୍ଗଚୁକ ଓ ପ୍ରଧାନମନ୍ତ୍ରୀ ଟୋଗବିଙ୍କ ସହ ଆଲୋଚନା କରିବେ । ଭୁଟାନର ପଞ୍ଚବାର୍ଷିକ ଯୋଜନାକୁ ଭାରତ ୫୦୦୦ କୋଟି ଟଙ୍କା ସହାୟତା ଆକାରରେ ଦେଇଥିବାରୁ ଭୁଟାନ ପ୍ରଧାନମନ୍ତ୍ରୀ



ଟୋଗବି ଭାରତ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଗତକାଲି ଭୁଟାନ ଗସ୍ତରେ ବାହାରିବା ପାଇଁ ସମୟ ସ୍ଥିର ହୋଇଥିଲା । କିନ୍ତୁ ହିମାଳୟ ଅଞ୍ଚଳରେ ପାଗ ଖରାପ ଥିବାରୁ ଗତକାଲି ଯାତ୍ରା ବାତିଲ ହୋଇଥିଲା ଓ ମୋଦୀ ଶୁକ୍ରବାର ସକାଳେ ଭୁଟାନକୁ ଯାତ୍ରାରମ୍ଭ କରିଥିଲେ ।

## ଟିଏମ୍‌ସିକୁ ୫୪୨ କୋଟି ଦେଇଛି ଫ୍ୟୁଚର ଗେମ୍ସ

ନୂଆଦିଲ୍ଲୀ, ୨୨ ।୩(ଏଜେନ୍ସି)

ସବୁଠାରୁ ଅଧିକ ୧୩୬୮ କୋଟି ଟଙ୍କାର ବଣ୍ଡ କିଣିଥିବା ଲଟେରୀ କମ୍ପାନୀ ଫ୍ୟୁଚର ଗେମସ ତୃଣମୂଳ କଂଗ୍ରେସକୁ ୫୪୨ କୋଟି ଟଙ୍କା ମୂଲ୍ୟର ବଣ୍ଡ ଦେଇଛି । ଏହି ଲଟେରୀ କମ୍ପାନୀ ତାମିଲନାଡୁ ଦଳ ଡିଏମକେକୁ ୫୦୩ କୋଟି, ଆନ୍ଧ୍ରର ୱାଇଏସଆର କଂଗ୍ରେସ ପାର୍ଟିକୁ ୧୫୪ କୋଟି ଟଙ୍କା ମୂଲ୍ୟର ବଣ୍ଡ ଦେଇଛି । ଲଟେରୀ କମ୍ପାନୀ ଆଞ୍ଚଳିକ ଦଳଙ୍କୁ ବେଶୀ ପରିମାଣର ବଣ୍ଡ ଦେଇଥିବା ବେଳେ ବିଜେପିକୁ ୧୦୦ କୋଟି ଓ କଂଗ୍ରେସକୁ ୫୦ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ ଦେଇଛି ।

ବିଜେପିକୁ ହାଇଦ୍ରାବାଦ କମ୍ପାନୀ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକଚର ୫୮୪କୋଟି ଟଙ୍କା, କ୍ୱିକ୍ ସପ୍ଲାଇ ଚେନ୍ ୩୭୫ କୋଟି ଟଙ୍କା, ବେଦାନ୍ତ ୨୩୦ କୋଟି ଟଙ୍କା, ଭାରତୀ ଏୟାରଟେଲ ୧୮୩କୋଟି ଟଙ୍କାର ନିର୍ବାଚନୀ ବଣ୍ଡ ଦେଇଥିବା ବେଳେ କଂଗ୍ରେସକୁ ବେଦାନ୍ତ ୧୨୫କୋଟି ଟଙ୍କା, ଏମକେଜେ ଏଣ୍ଟରପ୍ରାଇଜେସ ଓ ତା'ର ସିଷ୍ଟର କମ୍ପାନୀ ୧୨୦ କୋଟି ଟଙ୍କା, ମେଘା ଗ୍ରୁପର ଅଂଶ ୱେଷ୍ଟର୍ଣ୍ଣ ୟୁପି ପାୱାର ଟ୍ରାନ୍ସମିସନ୍ କମ୍ପାନୀ ୧୧୦ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ ଦେଇଛି । ବିଜେପିକୁ ୯ଟି ଭିନ୍ନ ଭିନ୍ନ କମ୍ପାନୀ/ଏଣ୍ଟିଟି ୧୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ନିର୍ବାଚନୀ ବଣ୍ଡ ଦେଇଥିବା ବେଳେ ୧୧ଟି କମ୍ପାନୀ/ଏଣ୍ଟିଟି ୫୦ରୁ ୧୦୦ କୋଟି ଟଙ୍କା ମୂଲ୍ୟର ବଣ୍ଡ ଦେଇଛନ୍ତି । କଂଗ୍ରେସକୁ ମାତ୍ର ୩ଟି କମ୍ପାନୀ/ଏଣ୍ଟିଟି ୧୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ବଣ୍ଡ ଓ ଆଉ ୩ କମ୍ପାନୀ/ଏଣ୍ଟିଟି ୫୦ରୁ ଅଧିକ କିନ୍ତୁ ୧୦୦ କୋଟି ଟଙ୍କାରୁ କମ ମୂଲ୍ୟର ବଣ୍ଡ ଦେଇଛନ୍ତି ।

### ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଗିରଫକୁ ନେଇ ଆନ୍ନାଙ୍କ ମନ୍ତବ୍ୟ

## 'କର୍ମଫଳ' ଭୋଗିଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୨୨ ।୩(ଏଜେନ୍ସି)

- ମଦକୁ ବିରୋଧ କରୁଥିଲେ; ମାତ୍ର ମଦ ନୀତି ବନାଇଲେ
- ମନା କରିବା ସତ୍ତ୍ୱେ ଜମାରୁ ଶୁଣି ନ ଥିଲେ ଅରବିନ୍ଦ
- ଭଲ କଥାକୁ ଧ୍ୟାନ ଦେଇ ନ ଥିଲେ ସିସୋଦିଆ, କେଜ୍ରିୱାଲ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଗିରଫକୁ ନେଇ ସମାଜସେବୀ ଆନ୍ନା ହଜାରେ ପ୍ରତିକ୍ରିୟା ଦେଇଛନ୍ତି । କେଜ୍ରିୱାଲ ତାଙ୍କ କର୍ମଫଳ ଭୋଗିଥିବା କହିଛନ୍ତି । କେଜ୍ରିୱାଲଙ୍କ ସ୍ଥିତିକୁ ଦେଖି ସେ ଜମାରୁ ଦୁଃଖିତ ନୁହଁନ୍ତି । ଅରବିନ୍ଦ ସେହି ବ୍ୟକ୍ତି ଯିଏ ଏକଦା ମଦ ବିରୋଧରେ ଆନ୍ଦୋଳନ କରୁଥିଲେ । ମୋର ଆହ୍ୱାନ ଓ କାର୍ଯ୍ୟକୁ ସମର୍ଥନ କରୁଥିଲେ ଓ ସେଥିରେ ମୋତେ ସହଯୋଗ ଦେଉଥିଲେ । କିନ୍ତୁ ପରେ ମଦକୁ ବିରୋଧ କରୁଥିବା ବ୍ୟକ୍ତି ନିଜେ ମଦ ନୀତି ପ୍ରସ୍ତୁତ କରିଥିଲେ । ଏହା ଦେଖି ଦୁଃଖ ଲାଗୁଛି । କିନ୍ତୁ କିଛି କରିବାର ନାହିଁ । କ୍ଷମତା ସାମ୍ନାରେ କିଛି ବି ହୋଇପାରିବ ନାହିଁ । କେଜ୍ରିୱାଲ ମଦ ନୀତି ପ୍ରସ୍ତୁତ କରିକରାଇ ଗିରଫ ହୋଇଛନ୍ତି । ତାଙ୍କ ଭୁଲରୁ ଏପରି ହୋଇଛି । ଏସବୁ ନିଜେ କରିଥିବା କର୍ମର ଫଳ । ଏବେ ଯାହା ହେବ ସରକାର ଦେଖିବେ । ଆନ୍ନା ପୁଣି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ହେବା ପରେ ନୂଆ ମଦ ନୀତିକୁ ନେଇ ସେ କେଜ୍ରିୱାଲଙ୍କୁ ଦୁଇ



ଥର ଚିଠି ଲେଖିଥିଲେ । ଏହା ନ ବନାଇବା ପାଇଁ କହିଥିଲେ । କିନ୍ତୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଜମାରୁ ଶୁଣି ନ ଥିଲେ । କେଜ୍ରିୱାଲ ଏବଂ ମନୀଷ ସିସୋଦିଆ ଯେତେବେଳେ ପ୍ରଥମ କରି ତାଙ୍କ ସହ ଆସିଥିଲେ, ସେତେବେଳେ ସବୁବେଳେ ଦେଶର ଭଲ ପାଇଁ କାମ କରିବାକୁ ଆନ୍ନା ପରାମର୍ଶ ଦେଇଥିଲେ । କିନ୍ତୁ ସେ ଏହି କଥାକୁ ଧ୍ୟାନ ଦେଇ ନ ଥିଲେ ।

ଅନ୍ୟପକ୍ଷରେ ଆନ୍ନାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ଆପ୍ ବିଧାୟକ ଦିଲୀପ ପାଣ୍ଡେ କହିଛନ୍ତି ଯେ ହିମନ୍ତ ବିଶ୍ୱ ଶର୍ମାଙ୍କ ପରି ଦୁର୍ନିତୀଗ୍ରସ୍ତ ବିଜେପିରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ପାଲଟୁଥିବାବେଳେ କେହି ସ୍ୱର ଉତ୍ତୋଳନ କରନ୍ତି ନାହିଁ । ଅଜିତ ପାୱାରଙ୍କ ଭଳି ଲୋକ ବିଜେପି ସହ ଯିବାବେଳେ ବହୁତ ସମ୍ମାନିତ ବ୍ୟକ୍ତି (ଆନ୍ନା ହଜାରେ) କିଛି କୁହନ୍ତି ନାହିଁ । ଏପରି ବ୍ୟବହାର ଅତ୍ୟନ୍ତ କଷ୍ଟଦାୟକ ଏବଂ ଦୁଃଖଦ । ସୂଚନାଯୋଗ୍ୟ ଯେ ୨୦୧୦ରେ ଆନ୍ନା ହଜାରେଙ୍କ ନେତୃତ୍ୱରେ ଅରବିନ୍ଦ କେଜ୍ରିୱାଲ ଓ ଅନ୍ୟ ଅନେକ ଦୁର୍ନୀତି-ବିରୋଧୀ ସ୍ୱେଚ୍ଛାସେବୀ ଇଣ୍ଡିଆ ଏଗନେଷ୍ଟ କରପସନ୍ ନାମକ ନନ୍-ପ୍ରଫିଟ ସଂଗଠନର ବ୍ୟାନରରେ ସଂସଦରେ ଲୋକପାଳ ବିଲ୍ ଅଣାଯିବା ଦାବିରେ ଦୀର୍ଘକାଳ ପର୍ଯ୍ୟନ୍ତ ଅନଶନ କରିଥିଲେ । ଲୋକପାଳ ଆନ୍ଦୋଳନ ମଉଳିବା ପରେ ଅରବିନ୍ଦ ତାଙ୍କର କେତେକ ସାଥୀଙ୍କୁ ନେଇ ଆମ୍ ଆଦମୀ ପାର୍ଟି ନାମରେ ରାଜନୈତିକ ଦଳ ଗଢ଼ି କ୍ଷମତା ରାଜନୀତିରେ ପ୍ରବେଶ କରିଥିଲେ । କିନ୍ତୁ ଆନ୍ନା ତାଙ୍କ ଲୋକପାଳ ଆନ୍ଦେଳନ ରାଜନୈତିକ ନ ଥିଲା ବୋଲି କହିଆସୁଥିଲେ ଓ ଅରବିନ୍ଦଙ୍କ ରାଜନୈତିକ ଦଳ ଗଢ଼ିବାକୁ ନେଇ ଅସନ୍ତୁଷ୍ଟ ଥିଲେ । ଆପ୍ ଗଠନ ପରେ ଉଭୟ ଆନ୍ନା ହଜାରେ ଓ ଅରବିନ୍ଦ କେଜ୍ରିୱାଲ ପରସ୍ପରଠାରୁ ଦୂରେଇ ଯାଇଛନ୍ତି ।

■ ଅବକାରୀ ବିଭାଗ ଦାୟିତ୍ୱ ସମ୍ପର୍କରେ ପ୍ରଥମ ପର୍ଯ୍ୟାୟ ବୈଠକ

# ନିର୍ବାଚନ ସମୟରେ ଅବକାରୀ ନିୟମ କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ

**ନବରଙ୍ଗପୁର,୨୨।୩(ସମିସ):** ୨୦୨୪ ସାଧାରଣ ନିର୍ବାଚନ ଆଚରଣ ବିଧି ଅନୁଯାୟୀ, ଜିଲ୍ଲାରେ କିପରି ଅବାଧ, ନିରପେକ୍ଷ, ସ୍ୱଚ୍ଛ, ସମ୍ମିଳିତ ଏବଂ ଶାନ୍ତିପୂର୍ଣ୍ଣ ଅନୁକୂଳ ବାତାବରଣ ମଧ୍ୟରେ ମତଦାତା ସାଧାରଣ ନିର୍ବାଚନ ମତଦାନ ପ୍ରକ୍ରିୟାରେ ସାମିଲ ହୋଇ ନିଜର ମତଦାନ ସାବ୍ୟସ୍ତ କରିପାରିବେ ସେଥିପାଇଁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତରଫରୁ ଆବଶ୍ୟକ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହି ଅବସରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଅବକାରୀ ଅଧୀକ୍ଷକଙ୍କ ଅଧ୍ୟକ୍ଷତାରେ ଅବକାରୀ ବିଭାଗର ଦାୟିତ୍ୱ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇ ଜିଲ୍ଲାରେ ଅବାଧ, ନିରପେକ୍ଷ, ସ୍ୱଚ୍ଛ, ସମ୍ମିଳିତ, ଅନୁକୂଳ ବାତାବରଣ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ କିପରି କରାଯିବ ସେ ସମ୍ପର୍କରେ ସୂଚନା ଦେଇ ନିର୍ବାଚନ ଆଚରଣ ବିଧିକୁ ଆଖି ଆଗରେ ରଖି ନିର୍ବାଚନ ସମୟରେ ଅବକାରୀ ନିୟମକୁ କଡ଼ାକଡ଼ି ଭାବରେ ପାଳନ କରିବା ସହିତ ନିଜ ବିଭାଗୀୟ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ଜିଲ୍ଲାର ଅବକାରୀ ବିଭାଗର ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସହିତ ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ, ଠିପି ଖୋଲା ମଦ ବ୍ୟବସାୟୀ ଉପସ୍ଥିତ ଥିଲେ। ବେନିୟମ ମଦ, ମାଦକ ଦ୍ରବ୍ୟ ପ୍ରସ୍ତୁତି, ସଂରକ୍ଷଣ, ବଣ୍ଟନ, ପରିବହନ ଉପରେ ତୀକ୍ଷ୍ଣ ନଜର ରଖି ବ୍ୟାପକ ଚଢ଼ଉ ଓ ଜବତ ପ୍ରକ୍ରିୟାକୁ ବଢ଼ାଇବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ସୂଚନା ଦେଇଥିଲେ। ନିର୍ବାଚନ ପ୍ରକ୍ରିୟା ସମୟରେ କୌଣସି ପ୍ରକାର ପ୍ରେସ୍ ଲାଇସେନ୍ସ ଦିଆଯିବ ନାହିଁ। ଅବକାରୀ ଆଇନ୍ ଅନ୍ତର୍ଗତ ଅଭ୍ୟାସଗତ ଅପରାଧୀମାନଙ୍କୁ ଅବକାରୀ ଅଧୀକ୍ଷକ ତୀକ୍ଷ୍ଣ ନଜର ରଖି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଅଦ୍ୟାବଧି ଯେତେସବୁ ଅପରାଧୀଙ୍କ ବିରୁଦ୍ଧରେ ଥିବା ସ୍ଥଗିତ ମାମଲାକୁ ତ୍ୱରିତ କରିବା, ବାହାର ରାଜ୍ୟ ତଥା ଜିଲ୍ଲା ବାହାରୁ ଆସୁଥିବା ଚୋରା ଚାଲାଣକୁ ରୋକିବା ପାଇଁ ରାଜରାସ୍ତାରେ ଅଧିକାରୀ ମୁତୟନ, ଯେଉଁ ଅଞ୍ଚଳଗୁଡ଼ିକରେ ଅତୀତରେ ବହୁମାତ୍ରାରେ ଅବକାରୀ ଅପରାଧ ଘଟିଛି ସେ ଅଞ୍ଚଳରେ ବିଶେଷ ନଜର ରଖିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଥିଲେ। ମେ' ୧୧ ତାରିଖ ସନ୍ଧ୍ୟାରୁ ୧୩ ତାରିଖ ନିର୍ବାଚନ ପ୍ରକ୍ରିୟା ସମ୍ପାଦନ ପର୍ଯ୍ୟନ୍ତ ସମସ୍ତ ମଦ ଦୋକାନ ବନ୍ଦ ରହିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ସମେତ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ସାଧାରଣ ନିର୍ବାଚନ ପ୍ରସ୍ତୁତିକୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା

# ଅବିଭକ୍ତ କୋରାପୁଟ ଜିଲ୍ଲାରେ ମୁତୟନ ହେବେ ୩୦ କମ୍ପାନୀ ସିଆରପିଏଫ୍ ଯବାନ

କୋରାପୁଟ,୨୨।୩(ସମିସ)




ଅବିଭକ୍ତ କୋରାପୁଟ ଜିଲ୍ଲାରେ ସଧାରଣ ନିର୍ବାଚନ ପ୍ରସ୍ତୁତିକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଶୁକ୍ରବାର କୋରାପୁଟଠାରେ ସମୀକ୍ଷା କରିଛନ୍ତି। ସ୍ଥାନୀୟ ସଦଭାବନା ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ କୋରାପୁଟ, ମାଲକାନଗିରି,

- ୨୦୧୯ ରେ କୋଟିଆରେ ମତଦାନ ହାର ଥିଲା ୭୦ ପ୍ରତିଶତ
- ନେରେଡିବାଲସାରେ ବୁଥ୍ ପାଇଁ ଜିଲ୍ଲାପାଳଙ୍କ ସହ ହେବ ଆଲୋଚନା

ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାପାଳ ଏବଂ ଏସପିମାନଙ୍କ ସହ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା ଉପସ୍ଥିତ ଥିଲେ। ପୂର୍ବାପେକ୍ଷା ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରିବା ସକାଶେ ପ୍ରଶାସନ ପ୍ରସ୍ତୁତ ରହିଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ୩୦ କମ୍ପାନୀ ସିଆରପିଏଫ ମୁତୟନ କରାଯିବ ବୋଲି ଶ୍ରୀ ଧଳ କହିଛନ୍ତି। ମାଲକାନଗିରି ଜିଲ୍ଲାରେ ୧୬ କମ୍ପାନୀ, କୋରାପୁଟ ଜିଲ୍ଲାରେ ୮, ନବରଙ୍ଗପୁର ଜିଲ୍ଲାରେ ୩ ଓ ରାୟଗଡ଼ା ଜିଲ୍ଲାରେ ୩ କମ୍ପାନୀ ସିଆରପିଏଫ ମୁତୟନ କରାଯିବ ବୋଲି ସେ କହିଛନ୍ତି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିବାର ପ୍ରମାଣ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତ ନିର୍ବାଚନରେ କୋଟିଆରେ ମତଦାନ ହାର ୭୦ ପ୍ରତିଶତ ରହିଥିଲା। ଚଳିତ ନିର୍ବାଚନରେ ମତଦାନ ହାର ବୃଦ୍ଧି କରିବା ନିମନ୍ତେ ଭୋଟରମାନଙ୍କୁ ସଚେତନ କରାଯାଉଛି।

ଓଡ଼ିଶା ସହିତ ଆନ୍ଧ୍ର ନିର୍ବାଚନ ମେ' ୧୩ ତାରିଖରେ ଅନୁଷ୍ଠିତ ହେବ। ଓଡ଼ିଶା ତରଫରୁ କୋଟିଆ ପଞ୍ଚାୟତରେ ୯ଟି ମତଦାନ କେନ୍ଦ୍ର କରାଯାଇଛି। ନେରେଡିବାଲସାଠାରେ ଆନ୍ଧ୍ର ତରଫରୁ ମତଦାନ କେନ୍ଦ୍ର କରାଯାଇଛି। ଓଡ଼ିଶା ତରଫରୁ ଉକ୍ତ ଗ୍ରାମରେ ମତଦାନ କେନ୍ଦ୍ର ସ୍ଥାପନ କରାଯିବ କି ନାହିଁ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ୧୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀଙ୍କୁ ନେଇ ବୈଠକ କରିଥିଲେ। ପରେ ଅତିରିକ୍ତ ଡିଜି ସଞ୍ଜୟ କୁମାର, ଡିଆଇଜି ଚରଣ ସିଂ ମୀନାଙ୍କ ଉପସ୍ଥିତିରେ ୪ଟି ଜିଲ୍ଲାର ଏସପି ଓ ଜିଲ୍ଲାପାଳଙ୍କୁ ନେଇ ଆଇନଶୃଙ୍ଖଳା ସ୍ଥିତି ନେଇ ସମୀକ୍ଷା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ସମେତ ଅତିରିକ୍ତ ଡିଜିପି ସଞ୍ଜୟ କୁମାର, ଡିଆଇଜି ଚରଣ ସିଂ ମୀନା, କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଓ କୋରାପୁଟ ଏସପି ଅଭିନବ ସୋନକାର ଉପସ୍ଥିତ ଥିଲେ। ଭୁବନେଶ୍ୱରରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଅତିରିକ୍ତ ଡିଜି ସଞ୍ଜୟ କୁମାର, ଅତିରିକ୍ତ ସିଇଓ ଡ. ଏନ୍. ତିରୁମାଳା ନାୟକ, ଅତିରିକ୍ତ ସିଇଓ ଶତ୍ରୁଘ୍ନ କର ଉପସ୍ଥିତ ଥିଲେ। କୋରାପୁଟ ସରକାରୀ କଲେଜରେ ମତଗଣନା କେନ୍ଦ୍ର କରାଯାଇଛି। ଏହାର ପ୍ରସ୍ତୁତିକୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କୋରାପୁଟ ସରକାରୀ କଲେଜ ପରିଦର୍ଶନ କରି ସେଠାରେ ଉପସ୍ଥିତ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଡିଆଇଜି ଚରଣ ସିଂ ମୀନା, କୋରାପୁଟ ଏସପି ଅଭିନବ ସୋନକାରଙ୍କ ସହ ଆଲୋଚନା କରିଥିଲେ।

## ଦାମୋଦର ରାଉତଙ୍କ ବିୟୋଗରେ ଶୋକସଭା



**ମାଲକାନଗିରି,୨୨।୩(ସମିସ):** ମାଲକାନଗିରି ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ତଥା ଜଣେ ବରିଷ୍ଠ ରାଜନେତା ଡା. ଦାମୋଦର ରାଉତଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ରାଉତ ଜଣେ ତୁଙ୍ଗ ନେତା ଥିବାବେଳେ ଏକାଧିକ ଥର ବିଧାୟକ ଓ ମନ୍ତ୍ରୀ ପଦରେ ରହି ସେ ଜନସାଧାରଣଙ୍କ ସେବା କରିବା ସହ ଲୋକଙ୍କ ମଧ୍ୟରେ ପରିଚିତ ଚେହେରା ଥିଲେ। ତାଙ୍କ ନିଷ୍କପଟ ମନ ଓ ବାକ୍ୟବାଣ ସବୁବେଳେ ଲୋକଙ୍କୁ ଆକୃଷ୍ଟ କରୁଥିବାବେଳେ ତାଙ୍କର ବିୟୋଗ ରାଜ୍ୟ ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରି ଏହି ଶୋକସଭାର ଆୟୋଜନ କରାଯାଇଥିଲା। ଶୋକସଭାରେ ସଂଘର ସଭାପତି ବାଲାରାଜୁ ପାଢ଼ୀଙ୍କ ନେତୃତ୍ୱରେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଜୟଦେବ ରାଉଳ, ପୂର୍ଣ୍ଣଚନ୍ଦ୍ର ସାହୁ, ଅଭିମନ୍ୟୁ ବେହେରା ଓ ବହୁ ସଦସ୍ୟ ଉପସ୍ଥିତ ରହି ସ୍ୱର୍ଗତ ଡା. ରାଉତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ନିରବ ପ୍ରାର୍ଥନା କରିଥିଲେ।

## ବିଶ୍ୱ ବନ ଦିବସରେ ବନରକ୍ଷୀ ସମ୍ମାନିତ



**ଡାବୁଗାଁ, ୨୨।୩(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବନାଞ୍ଚଳର ଡାବୁଗାଁ ସେକ୍ସନ ଅଧୀନ ସରଗୁଲି ବିଟରେ କାର୍ଯ୍ୟରତ ମହିଳା ବନରକ୍ଷୀ ରିତାରାଣୀ ବିଶ୍ୱାସରାୟ ବିଶ୍ୱ ବନ ଦିବସରେ ଶ୍ରେଷ୍ଠ ବନରକ୍ଷୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଗୁରୁବାର ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ବିଶ୍ୱ ବନ ଦିବସ ପାଳନ ଅବସରରେ ରିତାରାଣୀ ବିଶ୍ୱାସରାୟଙ୍କୁ ଶ୍ରେଷ୍ଠ ବନରକ୍ଷୀ ଭାବେ ପୁରସ୍କୃତ କରାଯାଇଛି। ଏଥିରେ ମେଡାଲ, ୧୦ ହଜାର ଟଙ୍କାର ଚେକ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏନେଇ ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା, ଡାବୁଗାଁ ବନାଞ୍ଚଳ ଅଧିକାରୀ ତଡ଼ିତକୁମାରସ୍ୱାଇଁ, ଡାବୁଗାଁବନପାଳଉମାକାନ୍ତପଟ୍ଟନାୟକଓଡାବୁଗାଁ ବନାଞ୍ଚଳର ସମସ୍ତ ବନ କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

■ ଇନ୍ଦ୍ରାବତୀ ପ୍ରକଳ୍ପରେ ସରକାରୀ ସମ୍ପତ୍ତି ହରିଲୁଟ୍

# ଅଧିକାରୀ ରାତିଅଧିଆ ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗ

**ତେନ୍ତୁଲିଖୁଣ୍ଟି,୨୨।୩(ସମିସ):** ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପରେ ସରକାରୀ ସାମଗ୍ରୀ ତଥା ସରକାରୀ ସମ୍ପତ୍ତିର ସଠିକ୍ ତଦାରଖ ହେଉ ନ ଥିବା ଓ ସମ୍ପତ୍ତିର ହରିଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ପ୍ରକଳ୍ପରେ କାର୍ଯ୍ୟରତ ସରକାରୀ ବାବୁମାନେ ରାତିଅଧିଆ ଅବ୍ୟବହୃତ ମୂଲ୍ୟବାନ ସାମଗ୍ରୀ ବିକ୍ରି କରୁଥିବା ସାଧାରଣରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଇନ୍ଦ୍ରାବତୀ ପ୍ରକଳ୍ପ ଅଧୀନରେ ଥିବା ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଜାରି ରହିଥିବାବେଳେ ପୁରୁଣା ଗୃହଗୁଡ଼ିକରୁ ବାହାରିଥିବା ଲୁହା ଆଙ୍ଗେଲ ଏବଂ ଜିଆଇ ଟିଣ ବିକ୍ରି କରାଯାଇଥିବା ଅଭିଯୋଗ ହେଉଛି। ଅଭିଯୋଗ ପରେ ବିଭାଗୀୟ ଯନ୍ତ୍ରୀ ବିଦ୍ୟାଳୟରେ ପହଞ୍ଚି ସାମଗ୍ରୀ ଗଣତି କରିଥିଲେ ହେଁ କେତେ ସାମଗ୍ରୀ ବାହାରିଥିଲା ଏବଂ କେତେ ସାମଗ୍ରୀ ରହିଛି ସେନେଇ ସଠିକ୍ ସୂଚନା ଦେଇ ନ ଥିବା କୁହାଯାଉଛି। ଯାହାଫଳରେ ବାହାରିଥିବା ଟିଣ ଆଙ୍ଗେଲଗୁଡ଼ିକ ବିକ୍ରି ହୋଇଥିବା ସନ୍ଦେହ କରାଯାଉଛି। ସେହିପରି ଇତି ମଧ୍ୟରେ ଲକ୍ଷାଧିକ ଟଙ୍କାର ପୁରୁଣା ସାମଗ୍ରୀ ହେରଫେର ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ସେହିପରି ପୋଡ଼ାଗଡ଼, କପୁର ଏବଂ ମୁରାନ ଡିଭିଜନର ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରା ଚାଲାଣ ହେଉଥିବାବେଳେ ସେସବୁ ବିଭାଗୀୟ ଅଧିକାରୀଙ୍କ ଜାଣତରେ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଏପରିକି ସାମଗ୍ରୀକୁ ନେଇ ପୁଲିସ ନିକଟରେ ମଧ କିଛି ଅଭିଯୋଗ ବିଭାଗୀୟ ଅଧିକାରୀ କରୁ ନ ଥିବା ଜଣାପଡ଼ିଛି। ପୂର୍ବରୁ ପ୍ରକଳ୍ପରେ ଲାଗିଥିବା ଟିଣ ଏବଂ ଲୁହା ଆଙ୍ଗେଲର ସଠିକ୍ ହିସାବ ନ ଥିବାରୁ ବାବୁମାନେ ସେସବୁ ପ୍ରତି ଦୃଷ୍ଟି ନ ଦେଇ ଆଖି ବୁଜି ଦେଉଥିବା ମଧ ଆଲୋଚନା ହେଉଛି। ଦାୟିତ୍ୱରେ ଥିବା ସରକାରୀ ଅଧିକାରୀଙ୍କ ଘରେ ପୁଳା ପୁଳା ଟିଣ ଗଚ୍ଛିତ ଥିବା ଏବଂ ବିଭିନ୍ନ କାର୍ଯ୍ୟରେ ବିନିଯୋଗ ହୋଇଥିବାବେଳେ ପ୍ରକଳ୍ପ ପ୍ରଶାସନ ନିକଟରେ ତାହାର କିଛି ସୂଚନା ରହୁନାହିଁ। ପ୍ରକଳ୍ପର ବିଭିନ୍ନ ସାମଗ୍ରୀ ବିକ୍ରି କରି ଅଧିକାରୀମାନେ ମାଲେମାଲ ହେଉଥିବାବେଳେ ସରକାରୀ ସମ୍ପତ୍ତି ହାନି ହେଉଥିବା ଅଭିଯୋଗ ହେଉଛି। ପୁରୁଣା ନବୋଦୟ କୋଠା ତଥା ପୁରୁଣା ଇଞ୍ଜିନିୟର ଗେଷ୍ଟ ହାଉସରୁ ମଧ ଲକ୍ଷାଧିକ ଟଙ୍କାର ଝରକା, କବାଟ, ଲୁହା ଟିଣ, ଆଙ୍ଗେଲ ଆଦି ନ ଥିବାବେଳେ ସେସବୁର ହିସାବ ବର୍ତ୍ତମାନ ପ୍ରଶାସନ ନିକଟରେ ନାହିଁ। ଅବ୍ୟବହୃତ ସରକାରୀ ଆବାସଗୁଡ଼ିକର ମଧ ଝରକା, କବାଟ ଆଦି ଆଉ ନାହିଁ। ତମାମ ସରକାରୀ ସମ୍ପତ୍ତିର ସଠିକ୍ ଦେଖାଶୁଣା କରିବାରେ ପ୍ରକଳ୍ପ ପ୍ରଶାସନ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ଅଭିଯୋଗ କରିଛନ୍ତି ଇନ୍ଦ୍ରାବତୀବାସୀ। ଏନେଇ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସୀମାଦ୍ରି ନାରାୟଣ ପୃଷ୍ଟିଙ୍କୁ ପଚାରିବାରୁ ପୁରୁଣା ଇଞ୍ଜିନିୟର ଗେଷ୍ଟ ହାଉସ କାହା ଅଧୀନରେ ଅଛି ବୁଝିବା ସହ ତଦନ୍ତ କରିବେ ବୋଲି କହିଛନ୍ତି। ତେବେ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ, ପୁରୁଣା ଇଞ୍ଜିନିୟର ଗେଷ୍ଟ ହାଉସ ତଥା ପୁରୁଣା ନବୋଦୟ କୋଠା, ପୋଡ଼ାଗଡ଼ ଡିଭିଜନ, କପୁର ଏବଂ ମୁରାନ ଡିଭିଜନର କବାଡ଼ିରେ ଦିଆଯାଇଥିବା ସାମଗ୍ରୀ ବ୍ୟତୀତ ଅନ୍ୟାନ୍ୟ ସାମଗ୍ରୀର ହୋଇଥିବା ହେରଫେରର ଏକ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।

## ହରିଜନ-ଆଦିବାସୀ ନିର୍ଯାତନା ନିବାରଣ ସମ୍ପର୍କିତ ଆଇନ ସଚେତନତା ଶିବିର



**ବିଷମକଟକ,୨୨।୩(ସମିସ):** ରାୟଗଡ଼ା ଜିଲ୍ଲା ବିଷମକଟକ ତାଲୁକ୍ ଆଇନ୍ ସେବା କମିଟି ତରଫରୁ ହରିଜନ-ଆଦିବାସୀ ନିର୍ଯାତନା ନିବାରଣ ଅଧିନିୟମ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ହାଟମୁନିଗୁଡ଼ା ସଦର ପଞ୍ଚାୟତର ଆଦିବାସୀ ଉନ୍ନୟନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ତାଲୁକ୍ ଆଇନ ସେବା କମିଟିର ଅଧକ୍ଷ ତଥା ସ୍ଥାନୀୟ କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରା ଜଜ୍ ପବିତ୍ରାନନ୍ଦ ପ୍ରଧାନ ପରିଚାଳନା କରିଥିବାବେଳେ ସ୍ଥାନୀୟ କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଶ୍ୱିନୀ କୁମାର ସାହୁ, ବିଷମକଟକ ବାର୍ ଏସୋସିଆସନର ସଭାପତି ଚନ୍ଦ୍ରମୌଳି ପଟ୍ଟନାୟକ, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ବରିଷ୍ଠ ଅଧିବକ୍ତା ଅମିତ୍ କୁମାର ଗୌଡ଼ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମୋହିନୀ ଦେବୀ ତଥା ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରୀବୃନ୍ଦ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହରିଜନ/ଆଦିବାସୀ ନିର୍ଯାତନା ନିବାରଣ ଅଧିନିୟମ ଉପରେ ସବିସ୍ତୃତ ଆଲୋଚନା କରାଯାଇ ଏହି ଅଧିନିୟମ ଦ୍ୱାରା କିପରି ସମାଜରେ କାର୍ଯ୍ୟ କରୁଥିବା ଅସ୍ପୃଶ୍ୟତା ତଥା ଛୋଟବଡ଼ ଜାତି ତଥା ଉଚ୍ଚନିଚ୍ଚ ଭେଦଭାବକୁ ସମ୍ବିଧାନ ଦ୍ୱାରା ତିରସ୍କୃତ ତଥା ସମାନ ମର୍ଯ୍ୟାଦା ତଥା ଅଧିକାର ସହ ବଞ୍ଚିବା କିପରି ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ ଅଧିକାର ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

## ସୀମାନ୍ତରେ ୮ ଲକ୍ଷ ଇନାମୀ ମାଓବାଦୀର ଆତ୍ମସମର୍ପଣ

**ମାଲକାନଗିରି,୨୨।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ନକ୍ସଲ ବିଲୋପ ଅଭିଯାନରେ ଆକୃଷ୍ଟ ହୋଇ ୮ ଲକ୍ଷ ଇନାମୀ ମାଓବାଦୀର ଆତ୍ମସମର୍ପଣ। ସୂଚନାନୁଯାୟୀ, ଛତିଶଗଡ଼ ଓ ତେଲେଙ୍ଗାନାର ସୀମାନ୍ତ ଅଞ୍ଚଳରେ ଗତ ୧୬ ବର୍ଷ ଧରି ମାଓ ସଂଗଠନରେ ସକ୍ରିୟ ଥିବା କୁଖ୍ୟାତ ମାଓବାଦୀ ରୋଶନ ଓରଫ ସାମିଆ ସୋଢ଼ି ସୁକୁମା ଜିଲ୍ଲା ବୁର୍କାଲଙ୍କା ପନ୍ତପାରା ପୁଲିସ ଥାନାରେ ଆତ୍ମସମର୍ପଣ କରିଛି। ତେବେ ଆତ୍ମସମର୍ପଣକାରୀ ମାଓବାଦୀ ନାମରେ ୮ ଲକ୍ଷର ଇନାମ ରହିଥିବାବେଳେ ସେ ଅନେକ ବଡ଼ବଡ଼ ମାଓ ହିଂସାକାଣ୍ଡରେ ଜଡ଼ିତ ଥିବାବେଳେ ଅନେକ ହିଂସାକାଣ୍ଡର ନେତୃତ୍ୱ ନେଇଥିଲା। ପୁଲିସ ଟିମ ଉପରକୁ ଆକ୍ରମଣ ସହ ଆଇଡି ବୋମା ବିସ୍ଫୋରଣ, ଲୋକଙ୍କୁ ହତ୍ୟା ଭଳି



ଅନେକ ମାମଲାରେ ଜଡ଼ିତ ରହି ତା ନାମରେ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି। ତେବେ ମାଓ ସଂଗଠନ ଧୀରେଧୀରେ ଭୁଶୁଡ଼ିବାରେ ଲାଗିଛି। ନିଜର ନୀତି ଓ ଆଦର୍ଶରୁ ଓହରି ଯାଉଥିବା ବେଳେ ପୁଲିସ ପକ୍ଷରୁ ନକ୍ସଲ ବିଲୋପ ଅଭିଯାନ ଏବଂ ସାଧାରଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛି। ଏହି ସମୟରେ ସୁକୁମ ଏସପି ସତୀଶ କୁମାର ଦୁବେ, ସିଆରପିଏଫ ୨୧୭ ବାହିନୀର ଅଧିକାରୀ ନିଖିଲ ଅଶୋକ କୁମାର, ଅତିରିକ୍ତ ଏସପି ଉତ୍କଳ ପ୍ରତାପ ସିଂ ପ୍ରମୁଖ ଉପସ୍ଥିତ ଥିବାବେଳେ ଆତ୍ମସମର୍ପଣ ନୀତି ଅନୁଯାୟୀ ରୋଶନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଶେଷ ଯାତ୍ରାରେ ବାୟୁସେନା ଯବାନ ସିଏଚ୍. ନାଗରାଜ

**ବିଷମକଟକ,୨୨।୩(ସମିସ):** ଗତ ବୁଧବାର ବାୟୁସେନା ଯବାନ ସି.ଏଚ୍.ନାଗରାଜଙ୍କ ଗୁଜରାଟର ଗାନ୍ଧୀଧାମଠାରେ କାର୍ଯ୍ୟରତ ସମୟରେ ହୃଦଘାତରେ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ତ୍ରୀ ଏବଂ ଭାଇ ଗୁଜରାଟରେ ପହଞ୍ଚିବା ପରେ ବିଭାଗ ତରଫର ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇ ବିମାନ ଯୋଗେ ବିଶାଖାପାଟଣା ପହଞ୍ଚିବା ପରେ ସେଠାରୁ ଆମ୍ବୁଲାନ୍ସରେ ବିଷମକଟକ ଅଣାଯାଇଛି। ଶୁକ୍ରବାର ଅପରାହ୍ଣରେ ନାଗରାଜଙ୍କ ପାର୍ଥିବ ଶରୀର ବିଷମକଟକ ନିଜ ଜନ୍ମମାଟିରେ ପହଞ୍ଚିବା ପରେ ଶତାଧିକ ଲୋକ ତାଙ୍କ ବାସଭବନରେ ଉପସ୍ଥିତ ଥିଲେ। ମରଶରୀର ଶେଷ ଦର୍ଶନ ନିମନ୍ତେ ତାଙ୍କ



ବାସଭବନରେ ରଖାଯାଇଥିବାବେଳେ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜେଡି ଜିଲ୍ଲା ସଭାପତି ସୁଧିର କୁମାର ଦାଶ, ବିଷମକଟକ ଥାନା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମରଶରୀରର ପୁଷ୍ପମାଲ୍ୟାପର୍ଣ କରି ଶେଷ ଦର୍ଶନ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହା ପରେ ଏକ ପୁଷ୍ପମାଲ୍ୟାରେ ସୁସଜ୍ଜିତ ସ୍ୱର୍ଗ ରଥରେ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ଶ୍ମଶାନକୁ ନିଆଯାଇଥିଲା। ମୃତ ନାଗରାଜଙ୍କ ସାଙ୍ଗସାଥୀ ଏବଂ ଗ୍ରାମବାସୀମାନେ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଶୋଭାଯାତ୍ରା ସ୍ଥାନୟୀ ଶ୍ମଶାନରେ ପହଞ୍ଚିବା ପରେ ସାଙ୍ଗସାଥୀ, ପରିବାର ବର୍ଗଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଘରୋଇ ହଷ୍ଟେଲରେ ଛାତ୍ରୀ ମୃତ୍ୟୁ ଘଟଣା

# ନ୍ୟାୟ ଦାବିରେ ପରିବାର ଏସ୍‌ଡିପିଓଙ୍କ ଦ୍ୱାରସ୍ଥ

ମାଲକାନଗିରି,୨୨।୩(ସମିସ)



ଏମଭି-୭ ଗ୍ରାମ ଗଣେଶ ହଷ୍ଟେଲରେ ଜଣେ ଷଷ୍ଠଶ୍ରେଣୀ ନାବାଳିକା ଛାତ୍ରୀଙ୍କ ମୃତ୍ୟୁ ହେଇଥିବା ଘଟଣାକୁ ୬ ଦିନ ବିତି ଯାଇଥିବାବେଳେ ଏହା ହତ୍ୟାକାଣ୍ଡ ଏବଂ ତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ପରିବାର ଲୋକେ ମାଲକାନଗିରି ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁଯାୟୀ, ଜିଲ୍ଲାର ଏମପିଭି ୧୩୦ ଗ୍ରାମର ବିଶ୍ୱଜିତ ମଣ୍ଡଳଙ୍କ ଷଷ୍ଠଶ୍ରେଣୀରେ ପଢୁଥିବା ଝିଅ ଏମଭି ୭ ଗ୍ରାମରେ ଥିବା ଗଣେଶ ଘରୋଇ ହଷ୍ଟେଲରେ ରହି ପଢୁଥିବାବେଳେ ତାଙ୍କର ସେଠାରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଖବର ପାଇ ପରିବାର ଲୋକେ ପହଞ୍ଚି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିବାବେଳେ ହଷ୍ଟେଲ କର୍ତ୍ତୃପକ୍ଷ ଝିଅ ଆତ୍ମହତ୍ୟା କରିଥିବା କହିଥିଲେ। ତେବେ ଏହି ଘଟଣାକୁ ୬ ଦିନ ବିତିଥିଲେ ମଧ କାହିଁକି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ। ଏହା ଆତ୍ମହତ୍ୟା ନୁହଁ ଏହା ବଳାତ୍କାର ସହ ହତ୍ୟା କରାଯାଇଥିବା ଅଭିଯୋଗ ନେଇ ମୃତ ନାବାଳିକାଙ୍କ ବାପା ଏବଂ ପରିବାର ଲୋକେ ଓ କିଛି ଗ୍ରାମବାସୀ ମିଶି ନ୍ୟାୟ ପାଇଁ ମାଲକାନଗିରି ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଏନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଶୀଘ୍ର ଏହାର ଯାଞ୍ଚ କରି ନାବାଳିକାଙ୍କ ମୃତ୍ୟୁର କାରଣ ଖୋଜିବା ସହ ପରିବାରକୁ ନ୍ୟାୟ ଦିଆଯିବ ବୋଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରକାଶ କରିଛନ୍ତି।

## 'ସମାଜ ବିଜ୍ଞାନରେ ସମସାମୟିକ ଗବେଷଣା ପଦ୍ଧତି' ଉପରେ ଆଲୋଚନା

**କୋରାପୁଟ,୨୨।୩(ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ 'ସମାଜ ବିଜ୍ଞାନରେ ସମସାମୟିକ ଗବେଷଣା ପଦ୍ଧତି' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଛି। ସମସାମୟିକ ପରିପ୍ରେକ୍ଷୀରେ ସମାଜ ବିଜ୍ଞାନରେ ଗବେଷଣାର ବିଭିନ୍ନ ଦିଗଉପରେ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଉଦଘାଟନୀ ଉତ୍ସବରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଉଦଘାଟନୀ ଭାଷଣ ଦେଇଥିଲେ। ପ୍ରଫେସର ତ୍ରିପାଠୀ ଆଲୋଚନାଚକ୍ର ଆୟୋଜନ ପାଇଁ ଅର୍ଥନୀତି ବିଭାଗକୁ ପ୍ରଶଂସା କରିବା ସହ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗବେଷଣାର ଗୁଣବତ୍ତା ଏବଂ ଅଗ୍ରଗତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଭାରତର ପାରମ୍ପରିକ ଅର୍ଥନୈତିକ ଦୃଷ୍ଟିକୋଣକୁ ଅନ୍ତର୍ଭୁକ୍ତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଜିଷ୍ଟ୍ରାର ପ୍ରଫେସର ଏନସି ପଣ୍ଡା, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ଓ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ମୀନକେତନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଅର୍ଥନୀତି ବିଭାଗର ମୁଖ୍ୟ ଡ.ମୀନତି ସାହୁ କହିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସମାରୋହରେ ଆଲୋଚନାଚକ୍ର ପାଇଁ ଧାର୍ଯ୍ୟ ୩୧ଟି ଉପସ୍ଥାପନା ସମ୍ବଳିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପ୍ରଫେସର ଏନସି ପଣ୍ଡା ଗବେଷଣା ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଉନ୍ମୋଚିତ ପୁସ୍ତକକୁ ପ୍ରଶଂସା କରିଥିଲେ। ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ଓ ପ୍ରଫେସର ମୀନକେତନ ବେହେରା ନିଜନିଜ ଅଭିଭାଷଣରେ ସମାଜ ବିଜ୍ଞାନ ଗବେଷଣାର ଉଦୀୟମାନ ଦିଗ ଉପରେ ଆଲୋକପାତ କରିବା ସହ



ଉଭୟ ଅର୍ଥନୈତିକ ଓ ଆନ୍ତଃବିଭାଗୀୟ ଦୃଷ୍ଟିକୋଣରୁ ଆଲୋଚନା କରିଥିଲେ। ସେମାନେ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ ଗବେଷଣା ଉପରେ ନିୟମିତ ସମୀକ୍ଷା ଏବଂ ଆଲୋଚନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ବିଶ୍ୱଜିତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧ୍ୟାପକ, ଗବେଷକ ଓ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଅଂଶଗ୍ରହଣ କରି ସାମାଜିକ ବିଜ୍ଞାନ କ୍ଷେତ୍ରରେ ଶୈକ୍ଷିକ ଆଲୋଚନାକୁ ସମୃଦ୍ଧ କରିବା ଦିଗରେ ଏକ ଆଶାଜନକ ଆରମ୍ଭ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ.ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

# କୋଟିଆରେ ଭୋଟ୍ ଦେବେ ୫୫୦୨ ଭୋଟର




▶ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ
▶ ମତଦାନ ହାର ବୃଦ୍ଧି ପାଇଁ ପ୍ରଶାସନର ସଚେତନତା

**କୋରାପୁଟ/ପଟ୍ଟାଙ୍ଗି, ୨୨।୩(ସମିସ)**

ପଟ୍ଟାଙ୍ଗି ବ୍ଲକ୍ ଓଡ଼ିଶା-ଆନ୍ଧ୍ର ସୀମା କୋଟିଆ ପଞ୍ଚାୟତରେ ଲୋକସଭା ଓ ବିଧାନସଭା ନିର୍ବାଚନ ଆସନ୍ତା ମେ' ୧୩ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜଣାପଡ଼ିଛି। ଉକ୍ତ ଦିନ ଆନ୍ଧ୍ରପ୍ରଦେଶର ମଧ୍ୟ ସମସ୍ତ ଲୋକସଭା ଓ ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଆନ୍ଧ୍ର ତରଫରୁ ଲୋକମାନଙ୍କୁ ଭୋଟ୍ ଦେବା ପାଇଁ ବିଭିନ୍ନ ପ୍ରଲୋଭନ ଦେଖାଇ ଲୋକଙ୍କୁ ନିଜ ଆଡ଼କୁ ନେବା ପାଇଁ ଉଦ୍ୟମ କରୁଥିବା ଜଣାପଡ଼ିଛି। କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଟିଆ ଓ ଏହାର ନିକଟସ୍ଥ ଗ୍ରାମଗୁଡ଼ିକରେ ଶୋଭାଯାତ୍ରା କରାଯାଇ ଲୋକମାନଙ୍କୁ ନିଜ ଅଧିକାର ସାବ୍ୟସ୍ତ କରିବାକୁ ନିବେଦନ କରାଯାଉଛି। ଏପରିକି ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମଧ୍ୟ କୋଟିଆ ଗ୍ରାମପୁଞ୍ଜକୁ ନିଜେ ଯାଇ ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି। କୋଟିଆ ସମେତ ତଳକାଣ୍ଟି, ଫଗୁଣସେନେରୀ, ମାଡ଼କାର, ଗଞ୍ଜେଇପଦର, ଗୁମେଲପଦର, ଥୁରିଆ, ତାଡପଦର ଓ ରଣାସିଂ ଏହିପରି ୯ଟି ମତଦାନ କେନ୍ଦ୍ର କରାଯାଇଛି। ଉକ୍ତ ମତଦାନ କେନ୍ଦ୍ରରେ ସମୁଦାୟ ୫୫୦୨ ଜଣ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ପୁରୁଷଙ୍କଠାରୁ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି। ପୁରୁଷ ଭୋଟରଙ୍କ ସଂଖ୍ୟା ୨୫୮୯ ରହିଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ୨୯୧୩ ରହିଥିବା ଜଣାପଡ଼ିଛି। କୋଟିଆଗ୍ରାମପୁଞ୍ଜର ନେରେଡିବାଲସାଠାରେ ଆନ୍ଧ୍ର ତରଫରୁ ଗତ ସାଧାରଣ ନିର୍ବାଚନରେ ମତଦାନ କେନ୍ଦ୍ର କରାଯାଇଥିଲା। ନେରେଡିବାଲସା, ତଳସେମ୍ଭି, ଉପରସେମ୍ଭି, ଧୂଳିପଦର ଗ୍ରାମର ଭୋଟରମାନେ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ରଣାସିଂ ବୁଥରେ ମତଦାନ କରିବେ ବୋଲି ପଟ୍ଟାଙ୍ଗି ବ୍ଲକର ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦିବାକର ପୁରୋହିତ ସୂଚନା ଦେଇଛନ୍ତି। ଭୋଟରମାନଙ୍କ ପାଇଁ ପ୍ରତ୍ୟେକ ବୁଥରେ ସମସ୍ତ ପ୍ରକାର ସୁବିଧା କରାଯାଇଥିବା ସେ କହିଛନ୍ତି। ଉକ୍ତ ନିର୍ବାଚନରେ ଯେପରି ଅଧିକରୁ ଅଧିକ ଓଡ଼ିଶା ରାଜ୍ୟର ଭୋଟର ମତଦାନ ସାବ୍ୟସ୍ତ କରିବେ ସେଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ସୁବନ୍ଦୋବସ୍ତ କରିଥିବା ଜଣାପଡ଼ିଛି।

# ଛାତ୍ରୀଙ୍କୁ ଅସଦାଚରଣ ଓ ଅଶ୍ଳୀଳ ମେସେଜ୍ କରି କଲେଜ ଅଧ୍ୟକ୍ଷ ଗିରଫ



**ମାଲକାନଗିରି/ଏମଭି୭୯,(ସମିସ) ୨୨।୩:** ଛାତ୍ରୀଙ୍କ ସହ ଅସଦାଚରଣ ଓ ମୋବାଇଲରେ ଅଶ୍ଳୀଳ ମେସେଜ ପଠାଇବା ଅଭିଯୋଗରେ ମାଲକାନଗିରି ଜିଲ୍ଲା ଏମଭି ୭୯ରେ ଥିବା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢ଼ୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗୁରୁବାର ରାତି ଅଧରେ ଶ୍ରୀ ପାଢ଼ୀଙ୍କୁ ମାଲକାନଗିରି ପୁଲିସ ତାଙ୍କ ଘରୁ ଗିରଫ କରିଥିବା ବେଳେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପୁଲିସ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ଏମଭି ୭୯ ସ୍ଥିତ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜନୈକା ଛାତ୍ରୀଙ୍କୁ ଅଧ୍ୟକ୍ଷ ଶ୍ରୀ ପାଢ଼ୀ ମୋବାଇଲ୍ ଯୋଗେ ବିଭିନ୍ନ ଅଶ୍ଳୀଳ ମେସେଜ ପଠାଇବା ସହ ଅସଦାଚରଣ କରିଥିବା ନେଇ ଛାତ୍ରୀ ଜଣକ ନିଜ ବାପାଙ୍କୁ ଜଣାଇଥିଲେ। ଏନେଇ ଛାତ୍ରୀଙ୍କ ବାପା ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ମାଲକାନଗିରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଶ୍ରୀ ପାଢ଼ୀଙ୍କୁ ଗୁରୁବାର ରାତିରେ ଗିରଫ କରି ଆଣିଥିଲା। ଏନେଇ ମାଲକାନଗିରି ଥାନାରେ ୨୨୮/୨୪ରେ ଏକ ମାମଲା ରୁଜୁ କରି ଶ୍ରୀ ପାଢ଼ୀଙ୍କୁ ପୁଲିସ ପକ୍ଷରୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି। ଏହି ଘଟଣାରେ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ମଧ୍ୟ ଏମଭି ୭୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇ ସେଠାରେ ତଦନ୍ତ କରିଥିବା ଜଣାପଡ଼ିଛି। ଜଣେ ଅଧ୍ୟକ୍ଷ ତଥା ଶିକ୍ଷାର ମନ୍ଦିରର ମୁଖ୍ୟ ପୂଜାରୀଙ୍କ ନାମରେ ଏପରି ସଙ୍ଗିନ ଅଭିଯୋଗ ପରେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# ବନ୍ଧାହେଲା ନକଲି ପୁଲିସ

● ବିଭିନ୍ନ ପ୍ରଲୋଭନ ଦେଖାଇ କରିଥିଲା ଲକ୍ଷ ଲକ୍ଷ ଟଙ୍କା ଠକେଇ

**କୋରୁକୋଣ୍ଡା,୨୨।୩(ସମିସ)**

ମାଲକାନଗିରି ଜିଲ୍ଲାରେ ଜଣେ ବ୍ୟକ୍ତି ନିଜକୁ ଜଣେ ପୁଲିସ ଅଧିକାରୀ ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଓର୍କେଲ ପୁଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାର ନବୀନ ଦାସ ନାମକ ଜଣେ ବ୍ୟକ୍ତି ନିଜକୁ ପୁଲିସ ବିଭାଗରେ ଥିବା ଇଣ୍ଟେଲିଜେନ୍ସର ଅଧିକାରୀ ଭାବେ ପରିଚୟ ଦେଇ ବଡ଼ ବଡ଼ ପୁଲିସ ଅଧିକାରୀ, କଲେକ୍ଟର, ପୁଲିସ ଡିଜିଙ୍କ ସହ ଭଲ ସମ୍ପର୍କ ଅଛି ଓ ବଡ଼ ବଡ଼ କାମ ମୁଁ କରାଇ ଦେଇ ପାରିବି କହି ଠକାମୀର ଜାଲ ବିଛାଇଥିଲା। ଏହି ଉପାୟରେ ସେ ଓର୍କେଲ ଥାନା ଅନ୍ତର୍ଗତ ନୀଳାକାମ୍ବେରୁ ଗାଁର ମଧୁସ୍ମିତା ପଣ୍ଡା ନାମକ ଜଣେ ମହିଳାଙ୍କଠାରୁ ୨୫ ଲକ୍ଷ ଟଙ୍କାର ଲୋନ୍ କରାଇଦେବା ନାଁରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଭିନ୍ନ କିସ୍ତିରେ ଠକି ନେଇଥିଲା। ଲୋନ୍ ନ ହେବା ଯୋଗୁଁ ଅଭିଯୁକ୍ତ ନବୀନକୁ ମଧୁସ୍ମିତା ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ସେ ବାଧ୍ୟ ହୋଇ ଓର୍କେଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସମାନ ରୂପେ କୁଡୁମୁଲୁଗୁମ୍ମା ଅଞ୍ଚଳର ଗୋବିନ୍ଦ ମାଛା ନାମକ ଜଣେ ଯୁବକଙ୍କଠାରୁ ଭଉଣୀର ପୁଲିସ ବିଭାଗରେ ଚାକିରି କରାଇଦେବା ନାଁରେ ୫୦ ହଜାର ଟଙ୍କା ଠକି ନେଇଥିଲା। ଚାକିରି ନ ହେବାରୁ ଏନେଇ ସେ ମଧ୍ୟ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଓର୍କେଲ ପୁଲିସ ଉଭୟ ଘଟଣାର ତଦନ୍ତ କରି ନବୀନ ଦାସକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଚିତ୍ରକୋଣ୍ଡା ଏସଡିପିଓ ଆଲେକ୍ସିଅସ କିସ୍ପୋଟା ସୂଚନା ଦେଇଛନ୍ତି।

■ ଓଡ଼ିଶା ଓ ଆନ୍ଧ୍ର ପୁଲିସର ମିଳିତ ଚଢ଼ଉ

# ବିପୁଳ ପରିମାଣର ଦେଶୀ ମଦ ଓ ପୋଚ ଜବତ

**କୋରାପୁଟ/ପଟ୍ଟାଙ୍ଗି,୨୨।୩(ସମିସ)**

ସାଧାରଣ ନିର୍ବାଚନ ସମେତ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଉଭୟ ରାଜ୍ୟର



ସୀମାନ୍ତରେ ଚୋରା ମଦ କାରବାର ରୋକିବାକୁ ଦୁଇ ରାଜ୍ୟର ପୁଲିସ ପ୍ରୟାସ ଆରମ୍ଭ କରିଛନ୍ତି। କୋରାପୁଟ ଏସପି ଅଭିନବ ସୋନକାରଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ସୁନାବେଡ଼ା ଏସଡିପିଓ ମନୋବ୍ରତା ଶତପଥୀଙ୍କ ନେତୃତ୍ୱରେ ଏକ ଟିମ ଶୁଙ୍କି ଥାନା ଅଞ୍ଚଳର କାଣ୍ଡିଲି, ଲାଉଡ଼ି, ଅଳସି, ଫୁଲଗୁଣ୍ଡା ଗ୍ରାମରେ ଚଢ଼ଉ କରିଥିଲେ। ସେହିପରି ଆନ୍ଧ୍ରପ୍ରଦେଶର ପାଚିପେଟା ଥାନା ଅଞ୍ଚଳରେ ମଧ୍ୟ ସାଲୁର ସର୍କଲ ଇନ୍ସପେକ୍ଟର ଜି. ବାଳକୃଷ୍ଣଙ୍କ ସହଯୋଗରେ ଚଢ଼ଉ କରାଯାଇଥିଲା। ଚଢ଼ଉରେ ସୁନାବେଡ଼ା ଏସଡିପିଓ ଏବଂ ସାଲୁର ସର୍କଲ ଇନ୍ସପେକ୍ଟରଙ୍କ ସହ ଶୁଙ୍କି ଥାନା ଅଧିକାରୀ କେ. ସାଙ୍ଗନା, ପାଚିପେଟା ଥାନା ଅଧିକାରୀ ପି. ନାରାୟଣ ରାଓ ଏବଂ ଅନ୍ୟମାନେ ସାମିଲ ହୋଇଥିଲେ। ଏହି ଚଢ଼ଉରେ ପୁଲିସ ୪୨୦୦ ଲିଟର ପୋଚ ଏବଂ ୪୮୦ଟି ଜରି ପ୍ୟାକେଟରେ ପ୍ୟାକିଂ କରାଯାଇଥିବା ୩୦୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିବାବେଳେ ପୁଲିସକୁ ଦେଖି ଚୋରା ମଦ ବେପାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏପରି ମିଳିତ ଚଢ଼ଉ ଆସନ୍ତା ଦିନରେ ମଧ୍ୟ ଜାରି ରହିବ ବୋଲି ସୁନାବେଡ଼ା ଏସଡିପିଓ ମନୋବ୍ରତା ଶତପଥୀ ସୂଚନା ଦେଇଛନ୍ତି।

# ଶ୍ରୀଶ୍ରୀ ରାମେଶ୍ୱର ଶିବ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ମାଲକାନଗିରି,୨୨।୩(ସମିସ):** ମାଲକାନଗିରି ଜିଲ୍ଲା ସଦରମହକୁମା ପୁରୁଣା ମେଡିକାଲ ଛକ ଶାସ୍ତ୍ରୀନଗରରେ ଶ୍ରୀଶ୍ରୀ ରାମେଶ୍ୱର ଶିବ ମନ୍ଦିର ଓ ନୂତନ ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମ ଗତ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ଅଙ୍କୁରାରୋପଣ, ଶୁଭ କଳସ ଯାତ୍ରା, ମଣ୍ଡଳାଦିକରଣ, ଧାନ୍ୟାଧିବାସ, ଅଗ୍ନି ସ୍ଥାପନ ଓ ଯଜ୍ଞାଦି କର୍ମ, ସୂର୍ଯ୍ୟ ପୂଜା, ଗୋ-ପୂଜା, ବିଗ୍ରହ ସ୍ନାନ, ଶୟନ, ଜୀବନ୍ୟାସ, ବିଗ୍ରହଙ୍କ ମନ୍ଦିର ପ୍ରବେଶ, ନବଯୌବନ ଦର୍ଶନ, ପୂର୍ଣ୍ଣାହୁତି ଆଦି ପୂଜାବିଧି ଅନୁଷ୍ଠିତ ହୋଇଯାଇଛି। ଗତ ତିନିଦିନ ଧରି ଚାଲିଥିବା ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ସମସ୍ତ ଭକ୍ତଙ୍କ ପାଇଁ ମନ୍ଦିର ପ୍ରତିଷ୍ଠା ପରିଚାଳନା କମିଟି ପକ୍ଷରୁ ଆନ୍ନପ୍ରସାଦ ସେବନର ବ୍ୟବସ୍ଥା ସହିତ ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବରେ ସହରର ଆଖପାଖ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା କରିଥିଲେ।

● ଗାଡ଼ି ଚାଳକଙ୍କୁ ମାଡ଼ମାରି ଲହୁଲୁହାଣ

# କାର୍ଯ୍ୟାନୁଷ୍ଠାନ ଦାବିରେ ଡ୍ରାଇଭର ମହାସଙ୍ଘର ଥାନା ଘେରଉ



**ବୋରିଗୁମ୍ମା,୨୨।୩(ସମିସ):** ଗୁରୁବାର ଜଣେ ଯୁବକଙ୍କ ଆକ୍ରମଣରେ ଓଡ଼ିଶା ଡ୍ରାଇଭର ମହାସଂଘର ଜଣେ ଡ୍ରାଇଭର ଆହତ ହୋଇଛନ୍ତି। ଶୁକ୍ରବାର ସମ୍ପୃକ୍ତ ଯୁବକଙ୍କ ବିରୋଧରେ ବିସିଂହପୁର ଥାନାରେ ଆହତ ଗାଡ଼ି ଚାଳକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଘଟଣାରେ ତଦନ୍ତ ଆରମ୍ଭ କରିଥିବା ବିସିଂହପୁର ପୁଲିସ ସୂଚନା ଦେଇଛନ୍ତି। ଗାଡ଼ି ଚାଳକଙ୍କୁ ମାଡ଼ ମାରିଥିବା ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଓଡ଼ିଶା ଡ୍ରାଇଭର ମହାସଂଘର ଶତାଧିକ ଡ୍ରାଇଭର ଶୁକ୍ରବାର ବିସିଂହପୁର ଥାନା ଆଗରେ ଧାରଣା ଦେଇଥିଲେ।

ସୂଚନା ଅନୁଯାୟୀ, ଓଡ଼ିଶା ଡ୍ରାଇଭର ମହାସଙ୍ଘର ସଦସ୍ୟ ସୁଜିତ କୁମାର ସାହୁ ନିଜ ଗାଁ ବେଣାଗାଁଠାରୁ ମାଲବୋଝେଇ ଗାଡ଼ି ନେଇ ମୁଞ୍ଜା ରାସ୍ତା ଦେଇ ଇନ୍ଦ୍ରାବତୀକୁ ଯାଉଥିଲେ। ମୁଞ୍ଜା ଗ୍ରାମରେ ଦୋଳଯାତ୍ରା ଚାଲିଥିବା ଯୋଗୁଁ ମୁଖ୍ୟ ରାସ୍ତା ବନ୍ଦ ଥିଲା। ସେ ବାଇପାସ୍ ରାସ୍ତା ଦେଇ ଯିବାକୁ ଚେଷ୍ଟା କରୁଥିବାବେଳେ ସେହି ଗ୍ରାମର ଯୁବକ ଜଗା ନାୟକ ହଠାତ୍ ସୁଜିତଙ୍କ ମୁହଁକୁ ମାଡ଼ମାରି ଲହୁଲୁହାଣ କରିଥିଲେ। ଆହତ ଡ୍ରାଇଭର ସୁଜିତ ବିସିଂହପୁର ଥାନାରେ ଅଭିଯୋଗ କରିବା ପରେ ମାଡ଼ ମାରିଥିବା ଯୁବକ ଜଗା ନାୟକଙ୍କୁ ଅଟକ ରଖି ପୁଲିସ ତଦନ୍ତ କରୁଥିବା ସୂଚନା ଦେଇଛନ୍ତି ବିସିଂହପୁର ଥାନା ଅଧିକାରୀ ସମ୍ବିତ କୁମାର ସ୍ୱାଇଁ। ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଓଡ଼ିଶା ଡ୍ରାଇଭର ମହାସଂଘର ସଭାପତି ଓ କାର୍ଯ୍ୟକର୍ତ୍ତା ଦାବି କରିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ




**ନନ୍ଦପୁର,୨୨।୩(ସମିସ)**

ବାଇକ୍ ଦୁର୍ଘଟଣା ହୋଇ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଯୁବକ ଗୁରୁତର ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟାରେ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପାଡୁଆ ଥାନା ଅନ୍ତର୍ଗତ ବାଇଲଗୁଡ଼ାରେ ଅଲେଖ ମହିମା ଯାତ୍ରା ଦେଖିବାକୁ ଯାଇ ଶୁକ୍ରବାର ସକାଳେ ଫେରୁଥିବା ସମୟରେ ଭେଜା ନିକଟରେ ବାଇକ୍ ଦୁର୍ଘଟଣା ଘଟି ଘଟଣାସ୍ଥଳରେ କାର୍ତ୍ତିକ ଚାଲାଣ (୨୩)ଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଯୁବକ ତ୍ରିଲୋଚନ ଖେମୁଣ୍ଡୁ ଗୁରୁତର ହୋଇ ନନ୍ଦପୁର ମେଡିକାଲରେ ଚିକିତ୍ସିତ ହେଉଥିଲେ। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କୋରାପୁଟ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସେପଟେ କାର୍ତ୍ତିକଙ୍କ ମୃତ୍ୟୁ ନେଇ ନନ୍ଦପୁର ସଦରମହକୁମାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ କାର୍ତ୍ତିକଙ୍କ ଘର ନନ୍ଦପୁର ସଦରମହକୁମାର କୁମ୍ଭାରସାହି ବୋଲି ଜଣାପଡ଼ିଛି। ଅନ୍ୟ ଜଣେ ଯୁବକଙ୍କ ଘର ପଡ଼ାଲପୁଟ ଗ୍ରାମରେ। ଉଭୟ ଯାତ୍ରା ଦେଖି ସକାଳୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ଘଟିଥିବା ପାଡୁଆ ଆଇଆଇସି ଅଶୋକ କୁମାର ବିଶୋଇ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ପାଡୁଆ ପୁଲସ ପହଞ୍ଚି ଶବ ଉଦ୍ଧାର କରିବା ସହ ଘଟଣାର ଅନୁଧ୍ୟାନ କରି ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ଶୋକାକୁଳ ପରିବେଶରେ ମୃତ କାର୍ତ୍ତିକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ବ୍ଲକ୍‌ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଚିତ୍ରକୋଣ୍ଡା,୨୨।୩(ସମିସ)**

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ଅନ୍ତର୍ଭୁକ୍ତ ବ୍ୟାଙ୍କ କଲୋନୀଠାରେ ଲାଲବାହଦୂର ଶାସ୍ତ୍ରୀ ସ୍ପୋର୍ଟସ କ୍ଲବ୍ ଓ ମିଲନ ନିପନ ଷ୍ଟିଲ୍ ମିଳିତ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଜୁ ଜନତା ଦଳର ଜିଲ୍ଲା ମହିଳା ସଭାପତି ଲକ୍ଷ୍ମୀପ୍ରିୟା ନାୟକ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଲକ୍ଷ୍ମୀ ମାଣ୍ଡି, ଅମିତ ଅଗ୍ରୱାଲ, ବାଲୁ ଜାର୍ଙ୍ଗ, ଆଲେକ୍ସଜାଣ୍ଡର ବେହେରା, ରାଜକମଲ ପୁରୋହିତ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇ ଆସନ୍ତା ୩୦ ତାରିଖରେ ସମାପ୍ତ ହେବ। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଟିମ୍ ଭାଗ ନେଇଛନ୍ତି। ପ୍ରତ୍ୟେକ ଦିନ ୨ଟି ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଥମ ମ୍ୟାଚ୍ ଟେମ୍ପୋରାରୀ କଲୋନୀ ଓ ପଞ୍ଜାବୀ ଛକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଟେମ୍ପୋରାରୀ କଲୋନୀକୁ ହରାଇ ପଞ୍ଜାବୀ ଛକ ଟିମ୍ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍ ବଡ଼ପଡ଼ା ଓ ଆରଏସି-୪ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଆରଏସି-୪କୁ ହରାଇ ବଡ଼ପଡ଼ା ବିଜୟୀ ହୋଇଛି। ଟୁର୍ଣ୍ଣାମେଣ୍ଟରେ ବିଜେତା ଦଳକୁ ୨୧ ହଜାର ଓ ରନର୍ସ ଅପ୍ ଦଳକୁ ୧୮ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ଭାବରେ ମିଳିବ। ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିବା ପାଇଁ ଲାଲବହାଦୂର୍ ଶାସ୍ତ୍ରୀ ସ୍ପୋର୍ଟସ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

■ ସ୍ୱାଭିମାନ ଅଞ୍ଚଳରେ ଭୁଶୁଡ଼ି ଯାଇଛି ଅଙ୍ଗନବାଡ଼ି କେନ୍ଦ୍ର ଓ ଶିକ୍ଷା ବ୍ୟବସ୍ଥା

# ୧୮୦ରୁ ୬୨ କେନ୍ଦ୍ରର ନିଜସ୍ୱ ଘର ନାହିଁ

**ଚିତ୍ରକୋଣ୍ଡା,୨୨।୩(ସମିସ)**



ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଅଧିକାଂଶ ଅଙ୍ଗନବାଡ଼ି କେନ୍ଦ୍ର। ଚିତ୍ରକୋଣ୍ଡା ବ୍ଲକରେ ଥିବା ୧୮୦ଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୬୨ଟି କେନ୍ଦ୍ରର ନିଜସ୍ୱ ଘର ନାହିଁ। ଏହି ଆଦିବାସୀ ଅଧ୍ୟୁଷିତ ପାହାଡ଼ ଜଙ୍ଗଲଘେରା ଚିତ୍ରକୋଣ୍ଡା ବ୍ଲକ୍ ଅଞ୍ଚଳରେ ଛୋଟ ଛୋଟ ପିଲାମାନେ ଅଙ୍ଗନବାଡ଼ିରୁ ନିଜର ପାଠପଢ଼ା ଆରମ୍ଭ କରନ୍ତି। ଏଠାରୁ ହିଁ ଭବିଷ୍ୟତର ମୂଳଦୁଆ ପଡ଼ିଥାଏ। ଏହି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ହିଁ ନିଜସ୍ୱ ଘର ନାହିଁ।

କଥାରେ ଅଛି ଆଜିର ଶିଶୁ ଦେଶର ଭବିଷ୍ୟତ। କୋମଳମତି ଶିଶୁଙ୍କ ମୂଳଦୁଆ ସୁଦୃଢ଼ ହେଲେ ସେମାନେ ଉତ୍ତମ ମଣିଷ ହୋଇପାରିବେ। ତେଣୁ ସେମାନଙ୍କ ପ୍ରାଥମିକ ଶିକ୍ଷା ଅଙ୍ଗନବାଡ଼ି କେନ୍ଦ୍ରରୁ ଆରମ୍ଭ ହୁଏ। ଅଙ୍ଗନବାଡ଼ି କେନ୍ଦ୍ରରୁ ପିଲାଙ୍କ ମାନସିକ, ଶାରୀରିକ ଦକ୍ଷତା ଧୀରେ ଧୀରେ ବୃଦ୍ଧି ପାଇଥାଏ। ସେଥିପାଇଁ ଅଙ୍ଗନବାଡ଼ି କେନ୍ଦ୍ରରେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥାଏ। କିନ୍ତୁ ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ଯୋଗୁଁ କୋମଳମତି ପିଲାମାନଙ୍କର ଭବିଷ୍ୟତ ଅନ୍ଧାରରେ। କିଛି ଏପରି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ଅନ୍ତର୍ଗତ ଚିତ୍ରକୋଣ୍ଡା ପଞ୍ଚାୟତର ଇଟାଭାଟି ସାହିରୁ। ସେଠାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରଟିର ନିଜସ୍ୱ କହିଲେ କିଛି ନାହିଁ। ଅନ୍ୟ ଲୋକଙ୍କ ଦ୍ୱାରରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ପ୍ରତିଦିନ ପିଲାମାନେ ଆସନ୍ତି, ପାଠ ପଢ଼ନ୍ତି, ଦିଦିଙ୍କ ସହ ତାଳ ଦେଇ ପଢ଼ନ୍ତି, ସେହି ଘର ଭିତରେ ଖେଳନ୍ତି। ରୋଷେଇ କଥା ନ କହିବା ଭଲ। ଏକ ଅପରିଷ୍କାର ଜାଗାରେ ରୋଷେଇ ହୁଏ। ଭଲ ପିଇବା ପାଣି ପାଇଁ ଦିଦିଙ୍କୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼େ। ଯଦି ଚିତ୍ରକୋଣ୍ଡା ବ୍ଲକ୍ ମୁଖ୍ୟାଳୟରେ ଅଙ୍ଗନବାଡ଼ି କେନ୍ଦ୍ରର ଅବସ୍ଥା ଏମିତି, ଅନ୍ୟ କେନ୍ଦ୍ରଗୁଡ଼ିକର ଅବସ୍ଥା କେମିତି ଥିବ ଅନୁମେୟ। ସେହିପରି ଯଦି ଆମେ ଦେଖିବା ଚିତ୍ରକୋଣ୍ଡା ବ୍ଲକ୍ରେ ସବୁ ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଅବସ୍ଥା ନେଇ ଚିତ୍ରକୋଣ୍ଡା ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ କିଛି ଉତ୍ତର ଦେଇ ନ ଥିଲେ। ଖୁବଶୀଘ୍ର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ନିଜସ୍ୱ ଘର ନ ଥିବା ସ୍ଥାନରେ ନୂତନ ଘର ତିଆରି କରାଯିବ ବୋଲି କହିଥିଲେ। ତେବେ ସ୍ଥାନୀୟ ପ୍ରଶାସନର ଏପରି ମନୋଭାବ ଯୋଗୁଁ କୋମଳମତି ପିଲାଏ କିନ୍ତୁ ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଜଗନ୍ନାଥ ସାଗରର ପୁନଃଉଦ୍ଧାର

# କାର୍ଯ୍ୟ ତଦାରଖ କଲେ ନଗର ଉନ୍ନୟନ ବିଭାଗର ଦୁଇ ଉପଦେଷ୍ଟା

**ଜୟପୁର,୨୨।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଐତିହାସିକ ଜଗନ୍ନାଥ ସାଗର ଜଳାଶୟର ପୁନରୁଦ୍ଧାର ଏବଂ ନିର୍ମାଣ କାର୍ଯ୍ୟର ତଦାରଖ ନିମନ୍ତେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ନିଯୁକ୍ତ ଦୁଇ ଉପଦେଷ୍ଟା ଶୁକ୍ରବାର କାର୍ଯ୍ୟସ୍ଥଳୀଠାରେ ପହଞ୍ଚି ତାହାର ତଦାରଖ କରିଛନ୍ତି। ଏଥିସହ ନିର୍ମାଣ ସମ୍ବନ୍ଧରେ ନିର୍ମାଣକାରୀ ଜୟପୁର ପୌରସଂସ୍ଥାର ଅଧିକାରୀ ଏବଂ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିବା ସହ କିଛି ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କ ସହିତ ଆଲୋଚନା କରିଥିଲେ। ଶୁକ୍ରବାର ପୂର୍ବାହ୍ଣରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିଯୁକ୍ତ ଉପଦେଷ୍ଟା ତଥା ବୈଷୟିକ ବିଶେଷଜ୍ଞ ଅଶୋକ କୁମାର ମହାନ୍ତି ଏବଂ ହାଡ଼ିବନ୍ଧୁ ବେହେରା ଜଗନ୍ନାଥ ସାଗର ଚାରିପଟେ ବୁଲି ଦେଖିଥିଲେ। ସେଠାରେ ଉପସ୍ଥିତ ରହଥିବା ପୌରସଂସ୍ଥାର ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, କନିଷ୍ଠ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ, ଅଜୟ କୁମାର ଜାନି ପ୍ରମୁଖ ଉପସ୍ଥିତ ରହିଥିଲେ। ସାଗରରେ ଜମା ହୋଇଥିବା ସମସ୍ତ ପଙ୍କ ଉଦ୍ଧାର ପରେ ମାତ୍ର ଦୁଇ ଫୁଟ୍ ମାଟି ଖନନ ପରେ ଉକ୍ତ ମାଟିକୁ ସାଗର ଚାରିପାଖ ଆଡ଼ିବନ୍ଧକୁ ସୁଦୃଢ଼ କରିବା ନିମନ୍ତେ ବ୍ୟବହାର କରିବା ସହିତ ଜଳାଶୟ ଭିତରେ ପ୍ରବେଶ କରୁଥିବା ଅଳିଆ ଆବର୍ଜନା ଜଳକୁ ବନ୍ଦ କରିବା ପାଇଁ ଡ୍ରେନଗୁଡ଼ିକର ଗତିପଥ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ। କିଛି ସମୟ ପରେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏବଂ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସାଗର ନିକଟରେ ପହଞ୍ଚି ଉପଦେଷ୍ଟାଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ସାଗର ପାର୍ଶ୍ୱ ଜବରଦଖଲ ଅଞ୍ଚଳକୁ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହେଉଛି। ପ୍ରକାଶ ଯେ, ଜଗନ୍ନାଥ ସାଗର ୧୬୮ ଏକର ପରିମିତ ଜମି ଉପରେ ଜଳାଶୟ ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜଗନ୍ନାଥ ସାଗର ପୁନରୁଦ୍ଧାର ଓ ସଫେଇ ପାଇଁ ୩୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ସାଗରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାର୍କ ଓ ସୌନ୍ଦର୍ଯ୍ୟକରଣ ପାଇଁ ସୁନବେଡ଼ା ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମଟେଡ୍ (ହାଲ୍) ପକ୍ଷରୁ ୭ କୋଟି ଟଙ୍କାର ଚୁକ୍ତିନାମା କରାଯାଇଛି।



## ପରିବେଶ ସୁରକ୍ଷା ବାର୍ତ୍ତା ନେଇ ସାଇକଲ ଯାତ୍ରା

### ● କୋରାପୁଟ ଦେଓମାଳିରେ ପହଞ୍ଚିଲେ ଦୁଇ ସାଙ୍ଗ

**ପଟ୍ଟାଙ୍ଗି,୨୨।୩(ସମିସ):** କେନ୍ଦ୍ରାପଡ଼ାର ୨ ଛାତ୍ର ତଥା ଦୁଇ ସାଙ୍ଗ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ଦେଓମାଳିକୁ ଦୁଇଟି ସାଇକଲରେ ୭୫୦ କିମି ଯାତ୍ରା କରି ପହଞ୍ଚିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ବଡ଼ଦା ଗ୍ରାମର ଦୁଇ ସାଙ୍ଗ ତୁଷାରକାନ୍ତ ପଲ୍ଲାଇ ଏବଂ ମନମୋହନ ମଲ୍ଲିକ ମିଶି ଦିନେ ସନ୍ଧ୍ୟା ସମୟରେ ଖେଳପଡ଼ିଆରେ ବସିଥିଲେ। ସେହି ସମୟରେ ଲୋକଙ୍କୁ ପରିବେଶ ସୁରକ୍ଷା ବାର୍ତ୍ତା ଏବଂ ସଚେତନ କରିବା ପାଇଁ ଚିନ୍ତାଧାରା ଆସିଥିଲା। ଏହାପରେ ସେମାନେ ଦୁଇଟି ସାଇକଲ ଧରି ପ୍ରଥମେ ପୁରୀ ଏବଂ ପରେ କେନ୍ଦୁଝର ଯାଇଥିଲେ। ବର୍ତ୍ତମାନ ସେମାନେ ପରୀକ୍ଷା ସାରି ପୁଣି ତାଙ୍କ ଗ୍ରାମରୁ ପ୍ରାୟ ୭୫୦ କିମି ସାଇକଲ ଯୋଗେ ଯାତ୍ରା କରି କୋରାପୁଟ ଜିଲ୍ଲାର ଦେଓମାଳିଠାରେ ପହଞ୍ଚିଛନ୍ତି। ଉଭୟ ଚାଷୀ ପରିବାରର ଅଟନ୍ତି। ଯାତ୍ରା ସମୟରେ ସ୍ଥାନେସ୍ଥାନେ ଲୋକେ ତାଙ୍କ ଏଭଳି କାର୍ଯ୍ୟ ଦେଖି ସାହାଯ୍ୟ ମଧ୍ୟ କରୁଛନ୍ତି। ରାତ୍ରି ଆଶ୍ରୟ କୌଣସି ମନ୍ଦିର ଓ ମଠ ଆଦିରେ ରହୁଛନ୍ତି। ଦୁଇ ଯୁବକଙ୍କ ଉକ୍ତ ଅଭିନବ ପ୍ରୟାସକୁ ଦେଖି ଲୋକେ ବହୁତ ପ୍ରଶଂସା କରୁଛନ୍ତି।



## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବନ୍ଧୁଗାଁ,୨୨।୩(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କେ.ଜାଗୁଗୁଡ଼ା ପଞ୍ଚାୟତ କୁନ୍ତେଶୁ ଗ୍ରାମରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀ ହେଲେ କୁନ୍ତେଶୁ ଗ୍ରାମର ମାଳତୀ କଣ୍ଡାଗୋରୀ। ଏନେଇ ମୃତ ଯୁବତୀଙ୍କ ପିତା ହିରୁ କଣ୍ଡାଗୋରୀ ବନ୍ଧୁଗାଁ ଥାନାରେ ତାଙ୍କ ଝିଅ ଆତ୍ମହତ୍ୟା କରିଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ବନ୍ଧୁଗାଁ ଥାନା ଏଏସ୍ଆଇ ବିଟି ସାଧୁ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ସୂଚନାନୁଯାୟୀ, ଯୁବତୀ ଜଣକ ସବୁଦିନ ପରି ଶୁକ୍ରବାର ଗୁହାଳରୁ ଗାଈର ଗୋବର ନେଇ ଗାଁ ଠାରୁ ପ୍ରାୟ ୫୦୦ ମିଟର ଦୂରତାରେ ଥିବା ନିଜ ଜମିକୁ ଯାଇ ଆଉ ଘରକୁ ଫେରି ନଥିଲେ। ଯୁବତୀଙ୍କ ଘରକୁ ଫେରିବା ବିଳମ୍ବ ହେବାରୁ ବାପା ନିଜ ଜମି ଆଡ଼କୁ ଝିଅକୁ ଖୋଜିବାକୁ ଯାଇଥିଲେ। ସେଠାରେ ଏକ ପଣସ ଗଛରେ ଝିଅ ରଶିରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହାପରେ ସେ ଗାଁ ଲୋକଙ୍କୁ ଖବର ଦେବା ସହ ଥାନାରେ ଅଭିଯୋଗ କରିଥିଲେ।

## ୨୪ରୁ ରାୟଗଡ଼ାରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

### ● ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ଯୋଗଦେବେ କୃତୀ ପ୍ରତିଭା

**ରାୟଗଡ଼ା,୨୨।୩(ସମିସ):** ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଭୁବନେଶ୍ୱର ସ୍ଥିତ ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ଯୋଗଦାନ ନିମନ୍ତେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ନିମନ୍ତେ ସମଗ୍ର ଜିଲ୍ଲାର କ୍ରୀଡ଼ା ଅଧିକାରୀଙ୍କୁ ଚିଠି କରାଯାଇଛି। ଏହି କ୍ରମରେ ରାୟଗଡ଼ା ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେଖ୍ ଅଲିନୁରଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ ରାୟଗଡ଼ା ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଜିଲ୍ଲାରେ ୩ ଦିନ ଅନୁଷ୍ଠିତ ହେବ ବୋଲି ପ୍ରକାଶ କରିଛନ୍ତି। ରାୟଗଡ଼ା ଜିଲ୍ଲା କ୍ରୀଡ଼ା ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତରେ ଆସନ୍ତା ମାର୍ଚ୍ଚ ୨୪ ଓ ୨୭ ତାରିଖରେ ରାୟଗଡ଼ାର ଜିସିଡି ହାଇସ୍କୁଲ ପଡ଼ିଆଠାରେ ଏବଂ ୨୯ ତାରିଖରେ ଗୁଣୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୪ ତାରିଖରେ ରାୟଗଡ଼ାଠାରେ ଭଲିବଲ ଓ ଆଥଲେଟିକ୍ ଏବଂ ୨୯ ତାରିଖରେ ଗୁଣୁପୁରଠାରେ ଖୋଖୋ କ୍ରୀଡ଼ା ନିମନ୍ତେ ଚୟନ ପରୀକ୍ଷା ଅନୁଷ୍ଠିତ ହେବ। ଏହି କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ୮ରୁ ୧୪ ବର୍ଷ ମଧ୍ୟରେ ଥିବା ଛାତ୍ରଛାତ୍ରୀମାନଙ୍କ କ୍ରୀଡ଼ା ପ୍ରତିଭାର ମାପଦଣ୍ଡରେ ଉଚ୍ଚତା, ଓଜନ, ଶାରୀରିକ ଦକ୍ଷତା, ଭର୍ଟିକଲ୍ ଜମ୍ପ, ୮୦୦ ମିଟର ଦୌଡ଼, ୩୦ ମିଟର ଦ୍ରୁତ ଦୌଡ଼, ଷ୍ଟାଣ୍ଡିଂ କ୍ରିକେଟ ବଲ୍ ଥ୍ରୋ ଭଳି ପରୀକ୍ଷା ମାଧ୍ୟମରେ ଚୟନ କରାଯିବ। ଏହି ଚୟନ ପରୀକ୍ଷାରେ ଭଲିବଲ ଖେଳ ନିମନ୍ତେ ୧୭ଜଣ, ଖୋଖୋ ପାଇଁ ୧୪୮ଜଣ ଏବଂ ଆଥଲେଟିକ୍ ନିମନ୍ତେ ୨୭୮ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ଅଲିନୁର ପ୍ରକାଶ କରିଛନ୍ତି।

ଏହି ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଚୟନ ହୋଇଥିବା କୃତୀ ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସଫଳତା ପାଇଲେ ସେମାନଙ୍କୁ ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ଯୋଗଦାନ କରିବାର ସୁଯୋଗ ମିଳିପାରିବ ବୋଲି ଶ୍ରୀ ଅଲିନୁର କହିଛନ୍ତି। ରାୟଗଡ଼ା ଜିଲ୍ଲାରୁ ଗତ ୧୦ ବର୍ଷ ମଧ୍ୟରେ ୮ରୁ ଊର୍ଦ୍ଧ୍ୱ ପିଲା ଭଲିବଲ, ଆଥଲେଟିକ୍, ବାସ୍କେଟ ବଲ୍, ଭାର ଉତ୍ତୋଳନ ଭଳି କ୍ରୀଡ଼ାରେ ଚୟନ ହୋଇ କ୍ରୀଡ଼ା ଛାତ୍ରାବାସରେ ଯୋଗଦେଇଥିବା ନେଇ କ୍ରୀଡ଼ା ଅଧିକାରୀ ଶ୍ରୀ ଅଲିନୁର କହିଛନ୍ତି। ତେବେ ସମଗ୍ର ରାଜ୍ୟରେ ପାଖାପାଖି ୧୫ଟି ଜିଲ୍ଲାରେ କ୍ରୀଡ଼ା ଛାତ୍ରାବାସ ନିର୍ମାଣ ହୋଇଥିବାବେଳେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାରେ ଏଭଳି ଛାତ୍ରାବାସ ନ ଥିବାରୁ ଜିଲ୍ଲାରେ ବସବାସ କରୁଥିବା ବିଭିନ୍ନ ସମ୍ପ୍ରଦାୟର କ୍ରୀଡ଼ା ପ୍ରତିଭା ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡ଼ାରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିପାରିବାର ସୁଯୋଗ ପାଇପାରୁ ନାହାନ୍ତି।

## ଜୈବିକ ଫସଲ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ




**ପଟ୍ଟାଙ୍ଗି ୨୨।୩(ସମିସ):** ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ କୁନ୍ଦୁଲି ଗ୍ରାମ ପଞ୍ଚାୟତର ସାପ୍ତାହିକ ବଜାରଠାରେ ଉଭୟ କୁନ୍ଦୁଲି ଓ ହାଟଗୁଡ଼ା ପଞ୍ଚାୟତ ମହାସଂଘର ସହଯୋଗରେ ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏଫ୍ଇଏସ୍‌ର ତାଲିମ୍‌ଦାତା ସୋନା ଜାନିଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ହାଟଗୁଡ଼ା ସରପଞ୍ଚ ନାରାୟଣ ନନ୍ଦିବାଲି ଯୋଗଦେଇଥିଲେ। ଏଫ୍ଇଏସ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ରହିବା ସହ ଆପିକଲ ଅନୁଷ୍ଠାନର ମଞ୍ଜୁଳା ଖୋରା, କଳ୍ପନା ମହାପାତ୍ର ଏବଂ ତାଲିମ୍ ପ୍ରାପ୍ତ ଆଠଜଣ କୃଷି ଉଦ୍ୟୋଗୀ ବ୍ୟକ୍ତିମାନେ ଉପସ୍ଥିତ ରହି ଚାଷୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଚାଷୀମାନଙ୍କ ସମେତ ଅନ୍ୟାନ୍ୟ ଲୋକ ମଧ୍ୟ ଯୋଗଦେଇଥିଲେ। ଜୈବିକ ପଦ୍ଧତିରେ ଫସଲ ଉତ୍ପାଦନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ଚାଷୀମାନଙ୍କ ମଧ୍ୟରେ ଜୈବିକ କୃଷି ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଚାଷୀମାନଙ୍କୁ ଜୈବିକ ଉତ୍ପାଦଗୁଡ଼ିକ ପାଇଁ ଉଚିତ ମୂଲ୍ୟ ମିଳିବା ଉଦ୍ଦେଶ୍ୟ ନେଇ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। ଜୈବିକ ପଦ୍ଧତିରେ ଉତ୍ପାଦନ ହୋଇଥିବା ଗାଜର, ଆଳୁ, ଟମାଟୋ, ପିଆଜ, ବାଇଗଣ, ଲାଉ, ମୁନିଙ୍ଗା, ଝୋଡ଼ଙ୍ଗ, ଫୁଲକୋବି ଲଙ୍କା ଆଦି ବଜାରରେ ଖାଉଟିମାନେ ଆଗ୍ରହର ସହ କିଣୁଥିବା ଦେଖାଯାଇଥିଲା। ଚାଷୀମାନେ ଆଗ୍ରହର ସହ ବିକ୍ରି କରିବା ସହିତ ଆଗାମୀ ଦିନରେ ଜୈବିକ ପଦ୍ଧତିରେ ଅଧିକ ମାତ୍ରାରେ ଫସଲ ଉତ୍ପାଦନ କରି ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ।

## ବାବା ରାମାନନ୍ଦ ସ୍ୱାମୀଙ୍କ କୃଷ୍ଣପୁରମ ମଠରୁ ଅଯୋଧ୍ୟା ପଦଯାତ୍ରା

### ■ ସମ୍ବର୍ଦ୍ଧନା ଜଣାଇଲା ବଣିକ ସଂଘ



**ଧୋଡ୍ରା,୨୨।୩(ସମିସ):** ପଡୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟର କୃଷ୍ଣାପୁର ଜିଲ୍ଲାର କୃଷ୍ଣାପୁରମ ମଠରୁ ବାବା ରାମାନନ୍ଦ ସ୍ୱାମୀ ତାଙ୍କର ଶିଷ୍ୟଗଣଙ୍କ ସହିତ ଅଯୋଧ୍ୟାସ୍ଥିତ ରାମଲାଲାଙ୍କ ଦର୍ଶନ ପାଇଁ ପଦଯାତ୍ରା କରୁଥିବାବେଳେ ଶୁକ୍ରବାର ଧୋଡ୍ରାଠାରେ ବଣିକ ସଂଘ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶୁକ୍ରବାର ବାବା ରାମାନନ୍ଦ ସ୍ୱାମୀ ତାଙ୍କ ଶିଷ୍ୟଙ୍କ ସହ ଦିନ ୯ଟା ସମୟରେ ଧୋଡ୍ରାଠାରେ ପହଞ୍ଚିଥିଲେ। ଏହି ଖବର ଜାଣିବା ପରେ ଶତାଧିକ ଗ୍ରାମବାସୀ ତଥା ରାମ ଭକ୍ତମାନେ ବାବାଙ୍କୁ ସ୍ଥାନୀୟ ଦୁର୍ଗାମଣ୍ଡପ ନିକଟକୁ ପାଛୋଟି ନେଇଥିଲେ। ଏହି ଅବସରରେ ବାବା ଏବଂ ତାଙ୍କ ଶିଷ୍ୟଗଣଙ୍କୁ ଧୋଡ୍ରା ବଣିକ ସଂଘ ଓ ଗ୍ରାମବାସୀ ମିଳିତ ଭାବରେ ସ୍ୱାଗତ କରିବା ସହ ଫଳମୂଳ ଆଦି ଭୋଜନ ପାଇଁ ଭେଟି ଦେଇଥିଲେ। ସେଠାରେ ବାବା କିଛିକ୍ଷଣ ବିଶ୍ରାମ ନେବା ସହ ବଣିକ ସଂଘର କର୍ମକର୍ତ୍ତା ଏବଂ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ବାବା ରାମକଥା ଶୁଣାଇଥିଲେ। ପରେ ଶ୍ରଦ୍ଧାଳୁମାନଙ୍କଠାରୁ ବାବା ବିଦାୟ ନେଇ ପୁନଃ ପଦଯାତ୍ରାରେ ବାହାରିଥିଲେ।

## ସେମିଳିଗୁଡ଼ା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ସେମିଳିଗୁଡ଼ା,୨୨।୩(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଭାଗ ତରଫରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ଡ. ରମାରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଭବିଷ୍ୟତ ଗଠନ କରିବା ନିମନ୍ତେ ଆଧ୍ୟାତ୍ମିକ ଚିନ୍ତାଧାରା ସମ୍ପନ୍ନ ହେବାକୁ ଉପଦେଶ ଦେଇଥିଲେ। ବରିଷ୍ଠ ଅଧ୍ୟାପିକା ଡ. ବିଦ୍ୟୁତପ୍ରଭା ରାଉତ ବିଦାୟୀ ଛାତ୍ରଛାତ୍ରୀଙ୍କୁ ଉତ୍ତମ ମଣିଷଟିଏ ହେବାକୁ ପରାମର୍ଶ ଦେବା ସହିତ ଶୁଭେଚ୍ଛା ଜଣାଇଥିଲେ। ଅଧ୍ୟାପକ ପ୍ରବୋଧ କୁମାର ମଲ୍ଲିକ, କୁମାରୀ ଦିଗେଶ୍ୱରୀ ଶିଖା ଏବଂ ରବିନାରାୟଣ ମିଶ୍ର ପିଲାମାନଙ୍କୁ କଠିନ ପରିଶ୍ରମୀ ହେବା ସହିତ ସତ ଚରିତ୍ର ସମ୍ପନ୍ନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଉପହାର ଦେବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଜିତ ଖଡ଼ା ପରିଚାଳନା କରିଥିବାବେଳେ ଶ୍ରୀମାନ ଦେବସ୍ୱାମୀ ଖରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା କର୍ମ ନିୟୋଜନ କାର୍ଯ୍ୟାଳୟ ତରଫରୁ ଦିନିକିଆ କ୍ୟାରିୟର କାଉନ୍‌ସେଲିଂ

**ଧୋଡ୍ରା,୨୨।୩(ସମିସ)**

ନବରଙ୍ଗପୁର ଜିଲ୍ଲା କର୍ମ ନିୟୋଜନ କାର୍ଯ୍ୟାଳୟ ତରଫରୁ ଧୋଡ୍ରାସ୍ଥିତ ବିବି ଛାଟୋଇ ନର୍ସିଂ ମହାବିଦ୍ୟାଳୟ ପରିସରରେ ଦିନିକିଆ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସ୍ନିଗ୍ଧା ମିନତୀ ଦାନି ସ୍ୱାଗତ ଭାଷଣ ଦେବା ସହ ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ଓ କର୍ମ ନିୟୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲେଇ, ନିୟୋଜନ ଅଧିକାରୀ ଶୁଭମ ମହାପାତ୍ର, ଯୁବ ବିଶାରଦ ରୀନା ନିଶାଦ ପ୍ରମୁଖ ଉପସ୍ଥିତ ରହି କାଉନସେଲିଂ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ତରଫରୁ ନର୍ସିଂ ପାଠ୍ୟକ୍ରମକୁ ନେଇ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକ ବିଷୟରେ ଉପସ୍ଥିତ ଅଧିକାରୀମାନେ ବ୍ୟାପକ ଆଲୋଚନା କରିଥିଲେ। ଷ୍ଟାର ପ୍ରକଳ୍ପ ଅଧୀନରେ ୨୦୨୪ ଆର୍ଥିକ ବର୍ଷରେ ନର୍ସିଂ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାପକ ନିଯୁକ୍ତିର ସୁଯୋଗ ରହିଥିବା ନେଇ ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ଶ୍ରୀ ପଲେଇ ଉପସ୍ଥିତ ନର୍ସିଂ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ। ଏହି କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଏଏନଏମ, ଜିଏନଏମ ଓ ବିଏସି ନର୍ସିଂ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।



## ସୀମାନ୍ତ ଦେଶୀ ମଦ ଭାଟି ଉପରେ ଚଢ଼ଉ; ୪୮ ଡ୍ରମ୍ ପୋଚ ନଷ୍ଟ



**ବନ୍ଧୁଗାଁ,୨୨।୩(ସମିସ :** କୋରାପୁଟ ଜିଲ୍ଲା ବନ୍ଧୁଗାଁ ଥାନା ଓ ପାର୍ବତୀପୁରମ୍ କମରୋଡ଼ା ପୁଲିସ ଆଲମଣ୍ଡା ଓ କାର୍ଲିଗ୍ରାମରେ ଥିବା ଦେଶୀମଦ ଭାଟି ଉପରେ ମିଳିତ ଚଢ଼ଉ କରି ୪୮ଟି ଡ୍ରମରେ ଦେଶୀ ମଦ ତିଆରି ପାଇଁ ଥିବା ପୋଚଗୁଡ଼ିକୁ ନଷ୍ଟ କରିଛି। ସୂଚନାନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ଥିବା ମା' ଅଗ୍ନିଗଙ୍ଗା ଠାକୁରାଣୀ ଯାତ୍ରା ଓ ନିର୍ବାଚନକୁ ନେଇ ସୀମାନ୍ତ ଅଞ୍ଚଳର ଦେଶୀମଦ ବ୍ୟବସାୟୀ ଲକ୍ଷାଧିକ ଟଙ୍କାର ଦେଶୀମଦ ପ୍ରସ୍ତୁତ କରିବାକୁ ଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ, ବନ୍ଧୁଗାଁ ଥାନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କ ଉପସ୍ଥିତିରେ ଦୁଇ ରାଜ୍ୟର ଏସଏଚଓ ପୁଲିସ ମଦ ଭାଟି ଉପରେ ଚଢ଼ଉ କରିଥିଲେ। ଆଲମଣ୍ଡା ଗ୍ରାମକୁ ଲାଗି ଆନ୍ଧ୍ରକୁ ଯାଉଥିବା ଝଞ୍ଜାବତି ନଦୀ କୂଳେକୂଳେ ଥିବା ଆଲମଣ୍ଡା ଗ୍ରାମର ୩୨ଟି ଡ୍ରମ୍ ଓ କାର୍ଲିଗ୍ରାମର ୧୬ଟି ଡ୍ରମରେ ଦେଶୀମଦ ପ୍ରସ୍ତୁତ ପାଇଁ ଥିବା ପୋଚଗୁଡ଼ିକୁ ନଷ୍ଟ କରାଯାଇଛି। ଏହି ପ୍ରକାର ଚଢ଼ଉ ପରେ ମଦ ବେପାରୀଙ୍କ ମନରେ କୋକୁଆଭୟ ସୃଷ୍ଟି ହୋଇଛି।

# ୫ ବାଲି ବୋଝେଇ ଟ୍ରାକ୍ଟର ଜବତ; ୧ ଲକ୍ଷ ଜରିମାନା ଆଦାୟ

### ବେଆଇନ ଭାବେ ନାଗାବଳୀ ନଦୀର କୋଟାପେଟା ବାଲିଘାଟରୁ ହେଉଥିଲା ଚାଲାଣ

**କୋଲନରା,୨୨।୩(ସମିସ)**

ନାଗାବଳୀ ନଦୀର କୋଟାପେଟା ବାଲିଘାଟ ନିକଟରୁ ବେଆଇନ ଭାବେ ୫ଟି ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଥିବା ସମୟରେ ରାୟଗଡ଼ା ମାଇନ୍ସ ବିଭାଗୀୟ ଅଧିକାରୀ ଓ ଚାନ୍ଦିଲି ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବାଲି ବୋଝେଇ ୫ଟି ଟ୍ରାକ୍ଟରକୁ ଜବତ କରାଯିବା ସହ ଟ୍ରାକ୍ଟର ପିଛା ୨୦ହଜାର ଟଙ୍କା ଲେଖାଏଁ ମୋଟ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି।

ଏ ନେଇ ମିଳିଥିବା ସୂଚନା ପ୍ରକାରେ, ଶୁକ୍ରବାର ସକାଳେ ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ସଦର ବ୍ଲକର କୋଟାପେଟା-କେ.ମାଲିଗାଁ ମଝିରେ ପ୍ରବାହିତ ହେଉଥିବା ନାଗାବଳୀ ନଦୀର ବାଲିଘାଟରୁ ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଥିଲା। ଏହି ବାଲିଘାଟରୁ ବେଆଇନ ଭାବେ ନିୟମିତ ବାଲି ଚାଲାଣ ହେଉଥିଲେ ସୁଦ୍ଧା ମାଇନ୍ସ ବିଭାଗ ପକ୍ଷରୁ ସେମିତି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଛନ୍ତି। ନଦୀ ଉପରେ ନିର୍ଭର କରି ଚଳୁଥିବା କୋଟାପେଟା, କେ.ମାଲିଗାଁ ପଞ୍ଚାୟତ ସମେତ ନଦୀ ଅବବାହିକାରେ ଥିବା ଅନେକ ଗ୍ରାମବାସୀ ନଦୀର ବାଲିପଟା ତଥା ବିଭିନ୍ନ ସମୟରେ ନଦୀ ଗର୍ଭରୁ ବାଲି ଉଠାଣ ହେଉଥିବାରୁ ନଦୀର ସ୍ରୋତ ପ୍ରଖର ହେଉଥିବାବେଳେ ନଦୀ ମଧ୍ୟ ଅଧିକ ଓସାରିଆ ହୋଇ ଗାଁଗୁଡ଼ିକ ପ୍ରତି ବିପଦ ଟାଣି ଆଣୁଛି। ପୂର୍ବରୁ ରାଜସ୍ୱ ବିଭାଗ ବାଲିଘାଟରେ ଚୋରା ବାଲି ଚାଲାଣ ରୋକିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସୁଥିବାବେଳେ ଏବେ କିନ୍ତୁ ଏହା ମାଇନ୍ସ ବିଭାଗ ହାତକୁ ଯିବା ପରେ ବିଭାଗ ପକ୍ଷରୁ ନିୟମିତ ଭାବେ ଚଢ଼ଉ କରାଯାଉ ନ ଥିବାରୁ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ବୃଦ୍ଧି ପାଉଥିବା ଚର୍ଚ୍ଚା ହେଉଛି।








ବେଳେବେଳେ "ଭବିଷ୍ୟତ" ଧାର୍ଯ୍ୟ ସମୟ ପୂର୍ବରୁ ପହଞ୍ଚିଯାଏ ଏବଂ ବାହ୍ୟଜଗତ ତା' ବିଷୟରେ କିଛି ଜାଣିବା ଆଗରୁ ନିଜର ପରିଚୟ ପସରା ମେଲାଇ ବସେ !
-ସଲମାନ୍ ରୁସଦି ( ଭିକ୍ଟରୀ ସିଟି)

ସକାଳ
THE SAKALA

## ଦଶଦିନ ପାଇଁ ଇଡି ହାଜତକୁ ଗଲେ କେଜରିୱାଲ୍

# ମଦଦୁର୍ନୀତି ଫାଶରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ଦିଲ୍ଲୀ ମଦ ଦୁର୍ନୀତିର ତଦନ୍ତ ପରିସର ଶେଷରେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ୍‌ଙ୍କୁ ଫାଶରେ ପକାଇଛି । ଦିଲ୍ଲୀର ସ୍ଥାନୀୟ ଅଦାଲତଙ୍କ ଆଦେଶ ଦେଶରେ ଦୁର୍ନୀତି ଉପରେ ଏକ ଭାରୀ ପ୍ରହାର ଭଳି ମନେ ହେଉଛି । ୨୦୧୧ରେ ଦେଶରେ ଦୁର୍ନୀତି ବିରୋଧରେ ଶକ୍ତିଶାଳୀ ସ୍ୱର ଉତ୍ତୋଳନ କରିଥିବା ଜନନାୟକ ଆନ୍ନା ହଜାରେ ଆଜି ଏଥିପାଇଁ ଦୁଃଖପ୍ରକାଶ କରି କହିବାଟା ଏକ ବିଚିତ୍ର ନୈତିକ ପରିସ୍ଥିତି ସୃଷ୍ଟି କରିଛି ଆନ୍ନା ହଜାରେ କହିଛନ୍ତି ଯେ ତାଙ୍କ ଉପଦେଶ ନ ମାନି ଆଜି କେଜରିୱାଲ୍ ଏ ଅବସ୍ଥାରେ ପଡ଼ିଛନ୍ତି । ସତରେ ଦେଶରୁ ଦୁର୍ନୀତି ନିର୍ମୂଳ କରିବାକୁ ଆନ୍ନା ହଜାରେଙ୍କ ନେତୃତ୍ୱରେ ବଜ୍ରଶପଥ ନେଇଥିବା ଅରବିନ୍ଦ କେଜ୍‌ରିୱାଲ୍ ନିଜେ କିପରି ଅବକାରୀ ଦୁର୍ନୀତି ସହ ଜଡ଼ିତ ହେଲେ ଏବଂ ଆଜି ହାଜତରେ ଅଟକ ଅଛନ୍ତି ତାହା ଆଜି ବେଶ୍ ନାଟକୀୟ ଲାଗିପାରେ, କିନ୍ତୁ ଏବେ ପାରଦର୍ଶୀ ଶାସନର ନେତା ବୋଲାଉଥିବା 'ଆପ୍' ଦଳ ମୁଖ୍ୟ କୁଆଡ଼େ ଜେଲ୍ ଭିତରୁ ଦିଲ୍ଲୀ ପ୍ରଶାସନ ଚଳାଇବେ! ଦେଶ ପାଇଁ ଏହା ଲଜ୍ଜାର ବିଷୟ। ଆଦର୍ଶବାଦୀ ନେତା ଆନ୍ନା ହଜାରେଙ୍କ ଦୁଃଖବାର୍ତ୍ତା ଶୁଣି ପ୍ରତ୍ୟେକ ସଚ୍ଚା ଭାରତୀୟ ନିଶ୍ଚୟ ମର୍ମାହତ ହୋଇଥିବେ ।

କେଜ୍‌ରିୱାଲଙ୍କ ଗିରଫ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏବେ ଦେଶରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ଏକ ଜାତୀୟ ଦଳର ମୁଖ୍ୟ ଓ ବିରୋଧୀ ଦଳର ଜଣେ ଟାଣୁଆ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯିବା ଘଟଣା ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିବା ସ୍ୱାଭାବିକ । ଆହୁରି ମଧ୍ୟ କେନ୍ଦ୍ର ସରକାରଙ୍କ ସହିତ କେଜ୍‌ରିୱାଲଙ୍କର ସର୍ବଦା ବିବାଦ ଲାଗି ରହୁଥିବାରୁ ତାଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ସରକାର ଇଡି ଲଗାଇ ହଇରାଣ କରିପାରିଥା'ନ୍ତି ବୋଲି ଅନେକ ଭାବିପାରନ୍ତି । ଏସବୁ ସତ୍ତ୍ୱେ କେଜ୍‌ରିୱାଲ ଜଣେ ବୁଦ୍ଧିମାନ ରାଜନେତା ହୋଇ କିପରି ଆଇନକୁ ସମ୍ମାନ ଦେଲେ ନାହିଁ, ତାହା ଅନେକଙ୍କୁ ବିସ୍ମିତ କରିଛି । ଆମ ଦେଶର ବେଆଇନ ଅର୍ଥ କାରବାର ଓ ଲାଞ୍ଚ ନିରୋଧୀ ଆଇନ ଅତ୍ୟନ୍ତ ଶକ୍ତିଶାଳୀ । କୌଣସି ବ୍ୟକ୍ତିବିଶେଷ ବିରୋଧରେ ଏ ସମ୍ପର୍କରେ ଅଭିଯୋଗ ଆସିଲେ ବା ଇଡିକୁ ସୂଚନା ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ସମ୍ଭାବନା ଅଧିକ ଥାଏ । ଥରେ ଏହି ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଗଲେ ଅଦାଲତ ପ୍ରାୟତଃ ସେଥିରେ ହସ୍ତକ୍ଷେପ କରିନ୍ତି ନାହିଁ ଏବଂ ତଦନ୍ତ ଶେଷ ଯାଏଁ ଅପେକ୍ଷା କରନ୍ତି ।

ଏହାପୂର୍ବରୁ ଖଣି ଦୁର୍ନୀତି ଅଭିଯୁକ୍ତ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମଧ୍ୟ ଇଡି ସମନକୁ ବାରମ୍ବାର ଟାଳିଥିଲେ ଏବଂ ଶେଷରେ ପରିସ୍ଥିତି ଅଣାୟତ୍ତ ହେବାରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ । ତେବେ ଅରବିନ୍ଦ କେଜରିୱାଲ ମାମଲାର ଗୁରୁତ୍ୱ ଜାଣି ସୁଦ୍ଧା ପଦ ଛାଡ଼ି ନାହାନ୍ତି ଏବଂ ଜେଲ୍‌ରୁ ଶାସନ କରିବାର ଦମ୍ଭ ଦେଖାଇଛନ୍ତି । ମୁଖ୍ୟମନ୍ତ୍ରୀ ଭାବେ ଗିରଫ ହୋଇ ସେ ବୋଧହୁଏ ଲୋକଙ୍କ ଅନୁକମ୍ପା ହାସଲ କରିବାକୁ ଉଚିତ ମନେ କରିଛନ୍ତି । ବିଡ଼ମ୍ବନା ହେଉଛି ଯେ ଗୁରୁତର ଅଭିଯୋଗରେ ଥରେ ଗିରଫ ହେଲେ ଲୋକପ୍ରତିନିଧିଙ୍କୁ ବିଚାର ଶେଷ ହେବା ଯାଏଁ ସାମ୍ବିଧାନିକ ପଦ ପଦବୀରୁ ଇସ୍ତଫା ଦେବାକୁ ହୋଇଥାଏ ଓ ଏହା ଆମର ସାମ୍ବିଧାନିକ ବ୍ୟବସ୍ଥା ।

ଏହି ଅବକାରୀ ଦୁର୍ନୀତି ମାମଲାରେ ତାଙ୍କର ଜଣେ ପୂର୍ବତନ ସହକର୍ମୀ ଓ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ଆପ୍‌ର ରାଜ୍ୟସଭା ସଦସ୍ୟ ସଞ୍ଜୟ ସିଂହ ଏବଂ ଭାରତ ରଇତ ସମିତିର ବିଧାୟିକା ତଥା ତେଲଙ୍ଗାନାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ କେ କବିତା ଗିରଫ ହୋଇ ଜେଲ୍‌ରେ ଅଛନ୍ତି । ସେମାନଙ୍କ ବିରୋଧରେ ମାମଲା ଚାଲିଛି । ଏହି ମାମଲାରେ ତେଲଙ୍ଗାନାର ଏକ ମଦ କମ୍ପାନୀ ସହିତ ଯେଉଁ ବୁଝାମଣା ଦିଲ୍ଲୀ ସରକାର କରିଥିଲେ, ତାହାକୁ ୧୨ ଶତାଂଶ କମିଶନ ଦେବାକୁ ଅନୁମତି ମିଳିଥିଲା । ଏହି କମ୍ପାନୀ ସହିତ କବିତାଙ୍କର ବ୍ୟାବସାୟିକ ସମ୍ପର୍କ ଥିଲା । ତେବେ ସମ୍ପୃକ୍ତ କମ୍ପାନୀ ଅଧିକ କମିଶନ ପାଇବାକୁ ଆପ୍‌ର ନେତା ଓ ମୁଖ୍ୟଙ୍କୁ ୧୦୦ କୋଟି ଟଙ୍କାର ଲାଞ୍ଚ (କିକ୍‌ବ୍ୟାକ୍) ଦେଇଥିବା ଅଭିଯୋଗ ଉଠିଥିଲା । ଦିଲ୍ଲୀର କିଛି ପ୍ରଶାସକ ଏହି କାରବାରରେ ଲାଞ୍ଚ ନେଣଦେଣ ହୋଇଥିବା ଉପରାଜ୍ୟପାଳଙ୍କୁ ଅବଗତ କରାଇବା ପରେ ସେ ଏହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଏହାପରେ କେଜରିୱାଲ ସେହି ମଦ କାରବାର ଚୁକ୍ତିକୁ ବାତିଲ କରି ଦେଇଥିଲେ । ସିବିଆଇ ଓ ଇଡି ମାମଲାର ତଦନ୍ତ କରି ଲାଞ୍ଚ କାରବାରର କିଛି ପ୍ରମାଣ ପାଇବା ପରେ ସିସୋଦିଆ, କବିତା ଓ ସଞ୍ଜୟ ସିଂହଙ୍କୁ ଗିରଫ କରିଥିଲେ । ଅଧିକ କିଛି ତଥ୍ୟ ଜାଣିବାକୁ ଇଡି କେଜରିୱାଲଙ୍କୁ ପଚରା ଉଚରା କରିବାକୁ ସମନ ଜାରି କରିଥିଲା । ସେ କିନ୍ତୁ ଏଥିରେ ସହଯୋଗ ନ କରି ଏହାକୁ ଏଡ଼ାଇ ଚାଲିଥିଲେ । ଶେଷରେ ୧୦ମ ଥର ଜେରା ବେଳେ ସେ ଗିରଫ ହୋଇଛନ୍ତି । ଅଧିକ ପଚରାଉଚୁରା ପାଇଁ ତାଙ୍କୁ ୧୦ ଦିନ ପର୍ଯ୍ୟନ୍ତ ନିଜ ହାଜତରେ ରହିବାକୁ ଇଡିକୁ ସ୍ୱତନ୍ତ୍ର କୋର୍ଟ ଅନୁମତି ଦେଇଛନ୍ତି ।

ଏବେ ପ୍ରଶ୍ନ ଉଠୁଛି ଯେ ଏହି ଗିରଫଦାରୀ ପଛରେ ରାଜନୈତିକ ପ୍ରତିଶୋଧ ପରାୟଣତା ଓ ଚାପ ରହିଛି କି ନାହିଁ। ଏହି ମାମଲାଟି ଏକ ବର୍ଷରୁ ଅଧିକ ପୁରୁଣା । ତା' ଭିତରେ କେଜରିୱାଲ ଇଡି ସମନର ଜବାବ ଦେଇ ହାଜିର ହୋଇଥିଲେ ଆଜି ତାଙ୍କୁ ଗିରଫ ହେବାକୁ ପଡ଼ିନଥା'ନ୍ତା । ଆଇନକୁ ସମ୍ମାନ ଦେଇ ସେ ନିଜ ପକ୍ଷକୁ ସୁଦୃଢ଼ କରିପାରିଥା'ନ୍ତେ । ଏହାସତ୍ତ୍ୱେ ସେ ରାଜନୈତିକ ଅଭିସନ୍ଧି ରଖି ଏକ ମାମଲାକୁ ଅଧିକ ଜଟିଳ କରି ନିର୍ବାଚନ ସମୟରେ ଗିରଫ ହୋଇ ଅନୁକମ୍ପା ଜନିତ ଫାଇଦା ଉଠାଇବାକୁ ଚାହିଁଛନ୍ତି ବୋଲି କୁହାଯିବ ନାହିଁ କାହିଁକି?

ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେଜରିୱାଲ ଏକମାତ୍ର ବିରୋଧୀ ଦଳର ମୁଖ୍ୟମନ୍ତ୍ରୀ ନୁହନ୍ତି । ତାଙ୍କଠାରୁ ବହୁ ଅଧିକ ଟାଣୁଆ, କେନ୍ଦ୍ରର ତୀବ୍ର ସମାଲୋଚକ ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଅଛନ୍ତି । ମମତା ବାନାର୍ଜୀ, ଜଗନମୋହନ ରେଡ୍ଡୀ, ଏମ୍‌କେ ଷ୍ଟାଲିନ୍, ପିନାରାଇ ବିଜୟନ ଓ ଭଗୱନ୍ତ ସିଂହଙ୍କ ଭଳି ମୁଖ୍ୟମନ୍ତ୍ରୀମାନେ ମଧ୍ୟ ରାଜନୀତି କରୁଛନ୍ତି । ମାନ୍ ତ କେଜରିୱାଲଙ୍କ ଦଳର ନେତା । ଏପରିକି ବେଆଇନ ଅର୍ଥ କାରବାର ମାମଲାରେ ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ମଧ୍ୟ ବେଶ୍ ଲମ୍ବା ଅବଧି ଜେଲ୍‌ରେ କଟାଇବାକୁ ପଡ଼ିଲା ଏବଂ ଶେଷରେ ସେ ଜାମିନରେ ମୁକ୍ତ ହୋଇଛନ୍ତି । ଅଦାଲତ ତଥ୍ୟ ପ୍ରମାଣ ଦେଖେ, କୌଣସି ବ୍ୟକ୍ତିର ଚେହେରା, ପଦ ପଦବୀ ଏବଂ ରାଜନୈତିକ ପକ୍ଷ ଦେଖେ ନାହିଁ।

ଆମ ସାମ୍ବିଧାନିକ ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କୁ କେତେକ ଅଧିକ କ୍ଷମତା ଦିଆଯାଇଛି, ଯାହାକୁ ସେ ଇଚ୍ଛାମତେ ପ୍ରୟୋଗ କରିବାକୁ ସୁଯୋଗ ପାଆନ୍ତି । ତେବେ କେନ୍ଦ୍ର ସରକାର ନ୍ୟାୟ କି ଅନ୍ୟାୟ କରୁଛନ୍ତି, ତାହା ଦେଖିବା ନ୍ୟାୟପାଳିକାର କାମ। ତେବେ ସେ ଯା'ହେଉ ସାଧାରଣ ନିର୍ବାଚନ ସମୟରେ ଜଣେ ବିରୋଧୀ ଓ କୁହାଳିଆ ମୁଖ୍ୟମନ୍ତ୍ରୀଙ୍କୁ ଜେଲ୍‌ରେ ପୂରାଇବା ପଛରେ କେନ୍ଦ୍ରର ଅଭିସନ୍ଧିକୁ ଅନେକ ଲୋକ ଦେଖିବେ। ଭାରତୀୟ ଭୋଟର ସବୁଠୁ ସତର୍କ ଓ ସଚେତନ। ସେମାନେ ସବୁକଥା ଉପରେ ତୀକ୍ଷଣ ନଜର ରଖିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ କିଏ କାହାଣୀରେ ରହିବେ ଓ କିଏ ପାଦଟୀକା ପାଲଟିବେ ତାହା ଭୋଟର ହିଁ ନିର୍ଣ୍ଣୟ କରିବେ । ସେତେବେଳେ ଜଣା ପଡ଼ିବ କିଏ ଠିକ୍ ଓ କିଏ ଭୁଲ୍। ତେବେ ଇଡି ସମନକୁ ୯ ଥର ପ୍ରତ୍ୟାଖ୍ୟାନ କରିବା ପରେ ଉଚ୍ଚ ଅଦାଲତରୁ ନିରାଶ ହୋଇ କେଜରିୱାଲ୍ ଆଜି ନିଜର କୃତକର୍ମ କଥା ବିଚାର କରନ୍ତୁ ଏବଂ ନ୍ୟାୟିକ, ନୈତିକ ଓ ଗଣତାନ୍ତ୍ରିକ ଉପାୟରେ ନିଜର ତଥା ଦିଲ୍ଲୀ ପ୍ରଶାସନର ଛବି ସୁଧାରନ୍ତୁ ଏହା ଆମର କାମନା ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଡିଜିଟାଲ ଯୁଗରେ ନିର୍ବାଚନ ପ୍ରଚାର



**ଡକ୍ଟର ପ୍ରଦୀପ ମହାପାତ୍ର**
ବ୍ରହ୍ମପୁର, ମୋ: ୯୪୩୭୦ ୯୬୯୪୪

ଭାରତର ସାଧାରଣ ନିର୍ବାଚନ ପ୍ରଚାର ଅଭିଯାନରେ ୨୦୧୪ରୁ ଡିଜିଟାଲ ପ୍ରଯୁକ୍ତିକୌଶଳ ଉପଯୋଗ ଆରମ୍ଭ ହୋଇ ୨୦୧୯ରେ ବିକଶିତ ହୋଇଥିଲେ ହେଁ ୨୦୨୪ରେ ପାରମ୍ପରିକ ପ୍ରଚାରକୁ ଅତିକ୍ରମ କରିବା ସମ୍ଭବ ନଥିବା କେତେକ ଗଣମାଧ୍ୟମ ବିଶ୍ଳେଷକ ସୂଚାଇଛନ୍ତି। ପ୍ରଥମତଃ, ପରିସଂଖ୍ୟାନ ଦୃଷ୍ଟିରୁ ୨୦୨୪ ସୁଦ୍ଧା ଦେଶର ମାତ୍ର ଅର୍ଦ୍ଧେକ ନାଗରିକ ସ୍ମାର୍ଟଫୋନ ଉପଭୋକ୍ତା । ଏଠାରେ ଇଣ୍ଟରନେଟ ଆହରଣର ପ୍ରମୁଖ ମାଧ୍ୟମ ରୂପେ ସ୍ମାର୍ଟଫୋନକୁ ଚିହ୍ନଟ କରାଯାଉଥିବା ହେତୁ ମାତ୍ର ପ୍ରାୟ ୭୦ କୋଟି ଜନସାଧାରଣଙ୍କଠାରେ ନିର୍ବାଚନ ପ୍ରଚାର ଅଭିଯାନ ଡିଜିଟାଲ ପରିବେଶରେ ପହଞ୍ଚିବା ସମ୍ଭବ। ଏ ପର୍ଯ୍ୟନ୍ତ ସହରାଞ୍ଚଳରେ ୧୩ କୋଟି ୮୦ ଲକ୍ଷ ଓ ଗ୍ରାମାଞ୍ଚଳରେ ୫୨ କୋଟି ୨୬ ଲକ୍ଷ ଜନସାଧାରଣ ଇଣ୍ଟରନେଟ ଯୋଗେ ସଂଯୁକ୍ତ ହୋଇପାରି ନାହାନ୍ତି। ଏହି ୬୬ କୋଟି ନାଗରିକ ଆର୍ଥିକ ଓ ଶିକ୍ଷାଗତ ଦୃଷ୍ଟିରୁ ଅନଗ୍ରସର ଥିବା ସ୍ୱାଭାବିକ। କିନ୍ତୁ ରାଜନୈତିକ ଦଳଗୁଡ଼ିକ ଏହି ବର୍ଗର ସମର୍ଥନକୁ ସର୍ବାପେକ୍ଷା ଗୁରୁତ୍ୱ ଦେଇଥା'ନ୍ତି। ତେଣୁ ଡିଜିଟାଲ ବିପ୍ଲବ ସତ୍ତ୍ୱେ ଡିଜିଟାଲ ପରିବେଶରେ ପହଞ୍ଚିପାରି ନ ଥିବା ଭୋଟରମାନଙ୍କୁ ପ୍ରଭାବିତ କରିବା ନିମନ୍ତେ ପାରମ୍ପରିକ ପ୍ରଚାର ମାଧ୍ୟମ ଉପଯୋଗକୁ ଗୁରୁତ୍ୱ ପ୍ରଦାନ କରାଯିବା ଏକ ଚରମ ଆବଶ୍ୟକତା।

ଦ୍ୱିତୀୟତଃ, ଅଭିଜ୍ଞତାରୁ ଜଣାଯାଏ ଯେ ନିର୍ବାଚନ ପ୍ରଚାର ଅଭିଯାନରେ ଜନସମାବେଶ ବା ରାଲିକୁ ସର୍ବାପେକ୍ଷା ଗୁରୁତ୍ୱ ଦିଆଯାଇଆସିଛି। ନିର୍ବାଚନ ଖର୍ଚ୍ଚ ସମ୍ପର୍କରେ ନିର୍ବାଚନ ଶେଷରେ ନିର୍ବାଚନ କମିଶନଙ୍କ ନିକଟରେ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ପକ୍ଷରୁ ଉପସ୍ଥାପିତ ହିସାବ ଅନୁଯାୟୀ ରାଲି ଆୟୋଜନରେ ଦେଶର ଦୁଇ ପ୍ରମୁଖ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟି ସମୁଦାୟ ନିର୍ବାଚନୀ ଖର୍ଚ୍ଚର ଏକ-ଚତୁର୍ଥାଂଶ ଏବଂ ଜାତୀୟ କଂଗ୍ରେସ ପାର୍ଟି ଏକ-ତୃତୀୟାଂଶ ବିନିଯୋଗ କରିଥିଲେ। ଅବଶ୍ୟ ରାଲିଗୁଡ଼ିକରେ ୧୯୯୯ରୁ ୨୦୧୯ ଏହି ଦଶବର୍ଷରେ ନିର୍ବାଚନ ଇତିହାସରେ ମାତ୍ର ୨୦ ପ୍ରତିଶତ ଭୋଟର ଉପସ୍ଥିତ ରହୁଥିବା 'ସେଣ୍ଟର ଫର ଦି ଷ୍ଟଡି ଅଫ୍ ଡେଭେଲପିଙ୍ଗ ସୋସାଇଟିସ' ଆନୁକୂଲ୍ୟରେ ଆୟୋଜିତ 'ଲୋକନୀତି' ଗବେଷଣାରୁ ଜଣାଯାଏ। ଅପରପକ୍ଷେ ସ୍ୱାଧୀନ ଗବେଷକ ଶାହାନା ଶେଖ ଉତ୍ତରପ୍ରଦେଶରେ ୨୦୨୨ ବିଧାନସଭା ନିର୍ବାଚନ ଅବସରରେ ୪ହଜାର ଭୋଟରଙ୍କ ମଧ୍ୟରେ ଆୟୋଜିତ ସର୍ବେକ୍ଷଣରେ ୫୪ ରୁ ୭୩ ପ୍ରତିଶତ ଭୋଟର ରାଲି ଭଳି ପାରମ୍ପରିକ ପ୍ରଚାର ଅଭିଯାନ ସପକ୍ଷରେ ମତ ଦେଇଥିବା ତଥ୍ୟ ଉପସ୍ଥାପିତ କରିଥିଲେ।

ତୃତୀୟତଃ, ନିର୍ବାଚନ ପ୍ରଚାର ଅବସରରେ ଶୀର୍ଷ ରାଜନୈତିକ ନେତାମାନେ ରାଲିକୁ ପ୍ରାଧାନ୍ୟ ଦେଇଥା'ନ୍ତି। ଏକ ହିସାବ ଅନୁଯାୟୀ ୨୦୧୯ ସାଧାରଣ ନିର୍ବାଚନରେ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିରୋଧୀ ନେତା ରାହୁଲ ଗାନ୍ଧୀ ପ୍ରତ୍ୟେକ ୧୪୦ ଯାଏଁ ରାଲିରେ ଉଦ୍‌ବୋଧନ ଦେଇଥିଲେ। ଶାହାନା ଶେଖ ଯୁକ୍ତି ବାଢ଼ିଛନ୍ତି ଯେ ପାରମ୍ପରିକ ରାଲି ଓ ଡିଜିଟାଲ ପ୍ରଚାର ଉଭୟ ପରିପୂରକ। ତେଣୁ ଡିଜିଟାଲ ପରିବେଶ ରାଲି ଆୟୋଜନକୁ ନିରୁତ୍ସାହିତ କରିବ ନାହିଁ। ଶୀର୍ଷସ୍ତରର ନେତୃବର୍ଗ ତଥା ତଥାକଥିତ 'ଷ୍ଟାର କାମ୍ପେନର'ମାନେ ମୁଖ୍ୟତଃ ରାଲି ମାଧ୍ୟମରେ ଭୋଟରଙ୍କ ନିକଟତର ହେବା ପାଇଁ ଚେଷ୍ଟା କରିଥା'ନ୍ତି। ନିର୍ବାଚନ ପ୍ରଚାର ଅଭିଯାନ କ୍ରମଶଃ ଶୀର୍ଷ ନେତୃତ୍ୱ କୈନ୍ଦ୍ରିକ ହୋଇପଡୁଥିବା ହେତୁ ଭୋଟରମାନଙ୍କ ଘରଦ୍ୱାରକୁ ଯିବା 'ଡୋର-ଟୁ-ଡୋର କ୍ୟାମ୍ପେନ' ସମ୍ଭବ ହୋଇପାରି ନ ଥାଏ। ଏହି କାର୍ଯ୍ୟଭାର ତୃଣମୂଳସ୍ତରର ନେତୃବର୍ଗଙ୍କ ଉପରେ ଛାଡ଼ି ଦିଆଯାଇଥାଏ।

ଚତୁର୍ଥତଃ, ଡିଜିଟାଲ ମାଧ୍ୟମରେ ନିର୍ବାଚନ ପ୍ରଚାର ନିମନ୍ତେ ଉପାଦାନ ପ୍ରସ୍ତୁତିରେ ରାଲି ସହାୟକ ହୋଇଥାଏ। ସାଧାରଣରେ ରାଲି ଆୟୋଜନ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳରେ ସାମାଜିକ ଗଣମାଧ୍ୟମରେ ରାଲିରେ ଯୋଗ ଦେବା ନିମନ୍ତେ ଭୋଟରମାନଙ୍କୁ ନିମନ୍ତ୍ରିତ କରାଯାଇଥାଏ। ରାଲି ଅନୁଷ୍ଠିତ ହେବା ଅବସରରେ ସିଧାସଳଖ ପ୍ରସାରଣ ବା 'ଲାଇଭ ଷ୍ଟ୍ରିମିଂ'କୁ ଗୁରୁତ୍ୱ ଦିଆଯାଏ। ରାଲି ସରିବା ପରେ ନେତୃବର୍ଗଙ୍କ ଅଭିଭାଷଣ, ଭୋଟରମାନଙ୍କ ପ୍ରତିକ୍ରିୟା ଓ ରାଲିର ଦୃଶ୍ୟାବଳୀ ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚରେ ଘୂରିବୁଲେ। ରାଜନୈତିକ ଦଳର ସମର୍ଥକମାନେ ନିଜସ୍ୱ ଅଭିମତ ସହ ରାଲି ଦୃଶ୍ୟାବଳୀକୁ ଅଧିକରୁ ଅଧିକ ପ୍ରସାର କରିବା ଫଳରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାଇରାଲ ହୁଏ। ଡିଜିଟାଲ ମଞ୍ଚରେ ପ୍ରଚାର ଅଭିଯାନ ନିମନ୍ତେ ବ୍ୟାପକ ପରିମାଣରେ ଅଡିଓ ଓ ଭିଡିଓ ବା ଶ୍ରାବ୍ୟ ଓ ଦୃଶ୍ୟ ଉପାଦାନ ଯୋଗାଇବାରେ ରାଲି ଆୟୋଜନ ସହାୟକ ହୋଇଥାଏ।




ପଞ୍ଚମତଃ, କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଉପଯୋଗରେ ରାଲିଗୁଡ଼ିକରେ ନେତୃବର୍ଗଙ୍କ ବିନା ଉପସ୍ଥିତିରେ ଉଦବୋଧନ କ୍ରମବିକଶିତ ଧାରାରେ ପରିବର୍ତ୍ତିତ ହେବା ଆକଳନ କରାଯାଇପାରେ। ତାମିଲନାଡୁରେ ଗତ ଜାନୁଆରୀ ୨୧ ତାରିଖରେ ସେଲମ ସହରରେ ଶାସକ ଡିଏମ୍‌କେ ପକ୍ଷରୁ ଆୟୋଜିତ ଦ୍ୱିତୀୟ ବାର୍ଷିକ ଯୁବ ସମାବେଶରେ ପାଞ୍ଚ ଲକ୍ଷ ସମର୍ଥକ ଯୋଗ ଦେଇଥିଲେ। ଏହି ରାଲିରେ ଡିଏମକେର ଦିବଂଗତ ନେତା କରୁଣାନିଧିଙ୍କ ତିନି ମିନଟର ଏକ ଭିଡିଓ କ୍ଲିପ ଡିଜିଟାଲ ପରଦାରେ ପ୍ରଦର୍ଶିତ ହୋଇଥିଲା। ପ୍ରାୟ ୨୫ ରୁ ୩୦ ବର୍ଷ ପୂର୍ବେ ଚିତ୍ରିତ ଭିଡିଓଗୁଡ଼ିକ ଆଧାରରେ କୃତ୍ରିମ ବୁଦ୍ଧିମତ୍ତା ଉପଯୋଗରେ ସମକାଳୀନ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଭିଡିଓଟି ବାସ୍ତବ ପ୍ରତୀୟମାନ ହୋଇଥିଲା ଏବଂ ସମାବେଶରେ ଯୋଗ ଦେଇଥିବା ଯୁବବର୍ଗ ଉତ୍ସାହିତ ହୋଇଥିଲେ। ଭିଡିଓରେ ତାମିଲନାଡୁର ନ୍ୟାଯ୍ୟ ଦାବି ହାସଲ ନିମନ୍ତେ ଲକ୍ଷ୍ୟବଦ୍ଧ ହେବା ନିମନ୍ତେ କରୁଣାନିଧି ଆହ୍ୱାନ ଦେଇଥିଲେ। ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦ ଅନୁଯାୟୀ ଡିଏମକେ ପକ୍ଷରୁ ୨୦୨୪ ନିର୍ବାଚନରେ 'ଏଆଇ କରୁଣାନିଧି' ଉପଯୋଗ ନିମନ୍ତେ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ପାକିସ୍ତନରେ ଗତ ନିର୍ବାଚନ କାଳରେ ବିରୋଧୀ ଦଳ ନେତା ଇମ୍ରାନ ଖାନ ଜେଲରେ ଥିଲେ। ସେ ନିର୍ବାଚନ ପ୍ରଚାର ନିମନ୍ତେ ବିଷୟବସ୍ତୁ ଟିପି ଓକିଲଙ୍କ ଜରିଆରେ ବାହାରକୁ ପଠାଉଥିଲେ ଏବଂ ସେହି ଆଧାରରେ କୃତ୍ରିମ ବୁଦ୍ଧିମତ୍ତା ଉପଯୋଗରେ ଅଡିଓ ଭାଷଣ ପ୍ରସ୍ତୁତ କରାଯାଇ ପ୍ରସାରିତ ହେଉଥିବା ପ୍ରକାଶ ପାଇଥିଲା। ଭାରତର ୨୦୨୪ ସାଧାରଣ ନିର୍ବାଚନରେ ପାରମ୍ପରିକ ଓ ଡିଜିଟାଲ ଉଭୟ କ୍ଷେତ୍ରରେ ପ୍ରଚାର ଅଭିଯାନ ବଳବତ୍ତର ରହିବା ସୁନିଶ୍ଚିତ। ସାଧାରଣ ନିର୍ବାଚନ ଏପ୍ରିଲ ୧୯ ରୁ ଜୁନ ପହିଲା ଯାଏଁ ସାତଗୋଟି ପର୍ଯ୍ୟାୟରେ ଆୟୋଜନ ଘୋଷିତ ହୋଇଛି। ନିର୍ବାଚନ ପରିଚାଳନା ଦିଗରେ ୪୪ ଦିନ ଅବଧି ଯୁକ୍ତିଯୁକ୍ତ ବିଚାର କରାଗଲେ ମଧ୍ୟ ଦୀର୍ଘ ବ୍ୟବଧାନ ଶୀର୍ଷସ୍ତରରେ ରାଜନୈତିକ ନେତୃବର୍ଗଙ୍କୁ ପର୍ଯ୍ୟାପ୍ତ ଅଞ୍ଚଳରେ ରାଲି କରିବା ନିମନ୍ତେ ସୁଯୋଗ ସୃଷ୍ଟି କରିବ। ନିର୍ବାଚନରେ ସମଗ୍ର ଦେଶର ୯୬ କୋଟି ୮୦ ଲକ୍ଷ ଭୋଟରଙ୍କ ନିକଟରେ ପହଞ୍ଚିବା ନିମନ୍ତେ ରାଜନୈତିକ ଦଳଗୁଡ଼ିକ ପ୍ରଚାର ଅଭିଯାନରେ ରାଲି ଓ ଡିଜିଟାଲ ମଞ୍ଚ ସାଙ୍ଗକୁ ପ୍ରଚାରପତ୍ର ବଣ୍ଟନ, ପୋଷ୍ଟର ଓ ବିଲବୋର୍ଡ ପ୍ରଦର୍ଶନ ଇତ୍ୟାଦି ସାମିଲ କରିବେ।

ନିର୍ବାଚନ ପ୍ରଚାର ଅଭିଯାନରେ ଭୋଟରଙ୍କ ନିକଟରେ ପହଞ୍ଚିବା ନିମନ୍ତେ ଦଳୀୟ କର୍ମୀଙ୍କ ଭୂମିକା ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ। ଦଳ ଓ ନେତୃବର୍ଗ ଦଳୀୟ କର୍ମୀଙ୍କ ସହ ଯୋଗାଯୋଗ ସ୍ଥାପନ ନିମନ୍ତେ ଡିଜିଟାଲ ମଞ୍ଚ, ମୁଖ୍ୟତଃ ହ୍ୱାଟ୍‌ସଅପ ଭଳି ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଛନ୍ତି। ଭାରତରେ ହ୍ୱାଟ୍‌ସଆପ ଉପଭୋକ୍ତାଙ୍କ ସଂଖ୍ୟା ୪୦ କୋଟି ଟପିଛି। ତୃଣମୂଳସ୍ତରରେ ପ୍ରତ୍ୟେକ ରାଜନୈତିକ କର୍ମୀଙ୍କୁ ହ୍ୱାଟ୍‌ସଆପ ମାଧ୍ୟମରେ ଯୋଗାଯୋଗ ସ୍ଥାପନ ସୁବିଧାସୁଯୋଗ ହେତୁ ଦଳ ପକ୍ଷରୁ ଅନବରତ ନିର୍ବାଚନ ପ୍ରଚାର ଅଭିଯାନ ପରିଚାଳନା ନିମନ୍ତେ ବ୍ୟବହାର କରୁଛନ୍ତି। ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ ୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଅବସରରେ ଦଳୀୟ କର୍ମୀଙ୍କ ହ୍ୱାଟ୍‌ସଆପ ଗ୍ରୁପ୍‌ଗୁଡ଼ିକରେ ଦୈନିକ ବିଜେପି ୫୫ ଥର ଏବଂ ସମାଜବାଦୀ ପାର୍ଟି ପକ୍ଷରୁ ୪୦ ରୁ ୫୦ ଥର ବ୍ୟବହୃତ ହୋଇଥିବା ଜଣାଯାଏ। ଦଳୀୟ କର୍ମୀମାନଙ୍କ ମଧ୍ୟରୁ ୬୫ ପ୍ରତିଶତ ଘରରୁ ଘର ବୁଲି ଭୋଟରଙ୍କ ହ୍ୱାଟ୍‌ସଆପ ଗ୍ରୁପ ଗଠନ ନିମନ୍ତେ ଫୋନ ନମ୍ବର ସଂଗ୍ରହ କରିଥିବା ସ୍ୱୀକାର କରିଥିଲେ। ଏହି ପ୍ରକ୍ରିୟା ମଧ୍ୟ ପ୍ରଚାର ଅଭିଯାନର ଅଂଶବିଶେଷ ଭାବେ ଚିହ୍ନଟ କରାଯାଇପାରେ।

# ଜଳବାୟୁ ପରିବର୍ତ୍ତନର ଆହ୍ୱାନ



**ଉମାଶଙ୍କର ଦାସ**
ଭୁବନେଶ୍ୱର, ମୋ: ୭୯୭୮୭୩୬୫୮୦

ମାନବସମାଜ ନିଜର ଜୀବନଶୈଳୀକୁ ଅଧିକରୁ ଅଧିକ ଆରାମଦାୟକ କରୁଥିବାରୁ ପ୍ରକୃତି ନିରନ୍ତର ବିପଦମୁଖୀ ହେଉଛି । ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ହେଉ କି ଗମନାଗମନ ପାଇଁ ଗାଡ଼ିମୋଟର ହେଉ, ପ୍ରତିଟି କ୍ଷେତ୍ରରେ ମାନବ ସମାଜ ନିରନ୍ତର ବିଷାକ୍ତ ସବୁଜ ଗୃହ ବାଷ୍ପ ନିର୍ଗମନ କରି ବାୟୁମଣ୍ଡଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି କରିବାରେ ଲାଗିଛି । କଂକ୍ରିଟ ଘର, କଳା ମଚମଚ ପିଚୁ ରାସ୍ତା, ଜଙ୍ଗଲ କାଟି ସୁଉଚ୍ଚ ଅଟ୍ଟାଳିକା ଏ ସମସ୍ତ ଜଳବାୟୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାର ଗୋଟିଏ ଗୋଟିଏ ଉତ୍ସ । ତେଣୁ ବର୍ତ୍ତମାନ ସମୟ ଆସିଛି ପୂର୍ବ ପ୍ରସ୍ତୁତି ତଥା ଦୀର୍ଘସ୍ଥାୟୀ ଯୋଜନା ମାଧ୍ୟମରେ ସ୍ଥିର ଜଳବାୟୁ ସମ୍ପର୍କିତ କାର୍ଯ୍ୟପନ୍ଥା ଗ୍ରହଣ କରିବାର। ଏହା ହିଁ ଆଗାମୀ ଦିନରେ ଆମ ଉପରେ ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ପ୍ରତିହତ କରିବାର ଏକମାତ୍ର ବିକଳ୍ପ । ସମୟ ଥାଉ ଥାଉ ଆମ ଦୈନନ୍ଦିନ ଜୀବନଶୈଳୀକୁ ପରିବର୍ତ୍ତନ କରି ପ୍ରକୃତିର ସୁରକ୍ଷା ଦିଗରେ ବ୍ରତୀ ହେବା ।

ସବୁଜ ଗୃହ ବାଷ୍ପ ନିର୍ଗମନକୁ ହ୍ରାସ କରିବା ଏବଂ ମାନବସଭ୍ୟତା-ଜଳବାୟୁ ପରିବର୍ତ୍ତନ ଭିତରେ ସମନ୍ୱୟ ଆଣିବା ପାଇଁ ଏକାଧିକ ପ୍ରଭାବଶାଳୀ ବିକଳ୍ପ ରହିଛି। ସେଗୁଡ଼ିକ ଉପରେ ବର୍ତ୍ତମାନ ସମୟରେ ଦେଶ ଏବଂ ରାଜ୍ୟସ୍ତରରେ କାର୍ଯ୍ୟ ଆରମ୍ଭ କରିବା ନିହାତି ଆବଶ୍ୟକ ବୋଲି ଗତ ୨୦ ତାରିଖରେ ପ୍ରକାଶିତ ଜାତିସଂଘ ଅଧୀନସ୍ଥ ଇଣ୍ଟର ଗଭର୍ଣ୍ଣମେଣ୍ଟାଲ୍ ପାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜ୍(ଆଇପିସିସି)ର ରିପୋର୍ଟରେ ଦର୍ଶାଯାଇଛି । ଜଳବାୟୁ ସଙ୍କଟ ସମୟ-ବୋମା ଭଳି ଆମ ପାଇଁ ସମୟର ଅବଗଣନା ଆରମ୍ଭ କରିସାରିଛି । ଆଇପିସିସି ରିପୋର୍ଟ ହେଉଛି ଜଳବାୟୁ ସମୟ-ବୋମାକୁ ରୋକିବା ତଥା ମାନବ ସମାଜ ପାଇଁ ସୁରକ୍ଷାର ଏକ ମାର୍ଗଦର୍ଶିକା। ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ କହିବା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ପାଇଁ ଜାରି ଏହି ମାର୍ଗଦର୍ଶିକା ହେଉଛି ଆଗାମୀ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ବିଶାଳ ପଦକ୍ଷେପ ।

ସବୁଜଗୃହ ବାଷ୍ପ ନିର୍ଗମନ କ୍ରମାଗତ ବୃଦ୍ଧି ହେତୁ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଆଗାମୀ ଦିନରେ ଏକ ବଡ଼ ଆହ୍ୱାନ ହେବ । ଏହି ଆହ୍ୱାନକୁ ମୁକାବିଲା କରିବା ପାଇଁ ଏପର୍ଯ୍ୟନ୍ତ ଯେଉଁ ସବୁ ପଦକ୍ଷେପ ନିଆଯାଇଛି ତାହା ପର୍ଯ୍ୟାପ୍ତ ନୁହେଁ । ଶହେବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜୀବାଶ୍ମ ଇନ୍ଧନର ବ୍ୟବହାର ଯୋଗୁଁ ବିଶ୍ୱ ତାପମାତ୍ରା ଶିଳ୍ପବିପ୍ଳବ ସମୟ ତୁଳନାରେ ୧.୧ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇ ସାରିଛି । ଏହାର ପ୍ରଭାବରେ ପାଣିପାଗର ଅସ୍ୱାଭାବିକତା ବୃଦ୍ଧି ପାଇ ଗ୍ରୀଷ୍ମ ପ୍ରବାହ, ବର୍ଷା, ଶୀତ-ଲହରୀ, ଅନାବୃଷ୍ଟି ଏବଂ ଅନ୍ୟାନ୍ୟ ପାଣିପାଗ ଜନିତ ବିପର୍ଯ୍ୟୟ ବୃଦ୍ଧି ପାଇବାରେ ଲାଗିଛି । ତାହା ଜୈବବିବିଧତା ପ୍ରତି ବିପଦ ସୃଷ୍ଟି କରିଛି । ବିଶ୍ୱ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ସେହି ଅଞ୍ଚଳରେ ବାସ କରନ୍ତି, ଯାହା ଜଳବାୟୁ ପରିବର୍ତ୍ତନ ପାଇଁ ଅତ୍ୟଧିକ ଅସୁରକ୍ଷିତ ଅଟେ । ତେଣୁ ଆଗାମୀ ଦିନରେ ଗରିବ, ଖଟିଖିଆ, ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ଓ ଜୈବ ବିବିଧତା ବହୁଳ ଭାବେ ପ୍ରଭାବିତ ହେବାକୁ ଯାଉଛି ।

ଉତ୍ତାପ ବୃଦ୍ଧିର ପ୍ରଭାବ ସମଗ୍ର ବିଶ୍ୱରେ ଅନୁଭୂତ ହେଉଛି । ଏହାର ପ୍ରଭାବରେ ଖାଦ୍ୟ ଓ ଜଳ ନିରାପତ୍ତା ମଧ୍ୟ ପ୍ରଭାବିତ ହୋଇଛି। ଜଳବାୟୁ ପରିବର୍ତ୍ତନ ସହିତ ମହାମାରୀ ଭଳି ସ୍ଥିତି ଉପୁଜିଲେ ପରିସ୍ଥିତି ଆହୁରି ସଙ୍ଗିନ ହୋଇଯାଉଛି। ଉଦାହରଣ ସ୍ୱରୂପ କୋଭିଡ-୧୯ ସମୟରେ ସାମୁଦ୍ରିକ ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ବହୁକଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା । ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପରିବେଶ ଓ ଜୀବନଜଗତକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରୁନାହିଁ, ବରଂ ଅର୍ଥନୀତି ଓ ସାମାଜିକ ସମସ୍ୟାଗୁଡ଼ିକୁ ମଧ୍ୟ ପ୍ରଭାବିତ କରୁଛି । ଆଇପିସିସିର ସଦ୍ୟତମ ରିପୋର୍ଟରେ ଦର୍ଶାଯାଇଛି ଯେ ବିଶ୍ୱ ତାପମାତ୍ରା ପ୍ରାକ୍ ଶିଳ୍ପ ବିପ୍ଳବ ସ୍ଥିତିର ୨.୨ -୩.୫ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବାକୁ ଯାଉଛି । ଯେତେବେଳେ ବିଶ୍ୱ ତାପମାତ୍ରା ୩ ଡିଗ୍ରୀ ହେବ, ତାହା ମାନବ ସମାଜର ସ୍ୱାସ୍ଥ୍ୟ, ପରିବେଶ, ଖାଦ୍ୟ ନିରାପତ୍ତା ଓ ବିଶ୍ୱ ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିବ ।

ଆଇପିସିସି ରିପୋର୍ଟର ଅନ୍ୟ ପ୍ରମୁଖ ବାର୍ତ୍ତା ହେଉଛି ଜଳବାୟୁ ପରିବର୍ତ୍ତନକୁ ସୀମିତ ରଖିବା କିମ୍ବା ଏହାର ପରିଣାମକୁ ସାମ୍ନା କରିବାକୁ ଅଧିକ ପ୍ରସ୍ତୁତ ହେବା । ଆଶ୍ୱାସନାର କଥା ଯେ ବିଶ୍ୱ ତାପମାତ୍ରାର ସ୍ତରକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ସୀମିତ ରଖିବା ପାଇଁ ଆମର ଅର୍ଥନୈତିକ ଓ ବୈଷୟିକ ସାମର୍ଥ୍ୟ ରହିଛି। ତେଣୁ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ସହିତ ଏ ଦିଗରେ ଅଧିକ ପ୍ରସ୍ତୁତି କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ ଅକ୍ଷୟ ଶକ୍ତିର ଅଧିକ ଉପଯୋଗ ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଜରିଆରେ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିପାରିବ ।

ବିଶ୍ୱତାପମାତ୍ରାରେ ପ୍ରତି ୧ ଡିଗ୍ରୀ ଉତ୍ତାପ ବୃଦ୍ଧି ସହିତ ଅନେକ ଆହ୍ୱାନ ଯୋଡ଼ି ହୋଇ ଯାଏ ଏବଂ କାର୍ଯ୍ୟପନ୍ଥା ଗ୍ରହଣ ଅଧିକ କଠିନ ହୋଇଯାଏ। ତେଣୁ ଏବେଠାରୁ ହିଁ ଏ ଦିଗରେ କାର୍ଯ୍ୟାରମ୍ଭ କଲେ ଆମ ଭବିଷ୍ୟ ପିଢ଼ି ସୁରକ୍ଷିତ ରହିପାରିବ। ଏ ଦିଗରେ ନିବେଶକ, କେନ୍ଦ୍ରୀୟ ବ୍ୟାଙ୍କ ଏବଂ ଆର୍ଥିକ ନିୟାମକମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିସହିତ ରାଜନୈତିକ ଅଙ୍ଗୀକାରବଦ୍ଧତା, ସମନ୍ୱିତ ନୀତି, ଅନ୍ତର୍ଜାତୀୟ ସହଯୋଗ, ସମାବେଶୀ ପ୍ରଶାସନ ଆଦିର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯେଉଁଠାରେ ବିପଦ ହ୍ରାସକୁ ପ୍ରାଥମିକତା ଦେବା ପାଇଁ ସମସ୍ତେ ମିଳିତ ଭାବରେ କାର୍ଯ୍ୟ କରନ୍ତି ସେଠାରେ ପରିବର୍ତ୍ତନ ସଫଳ ହେବାର ସମ୍ଭାବନା ଅଧିକ ।

## ଲୋକମତ

### ହୋଲି ପାଳନରେ ସତର୍କତା

ରଙ୍ଗର ପର୍ବ ହୋଲି ସମଗ୍ର ପୃଥିବୀରେ ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ପାଳନ କରାଯାଇଥାଏ, ଯାହା ଏକତା ଏବଂ ଅଖଣ୍ଡତା ବଜାୟରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । କିନ୍ତୁ କେତେକ ଅସାବଧାନତା, ବେପରୁଆ ତଥା ଉଦ୍ଦେଶ୍ୟମୂଳକ ମନୋଭାବ ଓ କାର୍ଯ୍ୟକଳାପ ଯୋଗୁଁ ହୋଲି ପାଳନ ଫିକା ପଡ଼ି ଯାଇଥାଏ। ଅନେକ ଜାଗାରେ ପ୍ରାକୃତିକ ରଙ୍ଗ ବା ଫଗୁ/ଅଭିର ବଦଳରେ ବିଷାକ୍ତ ରାସାୟନିକ ରଙ୍ଗ ବ୍ୟବହାର ଯୋଗୁଁ ଏହା ଚର୍ମରେ ବିଷକ୍ରିୟା ସୃଷ୍ଟି କରିବା ସହିତ ଶାରୀରିକ, ମାନସିକ ଓ ଆର୍ଥିକ ସମସ୍ୟାରେ ଜର୍ଜରିତ କରିଥାଏ। ଉତ୍ସବ ପାଳନ ସମୟରେ ମଦ୍ୟପାନ କରିବା ଦ୍ୱାରା ଲୋକମାନେ ହିତାହିତ ଜ୍ଞାନ ଭୁଲି ଅଶାଳୀନ ଆଚରଣ କରିବା ଯୋଗୁଁ ସାମାଜିକ ଶୃଙ୍ଖଳା ବାଧାପ୍ରାପ୍ତ ହୋଇଥାଏ । ରଙ୍ଗ ଖେଳ ସମୟରେ ମହିଳା ତଥା ଅନ୍ୟ ଜାତି ଏବଂ ଧର୍ମର ଲୋକମାନଙ୍କ ପ୍ରତି ଆକ୍ଷେପ ପ୍ରୟୋଗ ଫଳରେ ଅଯଥାରେ ଏହା ଗଣ୍ଡଗୋଳର ସୂତ୍ରପାତ କରିଥାଏ । ଦୋଳ ମେଳଣ ସମୟରେ ବିଭିନ୍ନ ଗାଆଁ ମାନଙ୍କରୁ ଆସିଥିବା ମେଢ଼ଗୁଡ଼ିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଅଭାବରୁ ଗଣ୍ଡଗୋଳ ହେବାର ଦେଖାଯାଏ। ଜଣେ ଦାୟିତ୍ୱବାନ ନାଗରିକ ହିସାବରେ ଆମେ ଏସବୁ ଦିଗ ପ୍ରତି ସଚେତନ ଏବଂ କର୍ତ୍ତବ୍ୟନିଷ୍ଠ ହୋଇପାରିଲେ ଏହି ପର୍ବ ପାଳନର ମହତ୍ତ୍ୱ ବହୁଗୁଣିତ ହୋଇ ପାରିବ ।

**ଡ. ସୀତାକାନ୍ତ ତ୍ରିପାଠୀ, ଭଦ୍ରକ**

### ଭ୍ରାମ୍ୟମାଣ ଶୌଚାଳୟର ଆବଶ୍ୟକତା

ଆମ ରାଜ୍ୟରେ ନୂଆ ନୂଆ ବସ୍‌ମାନ ବିଭିନ୍ନ ଯୋଜନାରେ ରାଜ୍ୟର କୋଣ ଅନୁକୋଣକୁ ଯାତାୟାତ କରୁଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଯାତ୍ରା ସମୟରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ବାଟଘାଟରେ ଶୌଚାଳୟ ବ୍ୟବସ୍ଥା କରିବା ଆବଶ୍ୟକ। ସାଧାରଣତଃ ପୁରୁଷ ଯାତ୍ରୀମାନେ ରାସ୍ତା ପାର୍ଶ୍ୱରେ କାମ ଚଳାଇ ଦିଅନ୍ତି, କିନ୍ତୁ ମହିଳାମାନେ ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏହି ପରିପ୍ରେକ୍ଷୀରେ ଯଦି କର୍ତ୍ତୃପକ୍ଷ ଭ୍ରାମ୍ୟମାଣ ଶୌଚାଳୟ ମାନ (ଟଏଲେଟ୍ ଅନ୍ ୱିଲ୍) ଏକ ନିର୍ଦ୍ଦିଷ୍ଟ ଦୂରତାରେ ଯୋଗାଇ ଦିଅନ୍ତେ ଏବଂ ନିକଟସ୍ଥ ମ୍ୟୁନିସିପାଲିଟି ଏହାର ତଦାରଖ ଦାୟିତ୍ୱରେ ରହନ୍ତେ ତେବେ ଯାତ୍ରୀମାନଙ୍କ ଅସୁବିଧା ଅନେକାଂଶରେ ଲାଘବ ହୁଅନ୍ତା। ସ୍ଥାନୀୟ ଲୋକଙ୍କୁ ଜୀବିକା ଉପାର୍ଜନ କରିବାରେ ମଧ୍ୟ ସାହାଯ୍ୟ କରନ୍ତା। ଅବଶ୍ୟ ଏହାକୁ ଦେୟଯୁକ୍ତ କରାଯାଇ ପାରିବ। ବସ୍‌ରେ ଯାତ୍ରା ପୂର୍ବରୁ ଏହି ଭ୍ରାମ୍ୟମାଣ ଶୌଚାଳୟର ସମସ୍ତ ବିବରଣୀ ଯାତ୍ରୀମାନଙ୍କୁ ଅବଗତ କରାଯାଇ ପାରିବ।

**ନବ୍‌ନିତ୍ ପାଣିଗ୍ରାହୀ**
**ରାୟଗଡ଼ା, ମୋ: ୯୮୬୧୧୩୮୮୩୬**

## ପତ୍ନୀହନ୍ତାକୁ ଆଜୀବନ ଜେଲ୍

ବ୍ରହ୍ମପୁର, ୨୨।୩(ସମିସ): ଗଞ୍ଜାମ ଜିଲ୍ଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଶୁକ୍ରବାର ଏକ ହତ୍ୟା ମାଲାର ବିଚାର କରି ପତ୍ନୀହନ୍ତା ସ୍ୱାମୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀଜଣଙ୍କ ହେଲା, ଜୁରା ଗ୍ରାମର ନାରାୟଣ ସାହୁ(୪୫)।

ମାମଲାର ବିବରଣୀରୁ ପ୍ରକାଶ, ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ଜୁରା ଗ୍ରାମର ନାରାୟଣ ଓ ତାଙ୍କ ପତ୍ନୀ ଜୟନ୍ତୀ ସାହୁଙ୍କ ମଧ୍ୟରେ ସଂପର୍କ ଭଲ ନଥିଲା। ଅଧିକାଂଶ ସମୟରେ ଦୁହିଁଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଗତ ୨୦୨୨ ମସିହା ଡିସେମ୍ବର ୧୭ ତାରିଖ ବିଳମ୍ବିତ ରାତିରେ ମଧ୍ୟ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜୟନ୍ତୀଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ ନାରାୟଣ। ପରେ ଜୟନ୍ତୀଙ୍କ ମୃତଦେହକୁ ଘର ପଛପଟ ପରିବା ବାଡ଼ରେ ଫୋପାଡି ଦେଇଥିଲେ। ୧୮ ତାରିଖ ସକାଳୁ ଏହି ଘଟଣା ପ୍ରଘଟ ହେବା ପରେ ଜୟନ୍ତୀଙ୍କ ଭାଇ ଟେରୁ ସାହୁ ପାଟପୁର ଥାନାରେ ତାଙ୍କୁ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ନାରାୟଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପାଟପୁର ଥାନାର ତତ୍କାଳୀନ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ମାମଲାର ଶୁଣାଣି ବେଳେ ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ନାରାୟଣ ଘଟଣା ପରଠାରୁ ଗିରଫ ହୋଇ ଜେଲରେ ଥିଲେ। ସରକାରଙ୍କ ତରଫରୁ କ୍ୟାଡର୍ ପିପି ତ୍ରିଲୋଚନ ପରିଡ଼ା ଏହି ମାମଲା ପରିଚାଳନା କରୁଥିଲେ।

# ସିବିଆଇ ଅଫିସର୍ କହି ଯୁବକଙ୍କୁ ବାଟରୁ ଟେକିନେଲେ

କଳାବାଡ଼ିଆ, ୨୨।୩ (ସମିସ): ସିବିଆଇ ଅଧିକାରୀ କହି ଜଣେ ଯୁବକଙ୍କୁ ଅପହରଣ ଉଦ୍ୟମ ଆଜି ମୟୂରଭଞ୍ଜ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ପୁଲିସ୍ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନେ ହେଲେ, ବେତନଟୀ ଦହିକୋଠିର ସଞ୍ଜୟ କୁମାର ଓଡା (୪୭) ଓ ଉମାଶଙ୍କର ବେହେରା (୬୫)। ଅପହୃତ ଯୁବକ ସତ୍ୟରଞ୍ଜନ ପାତ୍ର କୌଶଳକ୍ରମେ ଗାଡ଼ିରୁ ଖସି ଆସିବାରୁ ଏହି ଘଟଣା ପଦାକୁ ଆସିଥିଲା। ପୁଲିସ ତାଙ୍କୁ କୁଳିଅଣା ବ୍ଲକ୍ ଅଦାପାଳ ପାତିହିଞ୍ଜାରୁ ଉଦ୍ଧାର କରିଛି। ଏହି ଘଟଣାରେ ପୁଲିସ ଏକ ଆମ୍ବୁଲାନ୍ସ ସହ ତା' ଭିତରୁ ୩ଟି ହାତକଡ଼ି, ଦୁଇଟି କଳାମୁଖା, ଗୋଟିଏ ବାଡ଼ି, ଛୁରି, ଦଶ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଛି। ତେବେ କେଉଁ କାରଣରୁ ତାଙ୍କୁ ଅପହରଣ ପାଇଁ ଉଦ୍ୟମ କରାଯାଇଥିଲା, ସେନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷେ ଏହି ଘଟଣାରେ ଆହୁରି କିଛି ଦୁର୍ବୃତ୍ତଙ୍କ ସଂପୃକ୍ତି ରହିଛି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ତନାଘନା ଚଳାଇଛି।



**ଆମ୍ବୁଲାନ୍ସ ଚାଳକ ଓ ବୃଦ୍ଧ ଅଟକ**

**ଆମ୍ବୁଲାନ୍ସ, ୩ଟି ହାତକଡ଼ି, ଦୁଇଟି କଳାମୁଖା, ଗୋଟିଏ ବାଡ଼ି, ଛୁରି ଜବତ**

ସୂଚନାନୁଯାୟୀ, ସତ୍ୟରଞ୍ଜନଙ୍କ ଘର ଡୁକୁରାରେ। ତାଙ୍କର ଗୋଟିଏ ଦୋକାନ ଅଛି। ସବୁଦିନ ପରି ଆଜି ବେପାର କରିବା ପାଇଁ ଆସୁଥିବା ବେଳେ ପୂର୍ବ ପରିଚିତ ଉମାଶଙ୍କର ତାଙ୍କ ଟେମ୍ପୋକୁ ଅଟକାଇଥିଲେ। ଏତିକିବେଳେ ଏକ ବୋଲେରୋରେ ଛଅଜଣ ଯୁବକ ପହଞ୍ଚି ତାଙ୍କୁ ନେଇ ଯାଇଥିଲେ। ସେମାନଙ୍କ ସହ ଉମାଶଙ୍କର ବି ସାମିଲ ହୋଇଯାଇଥିଲେ। ସେମାନେ ସମସ୍ତେ ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇଥିଲେ। ବେତନଟୀ ବାଇପାସ୍ ନିକଟରେ ସେମାନେ କଳାକନା ଘୋଡ଼ା ହୋଇଥିବା ଏକ ଆମ୍ବୁଲାନ୍ସରେ ସତ୍ୟରଞ୍ଜନଙ୍କ ହାତରେ ହାତକଡ଼ି ପକାଇ ତାଙ୍କୁ ବାରିପଦା ପୁଲିସ ଷ୍ଟେସନ୍ ନେଉଛନ୍ତି ବୋଲି କହିଥିଲେ। ଏଥିରେ ସତ୍ୟରଞ୍ଜନଙ୍କ ସନ୍ଦେହ ହେବାରୁ ସେ ଅପହରଣକାରୀଙ୍କ କବଳରୁ ଖସିବା ପାଇଁ ଯୋଜନା କରିଥିଲେ। କଳାବାଡ଼ିଆ ପଞ୍ଚାୟତ ମହୁଲିଶୋଳ ଛକ ନିକଟରେ ଆମ୍ବୁଲାନ୍ସଟି କିଛି କ୍ଷଣ ପାଇଁ ଅଟକିବାରୁ ଗାଡ଼ିର ଡୋର୍ ଖୋଲି ସତ୍ୟରଞ୍ଜନ ଜୀବନ ବିକଳରେ ଧାଇଁ ପଳାଇଥିଲେ। ତାଙ୍କ ପଛେପଛେ ଉମାଶଙ୍କର ଦୌଡ଼ିଥିଲେ। ଏ ପ୍ରକାର ପରିସ୍ଥିତି ଦେଖି ଗାଁ ଲୋକଙ୍କ ସନ୍ଦେହ ହେବାରୁ ସେମାନେ ଆମ୍ବୁଲାନ୍ସ ଚାଳକ ସଞ୍ଜୟ ଓ ଉମାଶଙ୍କରଙ୍କୁ ଧରି ବାଙ୍ଗିରିପୋଷି ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ହେପାଜତକୁ ନେଇଥିଲା। ଶେଷ ଖବର ଲେଖା ହେବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିଲା।

■ ନିର୍ବାଚନ ପୂର୍ବରୁ ଧରପଗଡ଼

# ୨୫ ଲକ୍ଷ ଟଙ୍କାର ମଦ ଜବତ, ଜଣେ ଗିରଫ

ବ୍ରହ୍ମପୁର, ୨୨।୩ (ସମିସ): ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ନିଶା କାରବାରକୁ ପ୍ରତିହତ କରିବା ପାଇଁ ପୁଲିସ୍ ପକ୍ଷରୁ ଜୋରଦାର୍ ଧରପଗଡ଼ କରାଯାଉଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ପୁଲିସ୍‌କୁ ଏକ ବଡ଼ ସଫଳତା ମିଳିଛି। ବ୍ରହ୍ମପୁର ଗୋଳନ୍ଥରା ଥାନା ଓ ମେରାଇନ୍ ଥାନା ପୁଲିସ୍ ମିଳିତ ଚଢ଼ଉ କରି ୨୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ବିଦେଶୀ ମଦ ଜବତ କରିଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ଅପରପକ୍ଷେ ଏହି ଘଟଣାରେ ପାତିସୁନାପୁର ଗ୍ରାମର ପି. ଗୋପୀକୁ ପୁଲିସ୍ ଗିରଫ କରିଛି। ଏହା ପଛରେ ଏକ ଆନ୍ତଃରାଜ୍ୟ ରାକେଟ୍‌ର ହାତ ଥିବା ଜଣାଯାଇଛି।

ସୂଚନାନୁସାରେ, ବ୍ରହ୍ମପୁର ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ପରିଡ଼ା, ଭାରପ୍ରାପ୍ତ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ଅନ୍ୟ ଅଧିକାରୀମାନେ ଗୁରୁବାର ସନ୍ଧ୍ୟାରେ ସୁନାପୁର ବ୍ରିଜ୍ ନିକଟରେ ଗାଡ଼ି ଯାଞ୍ଚ ବେଳେ ପାତିସୁନାପୁର ଅଭିମୁଖେ ଯାଉଥିବା ଏକ ଟାଟା ଏସିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ିରେ ୧୦୫୩ ଲିଟର ବିଦେଶୀ ମଦ ଥିବା ଜଣାପଡ଼ିଥିଲା। ଗାଡ଼ି ଚାଳକ ଗୋପୀ ଏହାର କାଗଜପତ୍ର ଦେଖାଇ ନପାରିବାରୁ ତାକୁ ଅଧିକ ପଚରାଉଚରା କରାଯାଇଥିଲା। ପରେ ତାକୁ ଅଧିକ ପଚରାଉଚରା କରିବାରୁ ତା' ତଥ୍ୟ ଆଧାରରେ ପୁଲିସ ରାମେୟାପାଟଣା ଗ୍ରାମର ଏକ ଭଡ଼ାଘରେ ଚଢ଼ଉ କରିଥିଲା। ସେଠାରେ ଗଚ୍ଛିତ ଥିବା ବହୁ ପରିମାଣର ବିଦେଶୀ ମଦ ମଧ୍ୟ ଜବତ କରାଯାଇଥିଲା। ମୋଟ ୩୨୩ଟି କାର୍ଟୁନରେ ଥିବା ବିଭିନ୍ନ ବ୍ରାଣ୍ଡର ୩୩୩୬.୨୪ଲିଟର ବିଦେଶୀ ମଦ ଓ ଟାଟା ଏସିକୁ ପୁଲିସ ଜବତ କରିଥିଲା। ଏହି ଚୋରା ମଦ କାରବାରରେ ୩ରୁ ୪ଜଣ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ବେଳେ ମଦଗୁଡ଼ିକୁ ରାମେୟାପାଟଣାରେ ବିକ୍ରି କରାଯାଉଥିଲା ବୋଲି ତଦନ୍ତରୁ ଜାଣିବାକୁ ପାଇଛି ପୁଲିସ। ଏନେଇ ଥାନା ନଂ୧୫/୨୪ରେ ଏକ ମାମଲା ରୁଜୁ କରି ପୁଲିସ୍ ଗୋପୀକୁ କୋର୍ଟଚାଲାଣ କରିଛି। ଜବତ ମଦର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯିବ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

# ଶୀଘ୍ର ଆରମ୍ଭ ହେବ ଦୀଘା-ଜଳେଶ୍ୱର ରେଳ ଲାଇନ୍ ନିର୍ମାଣ

ଭୁବନେଶ୍ୱର, ୨୨।୩(ସମିସ): ଦୀଘା (ଚନ୍ଦନେଶ୍ୱର)-ଜଳେଶ୍ୱର ମଧ୍ୟରେ ୪୨ କିମି ଲମ୍ବ ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଲୋକଙ୍କର ଦୀର୍ଘ ଦିନର ଦାବିକୁ ଦୃଷ୍ଟିରେ ରଖି ଖଡ଼ଗପୁର ରେଳ ଡିଭିଜନ୍ ଅନ୍ତର୍ଗତ ଏହି ପ୍ରକଳ୍ପ ତ୍ୱରିତ୍ ବେଗରେ ସମ୍ପାଦନ ହେବ ବୋଲି କୁହାଯାଇଛି। ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ କୁହାଯାଇଛି ଯେ ଦୀଘା-ଜଳେଶ୍ୱର ମଧ୍ୟରେ ଟ୍ରେନ୍ ଚଳାଚଳ ପାଇଁ ବାଲେଶ୍ୱର ଜିଲ୍ଲାର ବାସିନ୍ଦା ବହୁଦିନ ହେଲା ଦାବି କରି ଆସୁଥିଲେ। ଏହି ପ୍ରକଳ୍ପ ନା କେବଳ ପର୍ଯ୍ୟଟନ ଅଭିବୃଦ୍ଧିରେ ସହାୟକ ହେବ; ବରଂ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ବିକାଶ ତ୍ୱରାନ୍ୱିତ କରିବ। ଚନ୍ଦନେଶ୍ୱର, ଭୋଗରାଇ, ଜଳେଶ୍ୱରର ଆଭ୍ୟନ୍ତରୀଣ ଅଞ୍ଚଳରେ ରହୁଥିବା ଲୋକମାନେ ଏହାଦ୍ୱାରା ବେଶ୍ ଉପକୃତ ହେବେ। ତତ୍‌ସଙ୍ଗେ ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର ମନ୍ଦିର ସମେତ ତାଳସାରୀ-ଉଦୟପୁର ବେଳାଭୂମି, ବିଚିତ୍ରପୁର ହେନ୍ତାଳ ବଣକୁ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କ ଆଗମନ ବଢ଼ିବ। ଏହି ଲାଇନ୍ ବ୍ୟସ୍ତବହୁଳ ହାୱଡ଼ା-ଚେନ୍ନାଇ ଲାଇନକୁ ନ ଯାଇ ହାୱଡ଼ାରୁ ଭଦ୍ରକ ମଧ୍ୟରେ ଭାୟା ପଣସୁକ୍ରା, ତମଲୁକ, ଦୀଘା ଓ ଜଳେଶ୍ୱର ମଧ୍ୟରେ ଉତ୍ତମ ଯୋଗାଯୋଗ ସ୍ଥାପନ କରିପାରିବ। ଜିଲ୍ଲାରେ ଥିବା ପ୍ରସିଦ୍ଧ ଶୈବପୀଠ ଏବଂ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳକୁ ଯିବା ଆସିବା ଲାଗି ଏହି ଲାଇନ୍ ସବୁଠାରୁ କମ୍ ଦୂରତା ବିଶିଷ୍ଟ ରୁଟ୍ ହେବ। ବଡ଼ କଥା ହେଉଛି, ଦୀଘା-ଜଳେଶ୍ୱର ରେଳଲାଇନ୍ ଆଗାମୀ ଦିନରେ ବିଭିନ୍ନ ବନ୍ଦରକୁ ସଂଯୋଗ କରିବ, ଯଦ୍ୱାରା ଶିଳ୍ପ, କୃଷି, ପରିବହନ କ୍ଷେତ୍ର ଲାଭବାନ୍ ହେବ

ଆର୍‌ଟିଇ ନାମଲେଖା ପାଇଁ ଲଟେରୀ

## ପ୍ରଥମ ପର୍ଯ୍ୟାୟରେ ଚୟନ ହେଲେ ୧୭୨୩୫ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୨।୩(ସମିସ): ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ଅଧୀନରେ ଆର୍ଥିକ ଅନଗ୍ରସର ପିଲାଙ୍କ ବେସରକାରୀ ବିଦ୍ୟାଳୟରେ ନିଃଶୁଳ୍କ ଶିକ୍ଷାଲାଭ ପାଇଁ ଲଟେରୀ ଉଠାଣ ଶୁକ୍ରବାର ହୋଇଯାଇଛି। ୧୭୨୩୫ ଛାତ୍ରଛାତ୍ରୀ ଏଥିରେ ନାମଲେଖା ପାଇଁ ଚୟନ ହୋଇଛନ୍ତି। ସମସ୍ତ ବେସରକାରୀ ବିଦ୍ୟାଳୟକୁ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ମାନେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ତାଲିକା ପ୍ରଦାନ କରିବେ। ତାଲିକା ଅନୁଯାୟୀ, ଆସନ୍ତା ୨୭ରୁ ଏପ୍ରିଲ ୬ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ନାମ ଲେଖାଇପାରିବେ।

ସୂଚନାନୁଯାୟୀ, ଆର୍‌ଟିଇରେ ନାମଲେଖା ପାଇଁ ପାରଦର୍ଶୀ ପୋର୍ଟାଲରେ ଫେବୃଆରୀ ୨୨ରୁ ମାର୍ଚ୍ଚ ୨୦ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୋଟ୍ ୩,୩୩୧ ବେସରକାରୀ ବିଦ୍ୟାଳୟରେ ୪୧,୩୩୩ ସିଟ୍‌ରେ ନାମଲେଖା ପାଇଁ ଆବେଦନ ହୋଇଥିଲା। ଏଥିପାଇଁ ସମୁଦାୟ ୩୦,୪୨୩ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ବିଇଓମାନେ ଆବେଦନଗୁଡ଼ିକୁ ଯାଞ୍ଚ ପରେ ୨୩, ୨୨୮ଟି ଆବେଦନକୁ ଯୋଗ୍ୟ ବିବେଚିତ କରିଛନ୍ତି। ତନ୍ମଧ୍ୟରୁ ୧୭୨୩୫ ଛାତ୍ରଛାତ୍ରୀ ଲଟେରୀ ମାଧ୍ୟମରେ ନାମଲେଖା ପାଇଁ ଚୟନ ହୋଇଛନ୍ତି। ଏହି ପ୍ରକ୍ରିୟା ସରିବା ପରେ ପୁଣି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଛାତ୍ରଛାତ୍ରୀ www.rteparadarshi.odisha.gov.in ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ। ଏପ୍ରିଲ ୧୦ରୁ ୨୪ତାରିଖ ପର୍ଯ୍ୟନ୍ତ ଆବେଦନ ଗ୍ରହଣ ଓ ଯାଞ୍ଚ ପ୍ରକ୍ରିୟା କରାଯିବ। ଏହାର ଦୁଇଦିନ ପରେ ଅର୍ଥାତ୍ ୨୬ ତାରିଖରେ ଲଟେରୀ ଉଠାଣ କରି ବିଦ୍ୟାଳୟ ଆବଣ୍ଟନ କରାଯିବ।

ଆଇଆଇଏମ୍‌ସି ଭାଷା ସାମ୍ବାଦିକତା

## ଏପ୍ରିଲ ୩୦ ଯାଏଁ ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, ୨୨।୩(ସମିସ): ଭାରତୀୟ ଜନ ସଞ୍ଚାର ସଂସ୍ଥାନ(ଆଇଆଇଏମ୍‌ସି)ରେ ଭାଷା ସାମ୍ବାଦିକତା ପାଇଁ ଆବେଦନ ଅବଧି ବୃଦ୍ଧି ପାଇଛି। ୨୦୨୪-୨୫ ଶିକ୍ଷାବର୍ଷରେ ନାମଲେଖା ପାଇଁ ଏପ୍ରିଲ ୩୦ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ମେ ୧୨ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପରବର୍ତ୍ତୀ ସମୟରେ ଫଳ ପ୍ରକାଶ ନେଇ ତାରିଖ ଘୋଷଣା କରାଯିବ ବୋଲି ଶୁକ୍ରବାର ବିଜ୍ଞପ୍ତି ଜାରି କରି ଆଇଆଇଏମ୍‌ସି ପକ୍ଷରୁ ଦର୍ଶାଯାଇଛି। ଭାଷା ସାମ୍ବାଦିକତା ମଧ୍ୟରୁ ଓଡ଼ିଆ, ମରାଠି ଓ ଉର୍ଦ୍ଦୁ ଭାଷାରେ ସାମ୍ବାଦିକତା ପଢ଼ିବା ପାଇଁ ଆବେଦନ ଅବଧି ବୃଦ୍ଧି ପାଇଛି। ଏହି ସମସ୍ତ ବିଭାଗରେ ୩୦ଟି ଲେଖାଏଁ ସିଟ୍ ରହିଛି। ସ୍ନାତକ ପାଶ୍ କରିଥିବା ବା ଶେଷ ସେମିଷ୍ଟର ଦେବାକୁ ଥିବା ଛାତ୍ରଛାତ୍ରୀ ଆବେଦନ କରିପାରିବେ।

# ଅବଶିଷ୍ଟାଂଶ...

### ମେଣ୍ଟ ସଂଶୟରେ...

ରାଜ୍ୟରେ ମେଣ୍ଟ ହେବ ନାହିଁ ଓ ଉଭୟ ରାଜନୈତିକ ଦଳ ନିଜ ନିଜ ଦମ୍‌ରେ ନିର୍ବାଚନ ଲଢ଼ିବେ ବୋଲି ସ୍ପଷ୍ଟ ହୋଇ ଯାଇଛି। ମେଣ୍ଟ ଚର୍ଚ୍ଚା ହେବା ପୂର୍ବରୁ ବିଜେଡି ଓ ଏହାର ନେତାମାନେ ୧୨୮ ବିଧାନସଭା ଆସନ ଓ ୧୮ ଲୋକସଭା ଆସନରେ ବିଜୟୀ ହେବେ ବୋଲି ଦମ୍ଭୋକ୍ତି ବାଢ଼ିଥିଲେ। କିଛିଦିନ ଦଳରେ ଦଳର ଅନ୍ୟତମ ସାଧାରଣ ସମ୍ପାଦକ ସୁଧୀର ସାମଲ ୧୨୦ ବିଧାନସଭା ଆସନରେ ବିଜେଡିର ବିଜୟ ନିଶ୍ଚିତ ବୋଲି କହିଥିଲେ। ଆଜି ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମଧ୍ୟ ଅନୁରୂପ ଟିପ୍ପଣୀ ଦେଇଛନ୍ତି। ଦଳ ତିନି ଚତୁର୍ଥାଂଶ ଆସନରେ ବିଜୟୀ ହେବ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି। ବିଜେଡି ସଂଗଠନ ସମ୍ପାଦକଙ୍କ ଏହି ମନ୍ତବ୍ୟ ମେଣ୍ଟ ସମ୍ଭାବନାକୁ ନେଇ ବେଶ୍ କିଛି ଦିନ ଲାଗି ରହିଥିବା ସରଗରମ୍ ଚର୍ଚ୍ଚାରେ ବିରାମ ଲଗାଇଛି। ଶ୍ରୀ ଦାସ ସ୍ପଷ୍ଟ କରି ଦେଇଛନ୍ତି ଯେ ରୂପାନ୍ତରଣର ରୂପକାର, ବିକାଶର ସାରଥୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଓଡ଼ିଶାରେ ସରକାର ଗଠନ ପାଇଁ ଯଥେଷ୍ଟ। କ୍ରମାଗତ ପଞ୍ଚମ ଥର ଓଡ଼ିଶାବାସୀଙ୍କ ଆକୁଣ୍ଠ ସମର୍ଥନ ଓ ଆଶିର୍ବାଦ ପାଇ ଚାଲିଥିବା ବିଜେଡି ଏଥର ପୂର୍ବାପେକ୍ଷା ଅଧିକ ଭୋଟ ବ୍ୟବଧାନରେ ସବୁ ଆସନ ପୋଛି ଦେବା ଲାଗି ରଣନୀତି ପ୍ରସ୍ତୁତ କରିଛି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ ୫-ଟି ଉପକ୍ରମ ଆଧାରରେ କ୍ରୀଡ଼ା, ସ୍ୱାସ୍ଥ୍ୟ, ଶିଳ୍ପ, ଶିକ୍ଷା, ଭିତ୍ତିଭୂମି ସବୁଥିରେ ଅଭୂତପୂର୍ବ ରୂପାନ୍ତରଣ ସୁନିଶ୍ଚିତ କରିବା ପରେ ଏକ ନୂତନ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ବିଜୁ ଜନତା ଦଳ ପ୍ରତିବଦ୍ଧ। ଏହି ପ୍ରତିବଦ୍ଧତାକୁ ଆହୁରି ଶାଣିତ କରିବା ଲାଗି ବିଜୁ ଜନତା ଦଳ ଏକାକୀ ଲଢ଼େଇ କରିବ ଆଉ ପୂର୍ବ ରେକର୍ଡକୁ ଭଙ୍ଗ କରି ନୂଆ ଇତିହାସ ରିଚିବ ବୋଲି ସଂଗଠନ ସମ୍ପାଦକ ସ୍ପଷ୍ଟ ସଙ୍କେତ ଦେଇଛନ୍ତି।

### ଇତିହାସ ରଚିବ...

ସମର୍ପିତ ଭାବେ କାମ କରୁଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ବିଶ୍ୱାସ ବଳରେ ବିଜୁ ଜନତା ଦଳ ଓଡ଼ିଶାର ପ୍ରତ୍ୟେକ କ୍ଷେତ୍ରରେ ଅଭୂତପୂର୍ବ ରୂପାନ୍ତରଣ ଆଣିବାରେ ସଫଳ ହୋଇଛି। ବିଜୁ ଜନତା ଦଳର ପ୍ରତ୍ୟେକ ନିଷ୍ପତ୍ତି ପଛରେ ଓଡ଼ିଶାବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟ ରହିଥାଏ। ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ହିଁ ବିଜୁ ଜନତା ଦଳର ଆଭିମୁଖ୍ୟ। ଆଗକୁ ମଧ୍ୟ ବିଜୁ ଜନତା ଦଳର ପ୍ରତ୍ୟେକ ପଦକ୍ଷେପ ପଛରେ ଓଡ଼ିଶାର ସ୍ୱାର୍ଥ ହିଁ ଏକମାତ୍ର ଲକ୍ଷ୍ୟ ରହିବ।

ପ୍ରଣବ ପ୍ରକାଶ ପୁଣି କହିଛନ୍ତି ଯେ ରାଷ୍ଟ୍ର ଗଠନରେ ସହଯୋଗୀ ସଂଘବାଦ ଓ ରାଷ୍ଟ୍ରନୀତିଜ୍ଞତା ମନୋଭାବ ସହିତ ସବୁବେଳେ ରାଜ୍ୟବାସୀଙ୍କୁ ସମ୍ମୁଖରେ ରଖି ସେମାନଙ୍କ କଲ୍ୟାଣ ପାଇଁ ବିଜେଡି ନିଷ୍ପତ୍ତି ଗ୍ରହଣ କରିବ। ଆମର ଲକ୍ଷ୍ୟ, ନୂତନ ଓ ସଶକ୍ତ ଓଡ଼ିଶା। ଏହି ଲକ୍ଷ୍ୟ ହାସଲ ପାଇଁ ଆମର ଜନପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମେ ଆଗେଇ ଚାଲିଛୁ ବୋଲି ଶ୍ରୀ ଦାସ କହିଛନ୍ତି।

### ସବୁ ଆସନରେ...

ସରକାରଙ୍କୁ ରାଷ୍ଟ୍ରୀୟ ମହତ୍ତ୍ୱ ଥିବା ଅନେକ ପ୍ରସଙ୍ଗରେ ସମର୍ଥନ କରିଆସୁଛି। ଏଥିପାଇଁ ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛୁ। ତେବେ ଓଡ଼ିଆ-ଅସ୍ମିତା, ଓଡ଼ିଶାର ଗୌରବ ଏବଂ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସହ ଜଡ଼ିତ ଅନେକ ପ୍ରସଙ୍ଗରେ ରାଜ୍ୟ ବିଜେପି ରାଜ୍ୟ ସରକାରଙ୍କ ସହ ସହମତ ହୋଇପାରି ନାହିଁ। ତେଣୁ ରାଜ୍ୟ ବିଜେପି ଏଥର ସମସ୍ତ ୨୧ ଲୋକସଭା ଓ ୧୪୭ ବିଧାନସଭା ଆସନରେ ଏକାକୀ ଲଢ଼ିବ ବୋଲି ସେ କହିଛନ୍ତି।

### ପଶ୍ଚିମରେ ବାଜିବ...

ସ୍ଥିତି, ନିର୍ବାଚନୀ ପ୍ରସ୍ତୁତି ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳର ଦଳୀୟ ନେତା, ପର୍ଯ୍ୟବେକ୍ଷକଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ନବୀନ ନିବାସରେ ପହଞ୍ଚିଥିଲେ ବରଗଡ଼, କଳାହାଣ୍ଡି ଓ ବଲାଙ୍ଗିର ଲୋକସଭା କ୍ଷେତ୍ର ଓ ୨୧ଟି ବିଧାନସଭା ଅଞ୍ଚଳର ଦଳୀୟ ନେତା। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପୂର୍ବରୁ ବୈଠକରେ ଉପସ୍ଥିତ ଥିଲେ। ପ୍ରଥମେ ବରଗଡ଼, ପରବର୍ତ୍ତୀ ପର୍ଯ୍ୟାୟରେ କଳାହାଣ୍ଡି ଓ ବଲାଙ୍ଗିର ଲୋକସଭା କ୍ଷେତ୍ର ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକରେ ସାଙ୍ଗଠନିକ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଜଣଜଣ କରି ପର୍ଯ୍ୟବେକ୍ଷକ, ବିଧାୟକ ଓ ଅନ୍ୟ ନେତାମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ପ୍ରତି ଥର ଆମ ଉପରେ ଜନତାଙ୍କ ଆଶା ଓ ଭରସା ବୃଦ୍ଧି ପାଉଛି। ସାଧାରଣ ଲୋକଙ୍କ ପାଇଁ ସରକାର ପ୍ରତିବଦ୍ଧ ଭାବରେ କାର୍ଯ୍ୟ କରି ଆସୁଛନ୍ତି। ଓଡ଼ିଶାର ରୂପାନ୍ତରଣ କାର୍ଯ୍ୟ ପ୍ରତ୍ୟେକ ଲୋକଙ୍କୁ ଖୁସି ଆଣି ଦେଇଛି ଓ '୫-ଟି' ଉପକ୍ରମ ପ୍ରତ୍ୟେକ ରାଜ୍ୟବାସୀଙ୍କ ଜୀବନକୁ ପ୍ରଭାବିତ କରିଛି। ଲୋକଙ୍କ ମତ ଆଧାରରେ ସରକାର ପ୍ରକଳ୍ପ ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଗାମୀ ୧୦ ବର୍ଷ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ନୂଆ ଏବଂ ସଶକ୍ତ ଓଡ଼ିଶା ଗଠନ ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ନିବିଡ଼ କରିବାକୁ ହେବ। ତେଣୁ କାଳବିଳମ୍ବ ନ କରି ନିଜ ନିଜ ଅଞ୍ଚଳରେ କାର୍ଯ୍ୟ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ଦଳୀୟ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ପ୍ରସ୍ତୁତି, ରଣନୀତି ନିର୍ଦ୍ଧାରଣ ଓ କ୍ଷେତ୍ରରେ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ନବୀନ ନିବାସ ଓ ଶଙ୍ଖ ଭବନରେ ଖୋଲାଯାଇଥିବା ମନିଟରିଂ ବା ନିୟନ୍ତ୍ରଣ କକ୍ଷ ଖୋଲା ଯାଇଛି। ଲୋକସଭା ଓ ବିଧାନସଭା କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରୁଥିବା ପର୍ଯ୍ୟବେକ୍ଷକମାନେ ପ୍ରତି ସନ୍ଧ୍ୟାରେ ଏହି ନିୟନ୍ତ୍ରଣ କକ୍ଷକୁ ସିଧାସଳଖ ରିପୋର୍ଟ କରିବେ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସେହିପରି ୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ରାଜ୍ୟର ନବ ରୂପାନ୍ତର ନିମନ୍ତେ ପଣ କରିଛନ୍ତି। ଓଡ଼ିଶାକୁ ସମୃଦ୍ଧିର ଶୀର୍ଷରେ ପହଞ୍ଚାଇବା ସହ ରାଜ୍ୟର ପ୍ରତ୍ୟେକ ଲୋକଙ୍କୁ ନିଜ ପରିବାର ସଦସ୍ୟ ମନେ କରି କାର୍ଯ୍ୟ କରିଛନ୍ତି। ତାଙ୍କ ସ୍ୱପ୍ନର ଓଡ଼ିଶା ଗଠନ ନିମନ୍ତେ ଆମେମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଓ ଆଗାମୀ ନିର୍ବାଚନରେ ଦଳର ବିଜୟ ପତାକା ଉଡ଼ାଇବା ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା। ବିଭିନ୍ନ ପର୍ଯ୍ୟାୟ ବୈଠକରେ ସାଂସଦ ସୁଜିତ୍ କୁମାର, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଦିବ୍ୟଶଙ୍କର ମିଶ୍ର, ଭୂପିନ୍ଦର ସିଂହ, ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତ ରାୟ, ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂହଦେଓ, ବିଧାୟକ ପ୍ରଦୀପ ଦିଶାରୀ, ଲଳିତା ନାୟକ, ଦୁଷ୍ମନ୍ତ ନାୟକ ଲମ୍ବୋଦର ନିଆଲ, ବିଧାୟକ ସୁଧିର ସାମଲ, ଦେବେଶ ଆଚାର୍ଯ୍ୟ, ସୁଶାନ୍ତ ସିଂହ, ବର୍ଷା ସିଂହ ବରିହା, ମନ୍ତ୍ରୀ ରୀତା ସାହୁ, ମନ୍ତ୍ରୀ ସାରଦା ନାୟକ, ଅଳକା ମହାନ୍ତି, ବିଧାୟକ ଦୀପାଳି ଦାସ, ବିଶାଳ ଦାସ, ସରୋଜ ମେହେର, ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ସାଂସଦ କଳିକେଶ ସିଂହଦେଓ, ଆୟୁବ ଖାଁ, ଅଜୟ ଦାସ, ନିରଞ୍ଜନ ବେହେରା, ପଦ୍ମନାଭ ବେହେରା, ନିରଞ୍ଜନ ପୂଜାରୀଙ୍କ ସହ ବହୁ ନେତା ଉପସ୍ଥିତ ଥିଲେ।

ବୈଠକ ପରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଗଣମାଧ୍ୟମକୁ କହିଛନ୍ତି ଯେ ଆଜି ବରଗଡ଼, କଳାହାଣ୍ଡି ଓ ବଲାଙ୍ଗିର ସଂସଦୀୟ କ୍ଷେତ୍ର ଓ ୨୧ ବିଧାନସଭା ନିର୍ବାଚନମଣ୍ଡଳୀ ସମ୍ପର୍କରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ସମୀକ୍ଷା କରିଛନ୍ତି। ନିର୍ବାଚନମଣ୍ଡଳୀରେ ଦଳର ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଛନ୍ତି। ସବୁ ଅଞ୍ଚଳରେ ଆମର ସ୍ଥିତି ଯଥେଷ୍ଟ ଭଲ ରହିଛି, ଆଗାମୀ ନିର୍ବାଚନରେ ଦଳ ବେଶ୍ ଭଲ ପ୍ରଦର୍ଶନ କରିବ ଏବଂ ସବୁ ଆସନରେ ବିପୁଳ ଭୋଟରେ ଦଳ ବିଜୟୀ ହେବ ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି। ସେହିପରି କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଆୟୁବ ଖାଁ କହିଛନ୍ତି ଯେ ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ଅଧିକ ପରିଶ୍ରମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରୁଛୁ। ଆମେ ବିଜେଡ଼ିକୁ ବିଜୟୀ କରିବାକୁ ସବୁ ପରିଶ୍ରମ କରିବୁ ବୋଲି ଆୟୁବ ଖାଁ କହିଛନ୍ତି।

### ପରଲୋକରେ ଦାମୋଦର...

ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଚିକିତ୍ସା ଜାରି ରଖିଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଘଟିନଥିଲା। ଶେଷରେ ଆଜି ଭୋର୍‌ରେ ତାଙ୍କର ପରଲୋକ ହୋଇଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ରାଉତଙ୍କ ପାର୍ଥିବ ଶରୀରକୁ ପ୍ରଥମେ ୟୁନିଟ୍-୬ସ୍ଥିତ ତାଙ୍କ ସରକାରୀ ବାସଭବନକୁ ନିଆଯାଇଥିଲା। ସେଠାରେ ବିଭିନ୍ନ ଦଳର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କୁ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ମରଶରୀରକୁ ବିଧାନସଭାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଗାର୍ଡ-ଅଫ୍-ଅନର୍ ପ୍ରଦାନ କରାଯାଇଥିଲା। ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ତାଙ୍କ ଶରୀରକୁ ବିଜେଡି କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ବିଜେଡିର ବହୁ ବରିଷ୍ଠ ଓ ତୁଙ୍ଗନେତା ପହଞ୍ଚି ଦାମବାବୁଙ୍କ ଶେଷ ଦର୍ଶନ କରିଥିଲେ। ସେଠାରୁ ଦାମଙ୍କ ମରଶରୀରକୁ ପାରାଦୀପ ନିର୍ବାଚନମଣ୍ଡଳୀକୁ ନିଆଯାଇଥିଲା। ରାତିରେ ପୁରୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

ଡାକ୍ତର ଦାମୋଦର ରାଉତ ଓଡ଼ିଶା ବିଧାନସଭାକୁ ୭ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ୧୯୭୭ ମସିହାରେ ପ୍ରଥମଥର ପାଇଁ ସେ ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରୁ ଜନତା ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୮୦ ମସିହାରେ ଜନତା ଦଳ (ସେକୁଲାର୍)ରୁ ସେ ଦ୍ୱିତୀୟଥର ପାଇଁ ନିର୍ବାଚିତ ହୋଇଥିଲେ। ୧୯୯୫ ମସିହାରେ ପରାଜିତ ହୋଇଥିବା ଡାଃ ରାଉତ ୨୦୦୦ ମସିହାରୁ ୨୦୧୯ ମସିହା ପର୍ଯ୍ୟନ୍ତ ବିଜୁ ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ତାଙ୍କ ରାଜନୈତିକ ଜୀବନୀରେ ସେ ୫ଥର ଏରସମା ଓ ୨ଥର ପାରାଦ୍ୱୀପ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେ ପଞ୍ଚାୟତିରାଜ ତଥା କୃଷି ବିଭାଗ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2024-09, ତା.19.03.2024ରିଖ

କାର୍ଯ୍ୟର ନାମ : ତିନି ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳର Efftronics ସିଷ୍ଟମ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନିର୍ମିତ ଡାଟା ଲଗର(Data Logger) ସିଷ୍ଟମ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

ଟେଣ୍ଡର ମୂଲ୍ୟ(₹) : 2,19,22,651.20, EMD (₹) : 2,59,600.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 11,800.00।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.11.04.2024 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସଙ୍କେତ), ସମ୍ବଲପୁର

PR-1200/O/23-24

**AFFIDAVIT**

I Sudhir Kumar Das, S/O-Late Gaurhari Das, Residenof Village-Haja, PO-Harichandanpur, PS-Nachuni, Dist-Khurda, Odisha-752035 declare by this Affidavit No 881 dated 21.03.2024 that now onwards I shall be known as **SUDHIRA KUMAR DAS** for all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I Manoj Gupta, S/o-Sri Vishal Gupta, Resident of Flat No-G-152, The Cosmopolis Dumuduma, PS- Khandagiri, Bhubaneswar Dist-Khordha, Odisha, declare by this Affidavit No 68AA 299064 dated 18.03.2024 that now onwards I shall be known as **Manoj Kumar Gupta** for all future purposes.

**AFFIDAVIT**

I, Abhaya Kumar Raul, S/o- Sanatan Raul, resident of Lane No.01, Bhalukipatal, Shree Vihar Colony, Kendhujhar Town, Dist-Kendujhar, Pin-758001, Odisha declare by this affidavit No.186, date -22/03/2024 that now onwards I shall be known as **ABHAY KUMAR RAUL** for all future purposes.

**AFFIDAVIT**

I, Sekharmantri Chandra Sekhar Patnaik, S/o- Late Sekharmantri Narasingha Rao, A-5/4, Chandrama Apartment, Janpath, Unit-3, Bhubaneswar, Pin-751001, Dist: Khordha, Odisha declare by this affidavit No.53, dtd. 21/03/2024 that now onwards I shall be known as **CHANDRA SEKHAR PATNAIK** for all future purposes.

**AFFIDAVIT**

I, Dolly, W/o- Abhay Kumar Raul, resident of Lane No. 01, Bhalukipatal, Shree Vihar Colony, Kendhujhar Town, Dist-Kendujhar, Pin- 758001, Odisha declare by this affidavit No.185, date -22/03/2024 that now onwards I shall be known as **DOLLY RAUL** for all future purposes.

**AFFIDAVIT**

I, Sashikanta Sethi, aged about 26 years S/o Baidhar Sethi, resident of Village- Andhia, Po: Andhia, Via- Bant, Dist : Bhadrak at present HIG-D-55, Maitri Vihar, Po- East Coast Railway Colony, Bhubaneswar Dist- Khurda, do herby solemnly affirm and state as follows : That at present I am known as SASHIKANTA SETHI, I want to change my surname from 'SETHI' to 'SHARMA' and in this way I shall be known as 'SASHIKANTA SHARMA'. That by virtue of this affidavit my name shall be Sashikanta Sharma for all the time to come in future instead of Sashikanta Sethi, I shall be known as "SASHIKANTA SHARMA" by one and all for all the times on all documents all as sphere and in all respects. That, this affidavit is required to be produced before the concerned authority for utilising new surname that is **'Sharma'**. That, the facts stated above are true to the best of my knowledge and belief.

**Sashikanta Sharma**

**AFFIDAVIT**

I Sibaji Dash, Resident of 7-B, Udaygiri Bark Colony, Anushakti Nagar, Bark Residential Colony, Mumbai-400094, Maharashtra, declare by this Affidavit Number 96AA 026676 dated 20.03.2024 that now onwards I shall be known as **Sibaji Charan Dash** for all future purposes.

**AFFIDAVIT**

I, Pritismita Raul, D/o- Abhay Kumar Raul, resident of Lane No. 01, Bhalukipatal, Shree Vihar Colony, Kendhujhar Town, Dist-Kendujhar, Pin- 758001, Odisha declare by this affidavit No.187, date- 22/03/2024 that now onwards I shall be known as **PREETISMITA RAUL** for all future purposes.

**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଏନ୍‌ଆଇସି, ମୈତ୍ରୀ ବିହାର ଓ ଓମ ଗାର୍ଡେନ ଅଞ୍ଚଳରେ ସକାଳ ୮ ଘଟିକାରୁ ଅପରାହ୍ଣ ୧ ଘଟିକା ପର୍ଯ୍ୟନ୍ତ ଏବଂ ଗୋଡିବାରି, ଓମ କଟେଜ ଓ କଣ୍ଟାବାଡ଼ ଅଞ୍ଚଳରେ ସକାଳ ୯.୩୦ ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ। ସେହିପରି ୟୁନିଟ -୪ ମାର୍କେଟ ଓ ଏମ୍‌ଏଲ୍‌ଏ କଲୋନୀ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ, ମାଳି କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା ଓ ଭକ୍ତମଧୁ ନଗର ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ଣ ୧ ଘଟିକା ପର୍ଯ୍ୟନ୍ତ ଏବଂ ମଙ୍ଗରାଜ ପଏଣ୍ଟ ଅଞ୍ଚଳରେ ଅପରାହ୍ଣ ୩.୫୩ ଘଟିକାରୁ ସନ୍ଧ୍ୟା ୬.୫୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ

**ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡ଼ିଏଲ**

# ଅଗ୍ନିକାଣ୍ଡରେ ଜଳିଗଲା ଗୁହାଳ; ୨ ବଳଦ ଗୁରୁତର

**କୋଷାଗୁମୁଡ଼ା,୨୨।୩(ସମିସ):** କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ଥାନା ଅନ୍ତର୍ଗତ କୋକଡିସେମଲା ଗାଁର ଜଗନ୍ନାଥ ଚାଲାଣ, ବଲ୍ଲଭ ଚାଲାଣ, ଭୀମ ଚାଲାଣ ଏବଂ ଈଶ୍ୱର ଚାଲାଣଙ୍କ ଘରେ କୌଣସି କାରଣ ବଶତଃ ଅଗ୍ନିକାଣ୍ଡ ଘଟି ଦୁଇଟି ଗୁହାଳ ଘର ସମ୍ପୂର୍ଣ୍ଣ ଜଳି ଯାଇଛି। ଏଥିରେ ଦୁଇଟି ବଳଦ ଗୁରୁତର ହୋଇଛନ୍ତି। ଅଗ୍ନିକାଣ୍ଡରେ ପ୍ରାୟ ୭୦ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ବୋଲି ଅଗ୍ନିବିପନ୍ନ ପରିବାର କହିଛନ୍ତି। ନିଆଁ ଲାଗିଥିବା ଖବର ପାଇ କୋଡ଼ିଙ୍ଗା ଏଏସ୍‌ଆଇ ପ୍ରଦୀପ ବାଘ ଏବଂ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏପଟେ କୋଷାଗୁମୁଡ଼ା ଅଗ୍ନିଶମ ବିଭାଗର ଓଆଇସି ଜଗଦୀଶ ମାଝୀ ଓ ତାଙ୍କ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନଙ୍କୁ ସରକାରଙ୍କ ତରଫରୁ ସାହାଯ୍ୟ ଯୋଗାଇ ଦେବାକୁ ଜନସାଧାରଣ ଦାବି କରିଛନ୍ତି।



# ସକ୍ଷମ ଅନୁଷ୍ଠାନର ନୂତନ ଜିଲ୍ଲା କମିଟି ଘୋଷଣା




**ରାୟଗଡ଼ା,୨୨।୩(ସମିସ):** ସକ୍ଷମ ଅନୁଷ୍ଠାନ ରାୟଗଡ଼ା ଆନୁକୂଲ୍ୟରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସେବା ପ୍ରମୁଖ ଦୀପକ କୁମାର ରାଉତ, ସକ୍ଷମର ରାଜ୍ୟ ସଂରକ୍ଷକ ଡ. ବାଦଲ କୁମାର ତା, ରାଜ୍ୟ ସଚିବ ଶ୍ୟାମକୁମାର ଦାଶ, ରାଜ୍ୟ କୋଷାଧ୍ୟକ୍ଷ ବିଜୟ ମିଶ୍ର, ସେବା ଭାରତୀର ଜିଲ୍ଲା ସମ୍ପାଦକ ବିଦ୍ୟାଭୂଷଣ ପଣ୍ଡା, ଜିଲ୍ଲା ଦିବ୍ୟାଙ୍ଗ କେନ୍ଦ୍ର ପାଳକ ଏମ ବିଦ୍ୟାସାଗର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ନୂତନ ଭାବେ ଜିଲ୍ଲା କମିଟି ଘୋଷଣା ହୋଇଥିଲା। ନୂତନ ଭାବେ ଦାୟିତ୍ୱ ପାଇଥିବା ସମସ୍ତ ଜିଲ୍ଲା ପଦାଧିକାରୀଙ୍କୁ ସକ୍ଷମର ସମସ୍ତ ପ୍ରକୋଷ୍ଠ ଓ ଆୟାମ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ଜିଲ୍ଲା କମିଟିରେ ଅନିତା ନନ୍ଦ ଜିଲ୍ଲା ସଭାପତି, ବୃନ୍ଦାବନ ବେହେରା ଜିଲ୍ଲା ସଚିବ, ଡି ଶ୍ରାବଣ କୁମାର ଜିଲ୍ଲା କୋଷାଧ୍ୟକ୍ଷ, ରମାନନ୍ଦ ପାଢ଼ୀ ଜିଲ୍ଲା ଯୁବା ପ୍ରମୁଖ ଓ ରିନୁ ମାହାଙ୍ଗୁଡ ଜିଲ୍ଲା ମହିଳା ପ୍ରମୁଖ ରୂପେ ନୂତନ ଦାୟିତ୍ୱ ମିଳିଛି। ରାୟଗଡ଼ା ଜିଲ୍ଲାରେ ପ୍ରତେକ ଦିବ୍ୟାଙ୍ଗ କିପରି ସମସ୍ତ ସରକାରୀ ଯୋଜନା ପାଇବେ ଏବଂ ଦିବ୍ୟାଙ୍ଗ ଚିହ୍ନଟରେ ସକ୍ଷମ ମୁଖ୍ୟ ଭୂମିକା ନେବ ବୋଲି ଜିଲ୍ଲା ସଭାପତି ଅନିତା ନନ୍ଦ କହିଛନ୍ତି।

# ବିଦ୍ୟାଳୟରୁ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ନେଇ ଚିକିତ୍ସାଳୟରେ ଉତ୍ତେଜନା





**ଗୁଣୁପୁର,୨୨।୩(ସମିସ):**

ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ଅନ୍ତର୍ଗତ ପୁଟାସିଂ ଥାନା ଟଲଣା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜଣେ ଅନ୍ତେବାସୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ବିଦ୍ୟାଳୟର ଏକ ଶ୍ରେଣୀ ଗୃହରୁ ଛାତ୍ରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ ଛାତ୍ର ଜଣକ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲରେ ରହି ପଞ୍ଚମ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି। ମୃତ ଛାତ୍ର ଜଣକ ହେଉଛନ୍ତି ଜୁଦେଶ ଶବର(୧୧) ଓ ତାଙ୍କ ଘର ଟଲଣା ଗ୍ରାମରେ ବୋଲି ଜଣାପଡ଼ିଛି। ଗୁରୁବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଥାଇପାରେ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଶୁକ୍ରବାର ସକାଳେ ଶ୍ରେଣୀଗୃହ ସଫା କରିବା ପାଇଁ ପିଅନ ଯାଇ ସେଠାରେ ଛାତ୍ରଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ରାତ୍ର ସମୟରେ ସମସ୍ତ ଶ୍ରେଣୀଗୃହ ତାଲା ପକା ଯାଉଥିବାବେଳେ ଉକ୍ତ ଶ୍ରେଣୀଗୃହ କିପରି ଖୋଲା ରହିଥିଲା ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଘଟଣାସ୍ଥଳରେ ପୁଟାସିଂ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ଶବକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର ନିମନ୍ତେ ପୁଲିସ ଓ ପ୍ରଶାସନକୁ ନାକେଦମ୍ ହେବାକୁ ପଡ଼ିଥିଲା। ଦୀର୍ଘ ଘଣ୍ଟା ଛକପଞ୍ଝା ପରେ ପରିବାର ଲୋକେ ଶବ ଗ୍ରହଣ କରିଥିଲେ। ଖବର ପାଇ ଗୁଣୁପୁର ଗୋଷ୍ଠୀ ଶିକ୍ଷାଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁସନ୍ଧାନ କରୁଥିବା ଜଣାପଡ଼ିଛି। ଅପରପକ୍ଷେ ପୁଅର ମୃତ୍ୟୁ ସହଜେ ଗ୍ରହଣ କରିପାରୁ ନାହାନ୍ତି ପରିବାର ବର୍ଗ। ଘଟଣାର ସଠିକ୍ ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି।

ସମ୍ପର୍କୀୟ ଓ ମୃତକର ବାପା ପ୍ରଦୀପ ଶବରଙ୍କ କହିବା ଅନୁଯାୟୀ, ଛାତ୍ର ଜଣକ ବହୁତ ଶାନ୍ତଶିଷ୍ଟ ଏବଂ ନିରୀହ ଅଟେ। ସେ ଏଭଳି କେବେ କରିପାରିବ ନାହିଁ ବୋଲି କହିଛନ୍ତି। ଶୁକ୍ରବାର ସକାଳେ ପିଲାର ଦେହ ଖରାପ ବୋଲି ତାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଜଣାଇଥିଲେ। ତାଙ୍କ ବାପା ବିଦ୍ୟାଳୟରେ ପହଞ୍ଚିବା ପରେ ତାଙ୍କ ପୁଅର ଝୁଲନ୍ତା ଶବକୁ ଦେଖି ଚକିତ ହୋଇପଡ଼ିଥିଲେ। ତାଙ୍କ ପୁଅର ଉଚ୍ଚତା ୪ ଫୁଟ୍ ମଧ୍ୟରେ ଥିବାବେଳେ ପ୍ରାୟ ୧୨ ଫୁଟ ଉଚ୍ଚକୁ ଚଢ଼ି ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିପାରିବ ବୋଲି ପ୍ରଶ୍ନ କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ସେଠାରେ କାମ କରୁଥିବା ପିଅନଙ୍କ ଅବହେଳାକୁ ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତାଙ୍କ ପୁଅକୁ କେହି ହତ୍ୟା କରି ଝୁଲାଇ ଦେଇଥିବା ଅଭିଯୋଗ କରିଛନ୍ତି। ପୁଟାସିଂ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଗୁଣୁପୁର ଅତିରିକ୍ତ ତହସିଲଦାର୍ ଅଂଶୁମାନ ପରିଡ଼ାଙ୍କ ଉପସ୍ଥିତିରେ ଛାତ୍ରର ଝୁଲନ୍ତା ମୃତଦେହକୁ ପୁଲିସ ଓହ୍ଲାଇଥିଲେ। ଏହାପରେ ଗୁଣୁପୁର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ସରିବା ପରେ ଦୀର୍ଘ ଘଣ୍ଟା ଧରି ଶବ ବ୍ୟବଚ୍ଛେଦ ଗୃହରେ ଛାତ୍ରର ଶବ ପଡ଼ିରହିଥିଲା। ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଦାବିରେ ଶବକୁ ଗ୍ରହଣ କରୁ ନ ଥିଲେ ପରିବାର ବର୍ଗ। ଦୀର୍ଘ ସମୟ ବୁଝାସୁଝା ଓ ପ୍ରତିଶ୍ରୁତି ପରେ ଶବକୁ ଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁଣୁପୁର ତହସିଲଦାର୍ ଲିଳାବତୀ ଆଚାର୍ଯ୍ୟୀ, ଅତିରିକ୍ତ ତହସିଲଦାର୍ ଅଂଶୁମାନ ପରିଡ଼ା, ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ଗୁଣୁପୁର ଏସଡିପିଓ ବାବୁଲି ନାୟକ ପହଞ୍ଚି ପରିବାର ଲୋକ ଓ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ପରିବାର ପକ୍ଷରୁ କ୍ଷତିପୂରଣ ଦାବିରେ ଅଟଳ ରହିଥିଲେ। ଏଠାରେ ପ୍ରଶ୍ନ ଉଠିଛି ଯେ, କାହାର ଅବହେଳା ଯୋଗୁଁ ଜଣେ ୧୧ ବର୍ଷର ନିରୀହ ଛାତ୍ରର ଜୀବନ ଗଲା। ଏହା ହତ୍ୟା ନା ଆତ୍ମହତ୍ୟା ତାହା ଲୋକଲୋଚନକୁ ଆସିବା ଜରୁରୀ ହୋଇପଡ଼ିଛି।

# ବାବା ବୈଦ୍ୟନାଥ ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ଉମରକୋଟ,୨୨।୩(ସମିସ)**

ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦ ଅଧୀନରେ ଥିବା ଗୁଲିପାଟଣାର ବାବା ବୈଦନାଥ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବ ଆଠ ଦିନ ଧରି ଚାଲିବ। ଗଞ୍ଜାମ ଜିଲ୍ଲାରୁ ଆସିଥିବା ୧୦ ଜଣ ବ୍ରାହ୍ମଣଙ୍କ ଦ୍ୱାରା ପ୍ରତିଷ୍ଠା କାର୍ଯ୍ୟ କରାଯାଉଛି। ବାବା ବୈଦନାଥ ଶିବମନ୍ଦିରକୁ ବିଭିନ୍ନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପ୍ରଥମ ଦିନ ଦୀକ୍ଷା ଗ୍ରହଣ ନୀତି ସମ୍ପର୍ଣ୍ଣ ହୋଇଥିବାବେଳେ ଶୁକ୍ରବାର ଦ୍ୱିତୀୟ ଦିନରେ ରତ୍ନମୁଦ ସ୍ଥାପନ କରାଯାଇଛି। ତୃତୀୟ ଦିନରେ ମଙ୍ଗଳାରୋପଣ, ଜଳଯାତ୍ରା, ପ୍ରତିଷ୍ଠାରମ୍ଭ, ଚତୁର୍ଥ ଦିନରେ ଦେବତା ଅଧିବାସ, ଅଗ୍ନି ସଂସ୍କାର, ଘୃତଯଜ୍ଞ, ନାମଯଜ୍ଞ, ଅଧିବାସ, ପଞ୍ଚମ ଦିନ ଦେବତା ମହାସ୍ନାନ, ଶୟନ, ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ, ଷଷ୍ଠ ଦିନରେ ଦେବତାଙ୍କ ବିଗ୍ରହ ପ୍ରତିଷ୍ଠା, ନାମଯଜ୍ଞ, ସପ୍ତମ ଦିନ ଲିଙ୍ଗ ଓ ବିଗ୍ରହ ସ୍ଥାପନ, ଧ୍ୱଜାଭ୍ରମଣ, ଘୃତଯଜ୍ଞର ପୂର୍ଣ୍ଣାହୁତି, ନାମଯଜ୍ଞ, ଅନ୍ନଯଜ୍ଞ ଏବଂ ଲିଙ୍ଗ ସହର ପରିକ୍ରମା, ଅଷ୍ଟମ ଦିନ ନାମଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ତୃତୀୟ ଦିନରୁ ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଆନନ୍ଦ ବଜାର ଖୋଲାଯିବାର ବ୍ୟବସ୍ଥା କରାଯାଇଛି। ବାବା ବୈଦ୍ୟନାଥ ଶିବମନ୍ଦିର କମିଟିର ସଦସ୍ୟ ଓ ଗୁଲିପାଟଣା ସାହିର ସମସ୍ତ ମହିଳା ଓ ପୁରୁଷ ଭକ୍ତମାନେ ସହଯୋଗ କରୁଛନ୍ତି।



# ମୃତ ଗାଈକୁ ଉଦ୍ଧାର କରି ଜଙ୍ଗଲରେ ପୋତିଲେ ସମାଜସେବୀ



**କୋଷାଗୁମୁଡ଼ା,୨୨।୩(ସମିସ):** କୋଷାଗୁମୁଡ଼ା ମୁଖ୍ୟବଜାରର ରାସ୍ତା ଉପରେ ପଡ଼ିଥିବା ମୃତ ଗାଈକୁ ଉଦ୍ଧାର କରି ମାଟିରେ ପୋତି ବଦାନ୍ୟତା ଦେଖାଇଛନ୍ତି ସ୍ଥାନୀୟ ସମାଜସେବୀ ହରିବନ୍ଧୁ ମାଝୀ। ଗୁରୁବାର ରାତିରେ କୌଣସି ବିଷାକ୍ତ ଖାଦ୍ୟଖାଇ ଗୋଟିଏ ବୁଲା ଗାଈ ତଳେ ପଡ଼ି ଛଟପଟ ହେଉଥିବା ଦେଖି ସ୍ଥାନୀୟ ଯୁବ ବ୍ୟବସାୟୀ ପିଙ୍କୁ ପଟ୍ଟନାୟକ ପ୍ରାଣୀ ଚିକିତ୍ସକଙ୍କୁ ଡାକି ଇଞ୍ଜେକ୍ସନ ଓ ଔଷଧର ବ୍ୟବସ୍ଥା କରିଥିଲେ। କିନ୍ତୁ ଗାଈଟିର ମୃତ୍ୟୁ ହୋଇଥିଲା। ତେବେ ସକାଳେ ସମାଜସେବୀ ହରିବନ୍ଧୁ ମାଝୀ ଏହି ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଏକ ଜେସିବି ମେସିନ ଦ୍ୱାରା ମୃତ ଗାଈକୁ ଉଦ୍ଧାର କରି ସ୍ଥାନୀୟ ଗ୍ରାମ୍ୟ ସଂରକ୍ଷଣ ଜଙ୍ଗଲରେ ପୋତିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବଜାର କମିଟିର ସଭାପତି ମୋହିତ ଜେନ୍, ପିଙ୍କୁ ପଟ୍ଟନାୟକ ଓ ଗିରିଜା ଶଙ୍କର ପଟ୍ଟନାୟକ ଉପସ୍ଥିତ ରହି ସମାଜସେବୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସାଧୁବାଦ ଜଣାଇଥିଲେ।

# ଦାମ ରାଉତଙ୍କ ବିୟୋଗରେ ରାୟଗଡ଼ା ବିଜେଡିର ଶୋକ



**ରାୟଗଡ଼ା,୨୨।୩(ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ, ବିଜୁ ଜନତା ଦଳର ବରିଷ୍ଠ ନେତା, ରାଜନୈତିଜ୍ଞ ତଥା ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତଙ୍କ ବିୟୋଗରେ ଶୋକ ଜଣାଇଲା ରାୟଗଡ଼ା ବିଜେଡି ପରିବାର। ତାଙ୍କ ବିୟୋଗ ବିଜୁ ଜନତା ଦଳ ପାଇଁ ଏକ ଅପୂରଣୀୟ କ୍ଷତି। ରାଜ୍ୟବାସୀଙ୍କ ପ୍ରଗତି ଓ ଉନ୍ନତି କ୍ଷେତ୍ରରେ ସ୍ୱର୍ଗତ ଶ୍ରୀ ରାଉତ କରିଯାଇଥିବା କାର୍ଯ୍ୟ ପାଇଁ ସେ ସର୍ବଦା ଓଡ଼ିଶାର ଜନମାନସରେ ସ୍ମରଣୀୟ ହୋଇ ରହିବେ ବୋଲି ବିଜେଡି ପରିବାର ନେତୃବୃନ୍ଦ ଜଣାଇଛନ୍ତି। ରାୟଗଡ଼ା ବିଜୁ ଜନତା ଦଳର ବରିଷ୍ଠ ନେତା ପୂର୍ବତନ ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେଡି ଉପସଭାପତି ଏନ.ଭାସ୍କର ରାଓ, ଆଦିବାସୀ କଲ୍ୟାଣ ଓ ଆଇନ ବିଭାଗ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା,ଜଗନ୍ନାଥ ସାରକା,ଜିଲ୍ଲା ସଭାପତି ତଥା ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସଙ୍କ ସମେତ ଅନ୍ୟ ନେତୃବୃନ୍ଦମାନେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ଡା.ରାଉତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

▶ ରେଖାପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ଚକ୍ଷୁ ପରୀକ୍ଷା

# ୬୫ଜଣଙ୍କୁ ଦିଆଗଲା ଚଷମା




**ମୁକୁନ୍ଦପୁର,୨୨।୩(ସମିସ):** ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ରେଖାପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଚକ୍ଷୁ ବିଶେଷଜ୍ଞ ଡା.ଶୁଭଶ୍ରୀ ପଟ୍ଟନାୟକ, ରେଖାପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ଅଭିଷେକ ସାହୁ, ଆୟୁଷ ଡା.ମୋନରଞ୍ଜନ ମଲିକ, ଫାର୍ମାସିଷ୍ଟ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ରେଖାପଦର ଅଞ୍ଚଳର ୧୦୦ ଜଣ ଲୋକଙ୍କ ଆଖି ପରୀକ୍ଷା କରାଯାଇ ୬୫ ଜଣ ଚକ୍ଷୁରୋଗୀଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଛି। ସେହିପରି ୧୫ ଜଣଙ୍କୁ ରାୟଗଡ଼ା ମେଡିକାଲ ଯିବା ପାଇଁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମକୁ ରେଖାପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସେକ୍ଟର ସୁପରଭାଇଜର କୃଷ୍ଣଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

# ବୀର ଯବାନ ନାଗରାଜଙ୍କୁ ଶ୍ରଦ୍ଧାଞ୍ଜଳି



**ରାୟଗଡ଼ା,୨୨।୩(ସମିସ):** ବୀର ଯବାନ ନାଗରାଜଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରାୟଗଡ଼ାର କପିଳାସ ଛକଠାରୁ ରେଳବାଇ ଷ୍ଟେସନ ଛକ ପର୍ଯ୍ୟନ୍ତ ଶୁକ୍ରବାରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲ୍ଲା ବିଷମକଟକ ମାଟିର ବୀରପୁତ୍ର ବାୟୁ ସେନାର ଯବାନ ସର୍ଜେଣ୍ଟ ସିଏଚ. ନାଗରାଜଙ୍କ ପାର୍ଥୀବ ଶରୀରକୁ ଶୁକ୍ରବାର ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କ ଗାଁ ବିଷମକଟକ ଅଭିମୁଖେ ନିଆଯାଉଥିବାବେଳେ ରାୟଗଡ଼ା ସହରର କପିଳାସ ଛକଠାରେ ପୂର୍ବତନ ରାଜ୍ୟ ସଭା ସାଂସଦ ତଥା ରାଜ୍ୟ ବିଜେଡି ଉପସଭାପତି ଏନ.ଭାସ୍କର ରାଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେହିପରି ରାୟଗଡ଼ା ଭେଟେରାନ ସୋଲଜର ଆସୋସିଏସନ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରାୟଗଡ଼ା ଜିଲ୍ଲା ମାଟିର ବୀର ଯବାନ ସ୍ୱର୍ଗତ ନାଗରାଜଙ୍କ ମୃତ୍ୟୁକୁ ନେଇ ଜିଲ୍ଲାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଶୁକ୍ରବାର ରାୟଗଡ଼ାଠାରେ ଅନୁଷ୍ଠିତ ହୋଇଥିବା ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରାରେ ରାୟଗଡ଼ା ବିଜେଡିର ବହୁ ଯୁବକର୍ମୀମାନଙ୍କ ସମେତ ସ୍ଥାନୀୟ ଯୁବକ ଓ ଯବାନମାନେ ଉପସ୍ଥିତ ଥିଲେ।

# ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ମହିଳା ଫେରାର

## ରାୟଗଡ଼ା ଥାନାର ଦ୍ୱାରସ୍ଥ ହେଲେ କ୍ଷତିଗ୍ରସ୍ତ

**ରାୟଗଡ଼ା,୨୨।୩(ସମିସ)**

ରାୟଗଡ଼ା ରିଙ୍ଗ ରୋଡରେ ରହୁଥିବା ତୃପ୍ତିରାଣୀ କର ନାମକ ଜଣେ ମହିଳା ଚିଟଫଣ୍ଡ ସ୍କିମ୍ ନାମରେ ସ୍ଥାନୀୟ ମହିଳାମାନଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରି ଗୁରୁବାରଠାରୁ କେଉଁଆଡ଼େ ଫେରାର୍ ହୋଇଯାଇଥିବା ନେଇ ଶୁକ୍ରବାର ରାୟଗଡ଼ା ଥାନାରେ ଅଭିଯୋଗ ହୋଇଛି। ଏହା ଦ୍ୱାରା ୫୦ରୁ ଊର୍ଦ୍ଧ୍ୱ ମହିଳା ଏବେ କ୍ଷତିଗ୍ରସ୍ତ ହୋଇଛନ୍ତି। ରାୟଗଡ଼ାରେ ରହୁଥିବା ନିଜ ଘର ସମେତ ଘରର ଆସବାବପତ୍ର ବିକ୍ରି କରି ଗତ ଗୁରୁବାରଠାରୁ ଶ୍ରୀମତୀ କର, ତାଙ୍କ ସ୍ୱାମୀ ଓ ପୁଅ ଆଦିତ୍ୟ ରାୟଗଡ଼ା ଛାଡ଼ି କେଉଁଆଡ଼େ ଫେରାର୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ କ୍ଷତିଗ୍ରସ୍ତ ମହିଳାମାନେ ନିଜ ପରିବାର ସଦସ୍ୟଙ୍କ ସହ ରାୟଗଡ଼ା ଥାନାର ଦ୍ୱାରସ୍ଥ ହୋଇ ଶ୍ରୀମତୀ କର, ତାଙ୍କ ସ୍ୱାମୀ ଓ ପୁଅଙ୍କ ବନ୍ଦ ଥିବା ମୋବାଇଲ୍ ନମ୍ବରକୁ ଟ୍ରାକିଂ କରି ତୁରନ୍ତ ମହିଳା ଜଣକୁ ଧରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଫେରାର୍ ଥିବା ମହିଳାଙ୍କ ଝିଅ ଓ ଜ୍ୱାଇଁ ରାୟଗଡ଼ାରେ ରହୁଥିବା ହେତୁ ସେମାନଙ୍କୁ ଥାନାକୁ ଡକାଯାଇ ପୁଲିସ ଅଧିକ ପଚରାଉଚୁରା କରୁଛି। ଏ ନେଇ କ୍ଷତିଗ୍ରସ୍ତ ମହିଳାମାନଙ୍କଠାରୁ ଅଭିଯୋଗ ପାଇବା ପରେ ଥାନା ଅଧିକାରୀ କମଳକାନ୍ତ ବସନ୍ତ କୁମାର କହଁର ମାମଲା ରୁଜୁ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଏ ନେଇ ମିଳିଥିବା ସୂଚନା ପ୍ରକାରେ, ରାୟଗଡ଼ା ସହରର ରିଙ୍ଗ ରୋଡରେ ଥିବା ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ନିକଟରେ ରହୁଥିବା ତୃପ୍ତିରାଣୀ କର ଦୀର୍ଘ ବର୍ଷ ଧରି ସ୍ଥାନୀୟ ଅଞ୍ଚଳରେ ରହୁଥିବା ମହିଳାମାନଙ୍କ ସହ ସୁସମ୍ପର୍କ ସ୍ଥାପନା କରି ସେମାନଙ୍କଠାରୁ ଚିଟଫଣ୍ଡ ସ୍କିମ୍ ମାଧ୍ୟମରେ ନିକଟତର ହୋଇ ଲକ୍ଷାଧିକ ଟଙ୍କାର ନେଣଦେଣ କରୁଥିଲେ। ଅନେକ ମହିଳା ଶ୍ରୀମତୀ କର ଉପରେ ବିଶ୍ୱାସ କରି ନିଜ ଝିଅ-ପୁଅ ବାହାଘର ପାଇଁ ରଖିଥିବା ନଗଦ ଟଙ୍କା ତ କେହି ନିଜ ପୁଅ-ଝିଅମାନଙ୍କ ପାଇଁ ଉଚ୍ଚଶିକ୍ଷା ନିମନ୍ତେ ରଖିଥିବା ଲକ୍ଷାଧିକ ଟଙ୍କା ସୁଧ ପାଇବା ନେଇ ପ୍ରଦାନ କରିଆସୁଥିଲେ। ଏପରିକି ରାଣୀଗୁଡ଼ା ଫାର୍ମ ଅଞ୍ଚଳର ଭାର୍ଗବୀ ନାମ୍ନୀ ମହିଳାଙ୍କଠାରୁ ୮ ଲକ୍ଷ, ରିଙ୍ଗରୋଡରେ ରହୁଥିବା ବି.ସୀତାମାଙ୍କଠାରୁ ୧୧ଲକ୍ଷ ଟଙ୍କା ଭଳି ଅନେକ ମହିଳାଙ୍କଠାରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ନିଜ ଘର ବିକ୍ରି କରି ରାତାରାତି ଫେରାର୍ ହୋଇଯାଇଥିବା ଟଙ୍କା ଦେଇଥିବା ମହିଳାମାନେ ଜାଣିବାକୁ ପାଇଥିଲେ। ଶୁକ୍ରବାର ଜଣକ ପରେ ଜଣେ ମହିଳା ଖବର ପାଇ ଏକଜୁଟ୍ ହୋଇ ରାୟଗଡ଼ା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଝଞ୍ଜାବତୀ ନଦୀରେ ହେବ ନୌଚାଳନା ଜୋନ୍

◆ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧ କୋଟି ୪୮ ଲକ୍ଷର ବ୍ୟୟବରାଦ ହେବ
◆ ଦୁର୍ଗାପାଡୁ ଜଳପ୍ରପାତ ସ୍ଥାନର ବିକାଶ ଓ ସିଲଟିଗୁଡ଼ା ଡ୍ୟାମ୍‌ରେ ଜଳକ୍ରୀଡ଼ା ବ୍ୟବସ୍ଥା ପାଇଁ ଅନୁଦାନ




**ରାୟଗଡ଼ା,୨୨।୩(ସମିସ):**

ଚିରସ୍ରୋତା ଝଞ୍ଜାବତୀ ନଦୀରେ ରିଭର ରାଫଟିଂ (ନୌଚାଳନା) ଜୋନ ପାଇଁ ଡିପିଆର ପ୍ରସ୍ତୁତ କରୁଛି ରାୟଗଡ଼ା ଜିଲ୍ଲା ପର୍ଯ୍ୟଟନ ବିଭାଗ। ଏନେଇ ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ୍ ସାଙ୍କେଶଠାରେ ପ୍ରବାହିତ ଝଞ୍ଜାବତୀ ନଦୀ ଅଞ୍ଚଳ ବୁଲି ଦେଖିଛନ୍ତି। ରିଭର ରାଫଟିଂ ଜୋନ ପ୍ରସ୍ତୁତ ହେଲେ ଏଠାକୁ ଆସୁଥିବା ବହୁ ପର୍ଯ୍ୟଟକ ତଥା ସ୍ଥାନୀୟ ଲୋକେ ଚିରସ୍ରୋତା ଝଞ୍ଜାବତୀ ନଦୀର ପ୍ରଖର ସ୍ରୋତରେ ନୌଚାଳନାର ମଜା ଉଠାଇ



ପାରିବେ। ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟବରାଦ କରାଯିବ ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଭଗବାନ ଖରା ପ୍ରକାଶ କରିଛନ୍ତି। ପ୍ରକଳ୍ପ ନିମନ୍ତେ ଡିପିଆର ପ୍ରସ୍ତୁତ କରାଯାଉଛି ବୋଲି ସେ କହିଛନ୍ତି।

ଝଞ୍ଜାବତୀ ନଦୀର ପ୍ରଖରସ୍ରୋତରେ ନୌଚାଳନା ପାଇଁ ସାଙ୍କେଶ ଅଞ୍ଚଳ ଏକ ସଠିକ୍ ସ୍ଥାନ ହୋଇଥିବା ଜଣାପଡ଼ିଛି। ସେହିପରି ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ସାଙ୍କେଶଠାରୁ ଗୁମ୍ମା ମଧ୍ୟରେ ୩ଟି ବଣଭୋଜି ସ୍ଥାନର ଚିହ୍ନଟ କରାଯାଇଥିବାବେଳେ ରାୟଗଡ଼ା ଉପକଣ୍ଠ ବାଇସିଂ ପାହାଡ଼ ଘାଟି ରାସ୍ତାରେ ଥିବା ଭ୍ୟୁ ପଏଣ୍ଟଠାରେ ୪୩ ଲକ୍ଷ ଟଙ୍କା ବ୍ୟୟବରାଦରେ ଏକ ମିଶନ ଶକ୍ତି କାଫେଟେରିଆ ନିର୍ମାଣ କରାଯିବ। ଏହି ଭ୍ୟୁ ପଏଣ୍ଟକୁ ରାୟଗଡ଼ା ସହରବାସୀ ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଏବଂ ଅନ୍ୟାନ୍ୟ ରାଜ୍ୟ ସମେତ ପଡ଼ୋଶୀ ଜିଲ୍ଲାଗୁଡ଼ିକର ଶତାଧିକ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ସେହିପରି ରାୟଗଡ଼ା ସଦର ବ୍ଲକ ଦୁର୍ଗାପାଡୁ ପଞ୍ଚାୟତର ସଦର ଦୁର୍ଗାପାଡୁଠାରେ ଥିବା ମନୋଲୋଭା ଜଳପ୍ରପାତ ମଧ୍ୟ ଖୁବ୍ ଦର୍ଶନୀୟ ସ୍ଥାନ ପାଲିଟିଛି। ଏଠାକୁ ମଧ୍ୟ ଜିଲ୍ଲା ତଥା ବାହାରୁ ଅନେକ ପର୍ଯ୍ୟଟକମାନେ ଆସି ସୁନ୍ଦର ପ୍ରାକୃତିକ ପରିବେଶର ମଜା ଉଠାଇବା ସହ ଜଳପ୍ରପାତରେ ଗାଧୋଇବାର ମଜା ନେଇଥାନ୍ତି। ଶୀତଦିନରେ ହେଉଥିବା ବଣଭୋଜି ସମୟରେ ଏହି ଦୁର୍ଗାପାଡୁ ଜଳପ୍ରପାତ ଏକ ପ୍ରକାର ଲୋକାରଣ୍ୟ ହୋଇ ଉଠିଥାଏ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାର ମଧ୍ୟ ବିକାଶ ପାଇଁ ୬୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ ଏଠାରେ ପର୍ଯ୍ୟଟକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଭେଣ୍ଡିଂ ଜୋନ, ଟଏଲେଟ୍ ବ୍ଲକ ଏବଂ ପାର୍କିଂ ବ୍ୟବସ୍ଥା ପାଇଁ ଡିପିଆର ପ୍ରସ୍ତୁତ ହେଉଥିବା ଶ୍ରୀ ଖରା ପ୍ରକାଶ କରିଛନ୍ତି। ବହୁ ପର୍ଯ୍ୟଟନସ୍ଥଳରେ ଭରପୁର ରାୟଗଡ଼ା ଜିଲ୍ଲାର ଅନେକ ସ୍ଥାନକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇ ଏହାର ବିକାଶ ପାଇଁ ଚିନ୍ତା କରାଯାଉଛି। ରାୟଗଡ଼ା ସଦର ବ୍ଲକ ସିଲିଟିଗୁଡ଼ା ଡ୍ୟାମରେ ମଧ୍ୟ ଆଗାମୀ ଦିନରେ ଜଳକ୍ରୀଡ଼ାର ବ୍ୟବସ୍ଥା କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଥିବାବେଳେ ଏହି ପ୍ରକଳ୍ପ ନିମନ୍ତେ ପାଖାପାଖି ୫୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ସେ କହିଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁରୀ ହୋଇଥିବା ଜଣାପଡ଼ିଛି। ଜିଲ୍ଲାପାଳ ଶ୍ରୀ ମହାଜନଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଭଗବାନ ଖରା, ବିଡିଓ ଅମୂଲ୍ୟ ସାହୁଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ଗତଦିନରେ ସାଙ୍କେଶ, ଭ୍ୟୁ ପଏଣ୍ଟ, ଦୁର୍ଗାପାଡୁ ଅଞ୍ଚଳ ପରିଦର୍ଶନ କରି ଯଥାଶୀଘ୍ର ଉକ୍ତ ସ୍ଥାନଗୁଡ଼ିକ ପାଇଁ ନିର୍ଦ୍ଧାରିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାରମ୍ଭ ନିମନ୍ତେ ଆଲୋଚନା କରିଛନ୍ତି।



# ଆଦିବାସୀ ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ମାଛ ଚାଷ

**ବାଲିଗୁଡ଼ା, ୨୨।୩(ସମିସ)**

ସମୟ ବଦଳିଗଲାଣି। ପ୍ରକୃତି କୋଳରେ ବସବାସ କରୁଥିବା ଆଦିବାସୀ ମହିଳା ସମ୍ପୂର୍ଣ୍ଣ ଭାବେ ଜଙ୍ଗଲ ଉପରେ ନିର୍ଭର କରୁଥିଲେ। ଦେଶ କିମ୍ବା ନୂଆ ବିଷୟରେ କିଛି ଜଣାନଥିଲା। କିନ୍ତୁ ମିଶନ ଶକ୍ତି ମାଧ୍ୟମରେ ତାଲିମ୍ ନେଇ ମାଛ ଚାଷ କରି ଏବେ ସ୍ୱାବଲମ୍ବୀ ହୋଇପାରିଛନ୍ତି ଆଦିବାସୀ ମହିଳା।

ଦିନ ଥିଲା ମହିଳା ଘର ଚାରିକାନ୍ଥ ଭିତରେ ରହି ଘର ଜଞ୍ଜାଳରେ ବ୍ୟସ୍ତ ରହୁଥିଲେ। କିନ୍ତୁ ଏବେ ସମୟ ବଦଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂର ଦୃଷ୍ଟି ଏବଂ ୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଚେଷ୍ଟା ବଳରେ ମିଶନ ଶକ୍ତି ମାଧ୍ୟମରେ ସଶକ୍ତ ଓ ସ୍ୱାବଲମ୍ବୀ ହୋଇପାରିଛନ୍ତି ମହିଳା। ରାଜ୍ୟ ସରକାରଙ୍କ ସହାୟତାରେ ବାୟୋଫ୍ଲକ୍ ପଦ୍ଧତିରେ ମାଛ ଚାଷ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ବୁଡୁକିଆ ପଞ୍ଚାୟତର ମୁସୁକିଲି ଗ୍ରାମର ମା ବିମଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା। ବର୍ଷକ ପୂର୍ବେ ମିଶନ ଶକ୍ତି ମାଧ୍ୟମରେ ପାଞ୍ଚ ଲକ୍ଷ ଟଙ୍କା ଋଣ ନେଇ ସ୍ୱତନ୍ତ୍ର ଜ୍ଞାନ କୌଶଳରେ ୬ ଟି କୁଣ୍ଡରେ ମାଛ ଚାଷ ଆରମ୍ଭ କରିଥିଲେ। ବର୍ତ୍ତମାନ ମାଛ ବିକ୍ରି କରି ବେଶ ଦୁଇ ପଇସା ରୋଜଗାର କରିପାରୁଛନ୍ତି। ସରକାରଙ୍କ ସହାୟତାରେ ଆମେ ଋଣ ନେବା ସହ ମାଗଣାରେ ତାଲିମ୍ ନେଇ ମାଛ ଚାଷ କରିଛୁ। ଏଥିରେ ନିଜେ ସ୍ୱାବଲମ୍ବୀ ହେବା ସହ ପରିବାରର ଆର୍ଥିକ ସମସ୍ୟା ଦୂର ହୋଇଛି ଏବଂ ଆମେ ବେଶ ଖୁସି ଅଛୁ। ମୁଖ୍ୟମନ୍ତ୍ରୀଙ୍କୁ ଆମେ ଅଶେଷ ଅଶେଷ ଧନ୍ୟବାଦ୍ ଜଣାଉଛୁ ବୋଲି କହିଛନ୍ତି ଗୋଷ୍ଠୀର ମହିଳା।

ମହିଳା ସଶକ୍ତିକରଣର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନା ନିଶ୍ଚିତ ଭାବେ ପ୍ରଶଂସନୀୟ। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳର






ଅନେକ ମହିଳା ଗୋଷ୍ଠୀର ମହିଳା ସରକାରଙ୍କ ସହାୟତାରେ ବର୍ତ୍ତମାନ ଆତ୍ମ ନିର୍ଭରଶୀଳ ହୋଇପାରିଛନ୍ତି ବୋଲି ଓଡ଼ିଶା ଜୀବିକା ମିଶନ୍ ଅଧିକାରୀ ସୁଦର୍ଶନ ବେହେରା କହିଛନ୍ତି। ଆମ ଅଞ୍ଚଳର ଆଦିବାସୀ ମା ମାନେ ବଣ ଜଙ୍ଗଲରେ ଦିନ କାଟୁଥିଲେ। କିଛି ରୋଜଗାର ନଥିଲା। କିନ୍ତୁ ମିଶନ ଶକ୍ତି ମାଧ୍ୟମରେ ଏବେ ମାଛ ଚାଷ କରି ବେଶ୍ ଲାଭବାନ ହୋଇପାରିଛନ୍ତି ବୋଲି ଅଞ୍ଚଳବାସୀ କହିଛନ୍ତି।

■ ମୁଗ ଓ ବିରି କ୍ଷେତରେ ବାର୍‌ହା ଆତଙ୍କ

# ଖାଇଲେ କମ୍, ନଷ୍ଟକଲେ ବେଶୀ

**ବେଲଗୁଣ୍ଠା, ୨୨।୩(ସମିସ):** ଚାଷୀଙ୍କ ପିଛା ଛାଡୁନି ଫସଲ କ୍ଷତିର ଯନ୍ତ୍ରଣା। ପ୍ରଥମେ ନିଅଣ୍ଟିଆ ବର୍ଷା ଯୋଗୁଁ ଧାନ ଫସଲ ପ୍ରଭାବିତ ହୋଇଥିବା ବେଳେ ଅଦିନିଆ ଲଗାଣ ବର୍ଷାର ପ୍ରଭାବରେ ମୁଗ ଏବଂ ବିରି ଫସଲ ନଷ୍ଟ ହୋଇଥିଲା। ଏଥିରୁ ଯାହା ବର୍ଞ୍ଚି ଯାଇଥିଲା ତାହା ଉପରେ ପୁଣି ଦାଉ ସାଧିଛନ୍ତି ବାରହା ପଲ। ସୂଚନା ପ୍ରକାରେ ଗୁରୁବାର ମଧ୍ୟ ରାତ୍ରିରେ ପ୍ରାୟ ୨୫ ଟିକିଆ ବାରହା ପଲ ମୁଗ ଏବଂ ବିରି ଫସଲ କ୍ଷେତରେ ପହଞ୍ଚି କମ୍ ଖାଇ ଅଧିକ ନଷ୍ଟ କରିଥିବା ଜଣାପଡ଼ିଛି। ବେଲଗୁଣ୍ଠା ନିକଟସ୍ଥ କୋକଲୁଣ୍ଡା ଗ୍ରାମର ଚାଷୀ ମାନେ ବର୍ଷା ଯୋଗୁଁ ପ୍ରାୟ ତିନି ଭରଣ ଜମିରେ ଚାଷ ହୋଇଥିବା ବିରି ଫସଲ ଏବଂ ପନ୍ଦର ଭରଣରୁ ଊର୍ଦ୍ଧ୍ୱ ଜମିରେ ଚାଷ ହୋଇଥିବା ମୁଗ ଫସଲକୁ ଆଣି ପାରିନଥିଲେ ଓ ସେଥିରୁ ଅଦିନିଆ ବର୍ଷାରେ ବହୁତ କ୍ଷତି ହୋଇସାରିଥିବା ବେଳେ ବର୍ଞ୍ଚି ଯାଇଥିବା ଫସଲକୁ ଚାଷୀ ମାନେ ଘରକୁ ଆଣିବାକୁ ଚିନ୍ତା କରୁଥିଲେ। କିନ୍ତୁ ଗୁରୁବାର ରାତିରେ ବାରହା ପଲ ଜମିରେ ପଶି ଅଳ୍ପ କିଛି ଖାଇ ବଳକା ଫସଲକୁ ଦଳି ଚକଟି ନଷ୍ଟ କରିଦେଇଛନ୍ତି ଓ କୋକଲୁଣ୍ଡା ଗ୍ରାମର ପଞ୍ଚାନନ ସାମଲଙ୍କ ସର୍ବାଧିକ କ୍ଷତି ହୋଇଥିବା ବେଳେ ଶୁକ୍ରବାର ପଞ୍ଚାନନ କୋଡ଼ିଏ ଜଣ ମୂଲିଆ ଲଗାଇ ବଳକା ଫସଲକୁ ଘରକୁ ଆଣିଛନ୍ତି ଓ ସେହିପରି ଗ୍ରାମର ଗୋପାଳ କୃଷ୍ଣ ମିଶ୍ର, ଗନ୍ଧର୍ବ ମଳିକଙ୍କ ଜମିରେ ମଧ୍ୟ ଏହି ବାରହା ପଲ ଫସଲ ନଷ୍ଟ କରିଥିବା ଜଣାପଡ଼ିଛି। ଏହି ବାରହା ପଲ ନିକଟସ୍ଥ କୁମାରଶୁଣି ଜଙ୍ଗଲ ଏବଂ ବୋଡ଼ା ନଦୀରେ ସୃଷ୍ଟି ହୋଇଥିବା ଚଢିଆ ବୁଦାରେ ରହିଥାନ୍ତି ଓ ସନ୍ଧ୍ୟା ସାତ ଘଣ୍ଟା ପରେ ଏମାନେ ପଲ ପଲ ହୋଇ ବାହାରି ଜମିରେ ପଶି ଫସଲ ଖାଇବା ସହ ନଷ୍ଟ କରିଥାନ୍ତି।ଏହି ବାରହା ପଲ କୋକଲୁଣ୍ଡା ସମେତ ନାୟକ ପଡ଼ା, ଉଡୁରା, ଏକଡାଳ, ବଙ୍କା ପଞ୍ଚାୟତର ଗିରିସୋଲା, କିରାପଲ୍ଲୀ ଆଦି ଗ୍ରାମର ଜମି ଗୁଡ଼ିକରେ କିଛି ଦିନ ଧରି କ୍ଷତି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେଣୁ ଏନେଇ ବନ ବିଭାଗ ତରଫରୁ ସେମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଗଜପତି ଜିଲ୍ଲାରେ ଆଦୃତ ହେଉଛି ଖଜୁରି ଗୁଡ଼ ପ୍ରକ୍ରିୟାକରଣ



**ପାରଳାଖେମୁଣ୍ଡି, ୨୨।୩(ସମିସ)**

ଗଜପତି ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାଙ୍କ ଆର୍ଥିକ ସ୍ଥିତି ସମେତ ଖାଦ୍ୟ ନିରାପତ୍ତାରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ବହୁମୂଲ୍ୟ ଜୈବିକ ଖତସାର ପ୍ରୟୋଗ କରାଯାଇ ଖଜୁରି ଚାଷରୁ ଖଜୁରି ଗୁଡ ପ୍ରକ୍ରିୟା କରଣ କାର୍ଯ୍ୟକ୍ରମ କରାଯାଉଥିବା ଜଣାଯାଇଛି। ଗଜପତି ଜିଲ୍ଲାରେ କାର୍ଯ୍ୟରତ ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରବି କିରଣ ସର୍ଭିସ୍ ସୋସାଇଟି ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ଗରିବ, ଆଦିବାସୀ, ଦଳିତ ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ନାଗରିକ ସମାଜ ସଶକ୍ତିକରଣ, ସ୍ଥାୟୀ କୃଷି, ଖାଦ୍ୟ ନିରାପତ୍ତା କରଣ, ପ୍ରାକୃତିକ ସମ୍ବଳର ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ ସଂଗଠନ, କୃଷକ ସଂଗଠନ, ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ, ଉତ୍ପାଦକ ଗୋଷ୍ଠୀ, ବ୍ୟବସାୟ ଗୋଷ୍ଠୀ କରି ସେମାନଙ୍କ ମାଧ୍ୟମରେ ଉନ୍ନତିମୂଳକ କାର୍ଯ୍ୟକ୍ରମ ଗୁଡିକ କ୍ଷେତ୍ରରେ ଦୀର୍ଘ ପ୍ରାୟ ୧୨ ବର୍ଷ ଧରି ସକ୍ରିୟ ଭାବେ କାମ କରି ଆସୁଥିବା ସହ ସରକାରଙ୍କ ବିଭିନ୍ନ ବିଭାଗ ସହ ମିଳିତ ଭାବେ କାମ କରି ଆସୁଥିବା କୁହାଯାଇଛି।। ଗ୍ରାମାଞ୍ଚଳରେ ମହିଳା ମାନଙ୍କ ଖାଦ୍ୟ ନିରାପତ୍ତା କରାଯିବାର ମୂଳ ଲକ୍ଷ ଓ ଉଦେଶ୍ୟ ପ୍ରକାରେ ଗତ ୨୦୧୭ ମସିହାରେ ପ୍ରଥମ ଥର ପାଇଁ ରବିକିରଣ ସର୍ଭିସ୍ ସୋସାଇଟି ଜିଲ୍ଲା ନାବାର୍ଡ ଓ ଗଜପତି ଜିଲ୍ଲା ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ ଲିବୁରି ସିଂ ଗ୍ରାମ ସ୍ଥିତ ତାଳ-ଗୁଡ ସୋସାଇଟି ମାଧ୍ୟମରେ ତାଳଗୁଡ଼ ପ୍ରସ୍ତୁତି ଉପକରଣ ଯୋଗାଇ ଦିଆଯିବା ସହ ପ୍ରସ୍ତୁତି ତାଲିମ ଦିଆଯାଇଥିଲା। ଏହା ପରୀକ୍ଷା ମୂଳକ ଭାବେ ରା.ଉଦୟଗିରି ବ୍ଲକ ଅନ୍ତର୍ଗତ ରୁମୁଣ୍ଡା ଓ ଅତାରସିଙ୍ଗ ଗ୍ରାମରେ ଖଜୁରୀ ରସରୁ ଖଜୁରୀ ଗୁଡ ବାହାର କରିବା ପାଇଁ ୯୦ ଜଣ ମହିଳାଙ୍କୁ ତାଲିମ ଦିଆ ଯାଇଥିଲା। ବର୍ତ୍ତମାନ ଏହା ଆର. ଉଦୟଗିରି ଓ ନୂଆଗଡ଼ ବ୍ଲକ ୧୫ ଗ୍ରାମର ୪୦ ସ୍ୱୟଂ ସହାୟକ ଗୋଷ୍ଠୀର ୩୦୦ ମହିଳାଙ୍କୁ ନେଇ ୧୦ ଟି ଉତ୍ପାଦକ ଗୋଷ୍ଠୀ ଗଠନ କରିବା ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଖଜୁରୀ ଗଛରୁ ରସ ବାହାର କରି ସେଥିରେ ଖଜୁରୀଗୁଡ ଓ ପାଉଡର ତିଆରି କରାଯାଉଛି। ଏହା ସ୍ୱାସ୍ଥ୍ୟପ୍ରତି ବେଶ ଉପଯୋଗୀ ଓ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବା ସହ ବିଭିନ୍ନ ପ୍ରକାର ରୋଗ ଦାଉରୁ ରକ୍ଷା କରିବା ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା



ଦିଗରେ ବେଶ ସହାୟକ ହୋଇଥାଏ। ଅମଳ ଠାରୁ ଉତ୍ପାଦନ ମଧ୍ୟରେ ଯେତିକି ପରିମାଣର ଖର୍ଚ୍ଚ ହୋଇଥାଏ, ଏହାର ବଜାରୀକରଣ ବ୍ୟବସ୍ଥାରେ ଏଥିରେ ପ୍ରାୟ ୨ ଗୁଣା ମୂଲ୍ୟର ଲାଭ ମିଳୁଥିବା ବେଳେ ଏହା ଭୁବନେଶ୍ୱର, ମୁମ୍ବାଇ, କୋଲକାତା, ହାଇଦରାବାଦ ପ୍ରଭୃତି ସହରାଞ୍ଚଳରେ ଚାହିଦା ଓ ଦର୍ ଅଧିକ ଥିବା ଜଣାଯାଏ। ଏହି ଖଜୁରୀଗୁଡ ଚା, ପିଠା, ଲଡୁ, କାକର, ଓ ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ। ଏହାଦ୍ୱାରା ମହିଳା ସ୍ୱାବଲମ୍ବୀ ହୋଇ ସେମାନଙ୍କ ଆର୍ଥିକ ସ୍ଥିତିରେ ଏକ ପରିବର୍ତ୍ତନ ଆଣିବାରେ ବେଶ ସହାୟକ ହେଉଛି। ଖଜୁରୀ ଚାଷରୁ ଚାଷୀଙ୍କୁ ଖଜୁରୀଗୁଡ ଓ ପାଉଡର ପ୍ରସ୍ତୁତି କରିବା କ୍ଷେତ୍ରରେ ବର୍ଷରେ ୪ ମାସ କେବଳ ଆଦାୟ ହେଉଥିବା ବେଳେ ଏଥିରୁ ପ୍ରତି ପରିବାର ପିଛା ୪୦ ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଆୟ ହେଉଥିବା କୁହାଯାଇଛି। ଏ ସବୁ କ୍ଷେତ୍ରରେ ସବୁ ଠିକଠାକ ଥିବାବେଳେ ଏଥିରେ ଚାଷୀଙ୍କୁ ମୁଖ୍ୟତଃ ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ବଜାରୀକରଣ ବ୍ୟବସ୍ଥା ସହ ସମୟ ଅନୁଯାୟୀ ଋଣ ଟଙ୍କା ଠିକ ଭାବେ ମିଳୁ ନ ଥିବା ଏହା ମୁଖ୍ୟ ସମସ୍ୟା ହୋଇପଡ଼ିଛି। ତେବେ ଚାଷୀ ତଥା ଉତ୍ପାଦକ ଗୋଷ୍ଠୀଙ୍କ ଠିକ୍ ସମୟରେ ଋଣ ମିଳିବାର ସମସ୍ୟା ଓ ବଜାରୀକରଣ ବ୍ୟବସ୍ଥା ପ୍ରତି କାର୍ଯ୍ୟରତ ରବିକିରଣ ସର୍ଭିସ୍ ସୋସାଇଟି ଏବଂ ଗଜପତି ଜିଲ୍ଲା ନାବାର୍ଡ ସଂସ୍ଥା ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଏ କ୍ଷେତ୍ରରେ ଆଗାମୀ ୫ ବର୍ଷ ପାଇଁ ୬୦ ରୁ ୭୦ ଭାଗ ମହିଳାଙ୍କୁ ଖଜୁରୀଗୁଡ ତିଆରି କାର୍ଯ୍ୟକ୍ରମରେ ସାମିଲ କରି ଏହାର ବଜାରିକରଣ ବ୍ୟବସ୍ଥା କରିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।



## ଗୋପାଳପୁର ନିର୍ବାଚନ ମଣ୍ଡଳୀ

# ବିଜେଡିର ବୁଥ୍‌ସ୍ତରୀୟ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୨୨ ।୩(ସମିସ)



ସ୍ଥାନୀୟ ଗଜପତିନଗର ଠାରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବୁଥସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଆବାହତ୍ୱରେ ଆୟୋଜିତ ବୈଠକରେ ବୁଥସ୍ତରରେ ସଂଗଠନକୁ ଆହୁରି ସୁଦୃଢ କରାଯିବା ନେଇ ଆଲୋଚନା ହୋଇଛି। ଗତକାଲି ନବୀନ ନିବାସରେ ସମସ୍ତ ବିଧାନସଭାର ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଆଲୋଚନା ହେବା ପରେ କିପରି ବୁଥସ୍ତରରେ ସମସ୍ତ ସରକାରୀ ଉପାଦେୟତା ପହଞ୍ଚିପାରିବ ସେନେଇ ଗୁରୁତ୍ୱ ଦିଆଯାଇଥିଲା। ଏହିକ୍ରମରେ ଗୋପାଳପୁର ବିଧାନ ସଭା ନିର୍ବାଚନୀ କ୍ଷେତ୍ରର ସମସ୍ତ ବୁଥରେ ସଂଗଠନ ସୁଦୃଢ ସହ ଲୋକଙ୍କ ପାଖରେ କିଭଳି ସରକାରୀ ଯୋଜନା ଆହୁରି ପହଞ୍ଚିପାରିବ ସେନେଇ ସମସ୍ତ କର୍ମୀ ଯତ୍ନବାନ ହେବାକୁ ବୈଠକରେ କୁହାଯାଇଛି। ସାଧାରଣ ନିର୍ବାଚନ ବିଗୁଲ ବାଜି ସାରିଥିବା ବେଳେ କର୍ମୀମାନେ ଦୃଢର ସହ କାର୍ଯ୍ୟ କରିବାକୁ ବିଧାୟକ ଶ୍ରୀ ପଣ୍ଡା ଆହ୍ୱାନ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ ବିବେକ ରେଡ୍ଡୀ, ବରିଷ୍ଠ ବିଜେଡି ନେତା ଶଷିଭୂଷଣ ମହାନ୍ତି, ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି ଅଜିତ ଦାସ, ଅଧ୍ୟକ୍ଷା ସିଏଚ ଉଷାରାଣୀ, ବିଷ୍ଣୁପ୍ରିୟା ନାୟକ, ଉପାଧ୍ୟକ୍ଷା ଅନୀତା ମହାଙ୍କୁଡ଼, ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ଭାରତୀ ନାୟକ, ଉମା ନାୟକଙ୍କ ସମେତ ବିଜୁ ଜନତା ଦଳ ସମର୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବୁଥସ୍ତରର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଦୁଇ ବାଇକ ମୁହାମୁହିଁ ଧକ୍କା

# ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ମୃତ

**ଦିଗପହଣ୍ଡି,୨୨ ।୩(ସମିସ):** ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଯମୁନା ନାୟକଙ୍କ ସ୍ୱାମୀ ଅମର ନାୟକ ଶୁକ୍ରବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ସେ ତାଙ୍କ ବାଇକରେ ସନ୍ଧ୍ୟା ପ୍ରାୟ ସାଢେ ୫ଟାରେ ଚିକିଟି ଗ୍ରାମରେ କାମ ସାରି ପୈତୃକ ଗ୍ରାମ ବୋମକେଇକୁ ଫେରୁଥିବାବେଳେ ରନ୍ଧେଶ୍ୱରି ମନ୍ଦିର - ଜକର ଗ୍ରାମ ମଧ୍ୟବର୍ତ୍ତୀ କଳିଙ୍ଗଦଳା ଗ୍ରାମ ଯାତ୍ରୀ ବିଶ୍ରାମଗାର ନିକଟ ବୁଲାଣି ରାସ୍ତାରେ ବିପରୀତ ଦିଗରୁ ଯାଉଥିବା ରନଡା ଅଞ୍ଚଳର ୨ ଯୁବକଙ୍କ ବାଇକ୍ ସହ ଧକ୍କା ଦେଇଥିଲେ। ଦୁଇଟି ବାଇକ ମଧ୍ୟରେ ମୁହାମୁହିଁ ଧକ୍କା ହେବାରୁ ଅମର ରାସ୍ତା ଉପରେ କଚାଡି ହୋଇ ପଡ଼ିଥିଲେ। ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାରେ ଆହତ ହୋଇଥିବା ୨ ଯୁବକଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କେ ନୂଆଗାଁ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ୨ଟିକୁ ଜବତ କରିଛନ୍ତି। ଏନେଇ କେ.ନୂଆଗାଁ ଥାନାରେ ମକଦ୍ଦମା ରୁଜୁ କରାଯାଇଛି। ପୋଲିସ ଟିମ୍ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ଯାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ସନ୍ଧ୍ୟା ହୋଇଯିବାରୁ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ତାଙ୍କ ମୃତ୍ୟୁରେ ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର, ଜକର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ପ୍ରଧାନ, ରାଜ କିଶୋର ମହାନ୍ତି, ବମକେଇ ପଞ୍ଚାୟତ ସରପଞ୍ଚ ତପନ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ଭଗବାନ ବାଡ଼ତ୍ୟା, ବିକ୍ରମ ସିଂ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବାସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ବୈଷୟିକ ଶିକ୍ଷା କର୍ମଶାଳା ଉଦ୍‌ଘାଟିତ




**ବ୍ରହ୍ମପୁର,୨୨ ।୩(ସମିସ):** ସ୍ଥାନୀୟ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଦୁଇ ଦିନିଆ ବୈଷୟିକ ଶିକ୍ଷା କର୍ମଶାଳା ଉଦଘାଟିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ ସୁକାନ୍ତ କିଶୋର ମହାପାତ୍ର, ଶିକ୍ଷାନୁଷ୍ଠାନ ଭାରପ୍ରାପ୍ତ କୁଳପତି ଡ ପି ରାଜେଶ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଏସସର ମୀନମେଟ ଲିମିଟେଡ଼ର ସିଇଓ ଶଶୀ ଶେଖର ମହାନ୍ତି, ମୁଖ୍ୟ ବକ୍ତା ଭାବେ ଭାରତ ସରକାର ପୁରସ୍କାର ପ୍ରାପ୍ତ ଯୁବ ବୈଜ୍ଞାନିକ ଟିଂକେଶ ବିଷ୍ଣୁ କୁରକୁରେ, ସମ୍ମାନୀତ ଅତିଥି ଭାବେ ଓଡିଶା ଆଇଏସଟିଇର ଅଧ୍ୟକ୍ଷ ଡ ପ୍ରଭାତ କୁମାର ପାଢ଼ୀ ଏବଂ ଅନୁରାଗ ଅଗ୍ରୱାଲ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍କଳ୍ପର ପରାମର୍ଶଦାତା ଅଧ୍ୟାପକ ପ୍ରଫେସର ମିଟୁ ବରାଳ, ଛାତ୍ର ସଭାପତି ଆଦିତ୍ୟ କୁମାର ସାହୁ, ଛାତ୍ର ସଚିବ ବି. ସଂଜୀବ ରେଡ୍ଡୀ ଏବଂ ଛାତ୍ର କୋଷାଧ୍ୟକ୍ଷା ରିଚା ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି ଅବସରରେ କଲେଜ ପରିସରରେ ବିଭିନ୍ନ ପ୍ରକାରର ବୈଷୟିକ ପଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ପଦର୍ଶନୀରେ ଏନସିଏସ କ୍ଲବ, ଇଏଚସି କ୍ଲବ, ଏଡି, ଇନୋଭା, ୟୁରେକା, ଏନଏସି, ଏନଏସଏସ, ଏନସି ସି, ଆରଇସି, ଏକ୍ସଏଲ, ମଲ୍ଟିମିଡିଆ, ଡ୍ୟାନ୍ସ, କେଟ, ଗୁଗୁଲ, ଫୋଟ ଫ୍ଲକ୍ସ, ମ୍ୟାନେଜେମେଣ୍ଟ ପରି ବହୁ କ୍ଲବ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାସନ ମୁଖ୍ୟ ସୟଦ ସୁଲେମାନ ଅଲି, ଭାରପ୍ରାପ୍ତ କୁଳସଚିବ ଡ଼ ବିଷ୍ଣୁକର ନାୟକ, ସ୍ୱାଧିନ ମିଶ୍ର, ଡ଼ ମାନବେନ୍ଦ୍ର ପାତ୍ର, ଆକାଂଖ୍ୟା ପଟ୍ଟନାୟକ, ଡ଼ ପ୍ରୀତି ରଞ୍ଜନ ସାହୁ, ଡ. ରତିକାନ୍ତ ନାୟକ, ଡ଼ ଅଶ୍ୱିନୀ କୁମାର ଖୁଣ୍ଟିଆ, ଡ଼ ଅଶ୍ୱିନୀ କୁମାର ନାୟକ, ପ୍ର ପୁର୍ନେନ୍ଦୁ ମିଶ୍ର, ପ୍ର ହରିକୃଷ୍ଣ ଗନ୍ତାୟତ, ପ୍ର ଏମ. ରାଜେନ୍ଦ୍ର କୁମାର, ଡ଼ ସୁବ୍ରତ କୁମାର ଭୂୟାଁ, ଡ଼ ସୁଶାନ୍ତ ସାହୁ, ପ୍ର ସରୋଜ ପାଢ଼ୀ, ମିନାକ୍ଷୀ ଦାଶ, ପିତାମ୍ବର ସାହୁ, ଚିନି ନରେଶ, ପ୍ରଭୁଦତ୍ତ ମିଶ୍ର, ସନ୍ତୋଷ ସାହୁ, ଗୋପବନ୍ଧୁ ଉତ୍ତରକବାଟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘରୋଇ ବସ୍ ମାଲିକ ସଂଘର ଶୋକସଭା

**ଭଞ୍ଜନଗର,୨୨ ।୩(ସମିସ):** ଶୁକ୍ରବାର ଭୋରରେ ପୂର୍ବତନ ମନ୍ତ୍ରୀ, ଅନ୍ୟତମ ବରିଷ୍ଠ ରାଜନେତା ଯିଏକି ସତୁରି ଦଶକରୁ ଓଜସ୍ୱିନୀ ବକ୍ତା, ଡାକ୍ତର ଦାମୋଦର ରାଉତ ବିୟୋଗ ଘଟିଛି। ତାଙ୍କର ଅକାଳ ମୃତ୍ୟୁ ଓଡିଶା ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଘୁମୁସର ଘରୋଇ ବସ୍ ମାଲିକ ସଂଘ ଭଞ୍ଜନଗର ତରଫରୁ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସଂଘର ସଭାପତି ଗୋପବନ୍ଧୁ ମହାପାତ୍ର ଓ ସମ୍ପାଦକ ବିପ୍ର ଚରଣ ବାରିକ ଓ ଅନ୍ୟମାନେ ସମବେଦନା ଜଣାଇଛନ୍ତି।

# ବଗିନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର



**ପାତ୍ରପୁର,୨୨ ।୩(ସମିସ):** ଜରଡ଼ା ଥାନା ଅନ୍ତର୍ଗତ ନୂଆପେଣ୍ଠ ବଗିନଦୀ ବ୍ରିଜ୍ ନିକଟରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ପଦାଦିଗି ପଞ୍ଚାୟତ ଅନ୍ତର୍ଗତ ନୂଆପେଣ୍ଠ ଗ୍ରାମର ଏସ୍. ବିଶ୍ୱରାଜୁ (୪୩) । ରାଜୁ ତାଙ୍କ ବଡ ଭାଇଙ୍କ ସହ ମୁମ୍ବାଇରେ ରହୁଥିବାବେଳେ ଗତ କିଛି ଦିନ ହେବ ଗ୍ରାମକୁ ଆସିଥିଲେ। ହେଲେ ଗତ ମଙ୍ଗଳବାର ଦିନ କୌଣସି କାମରେ ବିଶ୍ୱରାଜୁ ଘରୁ ବାହାରିଯାଇଥିବା ବେଳେ ଶୁକ୍ରବାର ଅପରାହ୍ନରେ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ନଦୀରେ ଶବ ଭାସୁଥିବା ଦେଖି ଲୋକେ ଜରଡା ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ବାହାରକୁ କାଢିଥିବା ବେଳେ ପରିବାର ଲୋକ ଶବକୁ ଚିହ୍ନିଥିଲେ। ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜରଡା ଥାନା ଅଧିକାରୀ ଟୁନା ସାସମଲ କହିଛନ୍ତି।

# ପାଟପୁର ଥାନା ପକ୍ଷରୁ ଫ୍ଲାଗମାର୍ଚ୍ଚ



**ସାନଖେମୁଣ୍ଡି,୨୨ ।୩(ସମିସ):** ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଭିନ୍ନ ପର୍ଯ୍ୟାୟରେ ୨୦୨୪ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ପ୍ରଶାସନିକ ସ୍ତରରେ ସମସ୍ତ ନିର୍ବାଚନ କିପରି ସୁରୁଖୁରୁରେ ହେବ ସେଥିପାଇଁ ପ୍ରସ୍ତୁତି ଜୋରରେ ଚାଲୁଅଛି। ପାଟପୁର ପୁଲିସ ଦ୍ୱାରା ଫ୍ଲାଗ ମାର୍ଚ୍ଚ ସାନଖେମୁଣ୍ଡି ଅନ୍ତର୍ଗତ ଖଲିଙ୍ଗି ଓ ଏରେଣ୍ଡ୍ରା ଗ୍ରାମରେ କରାଯାଇଛି। ଏହି ଫ୍ଲାଗ ମାର୍ଚ୍ଚରେ ପାଟପୁର ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁଙ୍କ ସହ ଏସ୍‌ଆଇ ପଦ୍ମନାଭ ସାହୁ, ଶ୍ରୀନିବାସ ଦାସ, ଏଏସ୍‌ଆଇ ରମାକାନ୍ତ ଶବର, ସନ୍ତୋଷ କୁମାର ମିଶ୍ର, ପରମେଶ୍ୱର ମଲ୍ଲିକ, ସୁଧୀର କୁମାର ନାୟକଙ୍କ ସମେତ ବହୁ ପୁଲିସ ଅଧିକାରୀ ଯୋଗ ଦେଇଥିଲେ। ପାଟପୁର ପୁଲିସ ଖଲିଙ୍ଗି ଓ ଏରେଣ୍ଡ୍ରା ଗ୍ରାମର ଜନସାଧାରଣଙ୍କୁ ପୁଲିସକୁ ସହଯୋଗ କରିବା ସହ ନିର୍ବାଚନକୁ ଶୃଙ୍ଖଳିତ ସମାପନ କରିବାକୁ ଅନୁରୋଧ କରିଥିଲେ। ସେହିପରି ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ ମାନଙ୍କରେ ପୁଲିସ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ନେଇ ପାଟପୁର ଥାନା ଅଧିକାରୀ ଶ୍ରୀ ସ୍ୱାଇଁ କହିଛନ୍ତି। ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ଦେଶୀ ମଦର ବିକ୍ରି ତଥା ଯାନବାହନ ଗୁଡିକର ଦ୍ରୁତଚାଳନା ଗୋଟେ ବଡ ଚାଲେଞ୍ଜ ସୃଷ୍ଟି ହେବ । ପ୍ରଚାର ପାଇଁ ଆବଶ୍ୟକ ଥିବା ସ୍ଥାନ, ସାଉଣ୍ଡ ଓ ଯାନବାହନ ପାଇଁ ପ୍ରାର୍ଥୀଙ୍କୁ ଅନୁମତି ନେବା ବାଧ୍ୟତାମୂଳକ କରାଯାଇଛି।

# ବୁଦ୍ଧେଶ୍ୱର ମନ୍ଦିର କମିଟିର ସମ୍ବର୍ଦ୍ଧନା ଉତ୍ସବ



**ସାନଖେମୁଣ୍ଡି,୨୨ ।୩(ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ବୁଦ୍ଧେଶ୍ୱର ମନ୍ଦିର କମିଟି ପକ୍ଷରୁ ଶୁକ୍ରବାର ସାନଖେମୁଣ୍ଡି ପ୍ରେସ କ୍ଲବକୁ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନା ମୁତାବକ ବୁଦ୍ଧେଶ୍ୱର ମନ୍ଦିରରେ ହୋଇଥିବା ଜାଗର ଯାତ୍ରା ଉପଲକ୍ଷେ ସାନଖେମୁଣ୍ଡି ପ୍ରେସ କ୍ଲବ ତରଫରୁ ସମସ୍ତ ପ୍ରକାର ସହଯୋଗ କରିଥିଲେ। ସାନଖେମୁଣ୍ଡି ପ୍ରେସ କ୍ଲବର ସମସ୍ତ କର୍ମକର୍ତ୍ତାଙ୍କ କାର୍ଯ୍ୟରେ ମୋହିତ ହୋଇ ଆଜି ବୁଦ୍ଧେଶ୍ୱରମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ପ୍ରେସ କ୍ଲବକୁ ସମ୍ବର୍ଦ୍ଧିତ କରିଛନ୍ତି। ଏହା ସହ ସାନଖେମୁଣ୍ଡି ଡ୍ରାଇଭର ମହାସଂଘଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା କୈଳାଶ ଚନ୍ଦ୍ର ସ୍ୱାଇଁ, ସଭାପତି ବସନ୍ତ ପାଢ଼ି, ସମ୍ପାଦକ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ବାଳକୃଷ୍ଣ ଚୌଧୁରି, ଉପସଭାପତି ଏ. ମାଧବ ରେଡ୍ଡୀଙ୍କ ସମେତ ମନ୍ଦିରର ପରିଚାଳନା ସଭ୍ୟ ମାନେ ଉପସ୍ଥିତ ଥିଲେ। ସାନଖେମୁଣ୍ଡି ପ୍ରେସ କ୍ଲବର ଉପଦେଷ୍ଟା ପ୍ରଶାନ୍ତ କୁମାର ତ୍ରିପାଠୀ, ସଭାପତି କାଳୁ ଚରଣ ନାହାକ, ସମ୍ପାଦକ ସତ୍ୟନାରାୟଣ ପାଢ଼ି, କୋଷାଧ୍ୟକ୍ଷ ବିଜୟ କୁମାର ପ୍ରଧାନ, ନଗେଶ ରେଡ୍ଡୀ, କାହ୍ନା ନାହାକ, ଦ୍ୱାରିକାନାଥ ତ୍ରିପାଠୀ, ବିରୋତ୍ତମ ସାହୁ, ଅଶୋକ ସାହୁ, ଜଗନ୍ନାଥ ପାଣିଗ୍ରାହୀ, ଶଙ୍କର ସ୍ୱାଇଁ, ପପୁ ରଣା ଉପସ୍ଥିତ ଥିଲେ ।

## ସୂର୍ଯ୍ୟମୁଖୀ ଚାଷ ଦେଇଛି ସଫଳତା

# କ୍ଷେତ ପାଲଟିଛି ପ୍ରାକୃତିକ ସେଲ୍‌ଫି ପଏଣ୍ଟ



**ଭଞ୍ଜନଗର,୨୨ ।୩(ସମିସ):** ପୂର୍ବ ବର୍ଷ ମାନଙ୍କରେ ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳରେ ବହୁ ପରିମାଣରେ ସୂର୍ଯ୍ୟମୁଖୀ ଫୁଲ ଚାଷ ହେଉଥିବା ବେଳେ ଏବେ ଜଳସେଚନ ସୁବିଧା ନଥିବାରୁ କମ ଚାଷୀ ଚଳିତ ବର୍ଷ ଏହି ଚାଷ କରିଛନ୍ତି। ତଥାପି ଯେଉଁମାନେ ସୂର୍ଯ୍ୟମୁଖୀ ଚାଷ କରିଛନ୍ତି ସଫଳ ହୋଇଛନ୍ତି। ସୂର୍ଯ୍ୟମୁଖୀ ତେଲର ଚାହିଦାକୁ ଦେଖି ଦୁଇ ଯୁବକ ଏଥିପ୍ରତି ଆଗ୍ରହ ପ୍ରକାଶ କରି ଚାଷ ଆରମ୍ଭ କରିଛନ୍ତି। ଜଗନ୍ନାଥପ୍ରସାଦ ବ୍ଲକ କୁଦୁତାଇ ପଞ୍ଚାୟତ ବେଙ୍ଗସର ଗ୍ରାମର ଚାଷୀ ମିଥୁନ ନାୟକ ଓ ସନ୍ତୋଷ ପ୍ରଧାନ ନିଜ ଦୁଇ ଭରଣ ଜମିରେ ସୂର୍ଯ୍ୟମୁଖୀ ଚାଷ କରିବାକୁ ଆଗ୍ରହ ପ୍ରକାଶ କରି କୃଷି ଗ୍ରାମସେବକକୁ ଜଣାଇଥିଲେ। ତାଙ୍କ ଠାରୁ ସରକାରୀ ଭାବେ କିଛି ବିହନ ଆଣି ଏହି ଚାଷ ଆରମ୍ଭ କରିଛନ୍ତି । ଏହାକୁ ମାଙ୍କଡ଼ କିମ୍ବା ବାରହା କ୍ଷତି କରିବା ଭୟ ନଥିବାରୁ ନିଶ୍ଚୟ ଏହା ଲାଭଜନକ ହେବ ଆଶାରେ ଗତ ଦୁଇ ମାସ ପୂର୍ବରୁ କ୍ଷେତକୁ ପ୍ରସ୍ତୁତ କରି ଏହି ଫସଲ ଆରମ୍ଭ କରିଛନ୍ତି। କୁଦୁତାଇ ବେଙ୍ଗସର ମୁଖ୍ୟ ରାସ୍ତା କଡରେ ଥିବା ଏହି କ୍ଷେତରେ ଏବେ ଫୁଲ ଫୁଟିବା ପରେ ମନଲୋଭା ଦୃଶ୍ୟ ସୃଷ୍ଟି ହୋଇଛି। ଯାହାକୁ ଦେଖି ପଥିକ ମାନେ ଆଉ ନିଜକୁ ଅଟକାଇ ପାରୁନାହାନ୍ତି। ଅନେକ ଯୁବକ ଯୁବତୀ ରାସ୍ତାରେ ସାଇକେଲ କିମ୍ବା ଗାଡିକୁ ଅଟକାଇ ନିଜ ମୋବାଇଲରେ ଏଠାରେ ସେଲ୍ଫି ଉଠାଉଛନ୍ତି ଓ ରିଲସ ବନାଉଛନ୍ତି। ଏହି ସ୍ଥାନଟି ଏବେ ସମସ୍ତଙ୍କ ପାଇଁ ଏକ ସେଲ୍ଫି ପଏଣ୍ଟ ପାଲଟି ଯାଇଛି। ଏସବୁ ଦେଖି ଦୁଇ ଚାଷୀ ମଧ୍ୟ ଖୁବ ଖୁସି ବ୍ୟକ୍ତି କରିଛନ୍ତି। କିରା ପକ୍ଷୀମାନେ ହିଁ ସୂର୍ଯ୍ୟମୁଖୀକୁ ଖାଇ ନଷ୍ଟ କରୁଛନ୍ତି ତେଣୁ ସେମାନଙ୍କୁ ଜଗି ଘଉଡାଇବାକୁ ପଡୁଥିବା କହିଛନ୍ତି। ଉଭୟେ ପ୍ରଥମ ଥର ଏହି ଚାଷ କରିଥିବା ବେଳେ ଏହା ଭଲ ବ୍ୟବସାୟ ହେବ ବୋଲି ସେମାନେ ଆଶା ରଖିଛନ୍ତି। ଆସନ୍ତା ବର୍ଷ ଅଧିକ ସ୍ଥାନରେ ଏହାକୁ ଲଗାଇବା ପାଇଁ ସେମାନେ ଯୋଜନା କରୁଥିବା ଜଣାଇଛନ୍ତି।

## ଚୋରଙ୍କ ଟାର୍ଗେଟରେ ପଞ୍ଚାୟତ ଅଫିସ

# ଦୁଇ ଦିନରେ ଦୁଇ ଅଫିସରେ କଳାକନା ବୁଲାଇଲେ

**ଗଞ୍ଜାମ,୨୨ ।୩(ସମିସ):** ରମ୍ଭା ଥାନା ଅନ୍ତର୍ଗତ ଗଞ୍ଜାମ ବ୍ଲକରେ ଥିବା ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଉପରେ ଏବେ ଚୋରଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଦୁଇ ଦିନରେ ଦୁଇ ପଞ୍ଚାୟତ କାର୍ଯ୍ୟାଳୟରୁ ଦୁର୍ବୃତ୍ତ ମାନେ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ଜିନିଷ ଚୋରି କରିଛନ୍ତି। ବୁଧବାର ରାତିରେ ବ୍ଲକର ପୋଇରାଶି ପଞ୍ଚାୟତ କାର୍ଯ୍ୟାଳୟରେ ପଶି ଏଲଇଡି ଟିଭି, ଆଭାସୀ ଯନ୍ତ୍ର, ମାଇକ୍ରୋଫୋନ୍ ସମେତ ଲକ୍ଷାଧିକ ଟଙ୍କା ସାମଗ୍ରୀ ଚୋରି କରିଥିବାବେଳେ ଗୁରୁବାର ରାତିରେ ସନ୍ତୋଷପୁର ପଞ୍ଚାୟତ କାର୍ଯ୍ୟାଳରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏନେଇ ସ୍ଥାନୀୟ ସରପଞ୍ଚ କବିତା ସାହୁ ରମ୍ଭା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣା ପଡିଛି। ଚୋରି ସାମଗ୍ରୀ ମଧ୍ୟରେ ଭୋଲଟାସ ଏସି ସହିତ କମ୍ପୋର୍ଷର, ପାନାସୋନିକ ୪୩(ଭିସି ), ଏଲଜି ଟିଭି ୩୨ଇଞ୍ଚ, ଲୁମିନିୟସ ୟୁପିଏସ ବ୍ୟାଟେରୀ, ସିସିଟିଭି ଡିଭିଆର, କମ୍ପ୍ୟୁଟର ଏଲସିଡି ଆଦି ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ତେବେ ଦୁଇ ରାତିରେ ଦୁଇ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ଯାଇଥିବାରୁ ଗ୍ରାମାଞ୍ଚଳରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ତେଣୁ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡି କରିବାକୁ ଦାବି ହୋଇଛି।

# ଉଠା ଦୋକାନୀ ପାଇଲେ ନୂଆ ଠିକଣା

**ଗଞ୍ଜାମ,୨୨ ।୩(ସମିସ):** ଦୀର୍ଘ ବର୍ଷ ପରେ ଉଠା ପନିପରିବା ବେପାରୀଙ୍କ ସମସ୍ୟା ସମାଧାନ ହୋଇଛି। ଶୁକ୍ରବାର ସେମାନେ ନୂଆ ଠିକଣା ପାଇଛନ୍ତି। ସ୍ଥାୟୀ ସମାଧାନ ଉଠା ଦୋକାନୀଙ୍କୁ ଥଇଥାନ ନିମନ୍ତେ ଦୀର୍ଘ ଦିନ ହେବ ସାନ ବଜାର ସଙ୍ଘ ଏବଂ ବଡ ବଜାର ବଣିକ ସଘଂ ପକ୍ଷରୁ ଦାବି ହୋଇ ଆସୁଥିଲା। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆଙ୍କ ପ୍ରଚେଷ୍ଟାରେ ଉଠା ପନିପରିବା ଦୋକାନୀ ମାନଙ୍କ ସଙ୍କଟ ଦୂର ହୋଇଛି। ପୂର୍ବରୁ ସେମାନେ ତହ ତହ ଖରାରେ ବସି ପନିପରିବା ବିକ୍ରି କରୁଥିଲେ ବର୍ତ୍ତମାନ ଭେଣ୍ଡିଂ ଜୋନରେ ଛାଇରେ ବସି ଖୁସିରେ ପରିବା ବିକ୍ରି କରୁଥିବା ଲକ୍ଷ୍ୟ କରାଯାଇଛି। ପନିପରିବା ବ୍ୟବସାୟୀ ମାନେ ଇଓଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ବିଞ୍ଝଗିରି ୟୁପି ସ୍କୁଲର ବାର୍ଷିକ ଉତ୍ସବ



**ବେଲଗୁଣ୍ଠା,୨୨ ।୩(ସମିସ):** ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ ବିଞ୍ଝଗିରି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନ ଶିକ୍ଷକ ଶିବରାମ ବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ରୂପେ ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ସାବତ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ କୁମୁଣ୍ଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ସ୍ୱାଇଁ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ରୂପେ ଗୋପନଗର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୀତଳ ପ୍ରସାଦ ଜେନା, ଗ୍ରାମ୍ୟ ପରିଚାଳନା କମିଟି ସଭାପତି, ପରିଚାଳନା କମିଟି ସଦସ୍ୟ, ଆଶାକର୍ମୀ ଯାଜ୍ଞସେନୀ ସ୍ୱାଇଁ, ଅଙ୍ଗନବାଡି କର୍ମୀ ମମତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ କାର୍ତ୍ତିକ୍ ସେଠୀ ଅତିଥି ସ୍ୱାଗତ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷକ ସୁକାନ୍ତ ବେହେରାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବାବେଳେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ଦାଶରଥି ସେଠୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପ୍ରକଳ୍ପ ଅଛି, ପାଣି ନାହିଁ

# ପାନୀୟ ଜଳ ଲାଗି ହନ୍ତସନ୍ତ ମକୁନ୍ଦପୁରବାସୀ

ଆସିକା,୨୨ ।୩(ସମିସ)



ଲୋକଙ୍କ ସୁବିଧା ଲାଗି ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ପାନୀୟ ଜଳ ଯୋଗାଉଛନ୍ତି। ହେଲେ ପ୍ରଶାସନିକ ସ୍ଥାଣୁତା ଓ ଠିକାଦାରଙ୍କ ଉଦାସିନତା ଯୋଗୁଁ ପ୍ରକଳ୍ପ ଗୁଡିକ ଅଚଳ ହେଉଥିବାବେଳେ ପାନୀୟ ଜଳ ଲାଗି ଲୋକେ ହନ୍ତସନ୍ତ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଆସିକା ବ୍ଲକର କାଳଷଣ୍ଢପୁର ପଞ୍ଚାୟତର ମକୁନ୍ଦପୁର ଗାଁରେ। ଏହି ଗାଁରେ ପ୍ରାୟ ତିନିଶହ ପରିବାର ବସବାସ କରି ଆସୁଛନ୍ତି। ଗାଁରେ ପିଇବା ପାଣି ପାଇଁ ବସୁଧା ଯୋଜନାରେ ପାଣି ଟ୍ୟାଙ୍କ ନିର୍ମାଣ ହୋଇଛି ସତ କିନ୍ତୁ ତାହା ଗାଁ ଲୋକଙ୍କ କାର୍ଯ୍ୟରେ ଆସୁନି। ଏହି ସମସ୍ୟା ଆଜିକାଲିର ନୁହେଁ ଦୀର୍ଘ ଦଶ ବର୍ଷ ଧରି ଏ ସମସ୍ୟା ଲାଗି ରହିଛି। ଏନେଇ ପଞ୍ଚାୟତ ଠାରୁ ଆରମ୍ଭ କରି ବିଡିଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସୁଧାର ଆସିନାହିଁ। ଖରା ଦିନ ଆସିଲେ ପିଇବା ପାଣି ସଙ୍କଟ ଅଧିକ ଲୋକଙ୍କ ପାଇଁ ଚିନ୍ତା ବଢ଼ି ଯାଉଛି। ଗାଁ ଲୋକେ ଏବେ ପିଇବା ପାଣି ପାଇଁ ଗାଁ ପାର୍ଶ୍ୱରେ ଯାଇଥିବା ବଡ଼ନଦୀ ଉପରେ ନିର୍ଭର କରୁଛନ୍ତି। ତେବେ ଖରାଦିନ ଥିବାରୁ ନଦୀ ମଧ୍ୟ ଶୁଖି ଯାଇଛି। ଫଳରେ ଲୋକେ ବାଧ୍ୟ ହୋଇ ନଦୀରେ ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରୁଛନ୍ତି। ଏନେଇ ସହକାରୀ ଯନ୍ତ୍ରୀ ଶ୍ରୀନିବାସ ରାଓଙ୍କୁ ପଚାରିବାରୁ ସେ କହିଛନ୍ତି ଖରା ଦିନେ ଗାଁର ବିଭିନ୍ନ ଛକ ସ୍ଥାନରେ ଟ୍ୟାଙ୍କର ରଖା ଯିବା ସହ ମେଗା ପ୍ରକଳ୍ପ ମାଧ୍ୟମରେ ଖୁବଶୀଘ୍ର ପାନୀୟ ଜଳ ଯୋଗାଣ ହେବ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୬୫ • ପାଉଣ୍ଡ ୧୦୬.୭୩
- ୟୁରୋ ୯୦.୫୫ • ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୧,୮୬୦ (ନୂଆଦିଲ୍ଲୀ)
- ରୁପା : ୭୮,୬୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୮୩୧.୦୦
- ନିଫ୍ଟି ୨୨,୦୯୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଆଜି ବ୍ୟାହତ ହେବ ଏସ୍‌ବିଆଇ ଇଣ୍ଟରନେଟ୍ ବ୍ୟାଙ୍କିଂ ଓ ମୋବାଇଲ ଆପ୍ ସେବା




**ନୂଆଦିଲ୍ଲୀ,୨୨।୩(ଏଜେନ୍ସି):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ୪୪ କୋଟି ଗ୍ରାହକଙ୍କ ପାଇଁ ବଡ଼ ଖବର। ଆସନ୍ତାକାଲି ଅର୍ଥାତ ମାର୍ଚ୍ଚ ୨୩ ତାରିଖରେ ଏସବିଆଇର ସମସ୍ତ ଇଣ୍ଟରନେଟ ସେବା ବ୍ୟାହତ ହେବ। ଏ ସମ୍ପର୍କରେ ଏସବିଆଇର ଅଫିସିଆଲ ୱେବସାଇଟରେ ସୂଚନା ଜାରି କରାଯାଇଛି। କାରଣ ଆସନ୍ତାକାଲି ଇଣ୍ଟରନେଟ ବ୍ୟାଙ୍କିଂ ଆପ୍ଲିକେସନ, ୟୋନୋ, ୟୋନୋ ଲାଇଟ୍, ୟୋନୋ ବିଜ୍‌ନେସ ଆଦି ସେବାକୁ ଗ୍ରାହକମାନେ ଠିକ୍ ଭାବରେ ବ୍ୟବହାର କରିପାରିବେନାହିଁ। ଗ୍ରାହକ ସିଡ୍ୟୁଲ ଆକ୍ଟିଭିଟି କାରଣରୁ ଗ୍ରାହକମାନେ ଆସନ୍ତାକାଲି ୧ ଘଣ୍ଟା ପାଇଁ ଏଭଳି ସମସ୍ୟାର ସମ୍ମୁଖୀନ ହେବେ। ଏସ୍‌ବିଆଇ ୱେବସାଇଟ ମୁତାବକ, ମାର୍ଚ୍ଚ ୨୩ରେ ଗ୍ରାହକଙ୍କ ପାଇଁ ଇଣ୍ଟରନେଟ ଆପ୍ଲିକେସନ, ୟୋନୋ, ୟୋନୋ ଲାଇଟ୍, ୟୋନୋ ବିଜିନେସ ୱେବ ସମେତ ସମସ୍ତ ଆପ୍ ଏକ ଘଣ୍ଟା ପାଇଁ ଡାଉନ୍ ରହିବ। ଏଥିସହିତ ଗ୍ରାହକମାନେ ଇଣ୍ଟରନେଟ ବ୍ୟାଙ୍କିଂ ମଧ୍ୟ ବ୍ୟବହାର କରିପାରିବେନାହିଁ। ଶନିବାର ସକାଳ ୧ଟା ୧୦ ମିନିଟ୍‌ଠାରୁ ୨ଟା ୧୦ ମିନିଟ୍ ପର୍ଯ୍ୟନ୍ତ ଏଭଳି ସମସ୍ୟା ଦେଖିବାକୁ ମିଳିବ। ତେବେ ବେସିକ ସର୍ଭିସ ପାଇଁ ଗ୍ରାହକମାନେ ହ୍ୱାଟସଆପ ବ୍ୟାଙ୍କିଂ ସେବାର ଫାଇଦା ଉଠାଇପାରିବେ। ଏଥିସହିତ ଆପଣମାନେ ବ୍ୟାଙ୍କ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଏସବିଆଇର ଟୋଲ ଫ୍ରି ନମ୍ବରରେ ମଧ୍ୟ କଲ୍ କରିପାରିବେ।

## ପୁଟିନ୍‌ଙ୍କୁ ଝଟ୍‌କା ଦେଲା ଭାରତ

# ରୁଷରୁ ତେଲ କିଣା ବନ୍ଦ

### ଭାରତୀୟ ବିଶୋଧନାଗାର ରୁଷୀୟ ତେଲ ନେଉନାହାଁନ୍ତି

### ଆମେରିକା ଚାପରେ ସୋଭକମ୍ଫ୍ଲଟ୍ ଟ୍ୟାଙ୍କରକୁ ମନା



**ମସ୍କୋ,୨୨।୩(ଏଜେନ୍ସି)**

ବନ୍ଧୁ ରାଷ୍ଟ୍ର ରୁଷକୁ ଭାରତ ଦେଇଛି ବଡ଼ ଝଟ୍‌କା। ରୁଷଠାରୁ ତେଲ କିଣା ବନ୍ଦ କରିଦେଇଛି ଭାରତ। କାରଣ ଭାରତୀୟ ବିଶୋଧନାଗାରଗୁଡିକ ବର୍ତ୍ତମାନ ରୁଷୀୟ ତେଲ ଗ୍ରହଣ କରୁନାହାଁନ୍ତି। ଏହା ପଛରେ ରହିଛି ଆମେରିକାର ହାତ। ଆମେରିକା ଚାପରେ ଭାରତର ସମସ୍ତ ବିଶୋଧନଗାର ସୋଭକମ୍ଫ୍ଲଟ୍ ଟ୍ୟାଙ୍କର ଜରିଆରେ ପରିବହନ କରାଯାଉଥିବା ଋଷର ଅଶୋଧିତ ତୈଳକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ୱାଶିଂଟନ୍ ଲଗାଇଥିବା ପ୍ରତିବନ୍ଧକ ଯୋଗୁଁ ବିଶୋଧନାଗାରଗୁଡିକ ଦ୍ୱାରା ଏହି ପଦକ୍ଷେପ ନିଆଯାଇଛି। ଭାରତୀୟ ତୈଳ ନିଗମ ପରି ବଡ ରିଫାଇନରଙ୍କ ସମେତ ଘରୋଇ ଏବଂ ରାଷ୍ଟ୍ରାୟତ୍ତ ପ୍ରୋସେସର୍ ସୋଭକମ୍ଫ୍ଲଟ୍ ଟ୍ୟାଙ୍କର ଉପରେ ମାଲ ପରିବହନ ବନ୍ଦ କରିଦେଇଛନ୍ତି। କମ୍ପାନୀଗୁଡିକ ପ୍ରତ୍ୟେକ ଜାହାଜର ମାଲିକାନାର ଅନୁସନ୍ଧାନ କରୁଛନ୍ତି ଏଥିପାଇଁ ଯେ ସେଗୁଡିକ କମ୍ପାନୀ କିମ୍ବା ଅନ୍ୟାନ୍ୟ ଅନୁମୋଦିତ ଗ୍ରୁପ ସହିତ ଜଡିତ ନୁହଁନ୍ତି। ଦୁଇ ବର୍ଷ ପୂର୍ବେ ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ଏହି ବାଣିଜ୍ୟ ବୃଦ୍ଧି ପାଇଥିଲା, କିନ୍ତୁ ବର୍ତ୍ତମାନ ଏହା ସଙ୍କଟରେ ପଡିଛି।

ଏକ ରିପୋର୍ଟ ମୁତାବକ, ଭାରତର ସର୍ବବୃହତ ବେସରକାରୀ ରିଫାଇନାରୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଟ୍ୟାଙ୍କରଗୁଡିକର କଡ଼ା ଯାଞ୍ଚ କରିବା ପରେ ରୁଷର ତୈଳ ପରିବହନ କରୁଥିବା ଅନ୍ୟ ତୈଳ ଜାହାଜଗୁଡିକ ମଧ୍ୟ ଅଡୁଆରେ ପଡିଥିବା କୁହାଯାଉଛି। ଏହି ପଦକ୍ଷେପକୁ ବର୍ତ୍ତମାନ ଜୋର ଦାର ବିରୋଧ କରାଯାଉଛି। କିଛି ସପ୍ତାହ ହେବ ଦୁଇଟି ଜାହାଜ ଦକ୍ଷିଣ ଏସିଆ ଉପକୂଳରେ ପ୍ରାୟ ଏକ ସପ୍ତାହ ହେବ ଅପେକ୍ଷା କରିଛନ୍ତି ଯେ, କେତେବେଳେ ସେମାନଙ୍କୁ ଲୋଡିଂ ମିଳିବ। ଏହି ପ୍ରସଙ୍ଗ ଉପରେ ଇଣ୍ଡିଆନ୍ ଅଏଲ୍, ଭାରତ ପେଟ୍ରୋଲିୟମ କର୍ପୋରେସନ୍, ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ୍, ମାଙ୍ଗାଲୋର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ସ ଲିମିଟେଡ୍ ଏବଂ ନୟାଏରା ଏନର୍ଜି ଲିମିଟେଡ୍ , ରୁଷର ରୋଜନେଫ୍ଟରେ ୪୯ ପ୍ରତିଶତ ଅଂଶଧନ ଥିବା ପିଜେଏସ୍‌ସି ଭଳି କମ୍ପାନୀକୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ମାସରେ ଆମେରିକାର ଟ୍ରେଜେରୀର ବୈଦେଶିକ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ ସୋଭକମ୍ଫ୍ଲଟ୍ ନାମରେ ୪ଟି ଅଶୋଧିତ ତୈଳ ଟ୍ୟାଙ୍କର ଚିହ୍ନଟ କରିଥିଲେ। ରୁଷିଆ ତୈଳ ମୂଲ୍ୟ ଉପରେ ଜି-୭ ଲଗାଇଥିବା କଟକଣା ଉଲ୍ଲଂଘନ ପାଇଁ ଅକ୍ଟୋବରରୁ ଅଣ ସୋଭକମ୍ଫ୍ଲଟ୍ ଜାହାଜ ଏବଂ ରୁଷୀୟ କମ୍ପାନୀ ଉପରେ ଲଗାଯାଇଥିବା ବ୍ୟାପକ ପଦକ୍ଷେପ ପରେ ଏହି ଖବର ଆସିଛି।

# ଭାରତ ନିର୍ମିତ ହୋଣ୍ଡା ଏଲିଭେଟ୍ ଜାପାନରେ ଡବ୍ଲ୍ୟୁଆର୍-ଭି ବ୍ରାଣ୍ଡ ନାମରେ ଉନ୍ମୋଚନ



**ନୂଆଦିଲ୍ଲୀ, ୨୨।୩(ସମିସ):** ପ୍ରିମିୟମ୍ କାର୍ ନିର୍ମାତା ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚସିଆଇଏଲ୍) ଆଜି ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। କମ୍ପାନୀ ଏହାର ମେଡ୍-ଇନ୍-ଇଣ୍ଡିଆ ହୋଣ୍ଡା ଏଲିଭେଟ୍‌କୁ ଜାପାନ ବଜାରରେ ଡବ୍ଲ୍ୟୁଆର-ଭି ବ୍ରାଣ୍ଡ ନାମରେ ଉନ୍ମୋଚନ କରିଛି। ଏଚ୍‌ସିଆଇଏଲ୍‌ର ବ୍ୟବସାୟରେ ପ୍ରଥମ ଥର ପାଇଁ ଭାରତରୁ ଜାପାନକୁ ଏକ ମଡେଲ ରପ୍ତାନି କରାଯାଉଛି। ଏହା କେବଳ ଭାରତର ଅଟୋମୋବାଇଲ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତିମୂଳକ ଘଟଣା ନୁହେଁ ବରଂ ଦେଶର ବଢୁଥିବା ଉତ୍ପାଦନ ଦକ୍ଷତା ଏବଂ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ଉପରେ ମଧ୍ୟ ଏହା ଆଲୋକପାତ କରୁଛି। ଏହି ଅବସରରେ ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡର ସଭାପତି ତଥା ସିଇଓ ତାକୁୟା ସୁମୁରା କହିଛନ୍ତି ଯେ, ଜାପାନରେ ଡବ୍ଲ୍ୟୁଆର-ଭି ଭାବରେ 'ମେଡ୍ ଇନ୍ ଇଣ୍ଡିଆ' ଏଲିଭେଟ୍‌ର ଶୁଭାରମ୍ଭ ଆମ ସମସ୍ତଙ୍କ ପାଇଁ ଗର୍ବର ମୁହୂର୍ତ୍ତ। ଗତ ବର୍ଷ ସେପ୍ଟେମ୍ବରରେ ଏଲିଭେଟ୍ ବିଶ୍ୱସ୍ତରରେ ପଦାର୍ପଣ କରିଥିଲା ଏବଂ ପ୍ରଥମ ବଜାର ଭାବେ ଏହି ମଡେଲକୁ ଭାରତରେ ଶୁଭାରମ୍ଭ କରାଯାଇଥିଲା ଏବଂ ଗତ ୬ ମାସ ମଧ୍ୟରେ ଏହାର ୩୦,୦୦୦ ୟୁନିଟ ବିକ୍ରି ହୋଇଛି। ୨୦୨୩ ଡିସେମ୍ବରରେ ଜାପାନରେ ଏହି ମଡେଲକୁ ହୋଣ୍ଡା ଡବ୍ଲ୍ୟୁଆର-ଭି ନାମରେ ଅନାବରଣ କରାଯାଇଥିଲା ଏବଂ ଏହାର ବୋଲ୍ଡ ଏସୟୁଭି ଡିଜାଇନକୁ ପସନ୍ଦ କରୁଥିବା ଗ୍ରାହକଙ୍କଠାରୁ ଆକର୍ଷଣୀୟ ପ୍ରତିକ୍ରିୟା ମିଳିଥିଲା। ଏଥିରେ ଦୃଢ଼ ସଡ଼କ ଉପସ୍ଥିତି, ଉତ୍କୃଷ୍ଟ ସ୍ଥାନ ଏବଂ ଆରାମ, ଉନ୍ନତ ନିରାପତ୍ତା ସୁବିଧା ଏବଂ ଭଲ ଭାବରେ ନିଯୁକ୍ତ ବୈଶିଷ୍ଟ୍ୟ ରହିଛି।

# ନଏଜ ଓ ମାଷ୍ଟରକାର୍ଡ ସହ ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କର ସହଭାଗିତା

**ଭୁବନେଶ୍ୱର,୨୨।୩(ସମିସ):** ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଟଙ୍କା ପଇଠ କରିବାର ଏକ ନୂତନ ମାଧ୍ୟମ ଉନ୍ମୋଚନ କରିବା ପାଇଁ ଭାରତର ଅଗ୍ରଣୀ ସ୍ମାର୍ଟୱାଚ୍ ବ୍ରାଣ୍ଡ ନଏଜ୍ ଏବଂ ପେମେଂଟ୍ କ୍ଷେତ୍ରର ଏକ ଆନ୍ତର୍ଜାତୀୟ ଟେକ୍ନୋଲୋଜି କମ୍ପାନୀ ମାଷ୍ଟରକାର୍ଡ ସହ ସହଭାଗିତା କରିଛି। ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ସ୍ମାର୍ଟ ୱାଚର ଉନ୍ମୋଚନ କରିବାକୁ ଏହି ତିନି ସଂସ୍ଥା ଏକତ୍ର ହୋଇଛନ୍ତି। ଏହି ନୂଆ ସ୍ମାର୍ଟୱାଚ୍ ବର୍ତ୍ତମାନ ୨୯୯୯ ଟଙ୍କାରେ କ୍ରୟ ପାଇଁ ଉପଲବ୍ଧ ହେବ। ଏୟାରଟେଲ ପେମେଣ୍ଟସ ବ୍ୟାଙ୍କରେ ଏକ ସେଭିଙ୍ଗ୍ସ ଆକାଉଣ୍ଟ ଥିବା ଗ୍ରାହକମାନେ ଏୟାରଟେଲ ଥ୍ୟାଙ୍କସ୍ ଆପ୍ରୁ ଏହି ସ୍ମାର୍ଟ ୱାଚ୍ କିଣିପାରିବେ। ସେହିପରି ବ୍ୟାଙ୍କର ନୂଆ ଗ୍ରାହକମାନେ ଡିଜିଟାଲ ମାଧ୍ୟମରେ ଏୟାରଟେଲ ଥ୍ୟାଙ୍କସ୍ ଆପ୍‌ରେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲି ତତ୍କାଳ ସ୍ମାର୍ଟ ୱାଚ୍ ଅର୍ଡର କରିପାରିବେ।




# ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆର ଶୁଭାରମ୍ଭ

**ଭୁବନେଶ୍ୱର,୨୨।୩(ସମିସ)**




୧୦୦ରୁ ଅଧିକ ଦେଶରେ ଉପସ୍ଥିତ ଥିବା ଓ ୧୧୦ ବିଲିୟନ ଡଲାରର ବାର୍ଷିକ ରାଜସ୍ୱ ସହ ଏକ ଗ୍ଲୋବାଲ ଫର୍ଚ୍ୟୁନ ୫୦୦ କମ୍ପାନୀ, ଏସ୍‌ଆଇସି ମୋଟର ଏବଂ ୨୩ ବିଲିୟନ ଡଲାରର ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ (ବି୨ବି ଓ ବି୨ସି ସେକ୍ଟରରେ ଆଗ୍ରହ ସହ ଭାରତର ଏକ ପ୍ରମୁଖ ସଂସ୍ଥା) ପକ୍ଷରୁ ମିଳିତ ଭାବେ ସେମାନଙ୍କର ନୂଆ ରଣନୈତିକ ଯୁଗ୍ମ ଉଦ୍ୟମ- ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ

(ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆ) ପାଇଁ ବ୍ୟବସାୟିକ ରୋଡମ୍ୟାପ୍ ଘୋଷଣା କରିଛନ୍ତି। ଏହି ନୂଆ ଜଏଣ୍ଟ ଭେଞ୍ଚର୍ ଦ୍ରୁତ ବିକଶିତ ଭାରତୀୟ ଅଟୋମୋଟିଭ୍ କ୍ଷେତ୍ରରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ସୁଯୋଗଗୁଡିକୁ ଉପଯୋଗ କରିବ। ଏହି ଯୌଥ ଉଦ୍ୟୋଗ ଚଳିତ ବର୍ଷ ପାର୍ବଣ ଋତୁରୁ ପ୍ରତି ୩ରୁ ୬ ମାସ ମଧ୍ୟରେ ଏନ୍‌ଇଭି ସମେତ ଏକ ନୂତନ ଉତ୍ପାଦ ଲଂଚ୍ କରିବା ପାଇଁ ଯୋଜନା ରଖିଛି। ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆର ଷ୍ଟିଅରିଂ କମିଟିର ସଦସ୍ୟ ପାର୍ଥ ଜିନ୍ଦଲ କହିଛନ୍ତି, ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆ ଯୌଥ ଉଦ୍ୟୋଗ ହେଉଛି ଏକ ମହତ୍ୱପୂର୍ଣ୍ଣ ମିଳିତ ଉଦ୍ୟମ। ଏହା ହେଉଛି ଏସ୍‌ଆଇସି ଓ ଜେଏସ୍‌ଡବ୍ଲ୍ୟୁ ଭଳି ଦୁଇଟି ବିଶାଳ କମ୍ପାନୀର ଏକତ୍ରିକରଣ। ଏକ ବିଶ୍ୱ ପ୍ରସିଦ୍ଧ ବ୍ରିଟିଶ ବ୍ରାଣ୍ଡ, ଅତ୍ୟାଧୁନିକ ଏମ୍‌ଜି ଟେକ୍ନୋଲୋଜିର ବିରାସତ ଏବଂ ଜେଏସ୍‌ଡବ୍ଲ୍ୟୁର ସ୍ଥାନୀୟ ଉତ୍ପାଦନ ଅଭିଜ୍ଞତା ଓ ସୂଚନାର ଉପଯୋଗ କରି ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ଭାରତ ଓ ବିଶ୍ୱ ପାଇଁ ଭାରତରେ ବିଶ୍ୱର ଅଗ୍ରଣୀ ଉତ୍ପାଦଗୁଡିକୁ ନିର୍ମାଣ କରିବ ବୋଲି ମୋର ଦୃଢ ବିଶ୍ୱାସ। ଏମ୍‌ଜି ମୋଟର ଇଣ୍ଡିଆର ସିଇଓ ଏମେରିଟସ, ରାଜୀବ ଛାବା କହିଛନ୍ତି, ୫ ବର୍ଷରୁ କମ୍ ସମୟ ମଧ୍ୟରେ ଟିମ୍ ଏମ୍‌ଜି ଇଣ୍ଡିଆ ଏକ ମଜଭୁତ ମୂଳଦୁଆ ସ୍ଥାପନ କରିଛି ଯାହା ଉଦ୍ଭାବନ, ବିବିଧତା, ସମୁଦାୟ ସେବା ଓ ଉନ୍ନତ ଗ୍ରାହକ ସେବା ପ୍ରତି ଆମର ପ୍ରତିବଦ୍ଧତାର ପ୍ରମାଣ।

# ଏଏମ୍/ଏନ୍‌ଏସ୍ ଇଣ୍ଡିଆର ୫୩ତମ ଜାତୀୟ ସୁରକ୍ଷା ସପ୍ତାହ

**ଭୁବନେଶ୍ୱର, ୨୨।୩(ସମିସ):** ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆର ଓଡିଶା ଅପରେସନ୍ ପକ୍ଷରୁ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏଏମ/ଏନଏସ ଇଣ୍ଡିଆର ଓଡ଼ିଶା ଅପରେସନ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ସୁରକ୍ଷା ପତାକା ଉତ୍ତୋଳନ କରି ଏହି ସପ୍ତାହବ୍ୟାପୀ ଉତ୍ସବକୁ ଶୁଭାରମ୍ଭ କରିଥିଲେ। ପରିବେଶ, ସାମାଜିକ, ଏବଂ ଶାସନ (ଇଏସଜି ) ଉତ୍କର୍ଷତା ପାଇଁ ସୁରକ୍ଷା ନେତୃତ୍ୱ ଉପରେ ଧ୍ୟାନ ଦେବା" ଏହି କାର୍ଯ୍ୟକ୍ରମର ବିଷୟ ବସ୍ତୁ ରହିଥିଲା ଏବଂ ଏହା ସହିତ, କର୍ମକ୍ଷେତ୍ରରେ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ୧୬୦ କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



କାରଖାନା ପରିସରରେ ବ୍ୟାନର ପ୍ରଦର୍ଶନ କରାଯାଇଥିଲା। ପେଲେଟ ପ୍ଲାଣ୍ଟ ହେଡ୍ ୟୁଏସଆର ରାଜୁ, ପାୱାର ପ୍ଲାଣ୍ଟ ହେଡ ସରୋଜ ପଟ୍ଟନାୟକ ଏବଂ ହେଡ-ଅପରେସନ୍ସ ସି ଏ ହରିପ୍ରସାଦ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ମୁଖ୍ୟ ସଞ୍ଜୀବ ମୁଦୁଲି ସ୍ୱାସ୍ଥ୍ୟ ଏବଂ ନିରାପତ୍ତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

# 'ନିବେଶରେ ବୃଦ୍ଧି, ଦରଦାମ୍‌ରେ ହ୍ରାସ ଅର୍ଥ ବ୍ୟବସ୍ଥାକୁ ଦେବ ଗତି'

**ନୂଆଦିଲ୍ଲୀ,୨୨।୩(ଏଜେନ୍ସି):** ବଢୁଛି ଭାରତୀୟ ଅର୍ଥବ୍ୟବସ୍ଥା। ଅର୍ଥନୀତିରେ ଏହି ଅଭିବୃଦ୍ଧି ଆଗାମୀ ଦିନରେ ଆହୁରି ଜାରି ରହିବ। ନିବେଶରେ ବୃଦ୍ଧି ଏବଂ ଦରଦାମ୍‌ରେ ହ୍ରାସ ଅର୍ଥ ବ୍ୟବସ୍ଥାକୁ ଆଗକୁ ଏଭଳି ଗତି ଦେବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି। ଅର୍ଥ ମନ୍ତ୍ରଣାଳୟର ଏହି ମାସିକ ଅର୍ଥନୈତିକ ସମୀକ୍ଷା ରିପୋର୍ଟରେ ଆହୁରିମଧ୍ୟ ମଧ୍ୟ କୁହାଯାଇଛି ଯେ, ୨୦୨୫ ଜାନୁୟାରୀରୁ ବ୍ଲୁମବର୍ଗ ବଣ୍ଡ ଇଣ୍ଡେକ୍ସରେ ଭାରତୀୟ ସରକାରୀ ବଣ୍ଡକୁ ସାମିଲ କରାଯିବା ଦ୍ୱାରା ବିଦେଶୀ ପୁଞ୍ଜି ପ୍ରବାହ ଆହୁରି ବଢ଼ିବ। ଏଥିରେ କୁହାଯାଇଛି ଯେ ଉପଯୋଗିତାରେ କ୍ରମାଗତ ବୃଦ୍ଧି ମଧ୍ୟରେ ଦୃଢ଼ ପୁଞ୍ଜି ବିନିଯୋଗ କାର୍ଯ୍ୟକଳାପ ଅଭିବୃଦ୍ଧିକୁ ଆଗକୁ ବଢ଼ାଉଛି। କେନ୍ଦ୍ର ଅର୍ଥନୈତିକ ବ୍ୟାପାର ବିଭାଗ ଦ୍ୱାରା ପ୍ରକାଶିତ ସର୍ଭେର ଫେବୃଆରୀ ସଂସ୍କରଣରେ ଏହା କୁହାଯାଇଛି ଯେ ସାଧାରଣ ନିବେଶ ଉପରେ ଧ୍ୟାନ ଦିଆଯିବା କାରଣରୁ ଘରୋଇ ପୁଞ୍ଜି ବିନିଯୋଗ ବୃଦ୍ଧି ପାଉଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଚଳିତ ଆର୍ଥିକବର୍ଷ ପାଇଁ ଜିଡିପି (ମୋଟ ଘରୋଇ ଉତ୍ପାଦ) ଅଭିବୃଦ୍ଧି ଆକଳନକୁ ୭.୩ ପ୍ରତିଶତରୁ ୭.୬ ପ୍ରତିଶତକୁ ବୃଦ୍ଧି କରିଛି। କ୍ରମାଗତ ତିନି ତ୍ରୈମାସିକରେ ଭାରତ ୮ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ହାସଲ କରିଛି। ମନ୍ତ୍ରଣାଳୟ କହିଛି ଯେ ୨୦୨୩-୨୪ ଆର୍ଥିକବର୍ଷରେ ଭାରତର ଆର୍ଥିକ ଅଭିବୃଦ୍ଧି ୮% ପାଖାପାଖି ରହିବ।



## ଦେଶରେ ହୋଲି ଉତ୍ସବ

# ହେବ ୫୦ ହଜାର କୋଟିର କାରବାର

**ନୂଆଦିଲ୍ଲୀ,୨୨।୩(ଏଜେନ୍ସି)**




**ଚୀନା ସାମଗ୍ରୀକୁ ବର୍ଜନ**

ଚଳିତବର୍ଷ ହୋଲି ପାଇଁ ଦେଶର ବ୍ୟବସାୟୀମାନଙ୍କ ମଧ୍ୟରେ ବ୍ୟବସାୟକୁ ନେଇ ଏକ ନୂତନ ଉତ୍ସାହ ଓ ଆଶା ସୃଷ୍ଟି ହୋଇଛି। ଚଳିତ ବର୍ଷ ହୋଲିରେ ଗତ ବର୍ଷ ତୁଳନାରେ ସାରା ଦେଶରେ ବ୍ୟବସାୟରେ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ଘଟିବା ଆକଳନ କରାଯାଉଛି। ଏହି କାରଣରୁ ସାରା ଦେଶରେ ଏଥର ହୋଲିରେ ୫୦ ହଜାର କୋଟିରୁ ଅଧିକ ଟଙ୍କା ମୂଲ୍ୟର କାରବାର ହେବ ବୋଲି ଆକଳନ କରାଯାଇଛି। କେବଳ ଦିଲ୍ଲୀରେ ୫ ହଜାର କୋଟି ଟଙ୍କା ବ୍ୟବସାୟ ହେବାର ସମ୍ଭାବନା ରହିଛି।

ପୂର୍ବ ବର୍ଷ ପରି, କେବଳ ବ୍ୟବସାୟୀ ନୁହଁନ୍ତି ସାଧାରଣ ଲୋକେ ମଧ୍ୟ ଚାଇନା ସାମଗ୍ରୀକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିଛନ୍ତି। ଦେଶରେ ହୋଲି ସହ ଜଡିତ ସାମଗ୍ରୀର ଆମଦାନୀ ପ୍ରାୟ ୧୦ ହଜାର କୋଟି ଟଙ୍କା, ଯାହା ଏଥର ସମ୍ପୂର୍ଣ୍ଣ ଅବହେଳିତ ହୋଇଛି। ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି)ର ଜାତୀୟ ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ ଏଥର ହୋଲିରେ ଚାଇନାରେ ପ୍ରସ୍ତୁତ ସାମଗ୍ରୀକୁ ବ୍ୟବସାୟୀ ଏବଂ ଗ୍ରାହକମାନେ ବର୍ଜନ କରିଛନ୍ତି। ଏଥର ହର୍ବାଲ ରଙ୍ଗ ଏବଂ ଗୁଲାଲ, ପିଚକରୀ, ବେଲୁନ୍, ଚପଲ, ପୂଜା ସାମଗ୍ରୀ, ପୋଷାକ ଏବଂ ଅନ୍ୟାନ୍ୟ ସାମଗ୍ରୀ କେବଳ ଭାରତରେ ଉତ୍ପାଦିତ ହେଉଥିବାବେଳେ ମିଠା, ଶୁଖିଲା ଫଳ, ଉପହାର ସାମଗ୍ରୀ, ଫୁଲ ଏବଂ ଫଳ, ପୋଷାକ, ଆସବାବପତ୍ର କପଡା, ଖାଦ୍ୟ ସାମଗ୍ରୀ ଇତ୍ୟାଦି ଏଫ୍‌ଏମ୍‌ସିଜି ଉତ୍ପାଦ ଉପଭୋକ୍ତା ଦୀର୍ଘସ୍ଥାୟୀ ଏବଂ ଅନ୍ୟାନ୍ୟ ଉତ୍ପାଦର ମଧ୍ୟ ବଜାରରେ ପ୍ରବଳ ଚାହିଦା ଦେଖିବାକୁ ମିଳିଛି। ଖଣ୍ଡେଲୱାଲ କହିଛନ୍ତି ଯେ, ଚଳିତବର୍ଷ ଦିଲ୍ଲୀ ସମେତ ସାରା ଦେଶରେ ହୋଲି ଉତ୍ସବ ଆୟୋଜନ କରାଯାଉଛି। ଯେଉଁଥିପାଇଁ ଭୋଜି ହଲ୍, ଫାର୍ମ ହାଉସ୍, ହୋଟେଲ, ରେସ୍ତୋରାଁ ଏବଂ ପବ୍ଲିକ୍ ପାର୍କରେ ହୋଲି ଉତ୍ସବ ପାଳନ କରାଯାଉଛି।

କେବଳ ଦିଲ୍ଲୀରେ ୩ ହଜାରରୁ ଅଧିକ ଛୋଟ ଏବଂ ବଡ ହୋଲି ଉତ୍ସବ ଆୟୋଜନ କରାଯାଉଛି । ସମସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଲୋକଙ୍କ ମୁହଁରେ ନୂତନ ଖୁସି ଏବଂ ଉତ୍ସାହର ବାତାବରଣ ଦୃଶ୍ୟମାନ ହେଉଛି। ହୋଲିର ପର୍ବ ଯେତିକି ପାଖେଇ ଆସୁଛି ଦିଲ୍ଲୀର ସମସ୍ତ ପାଇକାରୀ ଏବଂ ଖୁଚୁରା ବଜାର ସମ୍ପୂର୍ଣ୍ଣ ସଜାଯାଇଛି। ବଜାରଗୁଡିକ ମଧ୍ୟ ହୋଲି ରଙ୍ଗରେ ରଙ୍ଗୀନ ଦେଖାଯାଉଛି। ବଜାରରେ ବି ସଫିଂ ବଢ଼ିଛି। ପୂର୍ବ ବର୍ଷ ତୁଳନାରେ ଚଳିତଥର ବେଲୁନ୍ ଏବଂ ପିଚକାରିର ଚାହିଦା ସାମାନ୍ୟ ଅଧିକ ରହିଛି। ଖଣ୍ଡେଲୱାଲ କହିଛନ୍ତି ଯେ ଏଥର ବିଭିନ୍ନ ପ୍ରକାରର ପିଚକାରୀ ବେଲୁନ୍ ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ସାମଗ୍ରୀ ବଜାରକୁ ଆସିଛି। ୧୦୦ ରୁ ୩୫୦ଟଙ୍କା ପର୍ଯ୍ୟନ୍ତ ପ୍ରେସର ସ୍ପ୍ରେ ଉପଲବ୍ଧ ରହିଛି।

# ଟିପିସିଓଡିଏଲ୍‌ର ଅଭିନବ ପ୍ରୟାସ: ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି 'ସମୃଦ୍ଧି'




**ଭୁବନେଶ୍ୱର,୨୨।୩(ସମିସ):** ଓଡିଆ ସଂସ୍କୃତିର ପାରମ୍ପରିକ ହସ୍ତକଳାକୁ ପ୍ରୋତ୍ସାହିତ କରିବା ତଥା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆଗେଇ ଆସିଛି ଟିପିସିଓଡିଏଲ୍। ପାରମ୍ପାରିକ ହସ୍ତକଳାକୁ ପ୍ରୋତ୍ସାହିତ କରିବା ପାଇଁ ସମୃଦ୍ଧି ମାଧ୍ୟମରେ ମହିଳାମାନେ ହେଉଛନ୍ତି ସ୍ୱାବଲମ୍ବୀ। ପଟ୍ଟଚିତ୍ର ଓ ତାଳପତ୍ର ଚିତ୍ରକଳାକୁ ପ୍ରୋତ୍ସାହନ ଦେବା ଓ ଏହାର ପ୍ରଚାର ପ୍ରସାର ତଥା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଟିପିସିଓଡିଏଲ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତାଠାରେ ସମୃଦ୍ଧି ନାମକ ଏକ ପ୍ରତିଷ୍ଠାନ ସ୍ଥାପନ କରାଯାଇ ପଟ୍ଟଚିତ୍ର ଓ ତାଳପତ୍ର ଚିତ୍ରକଳା ପାଇଁ ଶତାଧିକ ମହିଳାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ମହିଳା ମାନଙ୍କୁ ଏଥିରେ ତାଲିମ ଦେବା ସହ ସେମାନଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାସହ ରାଜ୍ୟ ତଥା ଦେଶ ବିଦେଶରେ ଏହାକୁ ବିକ୍ରି ପାଇଁ ମଧ୍ୟ ବ୍ୟାବସ୍ଥା କରାଯାଇଛି। କେବଳ ଏତିକି ନୁହେଁ ଟ୍ରେନିଂ କମ୍ ସେଲ୍ସ ଗ୍ୟାଲେରୀ ମଧ୍ୟ ପ୍ରତିଷ୍ଠା କରାଯାଇଛି। ଯେଉଁଠି ଏକା ସାଙ୍ଗରେ ଟ୍ରେନିଂ ସହ ଉତ୍ପାଦ ବିକ୍ରି ପାଇଁ ସୁବିଧା ରହିଛି। ଅନଲାଇନ୍ ମାର୍କେଟିଂ ପ୍ଲାଟଫର୍ମ ମାଧ୍ୟମରେ ମଧ୍ୟ ଉତ୍ପାଦ ବିକ୍ରି ହେଉଛି। ଏହାସହ ଉତ୍ପାଦର ଚାହିଦାକୁ ଲକ୍ଷ୍ୟ କରାଯାଇ କାଲାପୁନାରଥନ୍ ଉତ୍ପାଦକ କମ୍ପାନୀ ସହିତ ମଧ୍ୟ ଚୁକ୍ତି କରାଯାଇଛି।









ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍-୧୭ ର ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ କଳାକାର ଅକ୍ଷୟ କୁମାର ଓ ସଙ୍ଗୀତକାର ଏଆର ରହମାନ ସାଥି କଳାକାରମାନଙ୍କ ସହ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି।

## ସିଭିଲ୍ ସର୍ଭିସ୍ ପାୱାର ସ୍ପୋର୍ଟ୍ସ: ଡାକ ବିଭାଗକୁ ୭ ପଦକ



ଭୁବନେଶ୍ୱର, ୨୨।୩ (ସମିସ): ନୂଆଦିଲ୍ଲୀରେ ସର୍ବଭାରତୀୟ ସିଭିଲ ସର୍ଭିସ ପାୱାର ସ୍ପୋର୍ଟ୍ସ (ୱେଟ୍‌ଲିଫ୍ଟିଙ୍ଗ୍, ପାୱାରଲିଫ୍‌ଟିଙ୍ଗ୍ ଓ ବଡି ଫିଜିକ୍) ଅନୁଷ୍ଠିତ ହୋଇଯାଇଛି। ୫ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ଡାକ ବିଭାଗରୁ ୧୦ ଜଣ ପ୍ରତିଯୋଗୀ ୩ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ୭ ଜଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହି ୭ଟି ପଦକ ମଧ୍ୟରୁ ୱେଟ୍‌ଲିଫ୍ଟିଙ୍ଗ୍ ବା ଭାରୋତ୍ତୋଳନରୁ ୪ଟି ଓ ବଡ଼ି ଫିଜିକ୍ ବା ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ୩ଟି ପଦକ ମିଳିଛି। ସୁନ୍ଦରସ୍ୱାସ୍ଥ୍ୟରେ ୱାଡି ଶ୍ରୀକାନ୍ତ, ବିଶ୍ୱଜିତ୍ ପ୍ରତିହାରୀ ଓ କ୍ରିଷ୍ଣା ରାଓ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସେହିପରି ୱେଟ୍‌ଲିଫ୍ଟିଙ୍ଗ୍‌ରେ ସର୍ବାଧିକ ୪ଜଣ ପଦକ ବିଜୟୀ ହୋଇଛନ୍ତି। ତାହା ମଧ୍ୟରେ ୩ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି। ରୌପ୍ୟ ପଦକ ବିଜେତା ଭାରୋତ୍ତୋଳନାକାରୀମାନେ ହେଲେ ପ୍ରଦୀପ ସାହୁ, ବାପୁଜୀ ବିଶ୍ୱାଳ ଓ ଶିବରାମ ସାହୁ। କାଂସ୍ୟ ପଦକ ବିଜେତା ହେଲେ କାମେଶ ନାୟକ। ଅନ୍ୟ ୩ ପ୍ରତିଯୋଗୀ ଅଳ୍ପକେ ପଦକ ଜିତିବାରୁ ବଞ୍ଚିତ ହୋଇଛନ୍ତି।

### ■ ଏଆଇଟିଏ-କେଡିଟିଏ କନିଷ୍ଠ ଟେନିସ

## ଲେମୁଏଲ୍‌ଙ୍କୁ ଦ୍ୱୈତ ଟ୍ରଫି




ଭୁବନେଶ୍ୱର, ୨୨।୩ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଆଇଟିଏ-କେଡିଟିଏ ୧୨ ଓ ୧୪ ବର୍ଷରୁ କମ୍ ଟେନିସ ପ୍ରତିଯୋଗିତାରେ ତେଲଙ୍ଗାନାର ଲେମୁଏଲ୍ ଅଲ୍ଲାଦି ଦ୍ୱୈତ ଟ୍ରଫି ସଫଳତା ପାଇଛନ୍ତି। ଲେମୁଏଲ୍ ୧୪ ବର୍ଷରୁ କମ୍ ବାଳକ ଏକକ ଓ ଯୁଗଳରେ ଚାମ୍ପିଅନ ହୋଇଛନ୍ତି। ବାଳକ ଏକକ ଫାଇନାଲରେ ଲେମୁଏଲ୍ ୬-୦, ୬-୦ ସିଧାସଳଖ ସେଟ୍‌ରେ ପଶ୍ଚିମବଙ୍ଗର ହାଭିସ ବଂଶଲଙ୍କୁ ପରାସ୍ତ କରି ଟାଇଟଲ୍ ଜିତିଥିଲେ। ସେହିଭଳି ଏହି ବୟସବର୍ଗର ଯୁଗଳ ଫାଇନାଲରେ ଲେମୁଏଲ୍ ପଶ୍ଚିମବଙ୍ଗର ହାଭିଶଙ୍କୁ ସାଥୀ କରି ଖେଳି ଚାମ୍ପିଅନ ହୋଇଥିଲେ। ଫାଇନାଲରେ ଏହି ଯୋଡ଼ି ୪-୬, ୭-୬ (୫), ୧୦-୫ରେ ଘରୋଇ ଓଡ଼ିଶା ଯୋଡ଼ି ଆୟୁଷ ପଟ୍ଟନାୟକ ଓ ଜଗତ ଜ୍ୟୋତି ପତିଙ୍କୁ ପରାସ୍ତ କରିଥିଲେ। ଅପରପକ୍ଷରେ ୧୨ ବର୍ଷରୁ କମ୍ ବାଳକ ଏକକ ଫାଇନାଲରେ ଟପ୍ ସିଡ୍ ମହାରାଷ୍ଟ୍ରର ଶୋହମ ରାନଶୁଭେ ୬-୧, ୬-୨ରେ ଝାଡ଼ଖଣ୍ଡର ଭି. ଜିତ୍‌ଙ୍କୁ ହରାଇ ଟାଇଟଲ୍ ହାସଲ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ଟେନିସ ସଂଘ (କେଡିଟିଏ) ସଭାପତି ତଥା ପ୍ରାକ୍ତନ ଆଇଏଏସ୍ ମଧୁସୂଦନ ପାଢ଼ୀ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାମୋଦର ପ୍ରଧାନୀ, ରବୀନ୍ଦ୍ର ସେନାପତି, ଦୁଷ୍ମନ୍ତ ତୁଙ୍ଗା, ସମ୍ବିତ ପଟ୍ଟନାୟକ, ଯତୀନ ବସ୍ତ୍ୟ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ୧୦ ରାଜ୍ୟର ୮୫ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

# ଆଇପିଏଲ- ୧୭ ଉଦ୍‌ଘାଟିତ

ଚେନ୍ନଇ, ୨୨।୩(ଏଜେନ୍ସି)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୧୭ତମ ସଂସ୍କରଣର ଶୁଭାରମ୍ଭ ହୋଇଛି। ଖଚାଖଚ୍ ଭରା ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଶୁକ୍ରବାରର ସନ୍ଧ୍ୟାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ରଙ୍ଗାରଙ୍ଗ ଉତ୍ସବରେ ବଲିଉଡ କଳାକାରମାନଙ୍କ ଚମକ ଦେଖିବାକୁ ମିଳିଥିଲା। ୪୦ ମିନିଟ୍ ଧରି ଚାଲିଥିବା ଏହି ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମରେ ଓସ୍କାର ପୁରସ୍କାର ବିଜେତା ସଙ୍ଗୀତକାର ଏଆର ରହମାନ, ଲୋକପ୍ରିୟ ଗାୟକ ସୋନୁ ନିଗମ, ମୋହିତ ଚୌହାନ ଓ ନୀତୀ ମୋହନ ନିଜ ନିଜର ହିଟ୍ ଗୀତ ଗାଇ ଦର୍ଶକଙ୍କର ଜବରଦସ୍ତ ମନୋରଞ୍ଜନ କରିଥିଲେ। ଏହି ଉତ୍ସବ ମାଧ୍ୟମରେ ସାରା ଦୁନିଆ ଭାରତର ତାକତ ଦେଖିବାକୁ ପାଇଛି। ଉତ୍ସବ ପରେ ଗତଥରର ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉଦ୍‌ଘାଟନୀ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ। ଦୁଇ ଦଳର ଅଧିନାୟକ ଫାଫ୍ ଡୁପ୍ଲେସି ଓ ଋତୁରାଜ ଗାଏକ୍ୱାଡ ଆଇପିଏଲ ପଦାଧିକାରୀମାନଙ୍କ ସହ ଫଟୋ ପୋଜ୍ ଦେଇଥିଲେ।

### ଜୟ ହୋ ଗୀତ ସହ ଉଦ୍‌ଘାଟନୀ ଉତ୍ସବ ଶେଷ

ବଲିଉଡ ସୁପରଷ୍ଟାର ଅକ୍ଷୟ କୁମାରଙ୍କ ଦମ୍‌ଦାର ନୃତ୍ୟ ପରିବେଷଣ ସହ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ଏହାପରେ ୟୁଥ୍ ସେନ୍‌ସେସନ ଭାବେ ଜଣାଥିବା ଅନ୍ୟତମ ବଲିଉଡ ତାରକା ଟାଇଗର ଶ୍ରଫ୍ ଜୟ ଜୟ ଶିବଶଙ୍କର ଆଜ ମୁଡ୍ ହେ ଭୟଙ୍କର ଗୀତରେ ଜବରଦସ୍ତ ନୃତ୍ୟ ପରିବେଷଣ କରିଥିଲେ। ଅକ୍ଷୟ ଓ ଟାଇଗର ବାଉଣ୍ଡାରୀ କଡେ କଡେ ବାଇକ୍ ରାଇଡ୍ କରିଥିଲେ। ଅକ୍ଷୟ ବାଇକ୍ ଚଳାଉଥିବା ବେଳେ ଟାଇଗର ତ୍ରିରଙ୍ଗା ହଲାଇ ଦର୍ଶକଙ୍କ ଅଭିବାଦନ ଗ୍ରହଣ କରିଥିଲେ। ସୋନୁଙ୍କ ପରେ ରହମାନ ମା ତୁଝେ ସଲାମ ଓ ମସକକଲି ମସକକଲି ସହ ଦିଲ ସେ ସିନେମାର ଚାଲ ଛାୟା ଛାୟା ଗୀତ ଗାଇଥିଲେ। ସେହିପରି ନୀତୀ ମୋହନ ବରଷୋରେ ମେଘା ମେଘା ଗୀତ ଗାଇଥିଲେ। ଶେଷରେ ଜୟ ହୋ ଗୀତ ସହ ଏହି ଉତ୍ସବ ଶେଷ ହୋଇଥିଲା। ଏହି ଉତ୍ସବରେ ଜବରଦସ୍ତ ଲେଜର ଶୋ ଦେଖିବାକୁ ମିଳିଥିଲା। ଲେଜର ଶୋ ମାଧ୍ୟମରେ ଚନ୍ଦ୍ରର ଦକ୍ଷିଣ ଗୋଲାର୍ଦ୍ଧରେ ଚନ୍ଦ୍ରଯାନ-୩ ଉଡିବାର ଓ ବିକ୍ରମ ଲ୍ୟାଣ୍ଡର ଅବତରଣର ଝଲକ ଦେଖିବାକୁ ମିଳିଥିଲା। ଚନ୍ଦ୍ରର ମାଟି ଉପରେ କିପରି ବିକ୍ରମ ଲାଣ୍ଡର ଓହ୍ଲାଇଥିଲା ତାହା ସାରା ଦୁନିଆ ଦେଖିବାକୁ ପାଇଥିଲା। ଅକ୍ଷୟ ଓ ଟାଇଗରଙ୍କ ନୃତ୍ୟ ପରେ ସୋନୁଙ୍କ ବନ୍ଦେ ମାତରମ ଗୀତରେ ଦର୍ଶକ ଝୁମିଉଠିଥିଲେ।

### ■ ୧୬ତମ ଜାତୀୟ ହୁଇଲ୍ ଚେୟାର ଫେନ୍ସି

## ଦ୍ୱିତୀୟ ଦିନରେ ଓଡ଼ିଶାକୁ ୭ ପଦକ

ଭୁବନେଶ୍ୱର, ୨୨।୩ (ସମିସ)

ତାମିଲନାଡୁର କୋଏମ୍ବାଟୁରରେ ଚାଲିଥିବା ଜାତୀୟ ହୁଇଲ୍ ଚେୟାର ଫେନ୍ସି ଚାମ୍ପିଅନସିପ୍‌ର ୧୬ତମ ସଂସ୍କରଣରେ ଓଡ଼ିଶାର ପ୍ରତିଯୋଗୀଙ୍କ ପଦକ ବିଜୟ ଧାରା ଜାରି ରହିଛି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଓଡ଼ିଶା ଆହୁରି ୭ଟି ପଦକ ଜିତିଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଏବଂ ୩ଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି।

ଶୁକ୍ରବାର ବ୍ୟକ୍ତିଗତ ପୁରୁଷ ଇପି ବିଭାଗ-ଏ' ଫାଇନାଲରେ ଭି. ରମେଶ ରାଓ ୧୫-୨ରେ ହରିୟାଣାର ସନ୍ଦୀପ କୁମାରଙ୍କୁ ପରାସ୍ତ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପୂର୍ବରୁ ଏହି ବିଭାଗର ସେମିଫାଇନାଲରେ ଓଡ଼ିଶାର ପବିତ୍ର ସାହୁ ସାଥୀ ଖେଳାଳି ରମେଶଙ୍କାରୁ ହାରି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ବ୍ୟକ୍ତିଗତ ପୁରୁଷ ଇପି ବିଭାଗ-ବି' ଫାଇନାଲରେ ଓମ୍ ପ୍ରକାଶ ବେହେରା ୮-୧୫ରେ ହରିୟାଣାର ରାଜନେଶଙ୍କ ନିକଟରୁ ହାରି ରୌପ୍ୟ ପଦକ ହାସଲ କରିଥିଲେ। ବ୍ୟକ୍ତିଗତ ମହିଳା ସାବ୍ରେ ବିଭାଗ-ଏ'ରେ ଓଡ଼ିଶାର ଦୁଇ ଖେଳାଳି ମାଳତୀ ପାନୁରେ ଓ ସିଲା ମନ୍ତ୍ରୀ ସେମିଫାଇନାଲରେ ପରାଜୟ ହୋଇ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏହାବାଦ୍ ଓଡ଼ିଶାର ପୁରୁଷ ଦଳ ଇପିରେ ଏବଂ ମହିଳା ଦଳ ସାବ୍ରେରେ ଫାଇନାଲରେ ହାରି ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ଦଳ ଇପିରେ ରାଖାଲ ସେଠୀ, ରମେଶ ରାଓ, ପବିତ୍ର ସାହୁ ଓ ଓମ୍ ପ୍ରକାଶ ବେହେରା ଏବଂ ମହିଳା ସାବ୍ରେରେ ମାଳତୀ ପନୁରେ, ଶିଲା ମନ୍ତ୍ରୀ, ସୁପ୍ରିୟା ବିଶ୍ୱାସ ଓ ଆଶା ସିଂହ ସଦସ୍ୟ ରହିଥିଲେ। ପୂର୍ବରୁ ପ୍ରଥମ ଦିନରେ ଓଡ଼ିଶାର ଆଶା ସ୍ୱର୍ଣ୍ଣ ଓ ପୂଜାସ୍ୱିନୀ ରୌପ୍ୟ ପଦକ ଜିତିଥିଲେ।

### କଳାହାଣ୍ଡି କପ୍: ସ୍ୱସ୍ତିକଙ୍କ ଅଲ୍‌ରାଉଣ୍ଡ ସଫଳତା

# ଭୁବନେଶ୍ୱର-ଏ'କୁ ହରାଇଲା ସୁନ୍ଦରଗଡ଼

କଟକ, ୨୨।୩ (ସମିସ)



ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ଚଳିତ ସଂସ୍କରଣରେ ଶୁକ୍ରବାର ୬ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସୁନ୍ଦରଗଡ଼, ପୂର୍ବତଟ ରେଳବାଇ, କଟକ-ବି, କଟକ-ଏ, ଝାରସୁଗୁଡ଼ା ଓ ଯାଜପୁର ବିଜୟ ହାସଲ କରିଛନ୍ତି।

ଆଠଗଡ଼ସ୍ଥିତ ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସୁନ୍ଦରଗଡ଼ ୮ ୱିକେଟରେ ଭୁବନେଶ୍ୱର-ଏ'କୁ ହରାଇ ବିପର୍ଯ୍ୟୟ ଘଟାଇଛି। ସ୍ୱସ୍ତିକ ସାମଲ ଅଲରାଉଣ୍ଡ ପ୍ରଦର୍ଶନ କରିବା ସହିତ ସୁନ୍ଦରଗଡ଼ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭୁବନେଶ୍ୱର-ଏ ଦୁର୍ବଳ ପ୍ରଦର୍ଶନ କରିବା ସହ ମାତ୍ର ୧୮୫ ରନରେ ଅଲଆଉଟ ହୋଇଥିଲା। ରଘୁନାଥ ମଲ୍ଲ ୮୭ ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ସୁନ୍ଦରଗଡ଼ ପକ୍ଷରୁ ଅମିତ ଦାସ, ଅଂଶ ଶର୍ମା ଏବଂ ସ୍ୱସ୍ତିକ ସାମଲ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୨୪.୩ ଓଭରରେ ଦୁଇ ୱିକେଟ ହରାଇ ସୁନ୍ଦରଗଡ଼ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସ୍ୱସ୍ତିକ ୮୦ବଲରୁ ଅପରାଜିତ ୧୧୧ ରନର ମ୍ୟାଚ୍ ବିଜୟୀ ଶତକୀୟ ପାଳି ଖେଳିଥିଲେ। ସେହିଭଳି ଗୋବିନ୍ଦ ପୋଦ୍ଦାର ଦ୍ରୁତ ଅପରାଜିତ ୬୩ ରନ କରିଥିଲେ।

ଶୁକ୍ରବାର ଅନୁଷ୍ଠିତ ଅନ୍ୟ ମ୍ୟାଚ୍ ଗୁଡିକରେ ପୂର୍ବତଟ ରେଳବାଇ ୮୪ ରନରେ ଖୋର୍ଦ୍ଧାକୁ, କଟକ-ବି ୪୨ ରନରେ ସମ୍ବଲପୁର-ଏ'କୁ, କଟକ-ଏ ୬ ୱିକେଟରେ ରାଉରକେଲାକୁ, ଝାରସୁଗୁଡା ୭ ୱିକେଟରେ ଢେଙ୍କାନାଳକୁ, ଯାଜପୁର ୩ ୱିକେଟରେ ବାଲେଶ୍ୱରକୁ ପରାସ୍ତ କରିଛି। ରେଳବାଇର ଜୟନ୍ତ ବେହେରା (୪ ୱିକେଟ୍), କଟକ-ବି'ର ଗିରିଜା ବାରିକ (୧୦୭ ରନ), କଟକ-ଏ'ର ବିପ୍ଳବ ସାମନ୍ତରାୟ (୫ ଓଭରରେ ୩ ମେଡେନ ସହ ୩ ୱିକେଟ୍), ଝାରସୁଗୁଡ଼ାର ସନ୍ତୋଷ ଯାଦବ (୨୭ ରନ ଓ ୨ ୱିକେଟ୍) ଓ ଯାଜପୁରର ସେକ୍ ଆଝାରୁଦ୍ଦିନ (୪ ୱିକେଟ୍) ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

## ନୀତା ଏଫ୍‌ଏ, ୟୁନିଟ-୬ର ବୃହତ୍ ବିଜୟ

କଟକ, ୨୨।୩(ସମିସ): କଟକରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ରେ ଶୁକ୍ରବାର ଦୁଇଟି ବୟସ ବର୍ଗର ମ୍ୟାଚ୍ ଖେଳାଯାଇଥିଲା। ୧୭ ବର୍ଷରୁ କମ୍ ବୟସ ବର୍ଗର ୨ଟି ଏବଂ ୧୫ ବର୍ଷରୁ କମ୍ ବୟସ ବର୍ଗର ୩ଟି ମ୍ୟାଚ୍ ହୋଇଥିଲା। ୧୭ ବର୍ଷରୁ କମ୍ ବୟସ ବର୍ଗର ମ୍ୟାଚ୍‌ରେ ନୀତା ଫୁଟବଲ ଏକାଡେମୀ (ଏଫ୍‌ଏ) ୧୨-୦ ଗୋଲରେ କାଜିବଜାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରିଥିଲା। ଅନ୍ୟ ମ୍ୟାଚ୍‌ରେ କିଶୋର କ୍ଲବ ୨-୦ ଗୋଲରେ କିଟ୍-କିସ୍‌କୁ ହରାଇଥିଲା। ସେହିପରି ୧୫ ବର୍ଷରୁ କମ୍ ବୟସ ବର୍ଗର ମ୍ୟାଚ୍‌ରେ ୟୁନିଟ-୬ ଫୁଟବଲ ଆସୋସିଏସନ ୧୧-୦ ଗୋଲରେ ଯୋବ୍ରା ମ୍ୟୁନିସିପାଲିଟି ସ୍କୁଲକୁ ପରାସ୍ତ କରିଥିଲା। ସ୍ପୋର୍ଟ୍ସ ଓଡ଼ିଶା ଏବଂ ଚାନ୍ଦିପୁର ଡବ୍ଲ୍ୟୁଏଫଏ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲଶୂନ୍ୟ ଏବଂ ଫାଓ ଏକାଡେମୀ ଓ କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ବିପକ୍ଷ ମ୍ୟାଚ୍ ୨-୨ ଗୋଲରେ ଶେଷ ହୋଇଥିଲା।

# ରଙ୍ଗ ଅନେକ ମନ ଏକ





ଶୁଭନାରାୟଣ ଶତପଥୀ

ହୋଲିଦିନ ସକାଳୁ ଏକ ଜଙ୍ଗଲ ଭିତରେ ମୁନା ଓ ତା'ର ସାଙ୍ଗମାନେ ରଙ୍ଗ ଖେଳିଲେ। ତା'ପରେ ଗୋଧୋଇ ସାରି ଭୋଜିରେ ସମସ୍ତେ ସାମିଲ ହେଲେ। ଭୋଜି ପରେ ସମସ୍ତେ ଯେ ଯାହାର ଘରକୁ ଫେରିଲେ। ହୋଲିଦିନର ମଜା ମଜଲିସ୍, ରଙ୍ଗଖେଳ, ବଣଭୋଜି ଦେଖୁଥିଲେ ଜଙ୍ଗଲର ପଶୁପକ୍ଷୀମାନେ। ସେମାନଙ୍କ ମଧ୍ୟରୁ କାଉ ଏକଥା ସବୁ ପଶୁପକ୍ଷୀଙ୍କୁ ବୁଲିବୁଲି ଜଣାଇଲା। କହିଲା, କୁନି କୁନି ପିଲାମାନେ ବିଭିନ୍ନ ରଙ୍ଗ ଆଣି ହୋଲି ଖେଳିଲେ। ସେମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ବାରି ହୋଇପଡୁଥିଲା। ବେଶ୍ ଖୁସି ଥିଲେ ସେମାନେ। କାଉ କହିଲା, ସେମାନେ ପରସ୍ପରକୁ ରଙ୍ଗ ବୋଳି ଖୁସିକୁ ବଢ଼ାଇ ପାରୁଛନ୍ତି। ଆମେ କାହିଁକି ପାରିବାନି? ଆମ ଭିତରେ ବଳବାନ ପଶୁ ଅନ୍ୟମାନଙ୍କୁ ମାରି ଖାଉଛନ୍ତି। ସଂପର୍କର ମୂଲ୍ୟ କିଛି ବୁଝୁ ନାହାଁନ୍ତି। ପରସ୍ପରକୁ ଅସୁବିଧା ସମୟରେ ସାହାଯ୍ୟ କରିବା ଖୁବ୍ କମ୍ ଦେଖିବାକୁ ମିଳୁଛି। ଏସବୁ ବଢ଼ାଇବାକୁ ହେଲେ ମନକୁ ଏକ କରିବାକୁ ପଡ଼ିବ। ଏଥିପାଇଁ ସମସ୍ତେ ଆସ ହୋଲି ଖେଳିବା। କାଉ ଏମିତି ବୁଲିବୁଲି ସବୁ ପଶୁପକ୍ଷୀଙ୍କୁ ଡାକି ଏକାଠି କଲା। କାଉର କଥା ଶୁଣି ଜଙ୍ଗଲର ସବୁ ପଶୁପକ୍ଷୀ ଏକାଠି ହେଲେ। ହୋଲି ଖେଳିବାକୁ ମନସ୍ଥ କଲେ। ହାତୀ ଯାଇ ନିକଟସ୍ଥ ହଳଦୀ ବିଲରୁ ହଳଦୀ ଉପାଡ଼ି ଆଣିଲା। ଭାଲୁ ବିଲୁଆ ଏହାକୁ ଛେଚି ପାଣିରେ ମିଶାଇଲେ। ସେମିତି ଟମାଟ, ସବୁଜ ପତ୍ର ଆଦିକୁ ନେଇ ବିଭିନ୍ନ ରଙ୍ଗ ତିଆରି କଲେ। ତା'ପରେ ପଶୁପକ୍ଷୀମାନେ ପରସ୍ପରକୁ ରଙ୍ଗ ବୋଳିଲେ। ମଜା କଲେ। ଯେଉଁମାନଙ୍କ ମଧ୍ୟରେ କଳିଗୋଳ ପୂର୍ବରୁ ଥିଲା, ତାହାକୁ ଭୁଲି ରଙ୍ଗ ବୋଳାବୋଳି ହେଲେ। ଫଳରେ ସବୁ ପଶୁପକ୍ଷୀମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ହେଲା। ପୁଣି କାଉ ଆସି ପଚାରିଲା ଆଚ୍ଛା ଆମେମାନେ ତ ରଙ୍ଗ ଖେଳିଲେ। ବଳଶାଳୀ ବାଘ ଓ ସିଂହକୁ କିଏ ରଙ୍ଗ ବୋଳିବ? ସମସ୍ତେ ଚୁପ୍। କେହି ରାଜି ହେଲେନାହିଁ। ଏତିକିବେଳେ ବାଘ ଓ ସିଂହର ରଡ଼ି ଶୁଭିଲା। ସେମାନଙ୍କ ରଡ଼ି ଶୁଣି ରଙ୍ଗକୁ ଛାଡ଼ି ସବୁ ପଶୁପକ୍ଷୀ ଦୌଡ଼ିବାକୁ ଲାଗିଲେ। ଏତିକିବେଳେ ବାଘ ଝାମ୍ପ ମାରି ଏକ ଠେକୁଆକୁ କାବୁ କରିନେଲା। ଠେକୁଆଟି ହଳଦିଆ ଦେଖା ଯାଉଥିଲା। ଏହା ଦେଖି ବାଘ ହଠାତ୍ ଠେକୁଆକୁ ଚିହ୍ନି ପାରିଲା ନାହିଁ। ବିଲୁଆ ତ ଭାରି ଚାଲାକ। ସେ ଏକଥା ଜାଣି ପାରିଲା। ବୁଦା ମୂଳରୁ ବାଘ ସାମନାକୁ ଝାମ୍ପ ମାରିଲା ବିଲୁଆ। ବିଲୁଆଟି ସବୁଜ ଦେଖାଯାଉଥିଲା। ବିଲୁଆକୁ ଦେଖି ଭାଲୁ ଆସିଲା। ସେ ବାଇଗଣୀ ରଙ୍ଗର ଦେଖାଯାଉଥିଲା। ଏ ସମସ୍ତଙ୍କୁ ଦେଖି ବାଘ ଓ ସିଂହ ହଡ଼ବଡ଼େଇ ଗଲେ। ମନେମନେ ଡରିଗଲେ। କାରଣ ପଶୁପକ୍ଷୀମାନେ କେହି ନିଜସ୍ୱ ରଙ୍ଗରେ ନ ଥିଲେ। ଏତିକିବେଳେ ଗଛ ଡାଳରେ ବନ୍ଧା ଯାଇଥିବା ରଙ୍ଗ ମାଠିଆକୁ ଭାଙ୍ଗିଦେଲା ଗଧିଆ। ନାଲି ମାଠିଆରୁ ରଙ୍ଗ ବାଘ ଉପରେ ଆଉ ନେଳି ମାଠିଆର ସବୁ ରଙ୍ଗ ସିଂହ ଉପରେ ଢାଳି ହୋଇଗଲା। ଏବେ ସିଂହ ନେଳି ଦେଖାଗଲା ଓ ବାଘ ନାଲି ଦେଖାଗଲା। ପରସ୍ପରକୁ ଦେଖି ହସାହସି ହେଲେ ସମସ୍ତେ। ବାଘ ଓ ସିଂହ ସମସ୍ତଙ୍କ ସହିତ ମିଶି ହୋଲି ଖେଳିଲେ। ତା'ପରଠାରୁ କେହି କାହାର ଶତ୍ରୁ ହୋଇରହିଲେ ନାହିଁ। ସିଂହ ରାଜା କହିଲେ ରଙ୍ଗ ଅନେକ ସିନା, ଆମର ମନ ଏକ। ସମସ୍ତେ କହୁଥିଲେ, ଯାହାହେଉ ହୋଲି ଆମକୁ ବଦଳାଇଦେଲା। ■

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩

## କୁନି ତାରକା




# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ବିସ୍ମୟ ବାଳକ ପ୍ରୋଦେବ

**ବିଚକ୍ଷଣ ସ୍ମରଣ ଶକ୍ତିର ଅଧିକାରୀ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ବଡ଼ପୋଖରିଆ ପଞ୍ଚାୟତ ଗୋପୀନାଥପୁରର ପ୍ରୋଦେବ ଚନ୍ଦ୍ର ତ୍ରିପାଠୀ। ବୟସ ୨ ବର୍ଷ ୭ ମାସ। ଏତେ କୁନି ବୟସରେ ତାଙ୍କର ଅସାଧାରଣ ପ୍ରତିଭା ତାଙ୍କୁ ଆଣିଦେଇଛି ସଫଳତା। ସେ ଭାରତର ସମସ୍ତ ରାଜ୍ୟର ରାଜଧାନୀ ନାଁ, ଓଡ଼ିଶାର ସମସ୍ତ ଜିଲ୍ଲାର ନାଁ, ବିଭିନ୍ନ ରଙ୍ଗ, ପନିପରିବା, ଜାତୀୟ ପଶୁ ଓ ପକ୍ଷୀ, ସଂଖ୍ୟାଗଣନା ସହିତ ସଂସ୍କୃତ ଶ୍ଳୋକ ଆଦିକୁ ନିର୍ଭୁଲ ଭାବେ କହିପାରୁଛନ୍ତି। ଏହି ବିଚକ୍ଷଣ ପ୍ରତିଭା ଯୋଗୁଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ର ଅଧିକାରୀ ହୋଇପାରିଛନ୍ତି।**

ଦେବୀପ୍ରସାଦ ତ୍ରିପାଠୀ ଏବଂ ପୌର୍ଣ୍ଣମାସୀ ଆଚାର୍ଯ୍ୟଙ୍କର ଏକମାତ୍ର ପୁତ୍ର ପ୍ରୋଦେବ। ଦେବୀ ପ୍ରସାଦ ଜଣେ ଅଧ୍ୟାପକ ହୋଇଥିବାବେଳେ ପୌର୍ଣ୍ଣମାସୀ ଗୃହିଣୀ। ପ୍ରୋଦେବଙ୍କୁ ୩ ବର୍ଷ ହେବାକୁ ଆଉ କିଛି ମାସ ବାକି ଅଛି। ବାପାମା' ପୁଅକୁ ଉତ୍ତମ ମାର୍ଗରେ ନେବାକୁ ନାନା ଶିକ୍ଷା ପ୍ରଦାନ କରିଆସୁଛନ୍ତି। ସବୁ ସମୟରେ ନୂଆ ନୂଆ କଥା ଜାଣିବାର ତାର ଆଗ୍ରହ ରହିଥାଏ। ପୁଅର ଏହି ଆଗ୍ରହ ଦେଖି ମା' ପୌର୍ଣ୍ଣମାସୀ ପୁଅକୁ ବିଭିନ୍ନ ଫୁଲ, ଫଳ, ରଙ୍ଗ, ପକ୍ଷୀ, ଇଂରାଜୀ ମାସର ନାଁ ଆଦି ଶିଖାଇଥିଲେ। ସବୁଠୁ ଆଶ୍ଚର୍ଯ୍ୟର କଥା ଏହାକୁ ସେ ଥରକରେ ମନେ ରଖି ଦେଉଥିଲା। ପୁଅର ସ୍ମରଣଶକ୍ତି ଦେଖି ଦେବୀପ୍ରସାଦ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପାଇଁ ଆବେଦନ ମଧ୍ୟ କରିଥିଲେ। ପ୍ରୋଦେବଙ୍କର ସମସ୍ତ ପ୍ରତିଭାର ପ୍ରମାଣପତ୍ର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ସଂସ୍ଥାକୁ ପଠା ଯାଇଥିଲା। ସେ ମଣିଷ ଶରୀରର ୧୭ଟି ଅଙ୍ଗ, ୧୬ ଟି ଫଳର ନାମ, ୧୪ଟି ପନିପରିବା, ୧୫ଟି ଫୁଲ, ୧୫ଟି ପକ୍ଷୀ, ୧୨ଟି ପଶୁ, ୧୦ଟି ଯାନବାହନ, ୭ଟି ବୈଦ୍ୟୁତିକ ଉପକରଣ, ୧୨ଟି ରଙ୍ଗର ନାମ, ୧୨ଟି ଇଂରାଜୀ ମାସର ନାମ, ସପ୍ତାହର ୭ ଦିନର ନାମ, ୬ଟି ଋତୁ, ୧ ରୁ ୪୦ ସଂଖ୍ୟାକୁ ଇଂରାଜୀରେ ନିର୍ଭୁଲ ଭାବେ କହିବା ସହ ୮ ଟି ସଂସ୍କୃତ ଶ୍ଳୋକ ଗାନ କରି 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍' ୨୦୨୩ ରେ ସ୍ଥାନ ପାଇଛନ୍ତି। ଏତେ କମ୍ ବୟସରେ ପ୍ରୋଦେବଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ବିଚାରପତି ମନୋନୀତ କରିଥିଲେ। ଆଉ ପୁରସ୍କାର ସଦୃଶ ତାଙ୍କୁ ପ୍ରମାଣପତ୍ର, ମେଡାଲ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସର ବହି ମିଳିଥିଲା। ବର୍ତ୍ତମାନ ସେ ଭାରତର ସମସ୍ତ ରାଜ୍ୟର ରାଜଧାନୀର ନାଁ ନିର୍ଭୁଲ ଭାବେ କହିପାରୁଛନ୍ତି। ଏନେଇ ମା' ପୌର୍ଣ୍ଣମାସୀ କୁହନ୍ତି, 'ପିଲାଟି ଦିନରୁ ତା'ର ସବୁ କଥା ଜାଣିବାର ଆଗ୍ରହ ରହିଥିଲା। ତେଣୁ ମାତ୍ର ଦେଢ଼ ବର୍ଷ ବୟସରୁ ତାକୁ ଆମେ ସାଧାରଣଜ୍ଞାନ ପ୍ରଶ୍ନ ଉତ୍ତରଗୁଡ଼ିକର ଅଭ୍ୟାସ କରାଇଥିଲୁ। ସେ ମଧ୍ୟ ବହୁତ ଶୀଘ୍ର ସେଗୁଡ଼ିକ ମନେ ରଖି କହିଦିଏ। ସେ କେବଳ ସାଧାରଣ ଜ୍ଞାନରେ ପାରଙ୍ଗମ ତାହା ନୁହେଁ, ବରଂ ଘରେ ଟିଭି ଦେଖି କୁନି କୁନି ପାଦରେ ସେ ଚମତ୍କାର ଢଙ୍ଗରେ ନାଚିବା ସହ ଖାତାରେ ପେନ୍‌ସିଲ୍ ଧରି ଚିତ୍ର ଆଙ୍କିଥାଏ। ତେଣୁ ଭବିଷ୍ୟତରେ ପ୍ରୋଦେବର ଆଗ୍ରହ ଅନୁସାରେ ତାକୁ ସହଯୋଗ କରାଯିବ ବୋଲି ପୌର୍ଣ୍ଣମାସୀ କହିଛନ୍ତି। ■




# ଖୁସିରେ ଖେଳିବା ହୋଲି





ଜଗଦୀଶ ସାହୁ

ଗାଆଁରୁ ସହର ଉତ୍ସବ ମୁଖର
ଆସିଛିରେ ଦୋଳ ଆସିଛି
ଦୋଳ ବିମାନରେ କହ୍ନେଇ ସାଥିରେ
ଗୋପ ରାଧାରାଣୀ ବସିଛି !
ଭକତ କାନ୍ଧରେ ଯାଆନ୍ତି ଠାକୁରେ
ଭୋଗ ଖାଇଖାଇ ଦାଣ୍ଡରେ
ଅପୂରବ ସୁଷମା କି ଦେବି ଉପମା
କହି ହେବ ନାହିଁ ତୁଣ୍ଡରେ !
ଦୋଳ ବାସି ହୋଲି ରଙ୍ଗର ରଙ୍ଗୋଲି
ଭାଇଚାରା ଏଇ ପରବ
ଭାଇ ଭଉଣୀଏଁ ପାଳିବା ସଭିଏଁ
ମନରୁ ଦୂରେଇ ଗରବ !
ଲୁଚିରୁହ ନାହିଁ ଘରକୋଣେ ଯାଇ
ପବିତ୍ର ଅବିର ମାୟାରୁ
ଫଗୁ ବୋଳିହେବା ଖୁସିରେ ଖେଳିବା
ହୋଲି ରାଧାକୃଷ୍ଣ ଦୟାରୁ ! ■

ସଞ୍ଚପଡ଼ା, ହିନ୍ଦୋଳ
ଢେଙ୍କାନାଳ, ମୋ :-୯୦୭୮୧୮୫୬୧୬

# ଫଗୁ ଦଶମୀ ଆସିଛି ହସି





ନଳିନୀ ଦାଶ

ଫଗୁଣ ମାସର ଫଗୁ ଦଶମୀରେ
ବିମାନ ହେଲାଣି ସଜା
ଶ୍ରୀରାଧା ମାଧବ ବିଜେ କରିଲେଣି
ବାଜି ଉଠିଲାଣି ବାଜା ।
ଘଣ୍ଟୁଆମାନଙ୍କ ଘଣ୍ଟ ଶବଦରେ
ଉଛୁଳି ପଡ଼ୁଛି ପୁର
ଭକତଙ୍କ ଭିଡ଼ ସବୁ ଦେବାଳୟ
ହୁଏ ଉତ୍ସବ ମୁଖର ।
ଦୋଳ ବିମାନରେ ଫଗୁ ଖେଳି ଖେଳି
ଆସନ୍ତି ରାଧା ଗୋବିନ୍ଦ
ଦରଶନ ପାଇ ସବୁରି ମନରେ
ଭରଇ ଖୁସି ଆନନ୍ଦ ।
ଭକତ ଗହଣେ ପଲ୍ଲୀ ଓ ନଗରେ
ବୁଲି ଫଗୁ ଖେଳିଲେଣି
ପ୍ରତିଟି ଦୁଆରେ ଚାଚେରୀ ଭୋଗରେ
ଆଜି ପୂଜା ପାଇଲେଣି ।
ଥିରି ଥିରି ହୋଇ ମଳୟ ବହୁଛି
ଆକାଶେ ଉଇଁଛି ଜହ୍ନ
ଫୁଲ ଫୁଟି ବାସ ବିତରି ଦେଲେଣି
ସବୁରି ହରଷ ମନ ।
ଦାଣ୍ଡ ଦୁଆରକୁ ଶୁଦ୍ଧ ଜଳେ ଧୋଇ
ମୁରୁଜରେ ଝୋଟି ଦେଇ
ପୂର୍ଣ୍ଣକୁମ୍ଭ ରଖି ଦୀପ ଜାଳି ଦେଇ
ବୋଉ ଭୋଗ ବାଢ଼େ ନେଇ ।
ଗୋପପୁରେ ହୁଏ ରାଧା କୃଷ୍ଣଙ୍କର
ଫଗୁଣରେ ଫଗୁ ଖେଳ
ଗୋପ ଗୋପାଳୁଣୀ ସାଥେ ଖେଳିଥାନ୍ତି
ହୋଇଣ ସଭିଏଁ ମେଳ ।
ମରତରେ ଦେଲେ ପ୍ରେମର ବାରତା
ସବୁ ମନେ ଖୁସି ଭରେ
ଜଗତ ଜନଙ୍କୁ ବାନ୍ଧି ରଖିଛନ୍ତି
ତାଙ୍କର ସେନେହ ଡୋରେ । ■

ଭିକାରିପଡ଼ା, ନୟାଗଡ଼
ଦୂରଭାଷ- ୯୨୩୮୯୯୬୭୪୯



## ସକାଳ ଶିଶୁ କୁଇଜ୍-୧୧୧

(୧) ନାସିକ୍ ସହର କେଉଁ ନଦୀ କୂଳରେ ଅବସ୍ଥିତ?

ଉତ୍ତର:________________

(୨) ବିଶ୍ୱ ରେଡକ୍ରସ୍ ଦିବସ କେବେ ପାଳନ କରାଯାଏ?

ଉତ୍ତର:________________

(୩) ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ସମାଧିସ୍ଥଳର ନାମ କ'ଣ?

ଉତ୍ତର:________________

(୪) 'ଶାହାନାମା' ପୁସ୍ତକ କିଏ ରଚନା କରିଥିଲେ?

ଉତ୍ତର:________________

(୫) କାହ୍ନା ଜାତୀୟ ଉଦ୍ୟାନ ଭାରତର କେଉଁ ରାଜ୍ୟରେ ଅଛି?

ଉତ୍ତର :________________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଗତ ସପ୍ତାହର କୁଇଜ୍ ବିଜେତା**

- ସୌମ୍ୟଶ୍ରୀ ରଥ, ଧାମନଗର, ଭଦ୍ରକ
- ପ୍ରିୟବ୍ରତ ଚୌଧୁରୀ, ରାହାମା, ଜଗତସିଂହପୁର
- ଅନୁଶ୍ରୀ ପଟ୍ଟନାୟକ, ଜଟଣୀ, ଖୋର୍ଦ୍ଧା


ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯


## ପହେଲି



ଫଗୁ ଦଶମୀରୁ ଆରମ୍ଭ ହୁଏ
ସ୍ନେହ ମମତାରେ ସେ ବାନ୍ଧିଥାଏ
ରାଧାକୃଷ୍ଣଙ୍କର ହୁଅଇ ମେଳ
ସୁସଜ୍ଜିତ ହୋଇ ବାହାରେ ଦୋଳ
କିଏ ସେ ପାରିବ ନାମ ତା' କହି
ପୁରାଣ ଯୁଗରୁ ରହି ଆସିଛି ସେହି।

ଉ-ମେଳଣ

ପ୍ରୀତି ପ୍ରଣୟର କାହାଣୀ କହି
ଗାଆଁରୁ ଗାଆଁକୁ ବୁଲନ୍ତି ସେହି
ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତି
ଭ୍ରମଣ କରିବା ରହିଛି କୀର୍ତ୍ତି
ବୁଲୁଥାନ୍ତି ସିଏ ବିମାନେ ବସି
ତାଙ୍କୁ ଦେଖି ଦୁନିଆଁ ହୁଅଇ ଖୁସି
ଯେଉଁ ବିମାନରେ ବୁଲନ୍ତି ସିଏ
ନାମଟି ତାହାର କହିବ କିଏ।

ଉ-ଦୋଳ ବିମାନ

ପର୍ବଟିଏ ସେ ଭାଇଚାରାର
ଖେଳ ହେଉଥାଏ ରଙ୍ଗ ଅବିର
ନାହିଁ ଭେଦଭାବ ବଡ଼ କି ଛୋଟ
ହୋଇଥାଏ ପରା ସଭିଙ୍କ ଭେଟ
ରାଧାକୃଷ୍ଣ ଦୋଳ ବିମାନେ ରହି
ଭ୍ରମଣ କରନ୍ତି ସାହିରୁ ସାହି
ସଭିଙ୍କର ପ୍ରିୟ ପରବ ଇଏ
ନାମଟି ତାହାର କହିବ କିଏ।

ଉ-ହୋଲି

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର, ମୋ-୮୮୯୨୩୦୧୧୪୩

## ତୁମେ ଆଙ୍କିଥିବା ଫଟୋ






**ଅନ୍ୱେଷ ଆର୍ଯ୍ୟ ସାହୁ**
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଖଣ୍ଡଗିରି, ଭୁବନେଶ୍ୱର





**ଭାଗ୍ୟଶ୍ରୀ ଶୁଭକଲ୍ୟାଣୀ**
ଅଷ୍ଟମ ଶ୍ରେଣୀ
ଦି ମାଉଣ୍ଟ ଭ୍ୟାଲି ସ୍କୁଲ
ସେମିଳିଗୁଡ଼ା,କୋରାପୁଟ





**ଆଦ୍ୟା ଆରାଧ୍ୟା ଷଡ଼ଙ୍ଗୀ**
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**କମଳିନୀ ପାତ୍ର**
ତୃତୀୟ ଶ୍ରେଣୀ
କାହ୍ନୁପୁର ପ୍ରାଥମିକ ବିଦ୍ୟାଳୟ
ମୟୂରଭଞ୍ଜ

## ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁସ୍ତାଫିଜୁରଙ୍କ ଘାତକ ବୋଲିଂ

# ବେଙ୍ଗାଲୁରୁକୁ ହରାଇଲା ଚେନ୍ନାଇ

ଚେନ୍ନଇ, ୨୨।୩(ଏଜେନ୍ସି)





ମୁସ୍ତାଫିଜୁର ରହମନ (୪/୨୯)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୪ ଉଦ୍‌ଘାଟନୀ ମୁକାବିଲାରେ ଚେନ୍ନାଇ ସୁପର କିଙ୍ଗ୍‌ସ ୬ ୱିକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ଏହା ଫଳରେ ଡିଫେଣ୍ଡିଂ ଚାମ୍ପିଅନ ବିଜୟରୁ ଚଳିତ ସଂସ୍କରଣରେ ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ ବାଂଲାଦେଶୀ ଫାଷ୍ଟ ବୋଲର ୨୯ ରନ୍‌ରେ ୪ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ୬ ୱିକେଟରେ ୧୭୩ ରନ୍ କରିଥିଲା। ଦଳ ୭୮ ରନ୍‌ରେ ୫ ୱିକେଟ ହରାଇବା ପରେ ଯୁବ ଖେଳାଳି ଅନୁଜ ରାୱତ (୨୫ବଲ୍‌ରେ ୪୮) ଓ ଦିନେଶ କାର୍ତ୍ତିକ (୨୬ବଲ୍‌ରେ ଅପରାଜିତ ୩୮ରନ୍) ୬ଷ୍ଠ ୱିକେଟରୁ ୯୫ ରନ୍ ଉଠାଇବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଜବାବରେ ୧୭୪ ରନ୍‌ର ବିଜୟ ଲକ୍ଷ୍ୟକୁ ଚେନ୍ନାଇ ୧୮.୪ ଓଭରରେ ମାତ୍ର ୪ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଭାରତୀୟ ବଂଶୋଦ୍ଭବ ନ୍ୟୁଜିଲାଣ୍ଡ ଓପନର ରଚିନ ରବୀନ୍ଦ୍ର ସର୍ବାଧିକ ୩୭, ଆଜିଙ୍କ୍ୟ ରାହାଣେ ୨୭, ଡାରିଲ ମିଚେଲ ୨୨ ଓ ଋତୁରାଜ ଗାଏକ୍ୱାଡ ୧୫ ରନ୍ କରିଥିଲେ। ୧୪ତମ ଓଭରରେ ଚେନ୍ନାଇ ୧୧୦ ରନ୍ କରିଥିବା ବେଳେ ପ୍ରଥମ ୪ଟି ୱିକେଟ ହରାଇଥିଲା। ଏହି ସମୟରେ ଶିବମ ଦୁବେ ଓ ରବୀନ୍ଦ୍ର ଜାଡେଜା ଯୋଡି ହେବା ସହ ଆଉ କୌଣସି କ୍ଷତି ନ ଘଟାଇ ଦଳକୁ ବିଜୟୀ କରାଇଥିଲେ। ଏମାନଙ୍କ ଅବିଭକ୍ତ ୫ମ ୱିକେଟ ଯୋଡିରୁ ମାତ୍ର ୩୭ ବଲ୍‌ରୁ ୬୬ ରନ୍ ଉଠାଇ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଦୁବେ ୨୮ ବଲ୍‌ରୁ ୪ ଚୌକା ଓ ୧ଛକା ସହ ୩୪ ଓ ଜାଡେଜା ୧୭ ବଲ୍‌ରୁ ଗୋଟିଏ ଛକା ସହ ୨୫ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ବେଙ୍ଗାଲୁରୁ ପକ୍ଷରୁ କାମେରନ ଗ୍ରୀନ୍ ସର୍ବାଧିକ ୨ଟି, ଯଶ ଦୟାଲ ଓ କର୍ଣ୍ଣ ଶର୍ମା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଏହି ମ୍ୟାଚ୍‌ରୁ ଋତୁରାଜ ଗାଏକ୍ୱାଡ ଚେନ୍ନାଇ ନେତୃତ୍ୱ ନେଇଛନ୍ତି। ସେହିପରି ମୁସ୍ତାଫିଜୁର ଓ ରଚିନ ମଧ୍ୟ ଚେନ୍ନାଇ ପକ୍ଷରୁ ପଦାର୍ପଣ କରିଛନ୍ତି।

ପୂର୍ବରୁ ବେଙ୍ଗାଲୁରୁ ଦଳ ପ୍ରଥମେ ବ୍ୟାଟିଂ କରିବା ପରେ ଦୁଇ ବିଶିଷ୍ଟ ଖେଳାଳି ବିରାଟ କୋହଲି ଓ ଫାଫ୍ ଡୁ ପ୍ଲେସିସ୍ ପ୍ରଥମ ୱିକେଟରୁ ୪୧ ରନ୍ ଉଠାଇ ଭଲ ଆରମ୍ଭ କରିଥିଲେ। କିନ୍ତୁ ପଞ୍ଚମ ଓଭରର ତୃତୀୟ ବଲ୍‌ରେ ଡୁ ପ୍ଲେସି ୩୫ ରନ୍ କରି ଆଉଟ ହେବା ପରେ ବେଙ୍ଗାଲୁରୁର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ତାଙ୍କ ପରେ ରଜତ ପଟିଦାର ଓ ଗ୍ଲେନ୍ ମ୍ୟାକ୍ସୱେଲ ଖାତା ଖୋଲିବା ପୂର୍ବରୁ ପାଭିଲିୟନ ଫେରିଥିଲେ। ଉଭୟ ଖେଳାଳି ସମାନ ସ୍କୋରରେ ଆଉଟ ହେବା ପରେ ଦଳ ୪୨ ରନ୍‌ରେ ୩ଟି ୱିକେଟ ହରାଇଥିଲା। କୋହଲିଙ୍କ ସହ ଅଷ୍ଟ୍ରେଲୀୟ ଖେଳାଳି କାମେରନ ଗ୍ରୀନ୍ ପାଳି ସଜାଡିବା ଉପରେ ମନୋନିବେଶ କରିଥିଲେ। କିନ୍ତୁ ଦ୍ୱାଦଶ ଓଭର ବୋଲିଂ କରିଥିବା ବାଂଲାଦେଶୀ ଫାଷ୍ଟ ବୋଲର ମୁସ୍ତାଫିଜୁର ୩ଟି ବଲ୍‌ରେ କୋହଲି (୩୫) ଓ ଗ୍ରୀନ୍ (୧୮)ଙ୍କୁ ଆଉଟ କରି ବେଙ୍ଗାଲୁରୁ ଶିବିରରେ ଆତଙ୍କ ଖେଳାଇଦେଇଥିଲେ। ଏହି ସମୟରେ ଦଳ ୨୮ ଟି ବଲ୍‌ରେ ଗୋଟିଏ ହେଲେ ବାଉଣ୍ଡରୀ ମାରିପାରି ନଥିଲା। ୬ଷ୍ଠ ୱିକେଟରେ ଅନୁଜ ରାୱତ ଓ ଦିନେଶ କାର୍ତ୍ତିକ ୫୦ ବଲ୍‌ରୁ ଦ୍ରୁତ ୯୫ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋର କରିବାରେ ସହାୟତା କରିଥିଲେ। ଶେଷ ବଲ୍‌ରେ ରନ୍‌ଆଉଟ ହେବା ପୂର୍ବରୁ ଉତ୍ତରାଖଣ୍ଡର ଏହି ୱିକେଟରକ୍ଷକ ଅନୁଜ ୨୫ ବଲ୍‌ରୁ ୪ ଚୌକା ଓ ୩ ଛକା ସହ ୪୮ ଏବଂ କାର୍ତ୍ତିକ ୨୬ ବଲ୍‌ରୁ ୩ ଚୌକା ଓ ୨ଛକା ସହ ଅପରାଜିତ ୩୮ ରନ୍ କରିଥିଲେ।

ଚେନ୍ନାଇ ପକ୍ଷରୁ ଆଇପିଏଲ୍ ପଦାର୍ପଣ କରିଥିବା ବାମହାତୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନ୍ ୪ ଓଭରରେ ୨୯ ରନ୍ ଦେଇ ସର୍ବାଧିକ ୪ଟି ୱିକେଟ ପାଇ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ଦୀପକ ଚହର ଗୋଟିଏ ୱିକେଟ ପାଇଥିଲାବେଳେ ଅନ୍ୟ ଜଣେ ରନ୍‌ଆଉଟ ହୋଇଥିଲେ।

### ପଦାର୍ପଣରେ ସଫଳତା

ଚେନ୍ନାଇ ପକ୍ଷରୁ ଏଠାରେ ପଦାର୍ପଣ କରିଥିବା ବାଂଲାଦେଶୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନ ଏକଦା ୨ ଓଭରରେ ୪ ୱିକେଟ ନେଇ ବେଙ୍ଗାଲୁରୁର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ତାଙ୍କର ଶିକାର ହୋଇଥିଲେ ବିରାଟ କୋହଲି, ଫାଫ୍ ଡୁ ପ୍ଲେସିସ୍, ରଜତ ପଟିଦାର ଓ କାମେରନ ଗ୍ରୀନ୍। ଏମାନେ ସମସ୍ତେ ପ୍ରତିଷ୍ଠିତ ବ୍ୟାଟର। ଏମାନଙ୍କୁ ଆଉଟ କରି ସେ ନିଶ୍ଚିତ ଭାବେ ଚେନ୍ନାଇ ଲାଗି ଭଲ ଆରମ୍ଭ କରିଛନ୍ତି।

### ଆଜିର ମ୍ୟାଚ୍

**ପଞ୍ଜାବ କିଙ୍ଗ୍‌ସ-ଦିଲ୍ଲୀ କ୍ୟାପିଟାଲ୍ସ**
ସ୍ଥାନ- ଚଣ୍ଡିଗଡ଼, ସମୟ: ଅପରାହ୍ଣ ୩ଟା ୩୦

**ନାଇଟ୍ ରାଇଡର୍ସ-ସନରାଇଜର୍ସ**
ସ୍ଥାନ- କୋଲକାତା, ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ, ଜିଓସିନେମା

## ଟି-୨୦ରେ ୧୨ ହଜାର ରନ
# କୋହଲି ପ୍ରଥମ ଭାରତୀୟ



ଚେନ୍ନଇ, ୨୨।୩ (ଏଜେନ୍ସି): ଆଇପିଏଲ୍‌ର ସପ୍ତଦଶ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିବସରେ ବିରାଟ କୋହଲି ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛନ୍ତି। ପ୍ରଥମ ଭାରତୀୟ ଭାବେ କୋହଲି ଓଭରଅଲ୍ (ଜାତୀୟ, ଅନ୍ତର୍ଜାତୀୟ ଓ ଆଇପିଏଲ୍) ଟି-୨୦ ଫର୍ମାଟରେ ୧୨ ହଜାର ରନ ପୂରଣ କରିଛନ୍ତି। ଚେନ୍ନାଇ ସୁପର୍ କିଙ୍ଗ୍‌ସ ବିପକ୍ଷ ଉଦ୍‌ଘାଟନୀ ମୁକାବିଲାରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଏହି ଅଭିଜ୍ଞ ବ୍ୟାଟର୍ ୨୦ ବଲରୁ ୨୧ ରନ କରିଥିଲେ। ଏହିକ୍ରମରେ ତାଙ୍କ ଟି-୨୦ ରନ ସଂଖ୍ୟା ୧୨ ହଜାର ରନ ଅତିକ୍ରମ କରିଛି। କୋହଲି ବର୍ତ୍ତମାନ ଓଭରଅଲ୍ ଟି-୨୦ରେ ୩୭୭ ମ୍ୟାଚ୍ ଖେଳି ୧୨୦୧୫ ରନ କରିଛନ୍ତି। ଯେଉଁଥିରେ ୮ଟି ଶତକ ଓ ୯୧ଟି ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେ ୧୧୭ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚରୁ ୪୦୩୭ ରନ କରିଛନ୍ତି।

କୋହଲି ଏଥିସହ ବିଶ୍ୱର ୬ଷ୍ଠ ବ୍ୟାଟର୍ ଭାବେ ଟି-୨୦ରେ ୧୨ ହଜାର କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଟି-୨୦ରେ ସର୍ବାଧିକ ରନ ସଂଗ୍ରହକାରୀ ଖେଳାଳି ତାଲିକାରେ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ (୧୪୫୬୨ ରନ) ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ସୋଏବ ମଲିକ (୧୩୩୬୦ ରନ), କାଇରନ ପୋଲାର୍ଡ (୧୨୯୦୦), ଇଂଲଣ୍ଡର ଆଲେକ୍ସ ହେଲ୍ସ (୧୨୩୧୯) ଓ ଡେଭିଡ୍ ୱାର୍ଣ୍ଣର (୧୨୦୬୫) ପର୍ଯ୍ୟାୟକ୍ରମେ ରହିଛନ୍ତି।

**ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ**

# ସିଲ୍‌ଭା, ମେଣ୍ଡିସଙ୍କ ଶତକ ସତ୍ତ୍ୱେ ଶ୍ରୀଲଙ୍କା ୨୮୦ରେ ସୀମିତ

ସିଲହଟ୍, ୨୨।୩ (ଏଜେନ୍ସି)

ଘରୋଇ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଟେଷ୍ଟ ସିରିଜର ପ୍ରଥମ ଦିବସରେ ୧୩ ୱିକେଟ୍‌ର ପତନ ଘଟିଛି। ପ୍ରଥମେ ବ୍ୟାଟିଂ କରି ଭ୍ରମଣକାରୀ ଶ୍ରୀଲଙ୍କା ୨୮୦ ରନରେ ସୀମିତ ରହିଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରି ବାଂଲାଦେଶ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୦ ଓଭରରେ ୩ ୱିକେଟ୍ ହରାଇ ୩୨ ରନ ସଂଗ୍ରହ କରିଛି। ମହମ୍ମଦୁଲା ହାସନ ୯ ଓ ତାଇଜୁଲ ଇସଲାମ ବିନା କୌଣସି ରନରେ ଅପରାଜିତ ରହିଛନ୍ତି। ଶ୍ରୀଲଙ୍କାର ବିଶ୍ୱ ଫର୍ଣ୍ଣାଣ୍ଡୋଙ୍କୁ ୨ ଏବଂ କସୁନ ରଜିଥାଙ୍କୁ ଗୋଟିଏ ୱିକେଟ୍ ମିଳିଛି।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ୫୭ ରନରେ ୫ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ମଧ୍ୟକ୍ରମରେ ଅଧିନାୟକ ଧନଞ୍ଜୟ ଡି ସିଲଭା (୧୦୨ ରନ) ଓ କାମିନ୍ଦୁ ମେଣ୍ଡିସ (୧୦୨ ରନ) ଶତକୀୟ ପାଳି ଖେଳିବାରୁ ଦଳ ସମସ୍ତ ୱିକେଟ୍ ହରାଇ ୨୮୦ ରନର ସମ୍ମାନଜନକ ସ୍କୋର ଠିଆ କରାଇପାରିଥିଲା। ୬ଷ୍ଠ ୱିକେଟ୍ ଭାଗୀଦାରିରେ ଉଭୟ ୨୦୨ ରନ ସଂଗ୍ରହ କରିଥିଲେ।

# ଧୋନିଙ୍କ ଏହା ଶେଷ ଆଇପିଏଲ୍

ଚେନ୍ନଇ, ୨୨।୩(ଏଜେନ୍ସି)



ବିଶ୍ୱର ଜଣେ ଶ୍ରେଷ୍ଠ ଅଧିନାୟକ ଭାବେ ନିଜକୁ ପ୍ରତିଷ୍ଠିତ କରିଥିବା ମହେନ୍ଦ୍ର ସିଂ ଧୋନି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍‌ସ ନେତୃତ୍ୱରୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ମହାରାଷ୍ଟ୍ରର ଯୁବ ଖେଳାଳି ଋତୁରାଜ ଗାଏକ୍ୱାଡ଼ଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଏହା ଫଳରେ ଏକ ଯୁଗର ଅବସାନ ହୋଇଛି। ୨୦୦୮ ରୁ ଆରମ୍ଭ ହୋଇଥିବା ଆଇପିଏଲ୍‌ରେ ଧୋନି ଏଯାଏ ସମସ୍ତ ଟୁର୍ଣ୍ଣାମେଣ୍ଟରେ ଖେଳିଛନ୍ତି। ସେ ସିଏସ୍‌କେକୁ ୧୦ଥର ଫାଇନାଲରେ ପ୍ରବେଶ କରାଇଥିଲାବେଳେ ୫ଥର ଚାମ୍ପିଅନ ହୋଇଛନ୍ତି। ଆଇପିଏଲ୍‌ରେ ଧୋନିଙ୍କ ଲୋକପ୍ରିୟତା ସର୍ବାଧିକ। ଏବେ ଜଣେ ଖେଳାଳିଭାବେ ସେ ସିଏସ୍‌କେ ଦଳ ପକ୍ଷରୁ ଚଳିତ ସିଜନରେ ଖେଳିବେ ଓ ଏହା ତାଙ୍କର ଶେଷ ଆଇପିଏଲ୍ ହେବ ବୋଲି ରିପୋର୍ଟମାନ ପ୍ରକାଶ ପାଇଛି। ସେ ମଧ୍ୟ ପୂର୍ବରୁ ଆଇପିଏଲ୍ ଖେଳିବା କଷ୍ଟକର ହୋଇପଡ଼ିଲାଣି ବୋଲି ମନ୍ତବ୍ୟ ଦେଇଥିଲେ। ଏବେ ସଫଳ ଅଧିନାୟକ ହେବା ପରେ ଆଇପିଏଲ୍ ଖେଳରୁ ଅବସର ନେବେ ବୋଲି ଏକ ପ୍ରକାର ସ୍ଥିର ହୋଇଛି।

### ରବିନ ମିଞ୍ଜ୍‌ଙ୍କ ସ୍ଥାନରେ ଶରତ

ଆଦିବାସୀ ଖେଳାଳି ରବିନ ମିଞ୍ଜଙ୍କର ଆଇପିଏଲ୍ ଖେଳିବା ସ୍ୱପ୍ନ ଅତିକମ୍‌ରେ ଚଳିତ ସିଜନରେ ଅଧୁରା ରହିଛି। ଝାଡଖଣ୍ଡର ଏହି ୨୧ ବର୍ଷୀୟ ଯୁବ ଖେଳାଳିଙ୍କୁ ଗୁଜରାଟ ଟାଇଟନ୍ସ ୩.୬ କୋଟି ଟଙ୍କାରେ ସାମିଲ କରିଥିଲା। କିନ୍ତୁ ଦୁର୍ଘଟଣାରେ ସେ ଆହତ ହେବା ପରେ ଏବେ ପୂରା ସୁସ୍ଥ ହୋଇନାହାନ୍ତି। ଏଣୁ ତାଙ୍କ ସ୍ଥାନରେ କର୍ଣ୍ଣାଟକର ୱିକେଟରକ୍ଷକ ବ୍ୟାଟର ରବି ଶରତଙ୍କୁ ଗୁଜରାଟ ଦଳରେ ସାମିଲ କରାଯାଇଛି। ଘରୋଇ କ୍ରିକେଟରେ ଜଣେ ଜଣାଶୁଣା ଖେଳାଳିମାନେ ଶରତ ୨୮ଟି ଟି-୨୦, ୪୩ଟି ଦିନିକିଆ ବା ଲିଷ୍ଟ-ଏ’ ଏବଂ ୨୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଛି। ଗୁଜରାଟର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏଥର ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଉଛନ୍ତି। ଅହମ୍ମଦାବାଦ୍‌ରେ ରବିବାର ଗୁଜରାଟ ଓ ମୁମ୍ବାଇ ମଧ୍ୟରେ ପ୍ରଥମ ମୁକାବିଲା ହେବ।

## ଜାମ୍ପା ଖେଳିବେନି, କୋଟିଆନ ସାମିଲ

ମୁମ୍ବାଇର ୪୨ତମ ରଣଜୀ ଟ୍ରଫି ଟାଇଟଲ ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅଫ୍ ସ୍ପିନିଙ୍ଗ ଅଲରାଉଣ୍ଡର ତନୁଶ କୋଟିଆନ୍ ରାଜସ୍ଥାନ ରୟାଲ୍ସ ଦଳରେ ସାମିଲ ହୋଇଛନ୍ତି। ତାଙ୍କର ମୂଳ ମୂଲ୍ୟ ୨୦ ଲକ୍ଷ ଟଙ୍କାରେ ସେ ଚୁକ୍ତିବଦ୍ଧ ହୋଇଛନ୍ତି। ୧.୫ କୋଟି ଟଙ୍କାରେ ଦଳରେ ସାମିଲ ହୋଇଥିବା ଅଷ୍ଟ୍ରେଲୀୟ ଲେଗ୍ ସ୍ପିନର ଆଦାମ ଜାମ୍ପା ଚଳିତବର୍ଷ ଆଇପିଏଲ୍‌ରୁ ଓହରିଯାଇଛନ୍ତି। ଚଳିତବର୍ଷ ଟି-୨୦ ବିଶ୍ୱକପ୍ ଏବଂ ଅନ୍ୟାନ୍ୟ ମ୍ୟାଚ୍ ଥିବାରୁ ଜାମ୍ପା ଏଥର ଖେଳିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ସେ ଗତବର୍ଷ ରାଜସ୍ଥାନ ପକ୍ଷରୁ ୬ଟି ମ୍ୟାଚ୍ ଖେଳି ୮ଟି ୱିକେଟ ଅକ୍ତିଆର କରିଥିଲେ। ତାଙ୍କ ସ୍ଥାନରେ ଦଳରେ ସାମିଲ ହୋଇଥିବା କୋଟିଆନ ଚଳିତବର୍ଷ ରଣଜୀ ଟ୍ରଫିରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

# ଆଇପିଏଲ୍-୨୦୨୪ର ନୂଆ ନିୟମ




ନୂଆଦିଲ୍ଲୀ, ୨୨।୩(ଏଜେନ୍ସି)

ବିଶ୍ୱର ସବୁଠାରୁ ଲୋକପ୍ରିୟ ଫ୍ରାଞ୍ଚାଇଜ୍‌ଭିତ୍ତିକ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଇପିଏଲ୍ ବା ଇଣ୍ଡିଆନ ପ୍ରିମିୟର ଲିଗ୍ ଆଜି ବା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଅନେକ ନୂଆ ନିୟମ ଯୋଡା ହୋଇଛି ଓ ଆଉ କିଛି ବାଦ୍ ଦିଆଯାଇଛି। ଡିଆର୍‌ଏସ୍‌ଠାରୁ ଆରମ୍ଭ କରି ଇମ୍ପାକ୍ଟ ଖେଳାଳି ନିୟମ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟର ଶୋଭା ବର୍ଦ୍ଧନ କରାଯାଇଛି। ପାଖାପାଖି ଅଢ଼େଇମାସ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଚଳିତବର୍ଷ କିଛି ନୂଆ ନିୟମ ଗ୍ରହଣ କରାଯାଇଛି ଓ ଆଉ କିଛି ନିୟମରେ ପରିବର୍ତ୍ତନ କରାଯାଇଛି। ସେ ସମ୍ପର୍କରେ ସମ୍ୟକ ସୂଚନା।

**ଗୋଟିଏ ଓଭରରେ ୨ଟି ବାଉନ୍ସର:** ଚଳିତବର୍ଷ ଆଇପିଏଲ୍‌ରେ ଗୋଟିଏ ଓଭରରେ ୨ଟି ବାଉନ୍ସର ବଲ ପକାଇବାକୁ ଅନୁମତି ମିଳିଛି। ଯାହା ଫଳରେ ବୋଲରଙ୍କ ଶକ୍ତିବୃଦ୍ଧି ପାଇଛି। ପୂର୍ବରୁ ଗତ ସଂସ୍କରଣ ଏବଂ ଆଇସିସି ଟି-୨୦ ପ୍ଲେଇଂ କଣ୍ଡିସନରେ ଓଭର ପ୍ରତି ଗୋଟିଏ ବାଉନ୍ସର ପକାଇବାର ନିୟମ ରହିଛି।

**ସ୍ମାର୍ଟ ରିପ୍ଲେ ସିଷ୍ଟମ:** ଚଳିତ ଟୁର୍ଣ୍ଣାମେଣ୍ଟରେ ଆହୁରି ଅଧିକ ନିର୍ଭୁଲ ରିଭ୍ୟୁ ଓ ନିର୍ଣ୍ଣୟ ନେବାକୁ ଲିଗ୍‌ରେ ‘ସ୍ମାର୍ଟ ରିପ୍ଲେ ସିଷ୍ଟମ’ର ବ୍ୟବହାର କରାଯିବ। ଏହା ଦ୍ୱାରା ସ୍ପ୍ଲିଟ୍ ସ୍କ୍ରିନ ଅର୍ଥାତ ଗୋଟିଏ ସ୍କ୍ରିନ୍‌ରେ ଏକାଧିକ ଫ୍ରେମ୍ ଆହୁରି ଅଧିକ ସ୍ପଷ୍ଟ ଭାବେ ଦେଖା ହେବ। ୮ଟି ଉଚ୍ଚକ୍ଷମତା ସମ୍ପନ୍ନ କ୍ୟାମେରା ବିଭିନ୍ନ ସ୍ଥାନରେ ଲାଗୁ ହେବ। ଏହା ମଧ୍ୟରୁ ଦୁଇଟି କ୍ୟାମେରା ତୃତୀୟ ଅମ୍ପାୟାରଙ୍କ ରୁମ୍‌ରେ ରହିବ। ଏମାନଙ୍କଠାରୁ ଅମ୍ପାୟାର ସମସ୍ତ ପ୍ରକାର ଇନ୍‌ପୁଟ୍ ନେଇ ତ୍ରୁଟିଶୂନ୍ୟ ବା ନିର୍ଭୁଲ ନିଷ୍ପତ୍ତି ପ୍ରଦାନ କରିବେ। ଏହି ସିଷ୍ଟମରେ ଷ୍ଟମ୍ପିଂ, ରନ୍ ଆଉଟ, କ୍ୟାଚ୍ ଓ ଓଭରଥ୍ରୋ’ ସମ୍ପର୍କରେ ଅମ୍ପାୟାର ନିର୍ଭୁଲ ନିଷ୍ପତ୍ତି ନେଇପାରିବେ।

**ଷ୍ଟମ୍ପିଂରେ କ୍ୟାଚ୍ ରିଭ୍ୟୁ:** ବିସିସିଆଇ ନିୟମ ଅନୁଯାୟୀ ଷ୍ଟମ୍ପିଂ ଲାଗି ରେଫେରାଲ ନେଲେ କ୍ୟାଚ୍ ଲାଗି ରିଭ୍ୟୁ କରାଯିବ। ଅର୍ଥାତ୍ ଷ୍ଟମ୍ପିଂ ସମ୍ପର୍କରେ ନିର୍ଭୁଲ ତଥ୍ୟ ଦେବା ପୂର୍ବରୁ ବଲ ବ୍ୟାଟରେ ବାଜି କ୍ୟାଚ୍ ହେବ କି ନାହିଁ ସେ ସମ୍ପର୍କରେ ମଧ୍ୟ ରିଭ୍ୟୁ ହେବ। ଯଦି କ୍ୟାଚ୍ ହୋଇଥାଏ, ତେବେ ଖେଳାଳି ଆଉଟ ହେବେ। କିନ୍ତୁ ଆଇସିସିରେ ଏଭଳି ନିୟମ ନାହିଁ। ଷ୍ଟମ୍ପିଂ ରିଭ୍ୟୁ କେବଳ ଫିଲ୍ଡ ଅମ୍ପାୟାର ନେଇ ପାରିବେ ବୋଲି ଆଇସିସି ନିୟମ ରହିଛି।

**ଷ୍ଟପ୍ କ୍ଲକ୍‌କୁ ନା:** ଆଇସିସି ପକ୍ଷରୁ ଷ୍ଟପ୍ କ୍ଲକ୍ ନିୟମ ଲାଗୁ କରାଯାଇଛି। ଦୁଇଟି ଓଭର ମଧ୍ୟରେ ୬୦ ସେକେଣ୍ଡରେ ବୋଲିଂ କରିବା ବାଧ୍ୟତାମୂଳକ କରାଯାଇଛି। ଏହା କିନ୍ତୁ ଆଇପିଏଲରେ ଲାଗୁ କରାଯାଇନାହିଁ। ଏହି ନିୟମ ଅନୁଯାୟୀ ଦୁଇଥର ଏଭଳି ତ୍ରୁଟିରେ ଚେତାବନୀ ଦିଆଯିବ। ତୃତୀୟଥର କିମ୍ବା ଅଧିକ ହେଲେ ଓଭର ପ୍ରତି ୫ ରନ୍ ଲେଖାଏଁ ଦଣ୍ଡ ବିଧାନ କରାଯିବ।

**ଇମ୍ପାକ୍ଟ ଖେଳାଳି:** ଚଳିତ ସଂସ୍କରଣରେ ଇମ୍ପାକ୍ଟ ଖେଳାଳି ନିୟମ ରଖାଯାଇଛି। ମ୍ୟାଚ୍ ପୂର୍ବରୁ ଗୋଟିଏ ଦଳ ଚୂଡାନ୍ତ ଖେଳାଳିଙ୍କୁ ବାଦ୍ ଦେଇ ୫ଜଣ ବଦଳ ଖେଳାଳିଙ୍କ ନାମ ଚୟନ କରାଯିବ। ଏହା ଫଳରେ ଗୋଟିଏ ଦଳ ଯେତେବେଳେ ଚାହିଁବ ଏହି ୫ଜଣଙ୍କ ମଧ୍ୟରୁ ଜଣଙ୍କୁ ନେଇ ଖେଳିପାରିବ।

ନନ୍ଦିଘୋଷ

**‘ନନ୍ଦିଘୋଷ ଟିଭି’**
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) କ୍ୟାମେରାମ୍ୟାନ୍ | ୧- ଏକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ସିନେମାଟୋଗ୍ରାଫିରେ ଅନ୍ୟୂନ ଡିପ୍ଲୋମା ଡିଗ୍ରୀ। ୨- କ୍ୟାମେରାମ୍ୟାନ୍ ଭାବେ କୌଣସି ବୈଦ୍ୟୁତିକ ଗଣମାଧ୍ୟମରେ ୭ରୁ ୧୦ବର୍ଷ କାର୍ଯ୍ୟ କରିଥିବାର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ୨) ଭିଡିଓ ଏଡିଟର୍ | ୧- ଏକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଭିଡିଓ ଏଡିଟିଙ୍ଗ୍‌ରେ ଅନ୍ୟୂନ ଡିପ୍ଲୋମା ଡିଗ୍ରୀ। ୨- ଭିଡିଓ ଏଡିଟର୍ ଭାବେ କୌଣସି ବୈଦ୍ୟୁତିକ ଗଣମାଧ୍ୟମରେ ୨ବର୍ଷ କାର୍ଯ୍ୟ କରିଥିବାର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ୩) ଅନ୍‌ଲାଇନ୍ ଗ୍ରାଫିକ୍ସ ଡିଜାଇନର | ୧- କୌଣସି ବୈଦ୍ୟୁତିକ ଗଣମାଧ୍ୟମରେ ୨ବର୍ଷ WASP SOFTWAREରେ କାର୍ଯ୍ୟ କରିଥିବାର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୨୫ ମାର୍ଚ୍ଚ ୨୦୨୪ ସୁଦ୍ଧା suhana.tabsum@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର